# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୮/୨୦୨୩ (୧୪ ପୃଷ୍ଠା) | Bhubaneswar, Tuesday, March 28/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୧୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 122 | ମୂଲ୍ୟ ₹୭/-


## ଦେବୀ ନଦୀରେ ବୁଡ଼ିଗଲେ ୩ ସାଙ୍ଗ

### ୨ ମୃତ, ଜଣେ ନିଖୋଜ

**ବାଲିକୁଦା,୨୭।୩(ସ୍ୱ.ପ୍ର.):** ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ମାଛଗାଁ ଦେବୀ ନଦୀ କୂଳରେ ସୋମବାର ସକାଳେ ଏକ ଅଘଟଣ ଘଟିଛି। ଏହି ନଦୀକୁ ଗାଧୋଇବାକୁ ଆସିଥିବା ୪ ସାଙ୍ଗଙ୍କ ମଧ୍ୟରୁ ୩ ଜଣ ବୁଡ଼ି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତଦେହ ମିଳିଥିବାବେଳେ ଜଣେ ନିଖୋଜ ଅଛନ୍ତି। ମୃତକ ଦ୍ୱୟ ହେଲେ ଏହି ଥାନା ଅନ୍ତର୍ଗତ ଆମ୍ବଶାଳ ଗ୍ରାମର କ୍ଷୀରୋଦ ବାରିକଙ୍କ ପୁଅ ସତ୍ୟବ୍ରତ (ବବୁଲ)। ଅନ୍ୟ ଜଣେ ହେଲେ ଏହି ଗ୍ରାମର ମାନସ ବାରିକଙ୍କ ପୁଅ କାହ୍ନା। ସେହିପରି ନିଖୋଜ ଜଣକ ହେଲେ ଭୁବନେଶ୍ୱରସ୍ଥିତ ସତ୍ୟନଗରର କାହ୍ନା ପାତ୍ରଙ୍କ ପୁଅ ଶୁଭମ୍। ଅପରପକ୍ଷେ ନୟାଗଡ ଜିଲା ରଣପୁର ଅଞ୍ଚଳର ଦୀପକ ମାର୍ଥାଙ୍କ ☞ ପୃଷ୍ଠା-୪

## ସରକାରୀ ଘର ଛାଡ଼ିବାକୁ ରାହୁଲଙ୍କୁ ନୋଟିସ



**ନୂଆଦିଲ୍ଲୀ,୨୭।୩:** 'ସବୁ ମୋଦି ଚୋର' ମନ୍ତବ୍ୟ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ ଦଣ୍ଡାଦେଶ ପାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପାର୍ଲାମେଣ୍ଟ ସଦସ୍ୟତା ରଦ୍ଦ ହେବା ପରେ ତାଙ୍କୁ ମିଳିଥିବା ସରକାରୀ ବାସଭବନ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପ୍ରିଲ ୨୨ ସୁଦ୍ଧା ଉକ୍ତ ବଙ୍ଗଳା ଖାଲି କରିବାକୁ ଲୋକ ସଭାର ହାଉସିଂ କମିଟି ରାହୁଲଙ୍କୁ ନୋଟିସ କରିଛି। ୨୦୦୪ରେ ରାହୁଲ ଉତ୍ତର ପ୍ରଦେଶର ଅମେଠି ଆସନରୁ ଲୋକ ସଭା ସଦସ୍ୟ ଭାବେ ନିର୍ବାଚିତ ହେବା ପରେ ତାଙ୍କୁ ଲୁଟିଏନ୍ସ ଦିଲ୍ଲୀସ୍ଥିତ ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

### ଆଣବିକ ଭୟ ବଢୁଛି

# ସାର୍ଟିଫିକେଟ୍ ପାଇଁ ୫୦ ହଜାରରୁ ୫ ଲକ୍ଷ

ସମ୍ପ୍ରତି ଭଲ ପାଠପଢ଼ି ଚାକିରିଟିଏ ପାଇବା ପାଇଁ ଆଶାୟୀଙ୍କୁ ବହୁ ପରିଶ୍ରମ କରିବାକୁ ପଡୁଛି। ଏପରି କି ମନଲାଖି ନିଯୁକ୍ତି ନିମନ୍ତେ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ପାଇଁ ସେମାନେ ଦିନରାତି ଏକ କରିଦେଉଛନ୍ତି। ତେବେ କିଛି ଟଙ୍କା ବିନିମୟରେ ଜାଲ୍ ସାର୍ଟିଫିକେଟ ହାତେଇ ବିଭିନ୍ନ ପଦବୀ ପାଇଁ ଆବେଦନ କରାଯାଉଥିବା ଏବେ ଜାଣିବାକୁ ମିଳିଛି। ଏଥିପାଇଁ ସ୍ୱତନ୍ତ୍ର ରାକେଟ ମଧ୍ୟ କାମ କରୁଛି। ବଲାଙ୍ଗୀର ଡାକ ମଣ୍ଡଳ ଏବଂ କେନ୍ଦ୍ରାପଡ଼ା ଡାକ ମଣ୍ଡଳରେ ଏଭଳି କାରନାମା ଧରାପଡ଼ିବା ପରେ ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇଛି। ବଲାଙ୍ଗୀର ପୋଲିସ ଜାଲ୍ ସାର୍ଟିଫିକେଟର ମୁଖ୍ୟ ଅଭିଯୁକ୍ତ ମନୋଜ ମିଶ୍ର ଏବଂ ତାଙ୍କ ସହଯୋଗୀ ଆଲୋକ ଉଦ୍‌ଗାତାଙ୍କ ସମେତ ୧୯ଜଣଙ୍କୁ ଗିରଫ କରିଥିବାବେଳେ କେନ୍ଦ୍ରାପଡ଼ାରେ ଜଣେ ମହିଳା ଜାଲ୍ ସାର୍ଟିଫିକେଟ ଦେଇଥିବା ଘଟଣାକୁ ନେଇ ମଧ୍ୟ ତନାଘନା ଚାଲିଛି। ଜାଲ୍ ସାର୍ଟିଫିକେଟ ଦେଇ ଚାକିରି ହାତେଇବା ଘଟଣା ଏବେ ସାରା ରାଜ୍ୟରେ ଚିନ୍ତା ବଢ଼ାଇ ଦେଇଛି।

## ଡାକ ପଦବୀ ପାଇଁ ନକଲି ସାର୍ଟିଫିକେଟ୍ ମାମଲା

- ଅଭିଯୁକ୍ତ ମନୋଜ ମିଶ୍ର, ଆଲୋକ ଉଦ୍‌ଗାତାଙ୍କ ସମେତ ୧୯ ଗିରଫ
- ୪୧ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ନାଁରେ ଜାଲ୍ ସାର୍ଟିଫିକେଟ ତିଆରି କରୁଥିଲେ
- କେବଳ ବରଫ ପାହାଡ଼ ଶିଖର ଦେଖାଯାଇଛି: ଏସ୍‌ପି
- କେନ୍ଦ୍ରାପଡ଼ାରେ ମହିଳା ଦାଖଲ କରିଛନ୍ତି ନକଲି ମାଟ୍ରିକ ସାର୍ଟିଫିକେଟ



ପୋଲିସ ଜବତ କରିଥିବା ନକଲି ସାର୍ଟିଫିକେଟ।

**ବଲାଙ୍ଗୀର/ କେନ୍ଦ୍ରାପଡ଼ା ଅଫିସ, ୨୭।୩**

ବଲାଙ୍ଗୀର ଡାକ ମଣ୍ଡଳରେ ଜାଲ୍ ସାର୍ଟିଫିକେଟ୍ ଦେଇ ଚାକିରି ଆବେଦନକରି କେତେଜଣ ପ୍ରାର୍ଥୀ ଧରାପଡ଼ିବା ଘଟଣାର ପୋଲିସ ତଦନ୍ତ ପରେ ଦେଶବ୍ୟାପୀ ବିଛେଇ ହୋଇଥିବା ଆନ୍ତଃ ରାଜ୍ୟ ଜାଲ୍ ସାର୍ଟିଫିକେଟ୍ ର୍ୟାକେଟ୍‌ର ପର୍ଦ୍ଦାଫାଶ ହୋଇଛି। ସାର୍ଟିଫିକେଟ୍ ପିଛା ୫୦ ହଜାରରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାର ହୋଇଥିବା ଜଣାପଡ଼ିଛି। ଜାଲ୍ ସାର୍ଟିଫିକେଟ କାରବାର ମାମଲାରେ ସ୍ୱତନ୍ତ୍ର ପୋଲିସ ଟିମ୍ ସ୍ଥାନୀୟ ଗିଲାଏନ୍ସ ଏଜୁକେଶନ କମ୍ପ୍ଲେକ୍ସ ମାଲିକ ତଥା ମାଷ୍ଟରମାଇଣ୍ଡ ମନୋଜ ମିଶ୍ର ଓ ପାର୍ଟନର ଆଲୋକ ଉଦ୍‌ଗାତାଙ୍କ ସମେତ ୧୯ଜଣଙ୍କୁ ଗିରଫକରି ସୋମବାର କୋର୍ଟ ଚାଲାଣ କରିଛି। ଏହି ଶିକ୍ଷା ପ୍ରତିଷ୍ଠାନରୁ ଦେଶର ବିଭିନ୍ନ ପ୍ରଦେଶର ୪୧ ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟର ପ୍ରାୟ ୫ ହଜାର ଜାଲ୍ ସାର୍ଟିଫିକେଟ ଜବତ କରାଯାଇଛି। ଏହା ସହ ୨୭ ଶିକ୍ଷାନୁଷ୍ଠାନ ଅଧିକାରୀଙ୍କ ଜାଲ୍ ସିଲ୍ ଓ ଷ୍ଟାମ୍ପ, ବଲାଙ୍ଗୀର ଓ ପୁଇଁତଳା ତହସିଲଦାରଙ୍କ ସମେତ ବିଭିନ୍ନ ଅଧିକାରୀଙ୍କ ଷ୍ଟାମ୍ପ ଓ ସିଲ୍, ୩ଲକ୍ଷ ୬୭ହଜାର ୬ଶହ ଟଙ୍କା, ୪ଟି କମ୍ପ୍ୟୁଟର ସିଷ୍ଟମ୍, ୨ଟି ଲାପ୍‌ଟପ୍, ୩ଟି ପ୍ରିଣ୍ଟର, ☞ ପୃଷ୍ଠା-୪

## ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ସଂଶୋଧନ ବିଲ୍ ଉପସ୍ଥାପିତ

ପୃଷ୍ଠା ୩










## ୭ ମାମଲାରେ ଇମ୍ରାନ୍‌ଙ୍କୁ ଆଗୁଆ ଜାମିନ

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ତେହେରିକ୍-ଇ-ଇନ୍‌ସାଫ ନେତା ଇମ୍ରାନ୍ ଖାନ୍‌ଙ୍କୁ ସୋମବାର ୭ଟି ମାମଲାରେ ଆଗୁଆ ଜାମିନ ମିଳିଛି। କିଛିଦିନ ପୂର୍ବରୁ ଇମ୍ରାନ୍ ଦୁର୍ନୀତି ମାମଲାର ଶୁଣାଣି ପାଇଁ ଇସ୍‌ଲାମାବାଦର ଏକ ଅଦାଲତରେ ହାଜର ହେବାକୁ ଆସିଥିବାବେଳେ ସୁରକ୍ଷା କର୍ମୀଙ୍କ ସହ ତାଙ୍କ ସମର୍ଥକମାନଙ୍କର ସଂଘର୍ଷ ଘଟିଥିଲା। ଏନେଇ ଇମ୍ରାନ୍‌ଙ୍କ ବିରୋଧରେ ୭ ମାମଲା ରୁଜୁ ହୋଇଥିଲା। ଇସ୍‌ଲାମାବାଦ ହାଇକୋର୍ଟର ୨ ଜଣିଆ ଖଣ୍ଡପୀଠ ଜାମିନ ଆବେଦନର ଶୁଣାଣି କରିଥିଲେ।



## ସଂକ୍ଷେପରେ

### ଆତ୍ମଘାତୀ ବିସ୍ଫୋରଣରେ ୬ ମୃତ

**କାବୁଲ, ୨୭।୩:** କାବୁଲସ୍ଥିତ ବହିର୍ବ୍ୟାପାର ମନ୍ତ୍ରଣାଳୟ ବାହାରେ ସୋମବାର ଆତ୍ମଘାତୀ ବିସ୍ଫୋରଣରେ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। ଆଫଗାନିସ୍ତାନର ମନ୍ତ୍ରଣାଳୟ ନିକଟରେ ଆକ୍ରମଣ ଚଳିତ ବର୍ଷର ଏହା ଦ୍ୱିତୀୟ ଘଟଣା। ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ତାଲିବାନ ଆଫଗାନିସ୍ତାନର ଶାସନ କ୍ଷମତା ହାତକୁ ନେବା ପରେ ଇସ୍‌ଲାମିକ୍ ଷ୍ଟେଟ୍ ଗ୍ରୁପ୍‌ର ଆଞ୍ଚଳିକ ସଂଗଠନ ପକ୍ଷରୁ ଏଭଳି ବିସ୍ଫୋରଣ ଅନେକ ସମୟରେ ଘଟୁଛି। ଏହି ସଂଗଠନ ତାଲିବାନ ଅଫିସର ଓ ପାଟୋଲ ପାର୍ଟିକୁ ଟାର୍ଗେଟ କରିଆସୁଛି।

### ବାପା ହେଲେ ତେଜସ୍ୱୀ




**ପାଟନା, ୨୭।୩:** ବିହାର ଉପ-ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ କନ୍ୟା ସନ୍ତାନର ବାପା ହୋଇଛନ୍ତି । ତେଜସ୍ୱୀ ଟୁଇଟରରେ ଏକ ଫଟୋ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି। ଈଶ୍ୱର ପ୍ରସନ୍ନ ହୋଇ ତାଙ୍କୁ ଏକ କନ୍ୟା ସନ୍ତାନ ଉପହାର କରିଥିବା ସେ ନିଜ ପୋଷ୍ଟ ଜରିଆରେ କହିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କଠାରୁ ଆରମ୍ଭ କରି ବହୁ ରାଜନେତା ତଜସ୍ୱୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମୁଖ୍ୟ ତଥା ବିହାର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ଯାଦବଙ୍କ ସାନ ପୁଅ ହେଉଛନ୍ତି ତେଜସ୍ୱୀ। ସେ ଗତବର୍ଷ ରାଚେଲ ଗୋଡିନହୋଙ୍କୁ ପ୍ରେମ ବିହାର କରିଥିଲେ।

### ପୁଅ-ଝିଅଙ୍କ ବିବାହ ବୟସ ସମାନ ଆବେଦନ ଖାରଜ

**ନୂଆଦିଲ୍ଲୀ, ୨୭।୩(ପି.ଟି.):** ପୁଅ-ଝିଅଙ୍କ ସର୍ବନିମ୍ନ ବିବାହ ବୟସ ୨୧ ବର୍ଷ କରିବା ଆବେଦନ ଉପରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେବା ସହ ଏହାକୁ ଖାରଜ କରିଦେଇଛନ୍ତି। ବୟସସୀମା ଧାର୍ଯ୍ୟ କରିବାକୁ ହେଲେ ଆଇନରେ ପରିବର୍ତ୍ତନ କରିବାକୁ ପଡ଼ିବ। ଏହା ପାର୍ଲାମେଣ୍ଟର କାମ। ଆଇନ ପ୍ରଣୟନ ଲାଗି ପାର୍ଲାମେଣ୍ଟକୁ ଅଦାଲତ ନିର୍ଦ୍ଦେଶ ଦେଇପାରିବେ ନାହିଁ ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ କହିଛନ୍ତି। ପୁଅ-ଝିଅଙ୍କ ବିବାହ ପାଇଁ ଆଇନଗତ ବୟସ ସମାନ କରିବାକୁ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ଦାଏର କରିଥିବା ଜନସ୍ୱାର୍ଥ ମାମଲା ଖାରଜ ହୋଇଯାଇଛି।

### ଟାଇମ୍‌ସ ସ୍କୋୟାରରେ ଖଲିସ୍ତାନୀଙ୍କ ବିକ୍ଷୋଭ

**ନ୍ୟୁୟର୍କ, ୨୭।୩ :** ପଳାତକ ଖଲିସ୍ତାନୀ ନେତା ଅମ୍ରିତ୍‌ପାଲ ସିଂଙ୍କ ସମର୍ଥନରେ ବହୁସଂଖ୍ୟାରେ ଖଲିସ୍ତାନୀ ସମର୍ଥକ ନ୍ୟୁୟର୍କର ଟାଇମ୍‌ସ ସ୍କୋୟାରରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କଡ଼ା ସୁରକ୍ଷା ମଧ୍ୟରେ ସେମାନେ ରବିବାର ଅପରାହ୍ନରେ ରିଚ୍‌ମଣ୍ଡ ହିଲ୍‌ରେ ଥିବା ବାବା ମାଖନ ଶାହା ଲୁବାନା ଶିଖ୍ ସେଣ୍ଟରରୁ କାର ରାଲି ବାହାର କରି ମାନ୍‌ହାଟନ ସହର କେନ୍ଦ୍ରସ୍ଥଳରେ ଥିବା ଟାଇମ୍‌ସ ସ୍କୋୟାର ପର୍ଯ୍ୟନ୍ତ ଯାଇଥିଲେ। କାର୍‌ଗୁଡ଼ିକରେ ଖଲିସ୍ତାନୀ ପତାକା ଲାଗିଥିବାବେଳେ ଏଲ୍‌ଇଡି ମୋବାଇଲ ବିଲ୍‌ବୋର୍ଡ ଟ୍ରକ୍‌ଗୁଡ଼ିକରେ ଅମ୍ରିତ୍‌ପାଲଙ୍କ ଫଟୋ ପ୍ରଦର୍ଶିତ ହୋଇଥିଲା। ବହୁସଂଖ୍ୟାରେ ମହିଳା, ପୁରୁଷ ଓ ପିଲାମାନେ ହାତରେ 'ଅମ୍ରିତ୍‌ପାଲଙ୍କୁ ମୁକ୍ତ କର' ପ୍ଲାକାର୍ଡ ଏବଂ ତାଙ୍କ ଫଟୋ ଧରି ଭାରତ ବିରୋଧୀ ସ୍ଲୋଗାନ ଦେଇଥିଲେ।

# ମଙ୍ଗୋଲୀୟ ବାଳକଙ୍କୁ ତୃତୀୟ ଧର୍ମଗୁରୁ ମାନ୍ୟତା



ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମା(୮୭) ଜଣେ ୮ ବର୍ଷୀୟ ବାଳକଙ୍କୁ ଜଣେ ଆଧାତ୍ମିକ ନେତାଙ୍କ ଅବତାର ମାନ୍ୟତା ପ୍ରଦାନ କରିଛନ୍ତି। ଆମେରିକାରେ ଜନ୍ମିତ ମଙ୍ଗୋଲୀୟ ବାଳକଙ୍କୁ ତୃତୀୟ ଗୁରୁତ୍ୱପୂର୍ଣ୍ଣ ତିବ୍ବତୀୟ ନେତା (୧୦ମ ଖାଲଖା ଜେଟ୍‌ସନ୍ ଧର୍ମ ରିନ୍‌ପୋଚେ) ଭାବେ ସ୍ୱୀକୃତି ଦେଇଛନ୍ତି। ଅରୁଣାଚଳ ପ୍ରଦେଶର ଧର୍ମଶାଳାରେ ଆୟୋଜିତ ଏକ ଉତ୍ସବରେ ସେ ଏହି ସ୍ୱୀକୃତି ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ୫,୦୦୦ ବୌଦ୍ଧଭିକ୍ଷୁ ଓ ୬୦୦ ମଙ୍ଗୋଲୀୟ ଯୋଗଦେଇଥିଲେ।

# ନାମ୍ବିଆରୁ ଆସିଥିବା ଚିତା ସାଶାର ମୃତ୍ୟୁ



କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲା

ମଧ୍ୟପ୍ରଦେଶର କୁନୋ ନ୍ୟାଶନାଲ ପାର୍କରେ ଥିବା ମାଈ ଚିତା ସାଶାର ମୃତ୍ୟୁ ଘଟିଛି। ଗତବର୍ଷ ନାମ୍ବିଆରୁ ଭାରତ ଆସିଥିବା ୮ ଚିତା ମଧ୍ୟରେ ଥିଲା ସାଶା। ଜାନୁୟାରୀ ମାସରୁ ସାଶା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିଲା। ସାଶାର ନିୟମିତ ଚେକ୍‌ଅପ କରାଯାଉଥିଲେ ସୁଦ୍ଧା ତା' ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସି ପାରୁ ନ ଥିଲା। ସେ ଦିନକୁଦିନ ଅଧିକ ରୁଗ୍ଣ ହୋଇଯାଇଥିଲା। ରକ୍ତରେ କ୍ରିଏଟିନିନ୍ ଲେଭଲ୍ ଅଧିକ ହୋଇଯାଇଥିବା ଯୋଗୁ ସାଶାର କିଡ୍‌ନୀ ସମସ୍ୟା ଦେଖାଯାଇଥିବା ବ୍ଲଡ୍ ଟେଷ୍ଟରୁ ଜଣାପଡ଼ିଛି। ସେହିପରି ତା' ସାଥୀ ଚିତାବାଘଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ପାର୍କ ପକ୍ଷରୁ କୁହାଯାଇଛି। ଗତବର୍ଷ ସେପ୍ଟେମ୍ବରରେ ବିମାନ ଯୋଗେ ନାମ୍ବିଆରୁ ୫ ମାଈ ଏବଂ ୩ ଅଣ୍ଡିରା ଚିତା ବାଘଙ୍କୁ ଅଣାଯାଇଥିଲା। ଗତ ଫେବୃୟାରୀ ୧୮ରେ ଦକ୍ଷିଣ ଆଫ୍ରିକାରୁ ୧୨ ଚିତାଙ୍କୁ ଅଣାଯାଇଥିଲା।

# ସାବରକରଙ୍କୁ ନେଇ ଟଣାଓଟରା

**ଶିବସେନା ଓ କଂଗ୍ରେସ ଦୁଇଟି ଭିନ୍ନ ଚିନ୍ତାଧାରାର ଦଳ। କ୍ଷମତା ରାଜନୀତିର ବାଧ୍ୟବାଧକତା ଦିନେ ଏହି ଦୁଇ ଦଳକୁ ଏକାଠି କରିଥିଲା। କିନ୍ତୁ ଏବେ ଶିବସେନା ଯେଉଁ ବୀର ସାବରକରଙ୍କୁ ନିଜ ଆଦର୍ଶ ବିବେଚନା କରି ତାଙ୍କ ପାଇଁ 'ଭାରତ ରତ୍ନ' ଉପାଧି ମାଗୁଛି ସେହି ସ୍ୱାଧୀନତା ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବାରମ୍ବାର ଅପମାନଜନକ ଭାଷା ବ୍ୟବହାର କରୁଛନ୍ତି। ଏହାକୁ ଉଦ୍ଧବ ଠାକ୍‌ରେଙ୍କ ଦଳ ବିରୋଧ କରିଛି। ଦଳର ମୁଖପାତ୍ର ସାମ୍‌ନାରେ ଏନେଇ ରାହୁଲଙ୍କୁ ଶୁଣାଇ ଦିଆଯାଇଛି ଯେ, ଆଉ ବରଦାସ୍ତ କରିହେବ ନାହିଁ।**



**ସାବରକର ବ୍ରିଟିଶ ଶାସକଙ୍କୁ ଭୟରେ କ୍ଷମାଭିକ୍ଷା କରିଥିଲେ: ରାହୁଲ**





**ସାବରକରଙ୍କୁ ଅପମାନିତ କରି ସତ୍ୟର ଯୁଦ୍ଧ ଜିତିପାରିବେନି ରାହୁଲ: ଉଦ୍ଧବ**

**ନୂଆଦିଲ୍ଲୀ/ମୁମ୍ବାଇ, ୨୭।୩**

କଂଗ୍ରେସ ନେତା ରାହୁଲ ଗାନ୍ଧୀ ବୀର ସାବରକରଙ୍କୁ ଅପମାନିତ କରି ସତ୍ୟର ଯୁଦ୍ଧ ଜିତିପାରିବେ ନାହିଁ ବୋଲି ସୋମବାର ଶିବସେନା ମୁଖପାତ୍ର ସାମ୍ନା ସମ୍ପାଦକୀୟରେ ଉଦ୍ଧବ ଠାକ୍‌ରେ ଉଲ୍ଲେଖ କରିଛନ୍ତି। ମହାରାଷ୍ଟ୍ରରେ ମହାବିକାଶ ଅଘାଡ଼ି(ଏମ୍‌ଭିଏ) ମେଣ୍ଟରେ କଂଗ୍ରେସ ସାମିଲ ହୋଇଥିଲେ ସୁଦ୍ଧା ସାବରକରଙ୍କୁ ନେଇ ସର୍ବପୁରାତନ ଦଳର ଆଭିମୁଖ୍ୟକୁ ଶିବସେନା (ୟୁଟିବି) ଗ୍ରହଣ କରିବ ନାହିଁ ବୋଲି ଏଥିରେ ରୋକ୍‌ଠୋକ୍ ଶୁଣାଇ ଦିଆଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାଙ୍ଗିଆକୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେବା ଅଭିଯୋଗରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଏପରି କି ସେ ଆଗାମୀ ୮ ବର୍ଷ ପର୍ଯ୍ୟନ୍ତ ନିର୍ବାଚନ ମଧ୍ୟ ଲଢ଼ିପାରିବେ ନାହିଁ। ଏହା ପୂର୍ବରୁ ରାହୁଲ ଲଣ୍ଡନରେ ଭାରତୀୟ ଗଣତନ୍ତ୍ର ଉପରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଏହାକୁ ନେଇ ହିନ୍ଦୁତ୍ୱବାଦୀ ଭାଜପା ରାହୁଲ ଓ ତାଙ୍କ ଦଳକୁ ବାରମ୍ବାର ଟାର୍ଗେଟ କରୁଛି। ରାହୁଲ କ୍ଷମା ମାଗନ୍ତୁ ବୋଲି ଗୈରିକ ଦଳ ଦାବି କରୁଛି। ଏନେଇ ରାହୁଲ ଶନିବାର କହିଥିଲେ, ସାବରକର ବ୍ରିଟିଶ ଶାସକଙ୍କୁ ସହାୟତା କରିଥିଲେ ଓ ସେମାନଙ୍କୁ ଭୟକରି କ୍ଷମାଭିକ୍ଷା କରିଥିଲେ। ସେ ସାବରକର ନୁହନ୍ତି ଯେ କ୍ଷମା ମାଗିବେ ବୋଲି ରାହୁଲ ସ୍ପଷ୍ଟ କରିଥିଲେ। କେବଳ ଶନିବାର ନୁହେଁ, ଏହା ପୂର୍ବରୁ ମଧ୍ୟ ମୋଦି ଓ ଭାଜପାକୁ ଟାର୍ଗେଟ କରିବାକୁ ଯାଇ ସେ ବୀର ସାବରକରଙ୍କ ସମ୍ପର୍କରେ ଅବତାରଣା କରିଥିଲେ। ଅନ୍ୟପକ୍ଷେ ବ୍ରିଟିଶ୍ ଶାସନ ଅମଳରେ ସାବରକର ଦାସତ୍ୱ ବିରୋଧରେ ଲଢ଼େଇ କରୁଥିଲେ। ତାଙ୍କ ଅପମାନକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ରାହୁଲଙ୍କ ଉପରେ ବର୍ଷିଛି ଶିବସେନା (ୟୁଟିବି)। ଏମ୍‌ଭିଏ ଗଠନ ପୂର୍ବରୁ ରାହୁଲ ଯେତେବେଳେ ବି ସାବରକରଙ୍କ ଉପରେ ନକାରାତ୍ମକ ମନ୍ତବ୍ୟ ଦେଇଛନ୍ତି, ଉଦ୍ଧବଙ୍କ ଶିବସେନା ତାକୁ କଡ଼ା ନିନ୍ଦା କରିଛି। ସଦ୍ୟ ପ୍ରକାଶିତ ସମ୍ପାଦକୀୟରେ ଉଲ୍ଲେଖ କରାଯାଇଛି ଯେ, ମାନହାନି ମାମଲାରେ ରାହୁଲଙ୍କ ସହ ଯାହା ହୋଇଛି ତାହା ଅନ୍ୟାୟ। କିନ୍ତୁ ସାବରକରଙ୍କୁ ଅପମାନିତ କରି ସେ ସତ୍ୟର ଯୁଦ୍ଧରେ ବିଜୟୀ ହୋଇପାରିବେ ନାହିଁ। ରାହୁଲ

> "ଆଣ୍ଡାମାନର ସେଲ୍ୟୁଲାର ଜେଲରେ ଅନେକ ବର୍ଷ ବିତାଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ବାରମ୍ବାର ଅପମାନିତ କରିବା ଦୁର୍ଭାଗ୍ୟର କଥା। ସାବରକର ବ୍ରିଟିଶ୍‌ମାନଙ୍କୁ କ୍ଷମା ମାଗିଥିବାର କୌଣସି ପ୍ରମାଣ ନାହିଁ। ରାହୁଲଙ୍କ ବିରୋଧରେ ୫ ବର୍ଷ ପୂର୍ବେ ଏତଲା ଦେଇଥିଲି। ଏହାର ଶୁଣାଣି ଶେଷ ହେଲେ ରାହୁଲ ପୁଣି ଥରେ ଦୋଷୀ ସାବ୍ୟସ୍ତ ହେବେ।
>
> **-ରଣଜିତ ସାବରକର, ବୀର ସାବରକରଙ୍କ ଅଣନାତି**



ଦେଶ ଓ ସତ୍ୟ ପାଇଁ ପ୍ରାଣବଳୀ ଦେଇଥିବା ଏକ ପରିବାରରେ ଜନ୍ମିତ। କିନ୍ତୁ ସାବରକର ଓ ତାଙ୍କ ପରିବାର ମଧ୍ୟ ଦେଶ ପାଇଁ କାମ କରିଥିଲେ।

## ବିନା ଆଲୋଚନାରେ ଅର୍ଥ ବିଲ୍‌କୁ ଫେରାଇଦେଲା ରାଜ୍ୟ ସଭା

**ପାର୍ଲାମେଣ୍ଟ ଦିନକ ପାଇଁ ମୁଲତବୀ**

**ନୂଆଦିଲ୍ଲୀ, ୨୭।୩**

ରାଜ୍ୟ ସଭା ସୋମବାର ବିନା ଆଲୋଚନାରେ ଅର୍ଥ ବିଲ୍‌କୁ ଗୋଟିଏ ସଂଶୋଧନ ସହ ଲୋକ ସଭାକୁ ଫେରାଇ ଦେଇଛି। ଜମ୍ମୁ-କଶ୍ମୀର ବଜେଟ ଏବଂ ବିନିଯୋଗ ବିଲ୍‌କୁ ମଧ୍ୟ ବିନା ଆଲୋଚନାରେ ଫେରାଇ ଦିଆଯାଇଛି। ଆଦାନୀ ପ୍ରସଙ୍ଗ ନେଇ ଉଚ୍ଚ ସଦନରେ ବିରୋଧୀ ହଟ୍ଟଗୋଳ କରିବାରୁ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଆଲୋଚନା ପାଇଁ ସଦସ୍ୟମାନଙ୍କୁ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କରଙ୍କ ଆମନ୍ତ୍ରଣ ସତ୍ତ୍ୱେ ବିରୋଧୀମାନେ ଆଦାନୀ ପ୍ରସଙ୍ଗରେ ଆଲୋଚନା ଓ ଏହାର ଜେପିସି ତଦନ୍ତ ଦାବିରେ ଗୃହକୁ ଅଚଳ କରି ରଖିଥିଲେ। ଫଳରେ ବିନା ଆଲୋଚନାରେ ଅର୍ଥ ବିଲ୍‌କୁ ଲୋକ ସଭାକୁ ଫେରାଇଦେବା ଲାଗି ଧ୍ୱନି ମତରେ ଅନୁମୋଦନ ହୋଇଥିଲା। ଗୃହକାର୍ଯ୍ୟ ଚାଲି ନ ପାରିବାରୁ ଧନ୍‌କର ରାଜ୍ୟ ସଭାକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ଗତ ସପ୍ତାହରେ ଲୋକ ସଭାରେ ଅଚଳାବସ୍ଥା ଯୋଗୁ ଅର୍ଥ ବିଲ୍ ଉପରେ ଆଲୋଚନା ହୋଇ ନ ପାରି ଏହାକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ଲୋକ ସଭାରେ ମଧ୍ୟ ଅନୁରୂପ ସ୍ଥିତି ଦେଖାଦେଇଥିଲା।

# ମାଡାମ୍ ଦେଶକୁ ରକ୍ଷା କରନ୍ତୁ




ପଶ୍ଚିମବଙ୍ଗ ଗସ୍ତରେ ଯାଇଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଢୋଲ ବଜାଇ ସ୍ୱାଗତ କରୁଛନ୍ତି।

**କୋଲକାତା, ୨୭।୩**

**ଢୋଲ ବଜାଇ ରାଷ୍ଟ୍ରପତିଙ୍କୁ ସ୍ୱାଗତ କଲେ ମମତା**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର ଆଦିବାସୀଙ୍କ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଢୋଲ ବଜାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରିଛନ୍ତି। ଏପରି କି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଆଦିବାସୀ ମହିଳାମାନଙ୍କ ସହ ମମତା ନୃତ୍ୟ କରୁଥିବା ଦେଖିବାକୁ ମିଳିଛି। ୨ ଦିନିଆ ପଶ୍ଚିମବଙ୍ଗ ଗସ୍ତରେ ଥିବା ରାଷ୍ଟ୍ରପତି ଏସବୁ ଦେଖି ହସୁଥିଲେ। ମମତା ନିଜ ଭାଷଣରେ ରାଷ୍ଟ୍ରପତିଙ୍କୁ ମାଡାମ୍ ସମ୍ବୋଧନ କରି କହିଥିଲେ, ଆପଣ ହେଉଛନ୍ତି ସାମ୍ବିଧାନିକ ମୁଖ୍ୟ। ଦୟକରି ଏହି ଦେଶକୁ ରକ୍ଷା କରନ୍ତୁ। ଅନ୍ୟପକ୍ଷେ କୋଲକାତାର ନେତାଜୀ ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ପଶ୍ଚିମବଙ୍ଗ ବିଧାନସଭାର ବିରୋଧୀ ଦଳ (ଭାଜପା) ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ନିମନ୍ତ୍ରଣ କରାଯାଇ ନ ଥିବାରୁ ବିବାଦ ସୃଷ୍ଟି ହୋଇଥିଲା। ଏନେଇ ତୃଣମୂଳ କଂଗ୍ରେସ କହିଛି, ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯିବା ସତ୍ତ୍ୱେ ଶୁଭେନ୍ଦୁ ନ ଆସିବା ଦୁର୍ଭାଗ୍ୟଜନକ।

## ୧୦,୦୦୦ ଟପିଲା ସକ୍ରିୟ ମାମଲା

**ନୂଆଦିଲ୍ଲୀ/ ଲକ୍ଷ୍ନୌ, ୨୭।୩**

ଦେଶରେ ମହାମାରୀ କରୋନା ସଂକ୍ରମଣ କ୍ରମାଗତ ବଢ଼ିବାରେ ଲାଗିଛି। ସୋମବାର ଦେଶରେ ସକ୍ରିୟ ମାମଲା ୧୦,୩୦୦ରେ ପହଞ୍ଚିଥିବାବେଳେ ୧୩୪ଦିନରେ ସର୍ବାଧିକ କୋଭିଡ୍ ଆକ୍ଟିଭ୍ ମାମଲା ରେକର୍ଡ କରାଯାଇଛି। ଅନ୍ୟପକ୍ଷେ ଦୈନିକ କୋଭିଡ୍-୧୯ ସଂକ୍ରମଣ ୧,୮୦୫ ଚିହ୍ନଟ ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ଦେଶରେ ଦୈନିକ ପଜିଟିଭିଟି ହାର ୩.୧୯% ରହିଛି। ସେହିପରି ସାପ୍ତାହିକ ପଜିଟିଭିଟି ହାର ୧.୩୯% ରହିଛି। ରବିବାର ଦେଶରେ ମୋଟ ୯,୪୩୩ ସକ୍ରିୟ ମାମଲା ଚିହ୍ନଟ ହୋଇଥିଲା। ଅନ୍ୟପକ୍ଷେ ଉତ୍ତର ପ୍ରଦେଶରେ ପୁଣିଥରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ଆରମ୍ଭ ହୋଇଛି। ଲଖିମପୁର ଖେରିର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ସୋମବାର ୩୯ ଜଣ ଛାତ୍ରୀ କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ହୋଲି ଛୁଟିରୁ ଆସିଥିବା ଜଣେ ଛାତ୍ରୀ ସଂକ୍ରମିତ ବାହାରିବା ପରେ ସ୍କୁଲରେ ସାମୂହିକ କରୋନା ଟେଷ୍ଟ କରାଯାଇଥିଲା। ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଙ୍କୁ ମିଶାଇ ମୋଟ ୯୨ ଜଣଙ୍କର କରୋନା ଟେଷ୍ଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ।

## କେନ୍ଦ୍ର, ଗୁଜରାଟ ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ

**ନୂଆଦିଲ୍ଲୀ, ୨୭।୩(ପି.ଟି.)**

**୧୧ ଅପରାଧୀଙ୍କ ମୁକ୍ତି ବିରୋଧରେ ବିଲ୍‌କିସ୍‌ଙ୍କ ପିଟିଶନ**



୨୦୦୨ ଗୁଜରାଟ ଦଙ୍ଗା ବେଳେ ବିଲ୍‌କିସ୍ ବାନୋଙ୍କୁ ଗଣବଳାତ୍କାର କରାଯିବା ସହ ତାଙ୍କ ପରିବାରର ୭ ଜଣଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ଦୋଷୀସାବ୍ୟସ୍ତ ହୋଇ ଆଜୀବନ ସଜା କାଟୁଥିବା ୧୧ ଜଣଙ୍କୁ ଗୁଜରାଟ ସରକାର ଗତବର୍ଷ ସ୍ୱାଧୀନତା ଦିବସରେ ମୁକ୍ତ କରିଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ବିଲ୍‌କିସ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ଅଦାଲତ ସୋମବାର ଏନେଇ କେନ୍ଦ୍ର ଓ ଗୁଜରାଟ ସରକାରଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। ଏଥିସହିତ ଦୋଷୀମାନଙ୍କୁ ମଧ୍ୟ ନୋଟିସ ଜାରି ହୋଇଛି। ଜଷ୍ଟିସ କେ.ଏମ୍. ଯୋଶେଫ୍ ଏବଂ ବି.ଭି. ନାଗରତ୍ନାଙ୍କ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୮କୁ ଧାର୍ଯ୍ୟ କରିଛନ୍ତି। ଏହି ମାମଲା ସହ ଏକାଧିକ ପ୍ରସଙ୍ଗ ଯୋଡ଼ିହୋଇଥିବାରୁ ଏହାର ସବିଶେଷ ଶୁଣାଣି ଜରୁରୀ ବୋଲି ଖଣ୍ଡପୀଠ କହିଥିଲେ। ପରବର୍ତ୍ତୀ ଶୁଣାଣି ବେଳେ ଅପରାଧୀମାନଙ୍କୁ କ୍ଷମା ପ୍ରଦାନ ସମ୍ପର୍କିତ ଫାଇଲ ଉପସ୍ଥାପନ କରିବାକୁ ଗୁଜରାଟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭାବାବେଗରେ ଅଭିଭୂତ ନ ହୋଇ କେବଳ ଆଇନ ଅନୁଯାୟୀ ଯିବାକୁ ପଡ଼ିବ ବୋଲି ଖଣ୍ଡପୀଠ ମତ ଦେଇଥିଲେ।

## ଇଡି ସମନ ବିରୋଧରେ କବିତାଙ୍କ ଆବେଦନ ଖାରଜ

**ନୂଆଦିଲ୍ଲୀ, ୨୭।୩:** ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା ସହ ସମ୍ପୃକ୍ତ ମନିଲଣ୍ଡରିଂ ଅଭିଯୋଗର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ସମନକୁ ଚ୍ୟାଲେଞ୍ଜ କରି ଭାରତ ରାଷ୍ଟ୍ର ସମିତି ନେତ୍ରୀ କେ. କବିତା ଦାଏର କରିଥିବା ପିଟିଶନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଗିରଫଦାରିରୁ ବର୍ତ୍ତିବା ଲାଗି ବିଆର୍‌ଏସ୍ ବିଧାନ ପରିଷଦ ସଦସ୍ୟା କବିତାଙ୍କ ଆବେଦନ ଖାରଜ ହୋଇଯାଇଛି। ତାଙ୍କୁ କୌଣସି ପ୍ରକାର ଅନ୍ତରୀଣ ସୁରକ୍ଷା ଦେବାକୁ ଜଷ୍ଟିସ୍ ଅଜୟ ରସ୍ତୋଗୀ ଏବଂ ବେଲା ଏମ୍. ତ୍ରିବେଦୀଙ୍କ ଖଣ୍ଡପୀଠ ମନା କରିଦେଇଛନ୍ତି।




ରାହୁଲ ଗାନ୍ଧୀଙ୍କ ସଦସ୍ୟତା ରଦ୍ଦ ପ୍ରତିବାଦରେ ନୂଆଦିଲ୍ଲୀର ଯନ୍ତରମନ୍ତରରେ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭବେଳେ ଜଣେ ସଦସ୍ୟଙ୍କୁ ପୋଲିସ ଟେକିନେଉଛି।

# କଳା ପୋଷାକ ପିନ୍ଧି ବିକ୍ଷୋଭ କଲେ ବିରୋଧୀ ଏମ୍‌ପି

**ନୂଆଦିଲ୍ଲୀ, ୨୭।୩**

**ରାହୁଲଙ୍କ ସଦସ୍ୟତା ରଦ୍ଦର ପ୍ରତିବାଦ**

ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ଏବଂ ଆଦାନୀ ପ୍ରସଙ୍ଗର ଜେପିସି ତଦନ୍ତ ଦାବିରେ କଂଗ୍ରେସ ନେତୃତ୍ୱରେ ବିରୋଧୀ ଦଳ ଏମ୍‌ପିମାନେ ସୋମବାର ପାର୍ଲାମେଣ୍ଟ କମ୍ପ୍ଲେକ୍ସ ବାହାରେ କଳା ପୋଷାକ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ 'ସତ୍ୟମେବ ଜୟତେ' ଏବଂ 'ଗଣତନ୍ତ୍ର ବଞ୍ଚାଅ' ଲେଖାଥିବା ବ୍ୟାନର ଧରି ବିଜୟ ଚୌକ ଅଭିମୁଖେ ଯିବା ସହ ସେଠାରେ ଧାରଣାରେ ବସିଥିଲେ। କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ, ସରକାରଙ୍କ ନିକଟରେ ଯେଉଁମାନେ ମୁଣ୍ଡ ନୁଆଁଉ ନାହାନ୍ତି, ସେମାନଙ୍କ ବିରୋଧରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ଲଗାଇ ଦିଆଯାଉଛି। ରାହୁଲଙ୍କୁ ଅଯୋଗ୍ୟ ଘୋଷଣା ବିରୋଧରେ ସ୍ୱର ଉଠାଇଥିବା ବିରୋଧୀ ଦଳ ନେତାମାନଙ୍କୁ ଖାର୍ଗେ ଧନ୍ୟବାଦ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ଗଣତନ୍ତ୍ରର ଅନ୍ତ ଘଟାଇବାକୁ ଚାହାନ୍ତି। ଏହା ଦେଶବାସୀଙ୍କୁ ଜଣାଇଦେବା ଲାଗି ଆମେ କଳା ପୋଷାକରେ ଏଠାରେ ଏକତ୍ରିତ ହୋଇଛୁ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଥିଲେ। ବିରୋଧୀ ଉଠାଉଥିବା ପ୍ରଶ୍ନର ଉତ୍ତର ସରକାର ଦେଇପାରୁ ନାହାନ୍ତି। ଏଠାରେ ୧୮ଟି ବିରୋଧୀ ଦଳର ଏମ୍‌ପିମାନେ ଏକାଠି ହୋଇଛନ୍ତି। ଜେପିସି ତଦନ୍ତ ଦ୍ୱାରା ଆଦାନୀ ପ୍ରସଙ୍ଗର ସତ୍ୟ ପଦାକୁ ଆସିବ ବୋଲି ଖାର୍ଗେ କହିଥିଲେ।

ସେହିପରି ରାହୁଲଙ୍କ ସଭ୍ୟପଦ ରଦ୍ଦ ପ୍ରସଙ୍ଗରେ ଖାର୍ଗେ କହିଥିଲେ, ୨୦୧୯ରେ କଂଗ୍ରେସ ନେତା କର୍ଣ୍ଣାଟକର କୋଲାରରେ ଦେଇଥିବା ମନ୍ତବ୍ୟକୁ ନେଇ ମାନହାନି ମାମଲାକୁ ଗୁଜରାଟ କୋର୍ଟକୁ ପଠାଇ ଦିଆଗଲା। ସୁରଟ କୋର୍ଟ ତାଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ଜେଲଦଣ୍ଡାଦେଶ ଦେଲେ। ଆଜି ଗଣତନ୍ତ୍ର ପାଇଁ କଳାଦିବସ ବୋଲି ଖାର୍ଗେ କହିଥିଲେ। ବିକ୍ଷୋଭ ପୂର୍ବରୁ ରାଜ୍ୟ ସଭାର ବିରୋଧୀ ଦଳ ନେତା ଖାର୍ଗେଙ୍କ ଚାମ୍ବରରେ ବିରୋଧୀ ନେତାମାନଙ୍କ ବୈଠକ ବସିଥିଲା। ଏଥିରେ କଂଗ୍ରେସ ସମେତ ଡିଏମ୍‌କେ, ସମାଜବାଦୀ ପାର୍ଟି, ଜେଡିୟୁ, ବିଆର୍‌ଏସ୍, ସିପିଆଇ(ଏମ୍), ଆର୍‌ଜେଡି, ଏନ୍‌ସିପି, ସିପିଆଇ, ଆଇୟୁଏମ୍‌ଏଲ୍, ଏମ୍‌ଡିଏମ୍‌କେ, କେରଳ କଂଗ୍ରେସ, ଟିଏମ୍‌ସି, ଆର୍‌ଏସ୍‌ପି, ଏଏପି ଏବଂ ନ୍ୟାଶନାଲ କନ୍‌ଫରେନ୍ସର ନେତା ସାମିଲ ହୋଇଥିଲେ।

# ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ସଂଶୋଧନ ବିଲ୍ ଉପସ୍ଥାପିତ

## ■ ମାଲିକ ସଂଘକୁ ମିଳିବ କମନ୍ ଏରିଆ ମାଲିକାନା ■ ନ ମାନିଲେ ହେବ ୫ ଲକ୍ଷ ଜରିମାନା

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ବହୁ ପ୍ରତୀକ୍ଷା ପରେ ଆପାର୍ଟମେଣ୍ଟ କ୍ରୟ କରିଥିବା ବ୍ୟକ୍ତିଙ୍କୁ ଆଶ୍ୱସ୍ତି ମିଳିଛି। ସୋମବାର ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା)ବିଲ୍-୨୦୨୩ ବିଧାନସଭାର ଅନୁମୋଦନ ସକାଶେ ଉପସ୍ଥାପନ କରାଯାଇଛି। ମାଲିକମାନେ ସାଧାରଣ ଅଞ୍ଚଳ(କମନ୍ଏରିଆ)ରୁ ନିଜର ମାଲିକାନା ହକ୍ ପାଇପାରୁ ନ ଥିଲେ। ଏହି ବିଧେୟକ ପାରିତ ହେବାପରେ ଆପାର୍ଟମେଣ୍ଟ ନିର୍ମିତ କ୍ଷେତ୍ରରୁ ନିଜ ଆପାର୍ଟମେଣ୍ଟ କ୍ଷେତ୍ରକୁ ଆଧାର କରି ଉକ୍ତ ଅଂଶ ପାଇପାରିବେ। ମାତ୍ର ଅଣଆବାସିକ କ୍ଷେତ୍ରରେ ତାହା ହେବନାହିଁ। ଏଥିସହିତ ଆପାର୍ଟମେଣ୍ଟ ବିକ୍ରି, ଉତ୍ତରାଧିକାରୀ ସୂତ୍ରରେ ଆବଣ୍ଟନ ଆଦି କ୍ଷେତ୍ରରେ ତାହାକୁ ହସ୍ତାନ୍ତର କରାଯାଇପାରିବ। ମାତ୍ର ଉକ୍ତ ଅଂଶକୁ କୌଣସି ଉଦ୍ଦେଶ୍ୟରେ ଖଣ୍ଡ ଖଣ୍ଡ କରାଯାଇପାରିବ ନାହିଁ। ପ୍ରତ୍ୟେକ ଆପାର୍ଟମେଣ୍ଟ ମାଲିକ ବିଧେୟକରେ ଥିବା ଚୁକ୍ତି, ସର୍ତ୍ତ ଓ କଟକଣା ମାନିବାକୁ ବାଧ୍ୟହେବେ। ଯଦି କେହି ଏହାକୁ ଉଲ୍ଲଂଘନ କରିବେ ଆପାର୍ଟମେଣ୍ଟ ମାଲିକ ସଂଘ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ କ୍ଷତିଭରଣା କରିପାରିବେ। ଏଥିସହିତ ନିଜ ଅଧୀନରେ ଥିବା ଆପାର୍ଟମେଣ୍ଟ ଉପରେ ମାଲିକମାନେ ଋଣ କରିପାରିବେ।

ପୂର୍ବରୁ ଆପାର୍ଟମେଣ୍ଟ ବିକ୍ରୟ କରୁଥିବା ମାଲିକମାନଙ୍କ ନାମରେ କମନ୍ ଏରିଆର ରେକର୍ଡ ଅଫ୍ ରାଇଟ୍ସ ରହୁଥିଲା। ଏହି ବିଧେୟକ ପାରିତ ହେବାପରେ ଉକ୍ତ ଅଞ୍ଚଳ ଆପାର୍ଟମେଣ୍ଟ ଆସୋସିଏଶନ ନାମରେ ରେଜିଷ୍ଟ୍ରେଶନ ଅଧିନିୟମ-୧୯୦୮ ଅନୁଯାୟୀ ରେଜିଷ୍ଟ୍ରି କରାଯିବ। ତେବେ ରିୟଲ ଇଷ୍ଟେଟ ଅଧିନିୟମ(ବିନିୟମ ଓ ଉନ୍ନୟନ)ଆଇନ-୨୦୧୬ ପରେ ଯଦି କୌଣସି ଆପାର୍ଟମେଣ୍ଟ ବିକ୍ରି ହୋଇଥିବ ଏବଂ କମନ୍ ଏରିଆ ଆସୋସିଏଶନ ନାମରେ ଆର୍ଓଆର୍ ହୋଇ ନ ଥିବ ସେ କ୍ଷେତ୍ରରେ ଓଡ଼ିଶା ଆପାର୍ଟମେଣ୍ଟ(ମାଲିକାନା ଓ ପରିଚାଳନା)ବିଲ୍-୨୦୨୩ ବ୍ୟବସ୍ଥା ଅନୁଯାୟୀ ରେଜିଷ୍ଟ୍ରି କରାଯିବାକୁ ବ୍ୟବସ୍ଥା ହୋଇଛି। ଆପାର୍ଟମେଣ୍ଟ ମାଲିକମାନେ ସଂଘର ବାଇ ଲ'କୁ ମାନି ଚଳିବାକୁ ହେବ। କମନ୍ ଏରିଆ ଯେଉଁ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ କେବଳ ସେହି ଉଦ୍ଦେଶ୍ୟରେ ବ୍ୟବହାର କରାଯିବ। ଆପାର୍ଟମେଣ୍ଟ ସଂଘର ନୀତିନିୟମକୁ କୌଣସି ପରିସ୍ଥିତିରେ ବାଧା ଦେବା କିମ୍ବା ହସ୍ତକ୍ଷେପ କରାଯାଇପାରିବ ନାହିଁ। ନିଜ ଆପାର୍ଟମେଣ୍ଟକୁ ନିଜ ଖର୍ଚ୍ଚରେ ମରାମତି କିମ୍ବା ରକ୍ଷଣାବେକ୍ଷଣ କରିପାରିବେ। ମାତ୍ର ସାଧାରଣ ସ୍ଥାନରେ ଥିବା କୌଣସି ଭାଗକୁ କ୍ଷତି ପହଞ୍ଚାଇ ପାରିବେ ନାହିଁ। ଆପାର୍ଟମେଣ୍ଟ କାନ୍ଥ କିମ୍ବା ସାଧାରଣ ସ୍ଥାନରେ ପୋଷ୍ଟର, ହୋର୍ଡିଂ ଲଗାଇପାରିବେ ନାହିଁ। ଆପାର୍ଟମେଣ୍ଟରେ କୌଣସି ଅଦଳବଦଳ କରିପାରିବେ ନାହିଁ କିମ୍ବା ଯୋଗ କରିପାରିବେ ନାହିଁ। ମାଲିକ ସଂଘର ଲିଖିତ ଅନୁମତି ନ ନେଇ ବାହାରପଟ ଝରକା କିମ୍ବା କାନ୍ଥର ରଙ୍ଗ ବଦଳାଇ ପାରିବେ ନାହିଁ। ଶିଡ଼ି କିମ୍ବା ସାଧାରଣ ଯାତାୟାତ ସ୍ଥାନରେ ଓଜନିଆ ଜିନିଷ ରଖିପାରିବେ ନାହିଁ। ଆପାର୍ଟମେଣ୍ଟ ମାଲିକ ଭଡ଼ାଟିଆମାନଙ୍କର କୌଣସି କାର୍ଯ୍ୟ ବା ତ୍ରୁଟି ପାଇଁ ଦାୟୀ ରହିବେ। ଆପାର୍ଟମେଣ୍ଟ ବ୍ୟବହାର ନ କଲେ ମଧ୍ୟ ସାଧାରଣ ବ୍ୟୟ ବାବଦକୁ ନିଜର ଅଂଶ ଦେବାକୁ ବାଧ୍ୟ। ଆପାର୍ଟମେଣ୍ଟ ବିକ୍ରି ପରେ ବକେୟା ଥିବା ସମସ୍ତ ସାଧାରଣ ଦେୟ ଦେବାକୁ ପଡ଼ିବ। ଜଣେ କ୍ରେତା ଯେତୋଟି ଆପାର୍ଟମେଣ୍ଟ କ୍ରୟକଲେ ମଧ୍ୟ ସଂଘର ଜଣେ ସଦସ୍ୟ ରୂପେ ବିବେଚିତ ହେବା ସହ ଗୋଟିଏ ଭୋଟ୍ ଦେବା ଅଧିକାର ପାଇବେ। ଯଦି ଆପାର୍ଟମେଣ୍ଟ କ୍ରେତାଙ୍କ ନାମରେ ଦଲିଲ ହୋଇ ନ ଥିବ ତେବେ ସେ ସଂଘର ସଦସ୍ୟ ହୋଇପାରିବେ ନାହିଁ। ଆପାର୍ଟମେଣ୍ଟ ମାଲିକ ସଂଘ ଗଠନ କରିବା ସହ ବିଧେୟକ କାର୍ଯ୍ୟକାରୀ ହେବାର ୬ ମାସ ଭିତରେ ପଞ୍ଜୀକରଣ କରିବାକୁ ହେବ। ପୂର୍ବରୁ ଥିବା ସଂଘଗୁଡ଼ିକ ମଧ୍ୟ ଏହି ବିଧେୟକ ଅନୁଯାୟୀ ପରିଚାଳିତ ହେବେ। ସଂଘର ବାଇ ଲ' ଅନୁସାରେ ସଂଘ ପରିଚାଳିତ ହେବ। ଉକ୍ତ ବିଧେୟକର ଧାରା-୧୫ ଅନୁଯାୟୀ ଯଦି ଆପାର୍ଟମେଣ୍ଟ ମାଲିକମାନେ ସଂଘ ଗଠନ କରିବାରେ ବିଫଳ ହେବେ କିମ୍ବା ଧାରା-୯ ଅନୁଯାୟୀ ଘୋଷଣାନାମାର କୌଣସି ସଂଶୋଧନକୁ ଦାଖଲ ନ କରନ୍ତି କିମ୍ବା ଧାରା-୮ ଅନୁଯାୟୀ ଆପାର୍ଟମେଣ୍ଟର ଅନ୍ତରଣ ଦଲିଲ ପଞ୍ଜୀକରଣ କରିବାରେ ବିଫଳ ହେବେ ଅକୁପାନ୍ସି ସାର୍ଟିଫିକେଟ୍ ନ ନେଇ ଆପାର୍ଟମେଣ୍ଟ ବିକ୍ରିକରି ଦୋଷୀ ସାବ୍ୟସ୍ତ ହେଲେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି। ଦୋଷୀ ସାବ୍ୟସ୍ତ ହେବାପରେ ଯଦି ଉଲ୍ଲଂଘନ ଜାରି ରହିବ ତେବେ ଦିନ ପିଛା ୨ ହଜାର ଟଙ୍କା ଲେଖାଏ ଅତିରିକ୍ତ ଜରିମାନାର ବ୍ୟବସ୍ଥା ରହିଛି। ଉକ୍ତ ବିଧେୟକ କାର୍ଯ୍ୟକାରୀ ହେବାପରେ ପୂର୍ବର ପ୍ରଚଳିତ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଅଧିନିୟମ-୧୯୮୨ ଅକାମୀ ହୋଇଯିବ।

ଏଠାରେ ସୂଚନାଯୋଗ୍ୟ, ପୁରୁଣା ଅଧିନିୟମରେ ଆପାର୍ଟମେଣ୍ଟ ସଂଘର ମାଲିକାନା ନେଇ କୌଣସି ବ୍ୟବସ୍ଥା ନ ଥିଲା। ଏ ନେଇ ହାଇକୋର୍ଟରେ ଏକାଧିକ ମାମଲା ବିଚାରାଧୀନ ରହିଛି। ଏଥିଯୋଗୁ ଗତ କିଛିମାସ ହେବ ଆପାର୍ଟମେଣ୍ଟ ପଞ୍ଜୀକୃତ କିମ୍ବା ବିକ୍ରି ହୋଇପାରୁ ନ ଥିଲା। ଫଳରେ ରାଜ୍ୟ ସରକାରଙ୍କର ବହୁ ରାଜସ୍ୱ ହାନି ମଧ୍ୟ ହେଉଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ବିଧେୟକ ୨୦୨୩ ଆଗତ ହୋଇଛି। ଏଥିରେ ଆପାର୍ଟମେଣ୍ଟ ସଂଘ ମାଲିକାନା ସହ ଆପାର୍ଟମେଣ୍ଟଗୁଡ଼ିକର ବୀମା, ୩୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଢାଞ୍ଚାଗୁଡ଼ିକର ଗୁଣବତ୍ତା ପରୀକ୍ଷା, କ୍ଷମତାପ୍ରାପ୍ତ ପ୍ରାଧିକାରୀଙ୍କ ନିର୍ଦ୍ଦେଶ ବିରୋଧରେ ଅପିଲ ଆଦି ବ୍ୟବସ୍ଥା କରାଯାଇଛି।

# କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲା: ପ୍ରଥମ ସାକ୍ଷ୍ୟ ଗ୍ରହଣ

**ଭଦ୍ରକ ଅଫିସ, ୨୭।୩**

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ସୋମବାର ଭଦ୍ରକ ଜିଲା ଜଜ୍ କୋର୍ଟରେ ପ୍ରଥମ ସାକ୍ଷ୍ୟ ଗ୍ରହଣ କରାଯାଇଛି। ପ୍ରଥମ ସାକ୍ଷୀ ଭାବେ ବାଂଶଡ଼ା ଥାନା ଅଧୀନ ସଦାନନ୍ଦପୁର ଗ୍ରାମର ଦେବାଶିଷ ଜେନା ସାକ୍ଷୀ ଦେଇଛନ୍ତି। ହତ୍ୟାକାଣ୍ଡ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରି ଚାର୍ଜଶିଟ୍ ଦାଖଲ କରିଛି। ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତ ଓ ତାଙ୍କ ସହଯୋଗୀ ଝୁନା ଭୋଇ ଏବେ ଭଦ୍ରକ ଜେଲରେ ବିଚାରାଧୀନ ବନ୍ଦୀ ଭାବେ ଅଛନ୍ତି। ରାମ ନବମୀ ପାଇଁ ପୋଲିସ ନିୟୋଜିତ ରହିଥିବା ବେଳେ ଆବଶ୍ୟକ ପୋଲିସ ସହାୟତା ନ ମିଳିବାରୁ ସେମାନଙ୍କୁ ବ୍ୟକ୍ତିଗତ ଭାବେ ହାଜର ନ କରାଇ ଭିଡିଓ କନଫରେନ୍ସ ମାଧ୍ୟମରେ କୋର୍ଟରେ ହାଜର କରାଯାଇଥିଲା।

ଦେବାଶିଷ ତାଙ୍କ ବୟାନରେ କହିଛନ୍ତି ଯେ, ତାଙ୍କ ଅଞ୍ଚଳର ସମସ୍ତ ଭିଡିଓ ଶୁଟିଂ କଲ୍ ସେ ମାନସଙ୍କୁ ଦେଉଥିଲେ। ପଳାସପୁର ଗ୍ରାମର ବଳଭଦ୍ର ଭୋଳଙ୍କ ଝିଅ ବାହାଘର ଶୁଟିଂ କଲ୍ ମଧ୍ୟ ସେ ମାନସଙ୍କୁ ଦେଇଥିଲେ। ୨୦୨୨ ଫେବୃୟାରୀ ୫ ସନ୍ଧ୍ୟାରେ ମାନସ ଭୁବନେଶ୍ୱରରୁ ଜଣେ ସହଯୋଗୀ ସହ ଆସି ତାଙ୍କ ପାଖରେ ପହଞ୍ଚିବା ପରେ ୬ ତାରିଖ ସକାଳେ ସେମାନଙ୍କୁ ନେଇ ବଳଭଦ୍ରଙ୍କ ଘରେ ଛାଡ଼ି ଆସିଥିଲେ। ୭ ତାରିଖ ବାହାଘର ଶୁଟିଂ ସରିବା ପରେ ସ୍କୁଟିରେ ଉଭୟଙ୍କୁ ନେଇ ଫେରିଥିଲେ। ପଳାସପୁର ମନ୍ଦିର ପାଖରେ ଜଣେ ଖବରଦାତା ତାଙ୍କୁ ଅଟକାଇଥିଲେ। ତାଙ୍କ ପଛରେ ପ୍ରେସ୍ ଲେଖାଥିବା ଏକ କାର୍ (ଓଡି ୦୨୬୫୯୯)ରେ ଦୁଇଜଣ ପୁରୁଷ ଏବଂ ଦୁଇଜଣ ମହିଳା ଆସି ମାନସଙ୍କୁ ମୋବାଇଲ, କ୍ୟାମେରା ଓ ଚିପ୍ ମାଗିଥିଲେ। ସେ ମନା କରିବାରୁ ତାଙ୍କ ଗାଲକୁ ଦୁଇ ଚାପୁଡ଼ା ମାରି କାର୍ ଭିତରକୁ ଘୋଷାଡ଼ି ନେଇ ବସାଇ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଶର୍ମିଷ୍ଠା ଓ ଝୁନାଙ୍କୁ ସେ ଚିହ୍ନିଥିଲେ। ମାତ୍ର ଜେଲରେ ଥିବା ଅଭିଯୁକ୍ତ ରଞ୍ଜନ ନାୟକ ବିଷୟରେ କିଛି କହିପାରି ନ ଥିଲେ।

75 Azadi Ka Amrit Mahotsav
G20 भारत 2023 INDIA
ଜିଏସ୍ଟି ଅଧୀନରେ ଲେଟର୍ ଅଫ୍ ଅଣ୍ଡରଟେକିଂ (ଏଲ୍ୟୁଟି)
ବ୍ୟବସାୟ କରିବାକୁ ସହଜ ବନାଇବା ଅଭିମୁଖେ ଏକ ପଦକ୍ଷେପ
ଆଇଜିଏସ୍ଟି ପୈଠ ନ କରି କିମ୍ବା ଏକ ରପ୍ତାନି ବଣ୍ଡ ଦାଖଲ ନ କରି ସାମଗ୍ରୀ କିମ୍ବା ସେବା ଅଥବା ଉଭୟର ଶୂନ୍ୟ-ରେଟେଡ୍ ଯୋଗାଣ କରିବା ପାଇଁ ଚାହୁଁଥିବା ଜିଏସ୍ଟି ଟିକସଦାତାଗଣ ଧ୍ୟାନଦିଅନ୍ତୁ; ଦୟାକରି ଜିଏସ୍ଟି ଅଧୀନରେ ଲେଟର୍ ଅଫ୍ ଅଣ୍ଡରଟେକିଂ ଦାଖଲ କରନ୍ତୁ
ତା୦୧।୦୪।୨୦୨୩ରିଖ କିମ୍ବା ତାହା ପରେ ଶୂନ୍ୟ-ରେଟେଡ୍ ଯୋଗାଣ କରିବା ନିମନ୍ତେ ଆର୍ଥିକବର୍ଷ ୨୦୨୩-୨୪ ପାଇଁ ନୂଆ ଲେଟର୍ ଅଫ୍ ଅଣ୍ଡରଟେକିଂ ଫର୍ମ ଜିଏସ୍ଟି ପୋର୍ଟାଲ୍‌ରେ ଉପଲବ୍ଧ
ଲେଟର୍ ଅଫ୍ ଅଣ୍ଡରଟେକିଂ କ'ଣ
ସମସ୍ତ ଶୂନ୍ୟ-ରେଟେଡ୍ ଯୋଗାଣ ଆଇଜିଏସ୍ଟି ପୈଠ ଆବଶ୍ୟକ କରିଥାଏ, ଯାହାକୁ ପରବର୍ତ୍ତୀ ସମୟରେ ରିଫଣ୍ଡ ଭାବେ ପୁନଃଦାବି କରାଯାଇପାରିବ । ସିଜିଏସ୍ଟି ଅଧିନିୟମ ଅଧୀନରେ ପଞ୍ଜୀକୃତ ଯେକୌଣସି ଯୋଗ୍ୟ ଯୋଗାଣକାରୀ* ଫର୍ମ ଜିଏସ୍ଟି ଆର୍‌ଏଫ୍‌ଡି-୧୧ରେ ଏଲ୍ୟୁଟି ଦାଖଲ କରିପାରିବେ ଏବଂ ଆଇଜିଏସ୍ଟି ପୈଠ ବିନା ଶୂନ୍ୟ-ରେଟେଡ୍ ସାମଗ୍ରୀ କିମ୍ବା ସେବା କିମ୍ବା ଉଭୟର ଯୋଗାଣ କରିପାରିବେ ।
ଏଲ୍ୟୁଟି ପ୍ରମାଣପତ୍ର ଫାଇଲିଂ ପ୍ରକ୍ରିୟା
ଜିଏସ୍ଟି ପୋର୍ଟାଲ୍ www.gst.gov.inରେ ଲଗ୍ ଇନ୍ କରନ୍ତୁ
Services > User Services > Furnish Letter of Undertaking (LUT) ଉପରେ କ୍ଲିକ୍ କରନ୍ତୁ
ଆବଶ୍ୟକ ବିବରଣୀ ପୂରଣ କରନ୍ତୁ ଓ ଫର୍ମ ଜିଏସ୍ଟି ଆର୍‌ଏଫ୍‌ଡି-୧୧ ଦାଖଲ କରନ୍ତୁ
*ସିଜିଏସ୍ଟି ଅଧିନିୟମ ଅଧୀନରେ ଟ୨.୫ କୋଟି କିମ୍ବା ତଦୂର୍ଦ୍ଧ୍ୱ ପରିମାଣର ଟିକସ ଫାଙ୍କିବା କାରଣରୁ ଦଣ୍ଡିତ ହୋଇଥିବା ବ୍ୟକ୍ତି ଏଲ୍ୟୁଟି ଦାଖଲ କରିବା ଲାଗି ଯୋଗ୍ୟ ହେବେନାହିଁ
ସବିଶେଷ ପଦ୍ଧତି ପାଇଁ, ଦୟାକରି ସ୍କାନ୍ କରନ୍ତୁ
cbc 15502/13/0024/2223
ଲେଟର୍ ଅଫ୍ ଅଣ୍ଡରଟେକିଂ ~ ଲିକ୍ୱିଡିଟିକୁ ସୁଗମ କରିଥାଏ
Central Board of Indirect Taxes and Customs
@cbic_india @cbicindia @cbicindia @CBIC INDIA @cbic www.cbic.gov.in






# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଣୁ ମାଇଲେ ଗୋ ହତ୍ୟା**
**ତେଣୁ ମାଇଲେ ବ୍ରହ୍ମ ହତ୍ୟା।**

ବେଳେବେଳେ ବ୍ୟକ୍ତି ଦୋ ସନ୍ଧିରେ ପଡ଼ିଯାଇଥାଏ। କେଉଁଟା କରିବ ବା କେଉଁଟା ଛାଡ଼ିବ ତା'ର କୂଳକିନାରା ପାଇ ନ ଥାଏ କି ସମୟୋପଯୋଗୀ ନିଷ୍ପତ୍ତି ନେବାରେ ବୁଦ୍ଧିବାଟ ଦିଶି ନ ଥାଏ। ବିଷମ ସମସ୍ୟାର ସମ୍ମୁଖୀନ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏକକୁ କହିଲେ ଦୁଇକି ବାଜେ**
**ଯେ ସେ ନାଗର, ସେ ଯେ ବୁଝେ।**

ମନର କଥା ବା ଭାଷା କେବଳ ମନର ମଣିଷ ହିଁ ବୁଝିଥାଏ। ଯେଉଁଠି ଗୋଟିଏ କଥାର ଦୁଇଟି ଅର୍ଥ ବାହାରେ, ସେଠି ସମ୍ପୃକ୍ତ ଚତୁର ବ୍ୟକ୍ତି ଜଣକ ହିଁ ଅତି ସହଜରେ ତା' ଭିତର ଅର୍ଥକୁ ଧରି ନିଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ମୃତ ଆଲବମ୍ ଅଭିନେତ୍ରୀଙ୍କ ଚକ୍ଷୁଦାନ କଲେ ପରିବାର ଲୋକେ

## ମାମୁଘରୁ ଅଭିନେତ୍ରୀ ରୁଚିସ୍ମିତା ଗୁରୁଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଥିଲା

## ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡ଼ିବ: ଏସ୍‌ପି


ରୁଚିସ୍ମିତା ଗୁରୁ

**ବଲାଙ୍ଗୀର ଅଫିସ, ୨୭।୩**

ମୋ ଝିଅ ତ ଚାଲିଗଲା, ହେଲେ ତା' ଆଖିରେ ଆଉ କେହି ଜଣେ ଦୁନିଆ ଦେଖୁ। ତେଣୁ ତା'ର ଦୁଇଆଖିକୁ ଦାନକରିଦେଲି। ଏହିଭଳି କହିଛନ୍ତି ମୃତ ଆଲବମ୍ ଅଭିନେତ୍ରୀ ରୁଚିସ୍ମିତା ଗୁରୁ(୨୬)ଙ୍କ ବାପା ପ୍ରଦୀପ କୁମାର ଗୁରୁ। ରବିବାର ରାତିରେ ବଲାଙ୍ଗୀର ସୁଦପଡ଼ାସ୍ଥିତ ମାମୁଘରୁ ଅଭିନେତ୍ରୀ ରୁଚିସ୍ମିତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ସୋମବାର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରଦୀପ କହିଛନ୍ତି, ରୁଚିସ୍ମିତା ପୁରୀ ଡିଏଭି ସ୍କୁଲ ଓ ସାମନ୍ତ ଚନ୍ଦ୍ରଶେଖର କଲେଜରେ ପଢ଼ିଥିଲେ। ସେ କେତୋଟି ଓଡ଼ିଆ ଆଲବମ୍ ଓ ଭଜନରେ ଅଭିନୟ କରିଥିଲେ। ଚଳଚ୍ଚିତ୍ର ଅଭିନେତ୍ରୀ ହେବାକୁ ଆଗ୍ରହୀ ଥିଲେ। ଏଥିପାଇଁ ଅନେକ ଥର ପ୍ରୟାସକରି ସେ ବିଫଳ ହୋଇଥିଲେ। ଏହାପରଠାରୁ ସେ ଡିପ୍ରେସନରେ ରହୁଥିଲେ। ଏହାହିଁ ତାଙ୍କ ମୃତ୍ୟୁର କାରଣ ବୋଲି ସେ କହିଛନ୍ତି। ରୁଚିସ୍ମିତାଙ୍କ ମା' କହିଛନ୍ତି ରବିବାର ସକାଳେ ଘରେ ଆଳୁ ପରଟା କରିବାକୁ ନେଇ ତାଙ୍କର ଝିଅ ସହ କଥା କଟାକଟି ହୋଇଥିଲା। ଏତିକି ଆଉ କିଛି ନୁହେଁ। ବଲାଙ୍ଗୀର ତାଲପାଲିପଡ଼ାରେ ରୁଚିସ୍ମିତାଙ୍କ ଘର। ସୁଦପଡ଼ାରେ ତାଙ୍କ ମାମୁଘର। ତେବେ ମାମୁଘରକୁ ଆସି ସେ କାହିଁକି ଝୁଲିପଡ଼ିଲେ ତାହାର କାରଣ ସ୍ପଷ୍ଟ ହୋଇନାହିଁ। ଘଟଣା ସମ୍ପର୍କରେ ଏସ୍‌ପି ନୀତିନ କୁଶଲକରଙ୍କୁ ପଚାରିବାରୁ ତଦନ୍ତ ଚାଲିଛି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କହିଛନ୍ତି।

# ଯୁକ୍ତ୨ ସାର୍ଟିଫିକେଟ ଦେୟ ପ୍ରତ୍ୟାହାର ଦାବି

## ସଚିବଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଯୁକ୍ତ୨ ଛାତ୍ରୀଛାତ୍ରଙ୍କ ଅରିଜିନାଲ ଓ ମାଇଗ୍ରେଶନ ସାର୍ଟିଫିକେଟ ବାବଦ ବର୍ଦ୍ଧିତ ଦେୟ ସଂପୂର୍ଣ୍ଣ ପ୍ରତ୍ୟାହାର କରିବା, କୌଣସି ଫି' ଆଦାୟ ନ କରି ସାର୍ଟିଫିକେଟ ପ୍ରଦାନ କରିବା, ସମସ୍ତ ପ୍ରକାର ଆଉଟ୍‌ସୋର୍ସିଂ ବନ୍ଦ କରିବା ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ସୋମବାର ବିଧାନସଭା ସମ୍ମୁଖରେ ଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ସ୍ଥଳରେ ଏଆଇଡିଏସ୍‌ଓ ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ଉପସଭାପତି ନିରୁପମା ବେହେରା, ଭାଗ୍ୟରବି ଦାସ, କୋଷାଧ୍ୟକ୍ଷ ସପ୍ତର୍ଷିନୀ ରାଉଳ, ସମ୍ପାଦକ ମଣ୍ଡଳୀ ସଦସ୍ୟମାନେ ଉଦ୍‌ବୋଧନ ଦେଇଥିଲେ। ବିକ୍ଷୋଭ ସ୍ଥଳରୁ ରାଜ୍ୟ ଉପସଭାପତି ଭାଗ୍ୟରବି ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳି ସଚିବାଳୟସ୍ଥିତ ସ୍କୁଲ ଓ ଗଣଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ବର୍ଦ୍ଧିତ ଫି' ସଂପୂର୍ଣ୍ଣ ପ୍ରତ୍ୟାହାର ହେବ ବୋଲି ସଚିବ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

# ଷ୍ଟାଟସ୍ ରିପୋର୍ଟ ଦାଖଲ ଲାଗି ୩ ମାସ ସମୟ ମାଗିଲା କେନ୍ଦ୍ର

## ପୋଲାଭରମ ବିବାଦ ମାମଲା

**ନୂଆଦିଲ୍ଲୀ, ୨୭।୩**



ପୋଲାଭରମ ଜଳସେଚନ ପ୍ରକଳ୍ପକୁ ନେଇ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ଛତିଶଗଡ଼ ମଧ୍ୟରେ ଲାଗିରହିଥିବା ବିବାଦର ସମାଧାନ ପାଇଁ ବୈଠକ ଡକାଯାଇଥିଲା। ଏହାର ଷ୍ଟାଟସ୍ ରିପୋର୍ଟ ଦାଖଲ ଲାଗି କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ୩ ମାସ ସମୟ ମାଗିଛନ୍ତି। ଜଷ୍ଟିସ୍ ଏସ୍.କେ. କୌଲଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠରେ ଏହାର ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇଥିଲା। ତେବେ ଦୁଇଜଣ ବିଚାରପତି ଉପସ୍ଥିତ ରହୁଥିବାରୁ ଶୁଣାଣି ହୋଇପାରି ନାହିଁ। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ସହ ଉପରୋକ୍ତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ ବୈଠକ କେବଳ ପରାମର୍ଶ ପର୍ଯ୍ୟାୟରେ ସୀମିତ ରହିଥିବାରୁ ଷ୍ଟାଟସ୍ ରିପୋର୍ଟ ଦାଖଲ ଲାଗି ୩ ମାସ ସମୟ ଦେବାକୁ କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଛନ୍ତି। ରିପୋର୍ଟ ଦାଖଲ ଲାଗି ଗତବର୍ଷ ଡିସେମ୍ବରରେ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟକୁ ୨ ମାସ ସମୟ ଦେଇଥିଲେ। ପୋଲାଭରମ ବିବାଦ ସମାଧାନରେ କେନ୍ଦ୍ର ସରକାର ଅଗ୍ରଣୀ ଭୂମିକା ନେବା ସହ ଆବଶ୍ୟକ ହେଲେ ମୁଖ୍ୟମନ୍ତ୍ରୀମାନଙ୍କ ବୈଠକ ଡାକିବାକୁ ପୂର୍ବରୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଥିଲେ। ଇତିମଧ୍ୟରେ ଜଳଶକ୍ତି ମନ୍ତ୍ରଣାଳୟ ସମ୍ପୃକ୍ତ ରାଜ୍ୟଗୁଡ଼ିକର ମୁଖ୍ୟ ସଚିବ ଓ ପରେ ଟେକ୍‌ନିକାଲ ଟିମ୍‌ର ବୈଠକ ଡାକିଥିଲା। ଉକ୍ତ ବୈଠକରେ ପଛୁଆ ଜଳ ଉପରେ ଅନୁଧ୍ୟାନ ଲାଗି ରାଜ୍ୟଗୁଡ଼ିକ ସହମତ ହୋଇଥିଲେ।

# 'ମନିଟରିଂ ପାଇଁ ଅବସରପ୍ରାପ୍ତ ବିଚାରପତି ଜେ.ପି. ଦାସଙ୍କୁ ହାଇକୋର୍ଟ ମନୋନୀତ କରିଛନ୍ତି'

## ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡ ତଦନ୍ତ ମାମଲା

**ବଲାଙ୍ଗୀର ଅଫିସ, ୨୭।୩**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡର ତଦନ୍ତକୁ ମନିଟରିଂ କରିବା ପାଇଁ ଅବସରପ୍ରାପ୍ତ ବିଚାରପତି ଜେ.ପି. ଦାସଙ୍କୁ ହାଇକୋର୍ଟ ମୁଖ୍ୟ ବିଚାରପତି ମନୋନୀତ କରିଛନ୍ତି। ସୂଚନା ଅଧିକାର ଆଇନ ଯୋଗେ ଓଡ଼ିଶା ହାଇକୋର୍ଟଙ୍କ ଜନସୂଚନା ଅଧିକାରୀ ତଥା ଆଡିସନାଲ ଡେପୁଟି ରେଜିଷ୍ଟ୍ରାର(ଜେ ଆଣ୍ଡ ଇ) ନିର୍ମଳେନ୍ଦୁଜୀ ଏ ସଂକ୍ରାନ୍ତୀୟ ତଥ୍ୟ ବଲାଙ୍ଗୀରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ପ୍ରଦାନ କରଛନ୍ତି। ପଣ୍ଡା କହିଛନ୍ତି, ରାଜ୍ୟ ସରକାରଙ୍କ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଗତ ଜାନୁୟାରୀ ୩୦ରେ ଚିଠି ନଂ. ୭୬/ସି ମାଧ୍ୟମରେ ହାଇକୋର୍ଟଙ୍କୁ ଚିଠି ଲେଖି ଜଣେ କାର୍ଯ୍ୟରତ, ଅବସରପ୍ରାପ୍ତ ବିଚାରପତିକିମ୍ବା ଜିଲା ଓ ସେସନ୍ସ ଜଜ୍‌ଙ୍କୁ ନବ ଦାସଙ୍କ ହତ୍ୟାକାଣ୍ଡ ତଦନ୍ତକୁ ତଦାରଖ କରିବା ପାଇଁ ନିବେଦନ କରିଥିଲେ। ଏହି ଚିଠିକୁ ଭିତ୍ତିକରି ହାଇକୋର୍ଟ ମୁଖ୍ୟ ବିଚାରପତି ଘଟଣାର ତଦନ୍ତକୁ ମନିଟରିଂ କରିବା ପାଇଁ ଅବସରପ୍ରାପ୍ତ ବିଚାରପତି ଜେ.ପି.ଦାସଙ୍କୁ ମନୋନୀତ କରିଥିବା କଥା ଫେବୃୟାରୀ ୧ତାରିଖରେ ଚିଠି ନମ୍ବର ୦୩/ଆର୍‌ଜି ମାଧ୍ୟମରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ଜଣାଇଦେଇଥିଲେ।

ନବ ଦାସଙ୍କୁ ଗତ ଜାନୁୟାରୀ ୨୯ରେ ଜଣେ ପୋଲିସ କର୍ମଚାରୀ ଗୁଳିକରି ହତ୍ୟା କରିଥିଲେ। ତା'ପରଦିନ ଅର୍ଥାତ୍ ୩୦ତାରିଖରେ ରାଜ୍ୟ ସରକାର ହାଇକୋର୍ଟଙ୍କୁ ଅନୁରୋଧ ପତ୍ର ଦେଇଛନ୍ତି ଓ ଫେବୃୟାରୀ ୧ରେ ଅବସରପ୍ରାପ୍ତ ବିଚାରପତି ଦାସଙ୍କୁ ମନୋନୀତ କରି ରାଜ୍ୟ ସରକାରଙ୍କୁ ହାଇକୋର୍ଟ ପକ୍ଷରୁ ଜଣାଇ ଦିଆଯାଇଛି। ତେଣୁ ତଦନ୍ତକୁ ହାଇକୋର୍ଟ ମନିଟର୍ଡ କରିବା ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତାକୁ ପ୍ରଶ୍ନ କରାଯାଇ ନ ପାରେ ବୋଲି ପଣ୍ଡା କହିଛନ୍ତି। ପୂର୍ବରୁ ନୟାଗଡ଼ ଯଦୁପୁରର କୋମଳମତି ଶିଶୁ ପରୀ ହତ୍ୟାକଣ୍ଡର ତଦନ୍ତକୁ ହାଇକୋର୍ଟ ମନିଟର୍ଡ ବୋଲି ମିଛ ପ୍ରଚାର କରାଯାଉଥିବା ବେଳେ ରାଜ୍ୟ ସରକାରଙ୍କ ନିବେଦନକୁ ହାଇକୋର୍ଟ ଅଗ୍ରାହ୍ୟ କରି ଦେଇଥିବା କଥା ସୂଚନା ଅଧିକାର କର୍ମୀ ପଣ୍ଡା ପ୍ରଥମେ ଗଣମାଧ୍ୟମରେ ତଥ୍ୟ ପ୍ରଦାନ କରିଥିଲେ।

## ସାର୍ଟିଫିକେଟ୍ ପାଇଁ...



ଜାଲ୍ ସାର୍ଟିଫିକେଟ୍ କାରବାରରେ ଗିରଫ ୧୯ ଅଭିଯୁକ୍ତ।

ସ୍କାନର, ଜେରକ୍ସ ମେଶିନ, ଏସ୍‌ଏସ୍‌ଡି ହାର୍ଡଡିସ୍କ, ମୋବାଇଲ ଫୋନ୍, ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷା ଅଧିକାରୀଙ୍କ ଅଫିସ୍‌କୁ ଲେଖାଯାଇଥିବା ଚିଠି, ଜାଲ୍ ସାର୍ଟିଫିକେଟ୍ କାରବାରର ଏକାଧିକ ଡାଏରି ଜବତ କରାଯାଇଛି। ଘଟଣା ପ୍ରଘଟ ହେବା ପରେ ୨ମାଷ୍ଟରମାଇଣ୍ଡ ହାର୍ଡଡିସ୍କରୁ ସମସ୍ତ ତଥ୍ୟ ଡିଲିଟ୍ କରିଦେଇଥିଲେ। ପରେ ପୋଲିସ ସମ୍ପୃକ୍ତ ଜବତ ହାର୍ଡଡିସ୍କରୁ ଜାଲ୍ ସାର୍ଟିଫିକେଟ୍‌ର ସମସ୍ତ କଳାଚିଠା ରିଟ୍ରାଇଭ କରିବାରେ ସଫଳ ହୋଇଥିଲା। ଅଭିଯୁକ୍ତ ମନୋଜ ମିଶ୍ର ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍)ରେ ଚାକିରି କରାଇଦେବା ପାଇଁ ଜଣେ ଯୁବକଙ୍କଠାରୁ ୫ଲକ୍ଷ ଟଙ୍କା ନେଇଥିବା ସୂଚନା ଦେଇଥିଲେ। ଏହାବ୍ୟତୀତ ଏମ୍‌ସିଏଲ୍‌ରେ ଅନ୍ୟମାନଙ୍କୁ ଚାକିରି କରାଇଦେବା ନାଁରେ ଟଙ୍କା ନେଣଦେଣ କରିଥିବା ଜଣାପଡ଼ିଛି। ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକର ସୋମବାର ଟାଉନ୍ ଥାନା ପରିସରରେ ଏ ସମ୍ପର୍କରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନର ଧାରା ୪୬୭, ୪୬୮, ୪୭୧, ୪୨୦, ୩୪, ୧୨୦ ବି'ରେ ମାମଲା ରୁଜୁ ହୋଇଛି।

ଏସ୍‌ପି କୁଶଲକର ଆହୁରି କହିଛନ୍ତି, ବଲାଙ୍ଗୀର ଡାକ ଅଧୀକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକଙ୍କ ଲିଖିତ ଅଭିଯୋଗ ପରେ ଟାଉନ୍ ଥାନାରେ ଏକ ମାମଲା (୧୪୧/୨୩) ରୁଜୁ କରାଯାଇଥିଲା। ଏହାପରେ ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅଧୀନ ଚାନ୍ଦୋତରାର ରଜତ କୁମାର ନାଏକଙ୍କ ଅଭିଯୋଗକ୍ରମେ ଆଉ ଏକ ମାମଲା(୧୪୩/୨୩) ରୁଜୁ କରାଯାଇଥିଲା। ଏହି ଦୁଇ ମାମଲାକୁ ଭିତ୍ତିକରି ପୋଲିସ ସ୍ୱତନ୍ତ୍ର ଟିମ୍ ରିଲାଏନ୍ସ ଏଜୁକେଶନ କମ୍ପ୍ଲେକ୍ସରେ ଚଢ଼ାଉ କରିଥିଲେ। ଏହି କୋଚିଂ ସେଣ୍ଟର ମାଲିକ ମନୋଜ ମିଶ୍ର, ସହଯୋଗୀ ଆଲୋକ ଉଦ୍‌ଗାତା ୨୦୧୬ ମସିହାରୁ ଜାଲ୍ ସାର୍ଟିଫିକେଟ୍ ର‍୍ୟାକେଟ ଚଳାଇଥିବା ଜଣାପଡ଼ିଥିଲା। ଅଭିଯୁକ୍ତ ମିଶ୍ର ଦେଶର ବିଭିନ୍ନ ସ୍ଥାନର ୪୧ ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟର କେତେଜଣ ଦଲାଲ ଓ କୋଅର୍ଡିନେଟରଙ୍କ ସହ ଯୋଗାଯୋଗରେ ଥିଲେ। ଅଭିଯୁକ୍ତ ଆଲୋକ ଉଦ୍‌ଗାତା ହେଉଛନ୍ତି ଜାଲ୍ ସାର୍ଟିଫିକେଟ୍ ତିଆରିର ବିଶେଷଜ୍ଞ। ବିଭିନ୍ନ ଶିକ୍ଷାନୁଷ୍ଠାନର ସାର୍ଟିଫିକେଟ୍‌କୁ ନିଖୁଣ ଭାବେ କପିକରି ସେଥିରେ ସମ୍ପୂର୍ଣ୍ଣ ଅରିଜିନାଲ ସିଲ୍, ଲୋଗୋ ଏବଂ ପ୍ରିଣ୍ଟ କାଢ଼ିବାରେ ସଫଳ ହୋଇଥିଲେ। ଏହାପରେ ସାର୍ଟିଫିକେଟ୍ ପିଛା ୫୦ହଜାରରୁ ୫ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଆଦାୟ କରୁଥିଲେ। ରିଲାଏନ୍ସ ଏଜୁକେଶନ କମ୍ପ୍ଲେକ୍ସ ୧୯୯୮ ମସିହାରୁ କୋଚିଂ ସେଣ୍ଟର ଭାବେ ଚାଲୁଛି ଏବଂ ୨୦୧୬ ମସିହାରୁ ଆଲୋକ ରଞ୍ଜନ ଉଦ୍‌ଗାତାଙ୍କ ସହ ମିଶି ଜାଲ୍ ସାର୍ଟିଫିକେଟ କାରବାରରେ ଲିପ୍ତ ହୋଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଏମାନଙ୍କଠାରୁ ଜାଲ୍ ସାର୍ଟିଫିକେଟ ନେଇ ବହୁ ଯୁବତୀଯୁବକ ଉଚ୍ଚ ଶିକ୍ଷାନୁଷ୍ଠାନରେ ପାଠ ପଢ଼ିବା ସହ ସରକାରୀ ଓ ବେସରକାରୀ ସଂସ୍ଥାରେ ଚାକିରି କରୁଛନ୍ତି। ଏହି ଜାଲ୍ ସାର୍ଟିଫିକେଟ କାରବାର କରି ଅଭିଯୁକ୍ତ ମିଶ୍ର ଓ ଉଦ୍‌ଗାତା କୋଟି କୋଟି ଟଙ୍କା ଉପାର୍ଜନ କରିଥିବା ଏସ୍‌ପି କୁଶଲକର ସୂଚନା ଦେଇଛନ୍ତି। ଜାଲ୍ ସାର୍ଟିଫିକେଟ କାରବାର ଏକ ଆନ୍ତଃ ରାଜ୍ୟ ର‍୍ୟାକେଟ ହୋଇଥିବାରୁ ଏଥିରେ ବିଭିନ୍ନ ରାଜ୍ୟର ବହୁ ଦଲାଲ ସମ୍ପୃକ୍ତ ଅଛନ୍ତି ଏବଂ ଏହାର ପର୍ଦ୍ଦାଫାଶ କରିବାକୁ ବଡ଼ଧରଣ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏହି ଜାଲ୍ ସାର୍ଟିଫିକେଟ ର‍୍ୟାକେଟ୍‌ରେ ବଲାଙ୍ଗୀର, ବରଗଡ଼, କଳାହାଣ୍ଡି, ବୌଦ୍ଧ, ସୁବର୍ଣ୍ଣପୁର ଓ ଢେଙ୍କାନାଳ ଜିଲା ସମେତ ଉତ୍ତରପ୍ରଦେଶ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣାଟକ, ସିକ୍କିମ, ରାଜସ୍ଥାନ, ମେଘାଳୟ, ମଧ୍ୟପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଗୁଜରାଟରେ ସକ୍ରିୟ ରହିଥିବା ସୂଚନା ଦେଇଛନ୍ତି। ବଲାଙ୍ଗୀରରେ ଧରାପଡ଼ିଥିବା ଜାଲ୍ ସାର୍ଟିଫିକେଟ ସ୍କାମ୍ କେବଳ ବରଫ ପାହାଡ଼ର ଶିଖର ସଦୃଶ। ଆହୁରି ବିଶାଳ ପାହାଡ଼ ଲୁଚି ରହିଛି ବୋଲି ଏସ୍‌ପି କୁଶଲକର ଗଣମାଧ୍ୟମକୁ କହିଛନ୍ତି।

ସେହିପରି କେନ୍ଦ୍ରାପଡ଼ା ଡାକ ଡିଭିଜନରେ ଗତ ଜାନୁୟାରୀ ୨୭ରେ ଗ୍ରାମୀଣ ଡାକ ସେବକ(ଜିଡିଏସ୍) ପଦବୀ ପାଇଁ ଭଦ୍ରକ ଜିଲା ଲୁଣିଆ ଗ୍ରାମର ଅନୀତା ଜେନା ନାମ୍ନୀ ଜଣେ ମହିଳା ଆବେଦନ କରିଥିଲେ। ହେଲେ ଯାଞ୍ଚ ସମୟରେ ସେ ଦାଖଲ କରିଥିବା ମାଟ୍ରିକ୍ ସାର୍ଟିଫିକେଟ ନକଲି ବୋଲି ଜଣାପଡ଼ିଥିଲା। ଉକ୍ତ ସାର୍ଟିଫିକେଟ ଉତ୍ତରପ୍ରଦେଶର ଏକ ଶିକ୍ଷାନୁଷ୍ଠାନରୁ ପ୍ରାପ୍ତ ହୋଇଥିବାବେଳେ ସେଥିରେ ସେ ଓଡ଼ିଆରେ ୧୦୦ରୁ ୯୯ ନମ୍ବର ରଖିଥିବା ଉଲ୍ଲେଖ ରହିଛି। ଯାଞ୍ଚ ସମୟରେ ଉତ୍ତରପ୍ରଦେଶର ଉକ୍ତ ଶିକ୍ଷାନୁଷ୍ଠାନରେ ଓଡ଼ିଆ ଭାଷା ନ ଥିବା ଜଣାପଡ଼ିଥିଲା। ଗତ ୨୧ତାରିଖରେ କେନ୍ଦ୍ରାପଡ଼ା ଡାକ ଅଧୀକ୍ଷକ ଦେବରାଜ ସେଠୀ ଉକ୍ତ ମହିଳାଙ୍କୁ ଡାକି ପଚାରିବାରେ ସେ ସତ ମାନିବା ସହ ଆବେଦନ ପତ୍ର ଫେରାଇ ନେବାକୁ କହିଥିଲେ। ଏପରି କି କୌଶଳକ୍ରମେ ସେଠାରୁ ପଳାଇ ଯାଇଥିଲେ। ଏନେଇ ଡାକ ଅଧୀକ୍ଷକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରିଥିବାବେଳେ ଘଟଣାର ତଦନ୍ତ କରୁଥିବା ପୋଲିସ କହିଛି।

## ଦେବୀ ନଦୀରେ...

ପୁଅ ତପନ ପାଣିକୁ ଯାଇ ନ ଥିବାରୁ ରକ୍ଷା ପାଇଯାଇଛନ୍ତି। ସମସ୍ତଙ୍କ ବୟସ ୧୬ରୁ ୧୭ ବର୍ଷ ମଧ୍ୟରେ ହେବ। ଚଳିତବର୍ଷ ବବୁଲ ମାଟ୍ରିକ ପରୀକ୍ଷା ଦେଇଥିବାବେଳେ ଅନ୍ୟ ୩ ଜଣ ସାଙ୍ଗ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ର। ଖବରପାଇ ଦମକଳ ବାହିନୀ ଏବଂ ଓଡ୍ରାଫ୍ ଟିମ୍ ପହଞ୍ଚି ଖୋଜାଖୋଜି କରିଥିଲେ। ଏହି ସମୟରେ ଦମକଳ କେନ୍ଦ୍ରର ମଟର ବୋଟ୍ ଖରାପ ହୋଇଯିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, କାହ୍ନାଙ୍କ ପରିବାର ଭୁବନେଶ୍ୱରରେ ରୁହନ୍ତି। ସେ ଶୁଭମ୍ ଓ ତପନଙ୍କୁ ନେଇ ରବିବାର ଆମ୍ବଶାଳ ଗ୍ରାମକୁ ଆସିଥିଲେ। ସୋମବାର ସକାଳେ ଏହି ୩ ସାଙ୍ଗଙ୍କ ସହ ବବୁଲ ୨ଟି ସାଇକେଲ ନେଇ ଦେବୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ନଦୀ ପଠାରେ ସାଇକେଲ



ଓ ପ୍ୟାଣ୍ଟଶାର୍ଟ ରଖି କାହ୍ନା ଓ ଶୁଭମ୍ ନଦୀରେ ଗାଧୋଉ ଥିବାବେଳେ ବବୁଲ ତୁଠ ନିକଟରେ ଠିଆହୋଇଥିଲେ। ଏହାଠାରୁ କିଛି ଦୂରରେ ଥିବା ଏକ ଗଛ ମୂଳରେ ବସି ତପନ ମୋବାଇଲ ଦେଖୁଥିଲେ। ଏହି ସମୟରେ ନଦୀରେ କାହ୍ନା ଓ ଶୁଭମ୍ ଭାସିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ବବୁଲ ମଧ୍ୟ ପାଣିରେ ବୁଡ଼ିଯାଇଥିଲେ। ସାଙ୍ଗମାନଙ୍କ ପାଟିଶୁଣି ତପନ ଦୌଡି ଆସି ନଦୀକୂଳ ନିକଟରେ ରହୁଥିବା ଲୋକଙ୍କୁ ଡାକିଥିଲେ। କିନ୍ତୁ ସେତେବେଳକୁ ୩ ସାଙ୍ଗଙ୍କ ଆଉ ପତ୍ତା ମିଳି ନ ଥିଲା। ଖବରପାଇ ଅଗ୍ନିଶମ ବାହିନୀ ଓ ବାଲିକୁଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଅଗ୍ନିଶମ ବାହିନୀ ନଦୀରେ ଖୋଜାଖୋଜି କରୁଥବାବେଳେ ବୋଟ୍ ଅଚଳ ହୋଇଯାଇଥିଲା। ପରେ ସ୍ଥାନୀୟ ଲୋକେ ଡଙ୍ଗାରେ ଜାଲ ପକାଇ ପ୍ରାୟ ୧ ଘଣ୍ଟା ପରେ ବବୁଲଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ତାଙ୍କୁ ସଙ୍ଗେସଙ୍ଗେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି କାହ୍ନାଙ୍କୁ ମୃତ ଅବସ୍ଥାରେ ଅପରାହ୍ନ ସମୟରେ ପାଣିରୁ ବାହାର କରିଛି। ଏହି ଘଟଣା ପ୍ରସାରିତ ହେବାପରେ ଦେବୀ ନଦୀ ପଠାରେ ଲୋକଙ୍କ ଭିଡ ଜମିବା ସହ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବାଲିକୁଦା ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ଥାନାରେ ଅପମୃତ୍ୟୁ ମାମଲା( ନଂ. ୫/୨୩) ରୁଜୁ କରିଛି। ଏଥିସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ସରକାରୀ ଘର...

୧୨ ତୁଗ୍‌ଲକ୍ ଲେନ୍ ବଙ୍ଗଳା ଦିଆଯାଇଥିଲା। ସେ ୨୦୧୯ରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କଠାରୁ ପରାସ୍ତ ହୋଇଥିଲେ। ତେବେ କେରଳର ୱାୟନାଡ ଆସନରୁ ରାହୁଲ ବିଜୟୀ ହୋଇଥିଲେ। ତେଣୁ ଜେନେରାଲ ପୁଲ୍ ରେସିଡେନ୍ସିଆଲ ଆକୋମୋଡେଶନ୍ (ଜିପିଆର୍‌ଏ) ଆଇନ ଅନୁସାରେ ସେ ଉକ୍ତ ସରକାରୀ ବାସଭବନରେ ରହିଆସୁଛନ୍ତି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାଙ୍ଗିଆକୁ ନେଇ ଆପତ୍ତିଜନକ ମନ୍ତବ୍ୟ ସମ୍ପର୍କିତ ଆପରାଧିକ ମାମଲାରେ ଗୁଜରାଟର ସୁରଟ କୋର୍ଟ ରାହୁଲଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ଏହା ପରେ ଲୋକ ସଭା ସେକ୍ରେଟାରିଏଟ୍ ମାର୍ଚ୍ଚ ୨୩ରୁ ରାହୁଲଙ୍କୁ ଅଯୋଗ୍ୟ ଘୋଷଣା କରିଥିଲା। ନିୟମ ଅନୁସାରେ ସେ ଅଯୋଗ୍ୟ ଘୋଷିତ ହେବାର ମାସକ ମଧ୍ୟରେ ସରକାରୀ କ୍ୱାର୍ଟର୍ସ ଛାଡ଼ିବା କଥା। ତେଣୁ ରାହୁଲଙ୍କୁ ଏପ୍ରିଲ ୨୨ ସୁଦ୍ଧା ବଙ୍ଗଳା ଖାଲି କରିବା ପାଇଁ ସୋମବାର ନୋଟିସ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରରେ ବିବାଦଜନିତ କୌଣସି ସମସ୍ୟା ଭିତରେ ଛନ୍ଦି ହୋଇଯିବାକୁ ପଡ଼ିପାରେ। ବନ୍ଧୁ ସାହାଯ୍ୟ ମାଗିପାରନ୍ତି, ଆଶଙ୍କାରେ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଅର୍ଥସଙ୍କଟ କାରଣରୁ ଧାରକରଜ କରି କାମ ଚଳାଇନେବେ। ପାରିବାରିକ କ୍ଷେତ୍ରରେ ନିଜ ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିବେ।

**ବୃଷ** – ସଙ୍କଟଜନକ ପରିସ୍ଥିତିରେ ବନ୍ଧୁଙ୍କ ସାହାଯ୍ୟରୁ ଆଶ୍ୱସ୍ତି ଅନୁଭବ କରିବେ। ଚେଷ୍ଟା କରୁଥିବା କାମଟି ପାଇଁ କଠିନ ଶ୍ରମ କରିବାକୁ ପଡ଼ିବ। ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସମସ୍ୟା ଯାହା ହେଉନା କାହିଁକି ନିଜକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ। ପରିକଳ୍ପିତ ନୂତନ କାମଟିରେ କୃତକାର୍ଯ୍ୟ ହୋଇପାରନ୍ତି।

**ମିଥୁନ** – କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ। ଶୀଘ୍ର ଚିକିତ୍ସାର ଆଶ୍ରୟ ନେବା କାରଣରୁ ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହୋଇପାରେ। ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପୂର୍ଣ୍ଣ କରିବା କଷ୍ଟକର ହୋଇପଡ଼ିବ।

**କର୍କଟ** – କର୍ମକ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। କିନ୍ତୁ ଯେତେ ଭଲ କାମ କଲେ ମଧ୍ୟ ନିଜ ଲୋକମାନଙ୍କ ଦ୍ୱାରା ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ପାରିବାରିକ ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିବାକୁ ପଡ଼ିବ। ମନଗଢ଼ା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ସିଂହ** – କର୍ମକ୍ଷେତ୍ରରେ ଚାପଗ୍ରସ୍ତ କାରଣରୁ କେତେକ ବାକିଆ କାମ ପାଇଁ ଚିନ୍ତା ବଢ଼ିଯିବ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଅଭାବ ଓ ଅସୁବିଧା ପ୍ରଭୃତିରେ ମନର ଆବେଗିକ କଥାକୁ ସହକର୍ମୀଟି ବୁଝିପାରିବ ନାହିଁ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା** – ଆକସ୍ମିକ ଭାବରେ ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ପରିସ୍ଥିତିବଶତଃ କଠିନ ପରିଶ୍ରମ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବାରୁ ମନ ଖୁସି ହୋଇଯିବ। ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**ତୁଳା** – ପାରସ୍ପରିକ ବୁଝାମଣା ହେତୁ ପରିବାରରେ ସୁଖ ଶାନ୍ତି ରାଜୁତି କରିବ। କର୍ମକ୍ଷେତ୍ରରେ କୌଣସି ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା, ଗବେଷଣା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଆଇନ ଅଦାଲତରେ ସମସ୍ୟା ସମାଧାନ ହେବା ଆଶା କରାଯାଇପାରେ।

**ବିଛା** – ବନ୍ଧୁଙ୍କ ସହ ଆଲୋଚନା ସମୟରେ ନିଜର ମତ ବଦଳାଇ ସମାଲୋଚିତ ହେବେ। ସଭାସମିତିରେ ସାହସିକତା ପ୍ରଦର୍ଶନକରି ପ୍ରଶଂସିତ ହେବେ। କ୍ରୀଡ଼ା, ସାହିତ୍ୟ, ସଂଗୀତ, ଚଳଚ୍ଚିତ୍ରାଦିରେ ସୁନାମ ଅର୍ଜନ କରିବେ। ଯାନବାହନରେ ଯିବା ଆସିବା ସମୟରେ ସତର୍କତା ରକ୍ଷା ନ କଲେ ବହୁମୂଲ୍ୟ ଦେବାକୁ ପଡ଼ିପାରେ।

**ଧନୁ** – ପାରିବାରିକ ସମସ୍ୟା ହେତୁ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଆଲୋଚନା, ଲେଖାପଢ଼ା, କଳା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରୁ ଶୁଭଫଳ ପାଇବେ। ବନ୍ଧୁଙ୍କ ସାହାଯ୍ୟରେ ପାଇବାକୁ ଥିବା ବକେୟା ଅର୍ଥ ଆଦାୟ କରିବେ।

**ମକର** – ପରିବାରରେ ଅପ୍ରୀତିକର ପରିସ୍ଥିତିଜନିତ ଘଟଣାର ଦିଗ ବଦଳିଯାଇପାରେ। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି ସମସ୍ୟା ସୃଷ୍ଟି କରିବ। ଶିଳ୍ପ, ବ୍ୟବସାୟ, ଯୋଗାଯୋଗ, ପରିବହନ, ପ୍ରଶାସନ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପିଲାଙ୍କ ପରୀକ୍ଷାର ସଫଳତାରେ ଆନନ୍ଦ ଅନୁଭବ କରିବେ।

**କୁମ୍ଭ** – ଯେତେ ପ୍ରକାର ଉପାୟ ଅବଲମ୍ବନ କଲେ ମଧ୍ୟ ସୁବିଧାରେ କାମ ହାସଲ କରିବା କଷ୍ଟକର ହେବ। ଆପଣଙ୍କ ଅଭାବନୀୟ ପରିସ୍ଥିତି ଦେଖି ପଡ଼ୋଶୀ ସହାନୁଭୂତି ପ୍ରଦର୍ଶନ କରିବେ। ପରିବାରରେ ବୁଝାମଣା ଠିକ୍ ରହିବା ହେତୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ମୀନ** – ପରିସ୍ଥିତିକୁ ଦେଖିତାହିଁ କାମ କରିବା ଭଲ ହେବ,ଅନ୍ୟଥା ତାହା ଜଟିଳତା ଆଡ଼କୁ ଗତି କରିପାରେ। ପରିବାରରେ ପୁରାତନ ରୋଗର ପୀଡ଼ା ଦୁଶ୍ଚିନ୍ତା ବୃଦ୍ଧି କରିବ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ବନ୍ଧୁ ଓ ଆତ୍ମୀୟସ୍ୱଜନଙ୍କ ତରଫରୁ ଜୀବନରେ ଅନାଦର ପାଇପାରନ୍ତି।

ଆଜି ଚୈତ୍ର ଶୁକ୍ଳ ସପ୍ତମୀ ମଙ୍ଗଳବାର, ମାର୍ଚ୍ଚ ୨୮ ତାରିଖ, ରାଶି ନକ୍ଷତ୍ର- ମୃଗଶିରା/ମିଥୁନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ୦୮।୪୯ ଗତେ, ଘ.୧୦।୩୯ ମଧ୍ୟେ, ଘ.୦୧।୦୪ ଗତେ, ଘ.୦୧।୨୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ, ଘ.୦୨।୫୪ ଗତେ, ଘ.୦୪।୨୫ ମଧ୍ୟେ ରାହୁକାଳ।

# ଯୋଡ଼ାରେ ସନ୍ଦିଗ୍ଧ ବେଲୁନ୍


ଗଛରେ ଝୁଲି ରହିଥିବା ଡିଭାଇସ।


ତଳେ ପଡ଼ିଥିବା ବେଲୁନ୍।

■ ଇଲେକ୍ଟ୍ରୋନିକ ଡିଭାଇସ ଜବତ କଲା ପୋଲିସ
■ ଅଞ୍ଚଳରେ ଭୟର ବାତାବରଣ

**ଯୋଡ଼ା,୨୭।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବିଲେଇପଦା ନିକଟ ବିରିକଳାଠାରେ ଏକ ସନ୍ଦିଗ୍ଧ ବେଲୁନ ଦେଖିବାକୁ ମିଳିଛି। ଗଛରେ ବାଜି ବେଲୁନଟି ଫାଟି ତଳେ ପଡ଼ିଥିବା ବେଳେ ଏକ ଇଲେକ୍ଟ୍ରୋନିକ ଡିଭାଇସ ଝୁଲି ରହିଛି। ଏହାକୁ ଦେଖି ସମ୍ପୃକ୍ତ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପ୍ରାଥମିକ ତଦନ୍ତରୁ ଏହା ଏକ ପାଣିପାଗ ମାପଯନ୍ତ୍ର ହୋଇଥିବା ଜଣାପଡ଼ିଥିବା ବେଳେ ଅଧିକ ତଦନ୍ତ ଜାରି ରହିଥିବା ଯୋଡ଼ା ଥାନା ଅଧିକାରୀ ଜୟନାରାୟଣ ଖଣ୍ଡେଇ ସୂଚନା ଦେଇଛନ୍ତି। ସମ୍ପୃକ୍ତ ଅଞ୍ଚଳର ରଞ୍ଜିତ ନାଏକ ଓ ସଞ୍ଜୀବ ମୁଣ୍ଡା କହିଛନ୍ତି, ସୋମବାର ସକାଳୁ ଗ୍ରାମର କେତେଜଣ ମହିଳା ମହୁଲ ସଂଗ୍ରହ କରିବା ପାଇଁ ଜଙ୍ଗଲକୁ ଯାଇଥିଲେ। ଏକ ଆମ୍ବ ଗଛ ଡାଳରେ ବେଲୁନ ଲାଗିଥିବା ଓ ଇଲେକ୍ଟ୍ରୋନିକ ଡିଭାଇସ ଝୁଲି ରହିଥିବା ଦେଖିଥିଲେ। ଏଥିରେ ଏକ ନାଲି ରଙ୍ଗର ଲାଇଟ୍ ଧପ୍ ଧପ୍ ହୋଇ ଜଳୁଥିଲା। ତଳେ ଏକ ଫଟା ବେଲୁନ୍ ମଧ୍ୟ ପଡ଼ିଥିଲା। ଖବର ପ୍ରଚାର ହେବା ପରେ ତାହାକୁ ଦେଖିବାକୁ ପ୍ରବଳ ଜନସମାଗମ ହୋଇଯାଇଥିଲା। ଖବର ପାଇ ଯୋଡ଼ା ପୋଲିସ ପହଞ୍ଚି ଗଛରୁ ବେଲୁନ ଓ ଡିଭାଇସକୁ କାଢ଼ି ଥାନାକୁ ନେଇଥିଲା। ଡିଭାଇସରେ ଇଂଲିଶରେ 'ୱେଥେକ୍ସ' ଲେଖା ରହିଛି। ବିଭିନ୍ନ ବଡ଼ ଖଣି କମ୍ପାନୀ ଏହାକୁ ଛାଡ଼ି ବାୟୁ ଓ ଧ୍ୱନି ପ୍ରଦୂଷଣ ସମ୍ପର୍କିତ ତଥ୍ୟ ସଂଗ୍ରହ କରିଥାଆନ୍ତି। ଏହା ରିମୋର୍ଟଦ୍ୱାରା ପରିଚାଳିତ ହୋଇଥାଏ। ଘଟଣାରେ ଅଧିକ ତଦନ୍ତ ଚାଲିଛି ବୋଲି ଯୋଡ଼ା ଥାନା ଅଧିକାରୀ କହିଛନ୍ତି।

ମାତ୍ର ବେଲୁନଟିକୁ କେଉଁ କମ୍ପାନୀ ଆକାଶ ମାର୍ଗକୁ ଛାଡ଼ିଥିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଖଣି ଅଞ୍ଚଳରେ ଅନେକ ସମୟରେ ଉଡ଼ାଜାହାଜ ଏବଂ ହେଲିକପ୍ଟର୍ ଯା ଆସ କରିଥାଏ। ନିକଟବର୍ତ୍ତୀ ଟଣ୍ଟୋ ଏୟାର ଷ୍ଟ୍ରିପ୍‌ରେ ଏଗୁଡ଼ିକ ଅବତରଣ କରିଥାନ୍ତି। ଏହିପରି ବେଲୁନ ସ୍ୱଳ୍ପ ଉଚ୍ଚତାରେ ଉଡୁଥିବାରୁ ଦୁର୍ଘଟଣାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ବେଲୁନ ଉଡ଼ାଇବା ଉପରେ ଏକ ରେଗୁଲେଟିଂ ବା ନିୟନ୍ତ୍ରିତ ବ୍ୟବସ୍ଥା ରହିବା ଉଚିତ୍ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ହାଇୱାକୁ ଧକ୍କା ଦେଲା ବସ୍

# ଶିଶୁଙ୍କ ସମେତ ୩ ମୃତ: ୧୫ ଗୁରୁତର

**ରାଉରକେଲା ଅଫିସ,୨୭।୩**

ଭୁବନେଶ୍ୱରରୁ ରାଉରକେଲା ଯାତ୍ରୀ ନେଇ ଆସୁଥିବା ପ୍ରଭା ନାମକ ଏକ ବସ୍ ସୋମବାର ଭୋର୍ ୩ଟାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ଟି ୧୪୩ ନଂ. ଜାତୀୟ ରାଜପଥର ଚାନ୍ଦିପୋଷ ଛକରେ ଛିଡ଼ା ହୋଇଥିବା ଏକ ହାଇୱାକୁ ଧକ୍କା ଦେବାରୁ ଜଣେ ଶିଶୁଙ୍କ ସମେତ ୩ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ବସ୍ ମାଲିକ ରାଉରକେଲା ସେକ୍ଟର-୧୬ ଅଞ୍ଚଳର ସତ୍ୟବ୍ରତ ନାୟକ(୩୩), ସେକ୍ଟର-୧୯ର ଅନୁପମ ବିବେକ ଲାକ୍ରା(୩୭) ଏବଂ ସିଭିଲ ଟାଉନସିପ୍‌ର ଅର୍ପିତା ଟୁଡୁ(୮)। ଏହି ଦୁର୍ଘଟଣାରେ ୧୫ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଏ ନେଇ ଚାନ୍ଦିପୋଷ ପୋଲିସ ଏକ ମାମଲା (ନଂ.୨୩।୨୩) ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁସାରେ, ସେହି ବସ୍ (ନଂ.ଓଡି୧୪ଏମ/୮୬୬୯) ରବିବାର ରାତି ସାଢ଼େ ୯ଟାରେ ଭୁବନେଶ୍ୱରରୁ ରାଉରକେଲା ଅଭିମୁଖେ ବାହାରିଥିଲା। ଏଥିରେ ମାଲିକଙ୍କ ସମେତ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିଲେ। ତେବେ ସୋମବାର ଭୋର୍ ୩ଟା ବେଳେ ଏହି ବସ୍ ରାଉରକେଲାଠାରୁ ୩୦ କି.ମି. ପୂର୍ବରୁ ୧୪୩ ନଂ. ଜାତୀୟ ରାଜପଥର ଚାନ୍ଦିପୋଷ ଛକ ଖୁସୁବୁ ଢାବା ନିକଟରେ ଛିଡ଼ା ହୋଇଥିବା ଏକ ଆଇରନ ବୋଝେଇ ହାଇୱା (ନଂ.ଓଡି୧୬ଏଫ୍/୨୭୭୫)କୁ ଧକ୍କା ଦେଇଥିଲା। ଫଳରେ ବସ୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଚୂର୍‌ମାର୍ ହୋଇଯାଇଥିଲା। ଖବର ପାଇ ଚାନ୍ଦିପୋଷ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସ୍‌ରୁ ୧୮ଜଣ ଆହତଙ୍କୁ ଉଦ୍ଧାର କରିଥିଲା ଏବଂ ସେମାନଙ୍କ ମଧ୍ୟରୁ ୭ଜଣଙ୍କୁ ଲହୁଣୀପଡ଼ା ସରକାରୀ ଡାକ୍ତରଖାନା ଏବଂ ଅନ୍ୟ ୧୧ଜଣଙ୍କୁ ଆର୍‌ଜିଏଚ୍‌କୁ ଚିକିତ୍ସା ଲାଗି ପଠାଇଥିଲା। ଆର୍‌ଜିଏଚ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ବସ୍ ମାଲିକ ନାୟକ ଓ ଶିଶୁ ଟୁଡୁଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଆର୍‌ଜିଏଚ୍‌ରେ ଅନ୍ୟ ଚିକିତ୍ସାଧୀନଙ୍କ ମଧ୍ୟରୁ ଅନୁପମଙ୍କ ସମେତ ୯ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଜେପି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଭୋର୍ ୪ଟା ସମୟରେ ଅନୁପମଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଚାନ୍ଦିପୋଷ ଥାନାଧିକାରୀ ତ୍ରିନାଥ ସେଠୀଙ୍କୁ ପଚାରିବାରୁ ସେ କହିଥିଲେ, କୌଣସି ଯାତ୍ରୀବାହୀ ବସ୍ ଲଙ୍ଗ୍ ଡ୍ରାଇଭ୍‌ରେ ଗଲେ ଅତି କମ୍‌ରେ ଦୁଇ ଜଣ ଡ୍ରାଇଭର ରହିବା କଥା। କିନ୍ତୁ ଦୁର୍ଘଟଣାଗ୍ରସ୍ତ ବସ୍‌ରେ ଜଣେ ଡ୍ରାଇଭର ଥିଲେ। ହୁଏତ ଭୋର୍ ସମୟରେ ଆଖି ଲାଗିଯାଇଥିବାରୁ ଏଭଳି ଅଘଟଣ ଘଟିଛି ବୋଲି ସେଠୀ କହିଥିଲେ।


ଦୁର୍ଘଟଣାଗ୍ରସ୍ତ ବସ୍।

## ମା' କୋଳରୁ ଚାଲିଗଲା ଏକମାତ୍ର ଝିଅ

ବସ୍ ଦୁର୍ଘଟଣାରେ ମା' କୋଳରୁ ଚାଲିଗଲା ଏକମାତ୍ର କୁନି ଝିଅ ଅର୍ପିତା। ରାଉରକେଲା ସିଭିଲ୍ ଟାଉନସିପ୍ ଅଞ୍ଚଳର ସୁଜାତା ଟୁଡୁ (୩୩)। ତାଙ୍କ ସ୍ୱାମୀ ଜସକେଶନ ଟୁଡୁ କୁଆଁରମୁଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗରେ କନିଷ୍ଠ ଯନ୍ତ୍ରୀ ଭାବେ କାମ କରନ୍ତି। ସ୍କୁଲ ଛୁଟି ଥିବାରୁ ସୁଜାତା ଓ ଏକମାତ୍ର ଆଠ ବର୍ଷର ଝିଅ ଅର୍ପିତା ବଡ଼ବାପାଙ୍କ ଘର ଭୁବନେଶ୍ୱର ବୁଲିବାକୁ ଯାଇ ରବିବାର ରାତିରେ ପ୍ରଭା ବସ୍‌ରେ ରାଉରକେଲା ଫେରୁଥିଲେ। କିନ୍ତୁ ଭାଗ୍ୟର ବିଡମ୍ବନା, ଘରେ ପହଞ୍ଚିବା ପୂର୍ବରୁ ବସ୍ ଦୁର୍ଘଟଣାରେ ମା' କୋଳରୁ ଅର୍ପିତା ସବୁଦିନ ପାଇଁ ଚାଲିଯାଇଛନ୍ତି। ଜସକେଶନ ଏହି ଦୁଃଖଦ ଘଟଣାରେ ଭାଙ୍ଗି ପଡିଛନ୍ତି। ଅନ୍ୟପଟେ ସୁଜାତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜେପି ହସ୍ପିଟାଲରେ ଚିକିତ୍ସା କରାଯାଉଛି।

# ମାଓବାଦୀ ନେତା ସବ୍ୟସାଚୀ ନିର୍ଦ୍ଦୋଷରେ ଖଲାସ

**ନୟାଗଡ଼ ରିଜର୍ଭ ପୋଲିସ ବାରାକ୍‌ରେ ମାଓବାଦୀ ଆକ୍ରମଣ ମାମଲା**

**ନୟାଗଡ଼ ଅଫିସ,୨୭।୩**

ନୟାଗଡ଼ ରିଜର୍ଭ ପୋଲିସ ବାରାକ୍‌ରେ ୨୦୦୮ରେ ଘଟିଥିବା ମାଓବାଦୀ ଆକ୍ରମଣ ମାମଲାର ରାୟ ନୟାଗଡ଼ ଜିଲା ଦୌରାଜଜଙ୍କ କୋର୍ଟରେ ସୋମବାର ପ୍ରକାଶ ପାଇଛି। ଜିଲା ଦୌରାଜଜ ରୂପଶ୍ରୀ ଚୌଧୁରୀ ପ୍ରମାଣ ଅଭାବରୁ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କ ସମେତ ଜଗତସିଂହପୁରର ମଞ୍ଜୁଲତା ମୁଦୁଲି ଓ କୋରାପୁଟର ପ୍ରତାପ କିମ୍ଭିକାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ନୟାଗଡ଼ରେ ୨୦୦୮ ଫେବୃୟାରୀ ୧୫ରେ ସଶସ୍ତ୍ର ମାଓବାଦୀମାନେ ଆକ୍ରମଣ କରି ତାଣ୍ଡବ ରଚିଥିଲେ। ସେଦିନ ରାତିରେ ନୟାଗଡ଼ର ରିଜର୍ଭ ଅଫିସ, ପିଟିଏସ୍, ନୟାଗଡ଼ ଥାନା, ମହିପୁର ଫାଣ୍ଡି, ନୂଆଗାଁ ଥାନା ଉପରେ ମାଓବାଦୀମାନେ ଅଚାନକ ଆକ୍ରମଣ କରିଥିଲେ। ଏଥିସହିତ ସେମାନେ ଦଶପଲ୍ଲା ଥାନା, ଆଇଆଇସିଙ୍କ ଘର ପୋଡ଼ିବା ସହ ଏକ ନଡ଼ିଆ ଟ୍ରକ୍‌କୁ ଅପହରଣ କରି ନେଇଥିଲେ। ଏହି ସୁଯୋଗରେ ସେମାନେ ରିଜର୍ଭ ଅଫିସ ଓ ପୋଲିସ ଟ୍ରେନିଂ ସ୍କୁଲ ଆର୍ମେରୀରୁ ୫୦ ହଜାରରୁ ଉର୍ଦ୍ଧ୍ୱ ଆମ୍ୟୁନେଶନ୍ସ(ଗୁଳି), ୩ ହଜାରରୁ ଉର୍ଦ୍ଧ୍ୱ ଗ୍ରେନେଡ୍, ୩୬-ହାଇ ଏକ୍ସପ୍ଲୋସିଭ୍ ବୋମା, ଏକେ ୪୭ ବନ୍ଧୁକ ଲୁଟି ନେଇଥିଲେ। ଉପରୋକ୍ତ ସାମଗ୍ରୀକୁ ଗୋଟିଏ ଘରୋଇ ବସ୍ ଓ ଏକ ମିନିଟ୍ରକ୍‌ରେ ମାଓବାଦୀ ନେଇ ଚାଲିଯାଇଥିଲେ। ଏହି ଆକ୍ରମଣରେ ୧୫ ପୋଲିସଙ୍କ ସହ ଜଣେ ସାଧାରଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ତେବେ ନୟାଗଡ଼ ରିଜର୍ଭ ପୋଲିସ ବାରାକ୍ ଆକ୍ରମଣ ଘଟଣାରେ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା, ମଞ୍ଜୁଲତା ମୁଦୁଲି ଓ ପ୍ରତାପ କିମ୍ଭିକାଙ୍କ ନାଁରେ ମାମଲା(ଏସ୍‌ଡି ୧୧୪/୧୫) ରୁଜୁ ହୋଇଥିଲା। ଏଥିରେ ୩ ଜଣ ନିର୍ଦ୍ଦୋଷରେ ଖଲାସ ହେବା ପରେ ମଞ୍ଜୁଲତା ଓ ପ୍ରତାପଙ୍କ ନାମରେ ଅନ୍ୟ କୌଣସି ମାମଲା ନାହିଁ। ସବ୍ୟସାଚୀଙ୍କ ନାମରେ ସମୁଦାୟ ୯ ମାମଲା ଥିଲା। ଦଶପଲ୍ଲା ଆକ୍ରମଣ ଘଟଣାରେ ୪ ମାମଲାରେ ସେ ନିର୍ଦ୍ଦୋଷରେ ଖଲାସ ହୋଇ ସାରିଛନ୍ତି।

ADMISSION OPEN ADMISSION OPEN
MARUTI PHARMACY COLLEGE BARGARH
(Kurla Road, Barahgoda)
COURSE OFFERED
D.PHARMA
(Management Seat)
SESSION-2023-24
CONTACT: 9438066954/ 7605930501
Sd./- Principal

SMiLE JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
• White Phenyle
• Black Phenyle
• Green Phenyle
• Liquid detergent
• Detergent Powder
• Packaging Materials
• Hand Wash
• Dish Wash
• Toilet Cleaner
• Glass Cleaner
• Sanitizer
• Agarbati
Free Training on all products
Other Chemicals
• Bleaching Powder • Alum
• Castic Soda • Acetic Acid
• HCL Acid • Dolomite Powder
• Sulphuric Acid • French chalk powder
Plot No.843, Palasuni, Bhubaneswar-751010
Mob.No.-9938069796, 9861049796



कार्यपालक अभियंता का कार्यालय
ग्रामीण विकास विशेष प्रमंडल, साहेबगंज

ई–निविदा आमंत्रण सूचना

ई– निविदा सूचना संख्या – RDD/SD/SAHIBGANJ/10/2022-23

1. कार्य की विस्तृत विवरणी:

| क्र0सं0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | साहेबगंज जिला के साहेबगंज नगर परिषद क्षेत्र के गोपालपुर से गंगा प्रसाद पूरब पंचायत अंतर्गत शोभनपुर भट्टा सिन्हा टोला के बीच बचोहिया नाला पर उच्चस्तरीय पुल का निर्माण | 584.28600 लाख रूपये | 11,69,000 रूपये | 10,000.00 रूपये | 24 माह |
| 2 | साहेबगंज जिला के साहेबगंज प्रखण्ड अंतर्गत शोभनपुर से किषन प्रसाद बजरंगबली के पास गरगंग नाला मे उच्चस्तरीय पुल का निर्माण। | 474.00 लाख रूपये | 9,48,000 रूपये | 10000.00 रूपये | 18 माह |
| 3 | साहेबगंज जिला के बरहरवा प्रखण्डन्तर्गत ग्राम बेहवतपुर में करेला बांध रोड से बेहवतपुर प्राईमरी स्कूल के बीच उच्चस्तरीय पुल निर्माण। | 296.00 लाख रूपये | 5,92,000 रूपये | 10000.00 रूपये | 18 माह |
| 4 | साहेबगंज जिला के बरहेट प्रखण्ड अंतर्गत पंचायत डोराई संथाली के ग्राम खुटौना एवं गादीगंज के बीच नाला में उच्चस्तरीय पुल निर्माण। | 129.00 लाख रूपये | 2,58,000 रूपये | 10000.00 रूपये | 15 माह |
| 5 | साहेबगंज जिला के बरहरवा प्रखण्ड अंतर्गत बरारी पंचायत के कोदालकटी नाला में उच्चस्तरीय पुल निर्माण। | 329.75600 लाख रूपये | 6,60,000 रूपये | 10,000.00 रूपये | 18 माह |
| 6 | साहेबगंज जिला के बोरियो प्रखण्ड अंतर्गत पहाड़पुर और चटकी के बीच नदी में उच्चस्तरीय पुल का निर्माण। | 331.84100 लाख रूपये | 6,64,000 रूपये | 10,000.00 रूपये | 18 माह |
| 7 | साहेबगंज जिला के प्रखण्ड बरहेट अंतर्गत छोटा कदमा से कुसमा हाई स्कूल के बीच गुमानी नदी पर उच्चस्तरीय पुल का निर्माण। | 564.51700 लाख रूपये | 11,30,000 रूपये | 10,000.00 रूपये | 24 माह |
| 8 | साहेबगंज जिला के प्रखण्ड बरहेट अंतर्गत बरमसिया से गादीगंज सड़क में नाला पर उच्चस्तरीय पुल का निर्माण। | 567.060 लाख रूपये | 11,35,000 रूपये | 10,000.00 रूपये | 24 माह |

2. वेबसाइट में निविदा प्रकाशन की तिथि – 06.04.2023
3. ई–निविदा प्राप्ति की तिथि एवं समय – दिनांक 06.04.2023 से दिनांक 15.04.2023 को अपराह्न 5:00 बजे तक।
4. निविदा शुल्क एवं अग्रधन की राशि जमा करने की अंतिम तिथि एवं समय 19.04.2023 अपराह्न 5:00 बजे तक।
5. निविदा शुल्क एवं अग्रधन की राशि जमा करने का स्थान :–
   i) जिला नियंत्रण कक्ष, साहेबगंज।
   ii) जिला नियंत्रण कक्ष, दुमका।
   iii) e-procurement cell, मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ0 एफ0 पी0 भवन, धुर्वा, राँची
6. निविदा शुल्क एवं अग्रधन की राशि जमा करने की तिथि को यदि राज्य में सरकारी अवकाश घोषित होता है, तो उक्त तिथि एवं समय अगले कार्यदिवस तक स्वतः विस्तारित समझी जायेगी।
7. निविदा खोलने का स्थान – e-procurement cell, मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ0 एफ0 पी0 भवन, धुर्वा, राँची
8. निविदा खोलने की तिथि एवं समय – 20.04.2023 अपराह्न 2:00 बजे
9. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, साहेबगंज।
10. ई–निविदा प्रकोष्ठ का दूरभाष सं० – 9431347401 (कार्यपालक अभियंता का दूरभाष नम्बर)
11. निविदा शुल्क राष्ट्रीयकृत बैंक द्वारा निर्गत ड्राफ्ट या बैकर्स चेक जो कार्यपालक अभियंता, ग्रामीण विकास विशेष प्रमंडल, साहेबगंज के पदनाम से देय हो देना होगा।
12. परिमाण विपत्र की राशि घट–बढ़ सकती है, तदनुसार अग्रधन की राशि देय होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, साहेबगंज।

PR 293697 (Rural Development) 22-23 (D)

G20 भारत 2023 INDIA
ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ପରିଷଦ
Azadi Ka Amrit Mahotsav

ଧ୍ୟାନ ଦିଅନ୍ତୁ!
ଟିକସ ବିୟୋଗକର୍ତ୍ତା, ଉପ-ନିବନ୍ଧକ, ଏସ୍‌ଏଫ୍‌ଟି ଦାଖଲକାରୀ, ବ୍ୟାଙ୍କ, ବୈଦେଶିକ ମୁଦ୍ରା ଡିଲର, ଆର୍ଥିକ ଅନୁଷ୍ଠାନ, ଇତ୍ୟାଦି

ଇ-ସତ୍ୟାପନ ଯୋଜନା, ୨୦୨୧

ଆପଣଙ୍କର ତତ୍ପର ଏବଂ ତ୍ରୁଟିଶୂନ୍ୟ ପ୍ରତ୍ୟୁତ୍ତର ଟିକସ ଅନୁପାଳନକୁ ସୁବିଧାଜନକ କରିଥାଏ



ଯୋଜନାର ଲକ୍ଷ୍ୟ
• ରିପୋର୍ଟିଂ ଏକକ ଦ୍ୱାରା ପ୍ରାପ୍ତ ହୋଇଥିବା ସୂଚନାକୁ ଟିକସଦାତାଙ୍କ ଦ୍ୱାରା ଦାଏର କରାଯାଇଥିବା ଆୟକର ରିଟର୍ନ (ଆଇଟିଆର୍) ସହିତ ମେଳ କରିବା ।
• ରିପୋର୍ଟିଂ ଏକକ ଏବଂ ଆଇଟିଆର୍‌ରେ ପ୍ରଦତ୍ତ ସୂଚନା ମଧ୍ୟରେ ଅମେଳ ହେଲେ, ଆୟକର ଅଧିନିୟମ, ୧୯୬୧ର ଧାରା ୧୩୯ (୮ଏ) ଅଧୀନରେ ଟିକସଦାତାଙ୍କୁ ସ୍ପଷ୍ଟୀକରଣ/ଅପ୍‌ଡେଟେଡ୍ ଆଇଟିଆର୍ ଦାଏର କରିବା ପାଇଁ ପଠାଯାଇଥାଏ, ଯଦି ଯୋଗ୍ୟ ହୋଇଥାନ୍ତି ।

ରିପୋର୍ଟିଂ ଏକକ ଭାବେ ଆପଣଙ୍କର ଭୂମିକା
• ଟିଡିଏସ୍/ଟିସିଏସ୍/ଏସ୍‌ଏଫ୍‌ଟି ଫାଇଲିଂରେ ଆପଣଙ୍କ ଦ୍ୱାରା ରିପୋର୍ଟ କରାଯାଇଥିବା ନେଣଦେଣକୁ ନେଇ ଟିକସଦାତା ଆପତ୍ତି ଉଠାଇପାରନ୍ତି ।
• ସେ କ୍ଷେତ୍ରରେ, ବିନିର୍ଦ୍ଦିଷ୍ଟ ନେଣଦେଣକୁ ସତ୍ୟାପିତ କରିବା ପାଇଁ ସିଆଇଟି (ଇ-ସତ୍ୟାପନ) ଆପଣଙ୍କ ସହିତ ଯୋଗାଯୋଗ କରିବ ।
• ଆପଣଙ୍କଠାରୁ ତତ୍ପର ଓ ତ୍ରୁଟିଶୂନ୍ୟ ପ୍ରତ୍ୟୁତ୍ତର ଅନୁରୋଧ କରାଯାଉଛି ।
• ଡିଜିଟାଲ ଇଣ୍ଡିଆର ସୁଦୃଢ଼ୀକରଣରେ ବିଭାଗର ଏକ ସକ୍ରିୟ ସହଭାଗୀ ହେବା ପାଇଁ ଆପଣଙ୍କୁ ଆହ୍ୱାନ କରାଯାଉଛି ।

cbc 15401/13/0024/2223

For e-Brochures, scan QR code
ସ୍ୱେଚ୍ଛାକୃତ ଟିକସ ଅନୁପାଳନକୁ ପ୍ରୋତ୍ସାହିତ କରାଯାଉଛି
For e-Verification Scheme 2021 scan QR code

ଟିଡିଏସ୍/ଟିସିଏସ୍/ଏସ୍‌ଏଫ୍‌ଟିର ବିବରଣୀ ସହଜରେ ଇ-ଫାଇଲିଂ କରିବା ପାଇଁ, ଲଗ୍ ଅନ୍ କରନ୍ତୁ:
• www.tdscpc.gov.in
• www.report.insight.gov.in
INCOME TAX DEPARTMENT
ସହାୟତା ଡେସ୍କ
ଟିଡିଏସ୍ ସିପିସି : 1800 103 0344
ଅନୁପାଳନ ପୋର୍ଟାଲ : 1800 103 4215

@IncomeTaxIndia @IncomeTaxIndia.Official @IncomeTaxIndiaOfficial @Income Tax India @Income Tax India Official

ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେକରିବା ଭୁଲ। ଈଶୋପନିଷଦ କହେ– ସବୁ ତ୍ୟାଗ କର। ତେବେ ସବୁ ଭୋଗ କରିପାରିବ। ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ। ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ – ତୁମେ ତୁମର ଶତବର୍ଷର ଜୀବନଯାପନ କରିବାକୁ ବାଞ୍ଛାକରିପାରିବ। **–ଶ୍ରୀଅରବିନ୍ଦ**

# ଆଣବିକ ଭୟ ବଢ଼ୁଛି

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ କହିଛନ୍ତି ଯେ, ବେଲାରୁଷ୍‌ରେ କୌଶଳଗତ ଆଣବିକ ଅସ୍ତ୍ରଶସ୍ତ୍ର ମୁତୟନ କରାଯିବ। ପୁଟିନ୍‌ଙ୍କର ଏଭଳି ଯୋଜନା ସାମ୍ପ୍ରତିକ ଯୁଦ୍ଧ ପରିସ୍ଥିତିରେ ଅଧିକ ଉତ୍ତେଜନା ସୃଷ୍ଟି କରିବା ସହ ଏହା ୟୁକ୍ରେନ୍‌କୁ ସାମରିକ ସହଯୋଗ କରୁଥିବା ନାଟୋକୁ ଚେତାବନୀ ଦେଇଛି। ଉଲ୍ଲେଖଯୋଗ୍ୟ ଯେ, ୨୪ ଫେବୃୟାରୀ ୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିଥିଲା। ଏହି ଯୁଦ୍ଧକୁ ୧ ବର୍ଷ ଟପିଗଲାଣି ଓ ଏହାମଧ୍ୟରେ ପୁଟିନ୍ ବହୁବାର ଆଣବିକ ଆକ୍ରମଣର ସଙ୍କେତ ଦେଇସାରିଛନ୍ତି। ତେବେ ୨୬ ମାର୍ଚ୍ଚରେ ବେଲାରୁଷ୍‌ରେ ଆଣବିକ ଅସ୍ତ୍ର ମୁତୟନକୁ ନେଇ ପୁଟିନ୍‌ଙ୍କ ଘୋଷଣା ବିଶ୍ୱ ସମୁଦାୟକୁ ଚିନ୍ତାରେ ପକାଇଛି। ଆମେରିକା ତାହାର ଅଣୁଅସ୍ତ୍ର ବିଭିନ୍ନ ୟୁରୋପୀୟ ଦେଶରେ ଗଚ୍ଛିତ ରଖିଥିବାରୁ ରୁଷିଆ ତରଫରୁ ଏଭଳି ଘୋଷଣା କରାଯାଇଛି ବୋଲି ପୁଟିନ୍ କହିଛନ୍ତି। ବଡ଼କଥା ହେଉଛି, ଅଣୁଅସ୍ତ୍ର ନିୟନ୍ତ୍ରଣ କ୍ଷମତା ବେଲାରୁଷ୍ ନିକଟରେ ରହିବ ନାହିଁ ବୋଲି ପୁଟିନ୍ ପ୍ରକାଶ କରିଛନ୍ତି। ଏହା ସଷ୍ଟକରୁଛି ଯେ, ରୁଷିଆ ନିଜକୁ ଅସୁରକ୍ଷିତ ମନେକରୁଛି ଓ ଆଣବିକ ଯୁଦ୍ଧର ନିକଟତର ହେଉଛି। ଅନ୍ୟପକ୍ଷରେ ନାଟୋ ବଳରେ ଏଯାବତ ୟୁକ୍ରେନ୍ ଯୁଦ୍ଧ କରିଆସୁଛି ଓ ରୁଷିଆକୁ କଡ଼ା ଜବାବ ଦେଉଥିଲେ ବି ବେଲାରୁଷ୍‌ରେ ଆଣବିକ ଅସ୍ତ୍ର ମୁତୟନ ଉପରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଜାତିସଂଘ ସୁରକ୍ଷା ପରିଷଦର ଜରୁରୀ ବୈଠକ ପାଇଁ ଦାବି କରିଛନ୍ତି। ବେଲାରୁଷ୍‌ରେ ଆଣବିକ ଅସ୍ତ୍ର ରଖିବାର ନିଷ୍ପତ୍ତି ପଛର ପ୍ରମୁଖ କାରଣ ହୋଇପାରେ, ସେଗୁଡ଼ିକ ଭୌଗୋଳିକ ଦୃଷ୍ଟିରୁ ୟୁରୋପ ଉପରେ ଆକ୍ରମଣ ପାଇଁ ସହଜରେ ବ୍ୟବହାର ହୋଇପାରିବ। ୧୯୯୧ରେ ସୋଭିଏଟ୍ ସଂଘର ପତନ ପରେ ନୂତନ ଭାବେ ସ୍ୱାଧୀନ ହୋଇଥିବା ରୁଷିଆ ସମେତ ବେଲାରୁଷ, ୟୁକ୍ରେନ୍ ଓ ଉଜ୍‌ବେକିସ୍ତାନରେ ଆଣବିକ ଅସ୍ତ୍ରଶସ୍ତ୍ର ଗଚ୍ଛିତ ଥିଲା। ପରେ ୧୯୯୨ରେ ଏହି ଦେଶଗୁଡ଼ିକ ମିଳିତ ଭାବେ ରୁଷିଆକୁ ସବୁ ଆଣବିକ ଅସ୍ତ୍ରଶସ୍ତ୍ର ଫେରାଇବାକୁ ନିଷ୍ପତ୍ତି ନେଇଥିଲେ ଏବଂ ୧୯୯୬ରେ ଅସ୍ତ୍ରଶସ୍ତ୍ର ରୁଷିଆକୁ ଆସିବା ପ୍ରକ୍ରିୟା ଶେଷ ହୋଇଥିଲା।

> **ଏବକା ପରିସ୍ଥିତିରେ ବିଶ୍ୱର ସବୁଠୁ ଆଣବିକ ଶକ୍ତି ସମ୍ପନ୍ନ ରାଷ୍ଟ୍ର ରୁଷିଆ ବାରମ୍ବାର ଆଣବିକ ଅସ୍ତ୍ର ପ୍ରୟୋଗର ଧମକ ଦେବା ଓ ଏଥିପାଇଁ ଯୋଜନାବଦ୍ଧ ଭାବେ ଆଗେଇବାରୁ ଜଣାପଡ଼େ ଯେ, ବିଶ୍ୱ ଆଉ ଏକ ଆଣବିକ ଯୁଦ୍ଧର ନିକଟତର ହୋଇଥାଇପାରେ। କିନ୍ତୁ ଏ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ୟୁକ୍ରେନ୍ ଯୁଦ୍ଧ ସମ୍ପର୍କରେ ଚିନ୍ତା ଉପୁଜୁନାହିଁ।**

ରୁଷିଆ–ୟୁକ୍ରେନ୍ ଯୁଦ୍ଧର ସ୍ଥିତି ବଦଳିବାରେ ଲାଗିଛି। ପ୍ରଥମେ ରୁଷିଆ ପ୍ରବଳ ଆକ୍ରମଣ କରି ଅନେକ ଅଞ୍ଚଳ ଦଖଲ କରିବା ପରେ ୟୁକ୍ରେନ୍ ନାଟୋ ସହଯୋଗରେ ରୁଷିଆ ସେନାକୁ ସାମ୍‌ନା କରି ସ୍ଥିତିରେ ପରିବର୍ତ୍ତନ ଆଣିଥିଲା। ପରେ ୟୁକ୍ରେନ୍ ରୁଷିଆଠାରୁ ଗୋଟିଏ ପରେ ଗୋଟିଏ ଅଞ୍ଚଳ ଛଡ଼ାଇ ନେବାରେ ସକ୍ଷମ ହେଲା। ଯୁଦ୍ଧରେ ୨୦୨୨ ଅକ୍ଟୋବର ପର୍ଯ୍ୟନ୍ତ ୟୁକ୍ରେନ୍ ରୁଷିଆକୁ ପ୍ରତିହତ କରିପାରିଥିଲା। ପରେ ଇରାନଠାରୁ ଡ୍ରୋନ କିଣି ୟୁକ୍ରେନ୍‌ରେ ବ୍ୟବହାର କଲା ରୁଷିଆ। ତେବେ ସମ୍ପ୍ରତି ନାଟୋ ପକ୍ଷରୁ ୟୁକ୍ରେନ୍ ସେନାକୁ ଅଧିକ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ବିଶେଷକରି ଲିଓପାର୍ଡ ଟ୍ୟାଙ୍କ ଯୋଗାଇ ଦେବା ପ୍ରତିଶ୍ରୁତି ରୁଷିଆକୁ ବ୍ୟତିବ୍ୟସ୍ତ କରିଛି। ୧୯୪୫ ମସିହା ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷ ପର୍ଯ୍ୟାୟରେ ଆମେରିକା ତାହାର ଅଣୁବୋମା ଜାପାନ ଉପରେ ପକାଇଥିଲା। ହିରୋଶିମା ଓ ନାଗାସାକୀ ବିଭୀଷିକାକୁ ଆଜି ପର୍ଯ୍ୟନ୍ତ ପୃଥିବୀ ଭୁଲି ପାରିନାହିଁ। ଏବକା ପରିସ୍ଥିତିରେ ବିଶ୍ୱର ସବୁଠୁ ଆଣବିକ ଶକ୍ତି ସମ୍ପନ୍ନ ରାଷ୍ଟ୍ର ରୁଷିଆ ବାରମ୍ବାର ଆଣବିକ ଅସ୍ତ୍ର ପ୍ରୟୋଗର ଧମକ ଦେବା ଓ ଏଥିପାଇଁ ଯୋଜନାବଦ୍ଧ ଭାବେ ଆଗେଇବାରୁ ଜଣାପଡ଼େ ଯେ, ବିଶ୍ୱ ଆଉ ଏକ ଆଣବିକ ଯୁଦ୍ଧର ନିକଟତର ହୋଇଥାଇପାରେ। କିନ୍ତୁ ଏ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ୟୁକ୍ରେନ୍ ଯୁଦ୍ଧ ସମ୍ପର୍କରେ ଚିନ୍ତା ଉପୁଜୁନାହିଁ। ଭାରତ ଭଳି ଦେଶ ରୁଷିଆକୁ ସମର୍ଥନ କରି ପ୍ରୋତ୍ସାହିତ କରୁଥିବାବେଳେ ଭବିଷ୍ୟତରେ ତାହା ଅନେକ ସମସ୍ୟା ସୃଷ୍ଟି କରିପାରେ। ଆଜିର ପୃଥିବୀରେ ଯେଉଁ ପ୍ରକାରର ବୈଦେଶିକ ନୀତି ପ୍ରଣୟନ ହେବା ଦରକାର, ତାହା ଭାରତ ଚିନ୍ତା କରୁନାହିଁ। ଅଣୁଅସ୍ତ୍ର ବ୍ୟବହାର କଲେ ରୁଷିଆର କ୍ଷତି ସୀମିତ ରହିବ ନାହିଁ। ତାହାର ଫଳାଫଳ ସମଗ୍ର ପୃଥିବୀକୁ ତଳିତଳାନ୍ତ କରିଦେବାର ସମ୍ଭାବନା ରଖିଛି। ସମ୍ଭବତଃ ସେଥିପାଇଁ ଚାଇନାର ଶି ଜିନପିଙ୍ଗ ନିକଟରେ ପୁଟିନ୍‌ଙ୍କୁ ଭେଟି ସମର୍ଥନ ଜଣାଇଛନ୍ତି। କିନ୍ତୁ ସେହି ସାକ୍ଷାତର ଫଳାଫଳ କେଉଁ ମୋଡ଼ ନେବ ତାହା ଆକଳନ କରିବା ଏବେ କଷ୍ଟକର।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | 1 | | | | 5 | | | |
| | | 6 | | 8 | | | | |
| | | 8 | | | | | | 7 |
| | | | | | 8 | | | |
| | 2 | | | | 3 | | 9 | 5 |
| | | 3 | 7 | | | | 2 | |
| | 3 | | | | 1 | | 6 | |
| | 6 | 1 | 9 | 7 | | | | |
| | | 9 | 5 | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 8 | 1 | 6 | 4 | 5 | 3 | 9 |
| 4 | 5 | 3 | 9 | 8 | 7 | 1 | 2 | 6 |
| 9 | 1 | 6 | 2 | 3 | 5 | 8 | 7 | 4 |
| 1 | 8 | 5 | 4 | 2 | 3 | 9 | 6 | 7 |
| 2 | 3 | 7 | 8 | 9 | 6 | 4 | 1 | 5 |
| 6 | 9 | 4 | 7 | 5 | 1 | 2 | 8 | 3 |
| 8 | 7 | 1 | 3 | 4 | 9 | 6 | 5 | 2 |
| 3 | 6 | 9 | 5 | 1 | 2 | 7 | 4 | 8 |
| 5 | 4 | 2 | 6 | 7 | 8 | 3 | 9 | 1 |

ଗତକାଲିର ଉତ୍ତର

# ପକ୍ଷୀ ଓ ପରିବେଶ



ଡ. ପ୍ରଫୁଲ୍ଲ କୁମାର ସାହୁ

ଆଗେ ପ୍ରାୟତଃ ସବୁ ଗାଁ ମୁଣ୍ଡରେ ଥିଲା ବଡ଼ ବଡ଼ ଝଙ୍କାଳିଆ ବରଗଛ। କେଉଁ ସ୍ମରଣାତୀତ କାଳରୁ ରହିଆସିଥିବା ଏହି ବୃକ୍ଷର ଶାଖା ପ୍ରଶାଖାର ବିସ୍ତୃତି ତଥା ଚେର ଓ ଓହଳମାନଙ୍କ ପରସ୍ପର ସହଯୋଗ କାରଣରୁ ବର୍ଷା ଓ ବନ୍ୟା ଧୋଇ ନେଇ ପାରୁନଥିଲା ଗାଁର ଚେନାଏ ବି ମାଟି। ତାହା ରୌଦ୍ରତାପରୁ ପଥିକକୁ ରକ୍ଷା କରୁଥିଲା ଏବଂ ତା' ଡାଳରେ ବସା ବାନ୍ଧିଥିଲେ ନାନା ଜାତିର ପକ୍ଷୀ। ରାତି ନ ପାହୁଣୁ ସେମାନଙ୍କ ମିଠା କାକଳିରେ ମୁଖରିତ ହେଉଥିଲା ପରିବେଶ। ଏହି ବିଶାଳ ଗଛଗୁଡ଼ିକ ମଣିଷର ସୃଷ୍ଟି ନୁହେଁ, ଏହା ଥିଲା କାଉମାନଙ୍କ ଦାନ।

ଆଗେ ଆମ ପାଇଁ ଶୁଭ ସକାଳର ସନ୍ଦେଶ ନେଇ ଆସୁଥିଲା କାଉ। ସକାଳ ହେଲେ ତା'ର କା' କା' ଡାକରେ ଭାଙ୍ଗୁଥିଲା ନିଦ। ସେଥିପାଇଁ ପିଲାଙ୍କ ବହିରେ ଲେଖାଯାଇଛି – ''ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନ କର ଆଉ''। ଆମ ପରିବେଶକୁ ପରିଷ୍କାର ରଖିବା ପାଇଁ କାଉ ବୁଲି ବୁଲି ସଫା କରୁଥିଲା ମଇଳା। ଖୁବ୍ ଚତୁର, ଶିଷ୍ଟ, ରୁଚିପୂର୍ଣ୍ଣ, ଶୃଙ୍ଖଳିତ ଓ ପରିବାରମନସ୍କ ପକ୍ଷୀଟିଏ। ଆମେ ପୂର୍ବରୁ ଶୁଣିଥିବା କାଉମାନଙ୍କ ଉପରେ କରାଯାଇଥିବା ଗବେଷଣା ଅନୁସାରେ ସେମାନେ ଏପରି ସମସ୍ୟାର ସମାଧାନ କରିପାରନ୍ତି, ଯାହା ପାଇଁ ଆବଶ୍ୟକ ହୁଏ ବୌଦ୍ଧିକ ଚିନ୍ତନ। କୁଆ ଓ ମାଠିଆ ଗପ ସେମାନଙ୍କର ଚତୁରତାର ଏକ ସୁନ୍ଦର ଦୃଷ୍ଟାନ୍ତ। ବିହେଭିୟାରାଲ ଇକୋଲୋଜି ଏଣ୍ଡ ସୋସିଓଲଜି ପତ୍ରିକାରେ ପ୍ରକାଶିତ ଏକ ଅନୁଧ୍ୟାନ ରିପୋର୍ଟ ଅନୁସାରେ କାଉମାନଙ୍କର ସ୍ମୃତିଶକ୍ତି ଅତି ପ୍ରଖର। ସେମାନେ ମୁହଁ ଦେଖି ବିପଜ୍ଜନକ ମଣିଷଙ୍କୁ ଠଉରେଇ ନିଅନ୍ତି ଓ ମନେରଖିପାରନ୍ତି ଦୀର୍ଘଦିନ ପର୍ଯ୍ୟନ୍ତ। ଲୋକବିଶ୍ୱାସ ଅନୁସାରେ କାଉ ହେଉଛି ପିତୃପକ୍ଷର ପ୍ରତିନିଧି। ଆଶ୍ୱିନ କୃଷ୍ଣପକ୍ଷରେ ପିତୃପକ୍ଷ ପାଳନ ହୁଏ, ଯେତେବେଳେ କାଉମାନଙ୍କର ଅଣ୍ଡାଦିଆ ଋତୁ। ଅଣ୍ଡା ଉଷୁମେଇବା ସମୟରେ ମାଆ କାଉଟି ଆବଶ୍ୟକ କରେ ଖାଦ୍ୟ। ସେତିକିବେଳେ ପିତୃପକ୍ଷ ପାଳନ କରିବାକୁ ଯାଇ କାଉକୁ କଦଳୀ ପତ୍ରରେ ଖାଦ୍ୟ ବାଢ଼ିଦେଇ ଆମେ କହୁ 'ବାୟସେଭ୍ୟ ନମଃ'। ଅର୍ଥାତ୍ ଆମ ଆଧ୍ୟାତ୍ମିକ ବିଶ୍ୱାସ ସହିତ ଯୋଡ଼ି ହୋଇ ରହିଥିଲା ଜୀବେଦୟା ଭାବ, ଯାହା ପରିବେଶ ସୁରକ୍ଷା ଦିଗରେ ଏକାନ୍ତ ଉପଯୋଗୀ। ଏବେ ଆମ ଭିତରୁ ସେ ଭାବନା ଅପସରି ଯିବା ଫଳରେ କେବଳ କାଉ ନୁହେଁ, ପରିବେଶରୁ ହଜିଗଲେଣି ଆହୁରି ଅନେକ ପ୍ରଜାତିର ପକ୍ଷୀ।

ସାହାଡ଼ା ଗଛ ଓ ହଳଦୀବସନ୍ତ ପରସ୍ପର ପରିପୂରକ। ଖୁବ୍ ସୁନ୍ଦର ପକ୍ଷୀଟିଏ ହଳଦୀ ଗୁରୁଗୁରୁ ହଳଦୀବସନ୍ତ। ମଣିଷଙ୍କୁ ଦେଖିବାମାତ୍ରେ ନୂଆ ବୋହୂ ପରି ଲାଜ ଲାଜ ହୋଇ ଲୁଚିଯାଆନ୍ତି ପତ୍ର ଗହଳରେ। ସାହାଡ଼ା କୋଳି ସେମାନଙ୍କର ଭାରି ପ୍ରିୟ। ତେଣୁ ସେମାନେ ବାଡ଼ିବଗିଚାକୁ ଆସନ୍ତି ସାହାଡ଼ା କୋଳି ଖାଇବା ପାଇଁ। କେହି କିନ୍ତୁ ବାଡ଼ିରେ ସାହାଡ଼ା ଗଛ ଲଗାଏ ନାହିଁ। ତାହା ଆପେ ଆପେ ଉଠେ ଏହି ପକ୍ଷୀମାନଙ୍କ ସହାୟତାରେ। ହଳଦୀବସନ୍ତ ସାହାଡ଼ା କୋଳି ଖାଇ ମଳତ୍ୟାଗ କରିବା ସ୍ଥାନରେ ସୃଷ୍ଟିହୁଏ ନୂଆ ଗଛ। ଅର୍ଥାତ୍ ସାହାଡ଼ା ଗଛ ହଳଦୀବସନ୍ତକୁ ଖାଦ୍ୟ ଯୋଗାଏ ଏବଂ ସାହାଡ଼ା ଗଛର ବଂଶବୃଦ୍ଧିରେ ସହାୟକ ହୁଏ ହଳଦୀବସନ୍ତ। ଏହି ପ୍ରକ୍ରିୟା ଚାଲି ଆସିଥିଲା ପିଢ଼ି ପରେ ପିଢ଼ି। ଏବେ କିନ୍ତୁ ବାଡ଼ିବଗିଚାରେ ସାହାଡ଼ା ଗଛ ନ ଥିବାରୁ ଆଉ ଦେଖିବାକୁ ମିଳୁନାହାନ୍ତି ହଳଦୀବସନ୍ତ। ଆମ ପୂର୍ବଜମାନେ କହୁଥିଲେ, 'ସାହାଡ଼ା ଦାନ୍ତକାଠିରେ ଘଷିଲେ ଦାନ୍ତରୋଗ ହୁଏ ନାହିଁ କି ଦାନ୍ତ ପଡ଼େନାହିଁ ବୁଢ଼ା ହେବା ପର୍ଯ୍ୟନ୍ତ। ଆମେ କିନ୍ତୁ ତାକୁ ଅଦରକାରୀ ଭାବି ତାକୁ ନିପାତ କରି ଚାଲିଲୁ, ଯାହାଫଳରେ ଉଭୟ ସାହାଡ଼ା ଗଛ ଓ ହଳଦୀବସନ୍ତ ପାଇଁ ଖୋଲିଗଲା ବିଲୁପ୍ତିର ରାସ୍ତା।



ପରିବେଶ ବନ୍ଧୁ ବାଦୁଡ଼ି। ପୃଥିବୀର ଏକମାତ୍ର ସ୍ତନ୍ୟପାୟୀ ପକ୍ଷୀ। ଇଂରାଜୀରେ ଏମାନଙ୍କୁ କୁହାଯାଏ ଫ୍ଲାଇଂ ଫକ୍ସ। ସାଧାରଣତଃ କ୍ଷୁଦ୍ର ବାଦୁଡ଼ିମାନେ କୀଟଭୋଜି ଓ ବଡ଼ ବାଦୁଡ଼ିମାନେ ଫଳଭୋଜି। ରାତିକ ଭିତରେ ୩ ହଜାରରୁ ୪ ହଜାର କୀଟପତଙ୍ଗ ଖାଇପାରେ ଗୋଟିଏ କୀଟଭୋଜି ବାଦୁଡ଼ି। ସେଥିପାଇଁ ତାକୁ କୁହାଯାଏ କୃଷକର ବନ୍ଧୁ। କୀଟଭୋଜି ବାଦୁଡ଼ିଙ୍କ ଦ୍ୱାରା ନିପାତ ହୁଅନ୍ତି ମ୍ୟାଲେରିଆ ଓ ଡେଙ୍ଗୁରୋଗର ବାହକ। ସାଧାରଣତଃ ୭ଶହରୁ ୯ଶହ ଗ୍ରାମ ପର୍ଯ୍ୟନ୍ତ ହୋଇଥାଏ ଫଳଭୋଜି ବାଦୁଡ଼ିମାନଙ୍କର ଓଜନ। ଏମାନେ ବିଭିନ୍ନ ପ୍ରକାର ପାଚିଲା ଫଳ ଓ ଫୁଲ ଭିତରେ ଥିବା ମଧୁ ଇତ୍ୟାଦି ଖାଆନ୍ତି, ଯଦ୍ୱାରା ସମ୍ଭବ ହୁଏ ପରାଗସଙ୍ଗମ ଓ ବୀଜ ବିକ୍ଷେପଣ। ଅର୍ଥାତ୍ ଏମାନଙ୍କ ଯୋଗୁ ଫଳ ଅଧିକ ଫଳେ ଓ ସୃଷ୍ଟିହୁଏ ନୂଆଗଛ। ବାଦୁଡ଼ି ଏକ ଉଚ୍ଚ ଆବୃତ୍ତିସମ୍ପନ୍ନ ଧ୍ୱନି ତରଙ୍ଗ ନିର୍ଗତ କରିଥାଏ, ଯାହା ଆମ ଶ୍ରୁତି ପରିସର ବାହାରେ। ପକ୍ଷୀବିଜ୍ଞାନ ପରିଭାଷାରେ ପାରାସୋନିକ୍ ବା ଅଲଟ୍ରାସୋନିକ କୁହାଯାଉଥିବା ଏ ଧ୍ୱନିକୁ ଶୁଣିବା ପାଇଁ ସମର୍ଥ ହୁଏନି ମଣିଷ। ବାଦୁଡ଼ି ନିର୍ଗତ କରୁଥିବା ଏହି ଧ୍ୱନି ଚାରିଆଡ଼କୁ ସଞ୍ଚାରିତ ହୁଏ, ଯାହାର ଗତି ପରିସରରେ କୌଣସି ଶିକାର ପଡ଼ିଗଲେ ସେଥିରେ ବାଧା ପାଇ ଫେରିଆସେ ଧ୍ୱନି ତରଙ୍ଗ। ବାଦୁଡ଼ିର ନାକ ଉପରେ ଥିବା ଦୁଇଟି ନିଶ ରାଡାର ଭଳି କାମ କରେ ଏବଂ ସେହି ରାଡାର ସାହାଯ୍ୟରେ ସେ ଫେରନ୍ତା ଧ୍ୱନିକୁ ଅନୁସରଣ କରି ଠାବ କରିପାରେ ଶିକାରର ଅବସ୍ଥିତି ବା ତା'ର ଦିଗ, ଆକାର, ପ୍ରକାର ଓ ଦୂରତା। ଏହି ଠାବ କରିବା ପଦ୍ଧତିକୁ କୁହାଯାଏ ଇକୋଲୋକେସନ।

ବାଦୁଡ଼ି ସାଧାରଣତଃ ଜଳାଶୟ ପାଖରେ ଥିବା ଉଚ୍ଚା ଉଚ୍ଚା ଗଛର ସରୁ ଡାଳରେ ମୁଣ୍ଡକୁ ତଳକୁ କରି ଦିନସାରା ଝୁଲି ରହେ ଏବଂ ସନ୍ଧ୍ୟାହେଲେ ବାହାରକୁ ଯାଏ ଖାଦ୍ୟ ଅନ୍ୱେଷଣରେ। ଜଳାଶୟରୁ ସେ ସିଧାସଳଖ ପାଣି ନ ପିଇ ଉଡ଼ନ୍ତା ଅବସ୍ଥାରେ ଜଳାଶୟ ସହିତ ଧକ୍କା ଖାଏ ଏବଂ ଦେହରେ ଲାଗିଥିବା ପାଣିକୁ ପିଏ ଗଛଡାଳରେ ଝୁଲନ୍ତା ଅବସ୍ଥାରେ। ଏହି କାରଣରୁ ବାଦୁଡ଼ିମାନଙ୍କ ପାଇଁ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ଜଳବାୟୁ ଖୁବ୍ ଅନୁକୂଳ ଥିଲା ଏବଂ ଏ ଅଞ୍ଚଳରେ ଦେଖିବାକୁ ମିଳୁଥିଲେ ବହୁ ସଂଖ୍ୟାରେ ବାଦୁଡ଼ି। ମାତ୍ର ଯେବେଠାରୁ ବିକାଶ ଆଳରେ ଜଳାଶୟ ସବୁ ପୋତାଗଲା ଏବଂ ବଡ଼ବଡ଼ ଗଛ କାଟି ପଦା କରିଦିଆଗଲା, ସେବେଠାରୁ ଉଜୁଡ଼ିଗଲା ବାଦୁଡ଼ିର ବାସ। ଗଛରେ ଯାହାକିଛି ଫଳ ଫଳିଲା, ପାଚିବା ଆଗରୁ ମଣିଷ ତାକୁ ତୋଳିଆଣି କୃତ୍ରିମ ଉପାୟରେ ପଚେଇ ଖାଇବା ଫଳରେ ବାଦୁଡ଼ିକୁ ଘାରିଲା ଖାଦ୍ୟ ସଙ୍କଟ। ବାଦୁଡ଼ି ମାଂସ ସ୍ୱାଦିଷ୍ଟ ଏବଂ ତା'ର ମାଂସ ଖାଇଲେ ଶ୍ୱାସ ଓ ଅନ୍ୟ କେତେକ ରୋଗ ଭଲ ହୁଏ ବୋଲି ଲୋକଙ୍କ ଭିତରେ ବିଶ୍ୱାସ ବସା ବାନ୍ଧିବା ଯୋଗୁ ବୃଦ୍ଧି ପାଇଲା ବାଦୁଡ଼ି ଶିକାର। ଶେଷରେ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଚଣ୍ଡ ଉତ୍ତାପ ତାକୁ ଦେଖେଇଲା ବିଲୁପ୍ତିର ରାସ୍ତା।

ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ ମନେହୁଏ ମରିସସ୍‌ର ଘଞ୍ଚ କାଲ୍‌ଭେରିଆ ଅରଣ୍ୟର କାରୁଣ୍ୟଭରା ବିଲୁପ୍ତି। ମରିସସ୍‌କୁ ଦିନେ ଶୋଭା ଓ ସବୁଜିମାରେ ଭରି ଦେଇଥିଲା କାଲ୍‌ଭେରିଆ ବୃକ୍ଷର ଘଞ୍ଚ ଜଙ୍ଗଲ। ଏହି ଗଛର ଫଳ ଖାଇ ସେଠାରେ ବିଚରଣ କରୁଥିଲେ ଅସଂଖ୍ୟ ଡୋଡୋ ପକ୍ଷୀ। କାଲ୍‌ଭେରିଆ ଗଛର ଫଳ ଏତେ ଶକ୍ତ ଯେ, ତାହା ଭୂମିରେ ପଡ଼ି ଅଙ୍କୁରୋଦ୍‌ଗମ ହୋଇପାରେନି ସ୍ୱାଭାବିକ ଭାବରେ। ଏହି ଫଳକୁ ଖାଉଥିବା ଡୋଡୋ ପକ୍ଷୀର ପେଟ ଭିତରେ ମଞ୍ଜିଟି ପ୍ରକ୍ରିୟାକରଣ ହୋଇ ମଳରେ ନିସୃତ ହେବା ପରେ ତାହା ଅଙ୍କୁରୋଦ୍‌ଗମ ହୋଇ ଚେର ଲମ୍ବାଏ ମାଟି ଭିତରେ। ଉଡ଼ି ପାରୁ ନଥିବା ଓ ସହଜରେ ଧରାଦେଉଥିବା ଏହି ପକ୍ଷୀଟି ମଣିଷର ମାଂସ ଲାଳସାରେ ଶିକାର ହୋଇ ବିଲୁପ୍ତ ହେବା ଫଳରେ ଉଜୁଡ଼ିଗଲା ମରିସସ୍‌ର କାଲ୍‌ଭେରିଆ ଜଙ୍ଗଲ।

ଆମ ପରିବେଶରେ ବର, ଅଶ୍ୱତ୍ଥ, ଚନ୍ଦନ ଓ ଡିମ୍ବିରି ପରି ଅନେକ ପ୍ରକାର ଗଛ ଅଛି, ଯାହା କେବଳ ସୃଷ୍ଟି ହୁଏ ପକ୍ଷୀର ମଳରୁ। ଏସବୁ ଗଛଗୁଡ଼ିକ କୃତ୍ରିମ ଉପାୟରେ ସୃଷ୍ଟି କରିବା ସମ୍ଭବ ନୁହେଁ କୌଣସି ଆଧୁନିକ ପ୍ରୟୋଗଶାଳାରେ। ଏଥିରୁ ବୁଝିବାକୁ ହେବ ଯେ, ପକ୍ଷୀକୁ ସୁରକ୍ଷା ନ ଦେଲେ ବାଧାପ୍ରାପ୍ତ ହୁଏ ପରାଗସଙ୍ଗମ ଓ ବୀଜ ବିକ୍ଷେପଣ। ଏ ଦିଗରେ ମଣିଷ ସଚେତନ ନ ହେଲେ ଖିନ୍‌ଭିନ୍ ହୋଇଯିବ ଜୀବନଚକ୍ରର ଛନ୍ଦ।

**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ପାଣି ପଞ୍ଚାୟତ



ଗଙ୍ଗାଧର ସାମଲ

ଆମ ରାଜ୍ୟର ପ୍ରାୟ ସତୁରି ଭାଗ ଲୋକ କୃଷି ଉପରେ ନିର୍ଭର କରି ଚଳନ୍ତି। ଏଠାରେ ଅଣଜଳସେଚିତ ଜମି ଅଧିକ ଥିବାରୁ ବନ୍ୟା, ମରୁଡ଼ିର ଚାଷୀ ଶିକାର ହୋଇ ଋଣ ଶୁଝି ନ ପାରି ସର୍ବସ୍ୱାନ୍ତ ହୁଅନ୍ତି। ଏହି ପରିପ୍ରେକ୍ଷୀରେ ଜଳସେଚନର ସୁବ୍ୟବସ୍ଥା ଲାଗି ପାଣି ପଞ୍ଚାୟତର ସୃଷ୍ଟି। ଉଠାଜଳସେଚନ ପ୍ରକଳ୍ପଗୁଡ଼ିକୁ ନେଇ ଏହି ଯୋଜନା ରାଜ୍ୟ ସରକାରଙ୍କର ଏକ ନୂତନ ପଦକ୍ଷେପ। ସାରା ପୃଥିବୀର ଜଳନୀତି ଓ ଆମ ଦେଶର ଜଳନୀତିକୁ ନେଇ ଓଡ଼ିଶା ସରକାର, ଓଡ଼ିଶା ପାଣିପଞ୍ଚାୟତ ଅଧିନିୟମ ୨୦୦୨, ଓଡ଼ିଶା ପାଣି ପଞ୍ଚାୟତ ନିୟମାବଳୀ–୨୦୦୩ ଏବଂ ଓଡ଼ିଶା ପାଣି ପଞ୍ଚାୟତ (ସଂଶୋଧନ) ଅଧିନିୟମ ୨୦୦୮କୁ ପର୍ଯ୍ୟାୟକ୍ରମେ ଆଇନରେ ପରିଣତ କରିଛନ୍ତି। ତେବେ ଏହି ଯୋଜନାର ସଫଳ ରୂପାୟନ ଲାଗି ଆହୁରି କେତେକ ପଦକ୍ଷେପର ଆବଶ୍ୟକତା ରହିଛି। ଓଡ଼ିଶା ଉଠାଜଳସେଚନ ସମସ୍ୟା ରହିତ ହେଲେ ଏହାର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ। ତେବେ ନିମ୍ନରେ କେତୋଟି ପ୍ରସ୍ତାବ ଉପସ୍ଥାପନ କରାଯାଇଛି। ତା'ହେଲେ ଓଡ଼ିଶାର ଚାଷୀମାନେ ଉପକୃତ ହେବା ସହ ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ଜଳସେଚନ କରି କୃଷି ଉତ୍ପାଦନରେ ସହାୟ ହୋଇପାରିବେ।

କୃଷି କାର୍ଯ୍ୟରେ ବ୍ୟବହୃତ ଉଠାଜଳସେଚନ ପ୍ରକଳ୍ପ ବିଦ୍ୟୁତ୍ ଶୁଳ୍କ କୃଷକମାନଙ୍କୁ ଛାଡ଼ କରି ସରକାର ଭରଣା କରିବା ବ୍ୟବସ୍ଥା ହେଉ, ଯାହାକି ଆନ୍ଧ୍ରପ୍ରଦେଶ, ପଞ୍ଜାବ, ହରିୟାଣା ଓ ମହାରାଷ୍ଟ୍ର ପ୍ରଭୃତି କୃଷି ବିକଶିତ ରାଜ୍ୟରେ ପ୍ରଣୟନ କରାଯାଇଛି। ମୋଟର, ଷ୍ଟାର୍ଟର ଆଦି ସମସ୍ତ ଯନ୍ତ୍ରାଂଶ ବିଭାଗୀୟ ଯନ୍ତ୍ରୀମାନଙ୍କ ପାଖରେ ଷ୍ଟକ୍ ରଖାଯାଉ। ଯନ୍ତ୍ରାଂଶ ଅଚଳ ଅବସ୍ଥାକୁ ଆସିବା ବିଭାଗୀୟ ଯନ୍ତ୍ରୀ ଅନୁଭବ କଲେ ଆବଶ୍ୟକସ୍ଥଳେ ଚାଷୀମାନଙ୍କୁ ପାଣି ପଞ୍ଚାୟତରେ ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯାଉ। ଲୋ–ଭୋଲ୍‌ଟେଜ ପ୍ରତିକାର ପୂର୍ବକ ଚାଷୀମାନଙ୍କୁ ସେଚ ପ୍ରକ୍ରିୟା ପାଇଁ ଉପଯୁକ୍ତ ବିଦ୍ୟୁତ୍ ଯୋଗାଇ ଦିଆଯାଉ। ପ୍ରକଳ୍ପଟିର ଟ୍ରାନ୍ସଫର୍ମର ପୋଡ଼ିଗଲେ ଅତିଶୀଘ୍ର ନୂତନ ଟ୍ରାନ୍ସଫର୍ମର ବସାଇବା ବ୍ୟବସ୍ଥା କରାଯାଉ। ସେଥିପାଇଁ ନୂତନ ଟ୍ରାନ୍ସଫର୍ମର ସ୍ୱତନ୍ତ୍ର ଭାବେ ଷ୍ଟକ୍ ରଖାଯାଉ। ଏହି ନୂତନ ଟ୍ରାନ୍ସଫର୍ମର ଉଠାଜଳସେଚନ ନିର୍ବାହୀଯନ୍ତ୍ରୀଙ୍କ ନିକଟରେ ମହଜୁଦ ରଖାଯାଉ। ଉଠାଜଳସେଚନ ପ୍ରକଳ୍ପଗୁଡ଼ିକର ପାଣିନାଳ ମାଟିରେ ହୋଇଛି। ତେଣୁ ନାଳରେ ଅନେକ ଜଳ ନଷ୍ଟ ହେଉଥିବାରୁ ସିମେଣ୍ଟ ନାଳ କିମ୍ବା ପିଭିସି ପାଇପ ଦ୍ୱାରା ପାଣି ନାଳ ତିଆରି କରିବା ଲାଗି ସରକାର ଅର୍ଥର ବ୍ୟବସ୍ଥା କରିବା ଆବଶ୍ୟକ। ଯେଉଁ ପାଣି ପଞ୍ଚାୟତର ପ୍ରକଳ୍ପ ଗୃହ ନାହିଁ ସେଠାରେ ରହୁଥିବା ଷ୍ଟାର୍ଟର, ମୋଟର, ବିଭିନ୍ନ ଯନ୍ତ୍ରାଂଶ ନଷ୍ଟହୁଏ ଓ ଚୋରି ଭୟ ଥାଏ। ତେଣୁ ସେଚ୍ ପ୍ରକଳ୍ପ ଗୃହ ନିର୍ମାଣ କରିବା ଲାଗି ସରକାରୀ



ସ୍ତରରେ ବ୍ୟବସ୍ଥା କରାଯାଉ। ଉଠାଜଳସେଚନ ପ୍ରକଳ୍ପ ଲାଗି ବଜେଟରେ ବାର୍ଷିକ ବ୍ୟୟର ଅର୍ଥ ବରାଦ କରାଯାଉ। ଫଳରେ କୃଷି, କୃଷକର ଉନ୍ନତି ହେବ ଓ ପାଣି ପଞ୍ଚାୟତର ସ୍ୱପ୍ନ ସାକାର ହେବା ସଙ୍ଗେ ସଙ୍ଗେ ରାଜ୍ୟର ପ୍ରଗତି ହେବ ଓ ଓଡ଼ିଶା ଏକ ବିକାଶଶୀଳ ରାଜ୍ୟ ଭାବେ ପରିଣତ ହୋଇପାରିବ। ରାଜ୍ୟକୁ ସବୁଜ ଶସ୍ୟ ଶ୍ୟାମଳାରେ ପରିଣତ କରାଯାଇପାରିବ। ପାଣି ପଞ୍ଚାୟତଗୁଡ଼ିକୁ ଧାନ ବିକ୍ରିୟ କରିବା ପାଇଁ ସ୍ୱତନ୍ତ୍ର ସ୍ୱାଧୀନତା ଦେବା ଆବଶ୍ୟକ; ଯେପରି ଗ୍ରାମାଞ୍ଚଳରେ ସେବା ସମବାୟ ସମିତିଗୁଡ଼ିକୁ ସରକାର କ୍ଷମତା ପ୍ରଦାନ କରିଛନ୍ତି। ଏହାଦ୍ୱାରା ଚାଷୀ ଉପକୃତ ହୋଇପାରିବେ। ତା'ସହିତ ବ୍ୟାଙ୍କରୁ କମ୍ ସୁଧରେ ଋଣ ମିଳିବା ଏବଂ ପଣ୍ୟାଗାର ଆଦି ତିଆରି କରାଗଲେ ପାଣି ପଞ୍ଚାୟତଗୁଡ଼ିକର ସମୃଦ୍ଧି ହୋଇପାରିବ। କୃଷି କାର୍ଯ୍ୟର ପରିବ୍ୟୟ ହ୍ରାସ କରିବା ପାଇଁ କମ୍ ସୁଧରେ ସମସ୍ତ ଚାଷୀଙ୍କୁ ଆନୁଷ୍ଠାନିକ ଋଣ ଓ ଶସ୍ତାରେ ଉତ୍କୃଷ୍ଟ ଧରଣର ବିହନ, ସାର, କୀଟନାଶକ, ଆଧୁନିକ କୃଷି ଯନ୍ତ୍ରପାତି ଯୋଗାଇଦେବା ଆବଶ୍ୟକ। କୃଷକମାନେ ଦରଦାମ୍‌ର ଅସ୍ଥିରତାର ସୁରକ୍ଷା ପାଇଁ ମୂଲ୍ୟ ସ୍ଥିରତା ପାଣ୍ଠି ଗଠନ କରିବା, ଖାଦ୍ୟଶସ୍ୟ ସଂରକ୍ଷଣ ସୁବିଧା, ଶସ୍ୟବୀମା ଯୋଜନା ସୁବିଧା ସରକାର ଯୋଗାଇଦେବା ଆବଶ୍ୟକ। ପାଣି ପଞ୍ଚାୟତଗୁଡ଼ିକୁ ସାମୂହିକ ଭାବରେ ଲାଭଦାୟକ ସଂସ୍ଥାରେ ପରିଣତ କରିବା ପାଇଁ ହେଲେ ସହଭାଗୀ ଜଳସେଚନ ପ୍ରକ୍ରିୟାର ଯଥେଷ୍ଟ ଆବଶ୍ୟକତା ରହିଛି। ଏହାଦ୍ୱାରା ଧାନଚାଷ ସହିତ ଅର୍ଥକରୀ ଫସଲ ମଧ୍ୟ ଉତ୍ପାଦନ ହୋଇପାରିବ। ପାଣିପଞ୍ଚାୟତ ମାଧ୍ୟମରେ ସହଭାଗୀ ଜଳସେଚନ ଦ୍ୱାରା କୃଷି କ୍ଷେତ୍ରରେ କୃଷକ ଲାଭବାନ ହୋଇପାରିବ। କିନ୍ତୁ ଉଠାଜଳସେଚନ ପ୍ରକଳ୍ପର ଜଳ ପାଇବା ପାଇଁ ପାଣି ପଞ୍ଚାୟତଗୁଡ଼ିକୁ ଅପେକ୍ଷାକୃତ ଅଧିକ ବ୍ୟୟ କରିବାକୁ ପଡ଼ିଥାଏ। ତେଣୁ ସରକାରୀ ସ୍ତରରେ ଏହି ସମସ୍ୟାକୁ ନଜର ଦିଆଯାଇ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯିବା ଆବଶ୍ୟକ। ପ୍ରତି ବ୍ଲକରେ ଜଳସେଚିତ କୃଷିଜମିର ମୃତ୍ତିକା ପରୀକ୍ଷା କରି ତିନିବର୍ଷରେ ଥରେ ପ୍ରତି ଚାଷୀଙ୍କୁ ମୃତ୍ତିକାର ବିଶେଷ ବ୍ୟବସ୍ଥା ଦିଆଯାଉ। ଫଳରେ ମୃତ୍ତିକାର ଉର୍ବରତା ଦ୍ୱାରା ଅଧିକ ଫସଲ ଆମଦାନୀ କରାଯାଇପାରିବ। ପାଣି ପଞ୍ଚାୟତ ଦ୍ୱାରା ଓଡ଼ିଶା ପରି ଏକ କୃଷିପ୍ରଧାନ ରାଜ୍ୟର ଚାଷୀ ଓ ଚାଷ ଉପରେ ନିର୍ଭରଶୀଳ ବ୍ୟକ୍ତିମାନେ ବ୍ୟାପକ ସୁଫଳ ପାଇପାରିବେ। ପାଣିପଞ୍ଚାୟତ ସହିତ ଜଳ ସଂରକ୍ଷଣ ଜନିତ ସଚେତନତା ମଧ୍ୟ ବୃଦ୍ଧି ପାଇବା ଜରୁରୀ। ପାଣି ପଞ୍ଚାୟତ ପାଇଁ କେନ୍ଦ୍ରର ଅନୁଦାନ ମଧ୍ୟ ଦ୍ୱିଗୁଣିତ ହେବା ପ୍ରାସଙ୍ଗିକ ମନେହୁଏ। ପାଣି ପଞ୍ଚାୟତ ନିଶ୍ଚିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ଓ ଚାଷୀମାନଙ୍କୁ ବହୁଳ ଉପକାର ଦେଇପାରୁଥିବା ଚାଷ ବ୍ୟବସ୍ଥାର ମୂଳ କ୍ଷେତ୍ର। ତେବେ ଏ କ୍ଷେତ୍ରରେ ସଚେତନତା ସହିତ ଚାଷୀମାନଙ୍କର ମଧ୍ୟ ସହଯୋଗ ଗୁରୁତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ।

**ମାଣିକପାଟଣା, ଆଳି, କେନ୍ଦ୍ରାପଡ଼ା,**
**ମୋ:୯୪୩୭୨୨୬୬୪୭**

## ଏଇ ଭାରତରେ

ପରିବେଶକୁ କାର୍ବନମୁକ୍ତ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଥିଲେ ବି ମହାରାଷ୍ଟ୍ରର ଏକ ଏନ୍‌ଜିଓର ସଫଳତା ଉଦାହରଣ ସୃଷ୍ଟି କରିଛି। ଆୟୁର୍ବେଦିକ୍ ଡାକ୍ତର ଦମ୍ପତି ପ୍ରସାଦ ଓ ହର୍ଷଦା ଦେଓଧରଙ୍କ ଦ୍ୱାରା ପ୍ରତିଷ୍ଠିତ ଭଗୀରଥ ଗ୍ରାମ୍ୟ ବିକାଶ ପ୍ରତିଷ୍ଠାନ ଦ୍ୱାରା ମହାରାଷ୍ଟ୍ର ସିନ୍ଧୁଦୁର୍ଗ ଜିଲାର ନିଭାଜି ଗାଁ ସବୁଜ ଗୃହବାଷ୍ପ ନିର୍ଗମନମୁକ୍ତ ଗ୍ରାମ ହୋଇପାରିଛି। ପରିବେଶ ଉପଯୋଗୀ ପଦକ୍ଷେପ ଯଥା ବାୟୋଗ୍ୟାସ୍ ୟୁନିଟ୍, ରାସାୟନିକ ସାର ଓ କୀଟନାଶକ ମୁକ୍ତ ବା ଜୈବିକ କୃଷି, ବାଉଁଶ ରୋପଣ ଆଦି ଦ୍ୱାରା ଗାଁକୁ କାର୍ବନ ନିର୍ଗମନ ମୁକ୍ତ କରାଯାଇପାରିଛି। ଏହି ଗାଁରେ ପାଖାପାଖି ୩୫୦ ପରିବାର ରହନ୍ତି ଓ ଏହାର ୪୮% ଏବେ ଜଙ୍ଗଲରେ ପରିପୂର୍ଣ୍ଣ। କିନ୍ତୁ ଲୋକେ ଜାଳେଣି କାଠ ବଦଳରେ ବାୟୋଗ୍ୟାସ୍ ବ୍ୟବହାର କରୁଛନ୍ତି। କୃଷକମାନେ ରାସାୟନିକ ସାର ଓ କୀଟନାଶକ ବ୍ୟବହାର ନ କରି ଜୈବିକ କୃଷି କରୁଛନ୍ତି। ବଡ଼ କଥା ହେଲା, ଗ୍ରାମବାସୀ ବ୍ୟାପକ ବାଉଁଶ ଗଛ ଲଗାଇଛନ୍ତି। ଏହା ବାୟୁମଣ୍ଡଳରୁ କାର୍ବନ ଡାଇଅକ୍ସାଇଡ୍ ଶୋଷଣ କରୁଛି। ପ୍ରତ୍ୟେକ ପରିବାର ଗୋଟିଏ ଲେଖା ବାଉଁଶ ଜଙ୍ଗଲ ସୃଷ୍ଟି କରିଛନ୍ତି। ନିଭାଜିକୁ କାର୍ବନ ନିର୍ଗମନମୁକ୍ତ କରିବା ଲାଗି ୨୦୦୪ରୁ ଅଭିଯାନ ଆରମ୍ଭ କରାଯାଇଥିଲା। ଏହି ସବୁଜ ଗ୍ରାମ ଏବେ ସବୁଜ ପର୍ଯ୍ୟଟନ ପାଇଁ ବାଟ ଖୋଲିଦେଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ମାର୍ଚ୍ଚ ୧୯୯୮

- ଶ୍ରୀଲଙ୍କାର ଉତ୍ତରାଞ୍ଚଳ ସମୁଦ୍ରରେ ତାମିଲ ଗେରିଲାଙ୍କ ଏକ ସାମୁଦ୍ରିକ ଆଡ୍ଡା ଉପରେ ବାୟୁସେନା ବୋମା ବର୍ଷଣ କରିବା ଫଳରେ ୬୦ ଗେରିଲା ନିହତ।
- ଆନ୍ତର୍ଜାତିକ ଶ୍ରମ ସଙ୍ଗଠନ ଆଇଏଲ୍‌ଓର ସାଧାରଣ ପରିଷଦର ନୂତନ ମହାନିର୍ଦ୍ଦେଶକ ରୂପେ ଚିଲିର ଜୁଆନ ସୋମାଭିଆ ନିର୍ବାଚିତ।
- ଆଲ୍‌ଜେରିଆରେ ଇସଲାମୀୟ ବିଚ୍ଛିନ୍ନତାବାଦୀଙ୍କ ଗୁଳିମାଡ଼ରେ ୫୭ ବେସାମରିକ ଲୋକଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ଗଣତନ୍ତ୍ର ସ୍ଥାଣୁ ପାଲଟି ଗଲାଣି

ମହାଶୟ,

ଭାରତ ଏକ ସର୍ବ ବୃହତ୍ ଗଣତନ୍ତ୍ର ରାଷ୍ଟ୍ର ବୋଲି କେବଳ ସମ୍ବିଧାନ ଲେଖାନୁସାରେ ଠିକ୍ କିନ୍ତୁ କାର୍ଯ୍ୟକାରିତାରେ ଏହା ସମ୍ପୂର୍ଣ୍ଣ ଅଲଗା। ନାହିଁ ସାମ୍ବିଧାନିକ ଅଧିକାର, ନାହିଁ ସମାନତା କି କହିବାର ଅଧିକାର। କେବଳ ପୁଞ୍ଜିପତିମାନଙ୍କୁ ସୃଷ୍ଟି କରାଯାଉଛି। ଦେଶର ଅର୍ଦ୍ଧାଧିକ ଧନ ହାତଗଣତି କେତେଜଣଙ୍କ ହାତରେ ଗଚ୍ଛିତ। ଏମାନଙ୍କୁ ପ୍ରୋତ୍ସାହନ ଦେଇ ତାଙ୍କ ଧନରେ ସରକାର ଭୋଟ ଦେବାର ଅଧିକାରକୁ ଛଡେଇ ନେଇ କଳେବଳେ କ୍ଷମତା ଦଖଲ କରିବାକୁ ସ୍ଲୋଗାନ ଦେବା କେଉଁ ଗଣତନ୍ତ୍ରର ନିୟମ। ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ଉପରେ ଜିଏସ୍‌ଟି ଲଗାଇ ନାଗରିକଙ୍କୁ ଶୋଷଣ କରିବା କେଉଁ ଗଣତନ୍ତ୍ରରେ ଲେଖାଯାଇଛି। ନୋଟ ବଦଳରେ ଭୋଟ କେଉଁ ସମ୍ବିଧାନର ନିୟମ ? ଗଣତନ୍ତ୍ରର ପ୍ରଧାନଶାଖା ହେଉଛି ବିରୋଧୀ ଦଳ ଓ ଖବରକାଗଜ। ବର୍ତ୍ତମାନ ଗଣମାଧ୍ୟମର ସ୍ୱାଧୀନତା ଲୋପ କରିବା କ'ଣ ଗଣତନ୍ତ୍ରର ପରିଚୟ । ସତ କହିବାକୁ ଗଲେ କହିବା ଅଧିକାର, ଭୋଟ ଦେବା ଅଧିକାର ଲୋପ କରି ଏକଛତ୍ରବାଦୀ ଶାସନ ଚାଲିଛି।

**– ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

## ଚିରନ୍ତନୀ

ପରାଣ–ରସାଳସେ ରୂପର ମୋହବଶେ
ହୋଇଲା ଉଦେ ଯେଉଁ ପୀରତି
ଭାବର ଭାଷା–ଜାଲେ ଲୁଚାଇ ସେ ଆବେଗ
ରଚିଲି କବିତାର କୀରତି।

–(ବ୍ୟାଖ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆଦାନୀ ତଦନ୍ତ ପାଇଁ ଏତେ ଭୟ

## ମୋଦିଙ୍କୁ ରାହୁଲଙ୍କ ଟାର୍ଗେଟ

ନୂଆଦିଲ୍ଲୀ,୨୭।୩

ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକୀୟ ଶର୍ଟସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ଆଗତ ଦୁର୍ନୀତି ଅଭିଯୋଗର ତଦନ୍ତ କରାଇବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାହିଁକି ଏତେ ଭୟ କରୁଛନ୍ତି ବୋଲି ସୋମବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଶ୍ନ କରିଛନ୍ତି। ମୋଦି ସାଙ୍ଗିଆକୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ୱାୟନାଡ଼ର ପୂର୍ବତନ ଏମ୍‌ପି ରାହୁଲ ଏକାଧିକ ଟୁଇଟ୍ କରି ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ଟୁଇଟରରେ ସେ ଲେଖିଛନ୍ତି, ଜୀବନବୀମା ନିଗମ (ଏଲ୍‌ଆଇସି) ଏବଂ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ (ଇପିଏଫ୍‌ଓ)ର ଅର୍ଥ ଶିଳ୍ପପତି ଗୌତମ ଆଦାନୀଙ୍କ କମ୍ପାନୀକୁ ଦିଆଯାଇଛି। ମୋଦାନୀ (ମୋଦି+ଆଦାନୀ) ଧରାପଡ଼ିବା ପରେ ମଧ୍ୟ କର୍ମଚାରୀଙ୍କ ଅବସର ବେଳର ଟଙ୍କାକୁ ମଧ୍ୟ ଆଦାନୀଙ୍କ କମ୍ପାନୀଗୁଡ଼ିକରେ କାହିଁକି ନିବେଶ କରାଯାଉଛି ବୋଲି କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ପ୍ରଶ୍ନ କରିଛନ୍ତି। ସେ ଆହୁରି ଲେଖିଛନ୍ତି, ପ୍ରଧାନମନ୍ତ୍ରୀ ମହାଶୟ, କିଛି ତଦନ୍ତ ନାହିଁ କି ଉତ୍ତର ନାହିଁ। ଆପଣ ଏତେ ଡରୁଛନ୍ତି କାହିଁକି?


ରାଜଭବନ ଚଲୋ ଯାତ୍ରାରେ ସାମିଲ ହୋଇ ସୋମବାର କଂଗ୍ରେସ ସମେତ ୧୨ ଦଳର ନେତାମାନେ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

# ୫ ସଭାରେ ଭାଜପାକୁ ଟାର୍ଗେଟ କରିବ କଂଗ୍ରେସ

## ରାହୁଲଙ୍କ ସଭ୍ୟ ପଦ ରଦ୍ଦ ପ୍ରସଙ୍ଗ

- ରାଜଭବନ ଚଲୋ ଯାତ୍ରାରେ ସାମିଲ ହେଲେ କଂଗ୍ରେସ ସମେତ ୧୨ ଦଳ

ଭୁବନେଶ୍ୱର, ୨୭।୩(ବ୍ୟୁରୋ)

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସଭ୍ୟ ପଦ ଲୋକ ସଭାରେ ରଦ୍ଦ ହେବା ପରେ ସାରା ଦେଶରେ ଦଳ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏହାକୁ ନେଇ ଏବେ ଓଡ଼ିଶାରେ ମଧ୍ୟ ତୀବ୍ର ପ୍ରତିବାଦ ଦେଖିବାକୁ ମିଳୁଛି। ଦୁଇ ଦିନ ହେଲା କଂଗ୍ରେସ ସଦସ୍ୟମାନେ ବିଧାନସଭା ଅଚଳ ରଖିଥିବା ବେଳେ ଗୃହ ବାହାରେ ମଧ୍ୟ ପ୍ରତିବାଦ ଜାରି ରଖିଛି। ତେବେ ସୋମବାର ସର୍ବଦଳୀୟ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ୧୨ଟି ଦଳର ନେତା ଓ କର୍ମୀ ରାଜଭବନ ନିକଟସ୍ଥ ସର୍କିଟ ହାଉସଠାରେ ଏକାଠି ହୋଇଥିଲେ। ସେଠାରେ ସମସ୍ତେ ରାଜଭବନ ଚଲୋ ଯାତ୍ରା ଆରମ୍ଭ କରିଥିଲେ। କିଛି ସମୟ ପରେ କଂଗ୍ରେସ ବିଧାୟକମାନେ ଗୃହ ଅଚଳ ହେବା ପରେ ଆସି ଯାତ୍ରାରେ ସାମିଲ ମଧ୍ୟ ହୋଇଥିଲେ। ସେଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ବିରୋଧରେ ସବୁ ନେତା ସ୍ଲୋଗାନ ଦେଇ ରାଜଭବନଠାରେ ପହଞ୍ଚିବା ପରେ ଏକ ପ୍ରତିନିଧିମଣ୍ଡଳୀ ଯାଇ ରାଜ୍ୟପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲା।

ରାଜ୍ୟପାଳଙ୍କୁ ଭେଟି ଫେରିବା ପରେ ପିସିସି ସଭାପତି ଶରତ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ଭାଜପା ସରକାର କେନ୍ଦ୍ରରେ କ୍ଷମତାକୁ ଆସିବା ପରଠାରୁ ଲଗାତର ଭାବେ ଗଣତନ୍ତ୍ର ଓ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ ପ୍ରତି ବିପଦ ସୃଷ୍ଟି ହୋଇଛି। ଭାଜପା ସରକାର ଏବଂ ଏହାର ନେତୃବୃନ୍ଦ କ୍ରମାଗତ ଭାବେ ସମ୍ବିଧାନକୁ ଆକ୍ରମଣ କରି ଚାଲିଛନ୍ତି। ଗଣତନ୍ତ୍ର ଓ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ପ୍ରତିମୁହୂର୍ତ୍ତରେ କ୍ଷମତା ଅହଙ୍କାରରେ ଦଳିକଚଟି ଦିଆଯାଉଛି। ନିକଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପାର୍ଲାମେଣ୍ଟରେ ନରେନ୍ଦ୍ର ମୋଦି ଏବଂ ଗୌତମ ଆଦାନୀଙ୍କ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ଦେଇଥିବା ବକ୍ତବ୍ୟକୁ ପାର୍ଲାମେଣ୍ଟ ରେକର୍ଡରୁ କାଟି ଦିଆଯାଇଛି। ତାଙ୍କ ସ୍ୱରକୁ ଚାପି ଦେବା ପାଇଁ ଲୋକ ସଭା ସଭ୍ୟପଦକୁ ରଦ୍ଦ କରାଯାଇଛି, ଯାହାକି ସଂସଦୀୟ ଗଣତନ୍ତ୍ର ପ୍ରତି ଘୋର ବିପଦ। ଏହାର ପ୍ରତିବାଦ କାର୍ଯ୍ୟକ୍ରମରେ କଂଗ୍ରେସ ସମେତ ସିପିଆଇ, ସିପିଆଇ(ଏମ୍), ଅଲଇଣ୍ଡିଆ ଫରୱାର୍ଡ ବ୍ଲକ୍, ସିପିଆଇ-ଏମ୍ଏଲ (ଲିବରେଶନ), ସିପିଆଇଏମଏଲ (ରେଡଷ୍ଟାର),ଏନସିପି, ସମାଜବାଦୀ ପାର୍ଟି, ଆରଜେଡି, ଆମ ଆଦ୍‌ମୀ ପାର୍ଟି, ସମୃଦ୍ଧ ଓଡ଼ିଶା, ଆରପିଆଇର ଶୀର୍ଷ ନେତୃବୃନ୍ଦ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ପ୍ରତିବାଦ ସଭା ସରିବା ପରେ ସୂଚନା ଅନୁଯାୟୀ, ରାଜ୍ୟ ଅତିଥି ଭବନରେ କଂଗ୍ରେସ ସମେତ ଅନ୍ୟ ଦଳର ନେତାମାନେ ଏକାଠି ହୋଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ସ୍ଥିର କରିଥିବା ଜଣାପଡ଼ିଛି। ଖୁବଶୀଘ୍ର ବିଭିନ୍ନ ସ୍ଥାନରେ ସବୁ ଦଳର ନେତା ଏକାଠି ହୋଇ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରକୁ ଟାର୍ଗେଟ କରିବେ ବୋଲି ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

# ୩୦ ଜିଲା ପାଇଁ ନିଯୁକ୍ତ ବିଜେଡି ଜିଲା ପର୍ଯ୍ୟବେକ୍ଷକ

- ପ୍ରଣବଙ୍କୁ ୪ ଜିଲା; ଅତନୁ, ଦିବ୍ୟ ଶଙ୍କରଙ୍କୁ ୨ ଲେଖାଏ ଜିଲା ଦାୟିତ୍ୱ
- ବାଦ୍ ପଡ଼ିଲେ ଉଷା, ଟୁକୁନି, ରୋହିତ୍, ନଳିନୀକାନ୍ତ ପ୍ରଧାନ
- ସାମିଲ ହେଲେ ସ୍ନେହାଙ୍ଗିନୀ, ଦେବେଶ, ରବୀନ୍ଦ୍ର, ଅମରେଶ

ଭୁବନେଶ୍ୱର, ୨୭।୩(ବ୍ୟୁରୋ)

୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ୩୦ଟି ସାଙ୍ଗଠନିକ ଜିଲା ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ଏ ନେଇ ଦଳ ପକ୍ଷରୁ ସୋମବାର ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ପୂର୍ବରୁ ପ୍ରକାଶ ପାଇଥିବା ପର୍ଯ୍ୟବେକ୍ଷକ ତାଲିକାରେ କେତେକ ପରିବର୍ତ୍ତନ କରାଯାଇଛି। ନୂଆ ତାଲିକାରେ ୯ ମନ୍ତ୍ରୀ ସାମିଲ ହୋଇଛନ୍ତି। ତେବେ ମନ୍ତ୍ରୀ ଉଷା ଦେବୀ, ଟୁକୁନି ସାହୁ, ରୋହିତ୍ ପୂଜାରୀ ଏବଂ ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱରୁ ବାଦ୍ ଦିଆଯାଇଛି। ସେହିପରି ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଦେବେଶ ଆଚାର୍ଯ୍ୟ, ରବୀନ୍ଦ୍ର କୁମାର ଜେନା ଓ ଅମରେଶ ଜେନାଙ୍କୁ ନୂଆକରି ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ପ୍ରକାଶିତ ତାଲିକାରେ ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ମୟୂରଭଞ୍ଜ ଜିଲାରୁ ବାଦ୍ ଦେଇ ସର୍ବାଧିକ ୪ଟି ଜିଲା ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର ସମେତ କେନ୍ଦୁଝର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ସେହିପରି ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଗଜପତି ଓ ରାୟଗଡ଼ା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କୁ ମାଲକାନଗିରି ଓ କୋରାପୁଟ ଜିଲା ଦାୟିତ୍ୱ ଦିଆଯାଇଛି। ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲିଙ୍କୁ ଅନୁଗୋଳରୁ ହଟାଇ ମୟୂରଭଞ୍ଜ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଥିବାବେଳେ ପ୍ରଣବ ବଳବନ୍ତରାୟଙ୍କୁ କଳାହାଣ୍ଡି, ଦେବେଶ ଆଚାର୍ଯ୍ୟଙ୍କୁ ସୁବର୍ଣ୍ଣପୁର, ରବୀନ୍ଦ୍ର କୁମାର ଜେନାଙ୍କୁ ଖୋର୍ଦ୍ଧା, ଅମରେଶ ଜେନାଙ୍କୁ ଦେବଗଡ଼ ଜିଲାର ପର୍ଯ୍ୟବେକ୍ଷକ କରାଯାଇଛି। ସେହିପରି ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କଠାରୁ ଖୋର୍ଦ୍ଧା ଓ ଢେଙ୍କାନାଳ ଜିଲା କାଢ଼ିନିଆଯାଇ କେନ୍ଦ୍ରାପଡ଼ା ଦାୟିତ୍ୱ ଦିଆଯାଇଥିବାବେଳେ ପ୍ରଫୁଲ୍ଲ ମଲ୍ଲିକଙ୍କୁ କଟକ ଜିଲା ପର୍ଯ୍ୟବେକ୍ଷକ କରାଯାଇଛି। ଉଷା ଦେବୀଙ୍କୁ କଟକ ପର୍ଯ୍ୟବେକ୍ଷକ ତାଲିକାରୁ ବାଦ୍ ଦିଆଯାଇଛି। ସେହିପରି ମନ୍ତ୍ରୀ ରୋହିତ ପୂଜାରୀଙ୍କଠାରୁ ସୁବର୍ଣ୍ଣପୁର ଜିଲା ଦାୟିତ୍ୱ କାଢ଼ି ନିଆଯାଇ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ଦିଆଯାଇଛି। ସୁଶାନ୍ତ ସିଂଙ୍କଠାରୁ ଦେବଗଡ଼ ଦାୟିତ୍ୱ ନିଆଯାଇ ବଲାଙ୍ଗୀର ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱ ନ୍ୟସ୍ତ କରାଯାଇଥିବାବେଳେ ଟୁକୁନି ସାହୁଙ୍କଠାରୁ ନୂଆପଡ଼ା ଜିଲା କାଢ଼ି ନିଆଯାଇ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଦିଆଯାଇଛି। ଅନ୍ୟ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ କୌଣସି ପରିବର୍ତ୍ତନ ହୋଇନାହିଁ। ପ୍ରତାପ ଦେବଙ୍କୁ ବାଲେଶ୍ୱର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଅରୁଣ ସାହୁଙ୍କୁ ଜଗତ୍‌ସିଂହପୁର, ଈଶ୍ୱର ପାଣିଗ୍ରାହୀଙ୍କୁ ନବରଙ୍ଗପୁର, ବିଜୟ ନାୟକଙ୍କୁ କନ୍ଧମାଳ, ସୌଭାଗ୍ୟ ନାୟକଙ୍କୁ ବୌଦ୍ଧ, ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ଯାଜପୁର, ପ୍ରୀତିରଞ୍ଜନ ଘଡ଼େଇଙ୍କୁ ସୁନ୍ଦରଗଡ଼, ପଦ୍ମନାଭ ବେହେରାଙ୍କୁ ନୟାଗଡ଼, ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ପୁରୀ, ପ୍ରଦୀପ କୁମାର ଅମାତଙ୍କୁ ଗଞ୍ଜାମ ଓ ଶାରଦା ନାୟକଙ୍କୁ ଝାରସୁଗୁଡ଼ା ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି।

# ଜେଲରେ ଥିବା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଭେଟିଲେ ନୂଆ ସଭାପତି

ଭୁବନେଶ୍ୱର, ୨୭।୩(ବ୍ୟୁରୋ)


ଜେଲରେ ଥିବା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଭେଟି ଫେରୁଛନ୍ତି ସଭାପତି ମନମୋହନ ସାମଲ ଓ ଦଳୀୟନେତା।

ଭାଜପା ରାଜ୍ୟ ସଭାପତି ଭାବେ ଦାୟିତ୍ୱ ନେବା ପରେ ମନମୋହନ ସାମଲ ସୋମବାର ଜେଲରେ ଥିବା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଭେଟିଛନ୍ତି। ତାଙ୍କ ସହିତ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, କେ.ଭି.ସିଂହଦେଓ, ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ବହୁ ବିଧାୟକ ଓ ରାଜ୍ୟ ପଦାଧିକାରୀ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଭେଟିଛନ୍ତି। ଏହି ଅବସରରେ ମନମୋହନ କହିଛନ୍ତି, ଗଣତନ୍ତ୍ରକୁ ହତ୍ୟାକରି ବିଜେଡି ଏକଚ୍ଛତ୍ରବାଦ ଶାସନ କରୁଛି। ଏହା ଆଉ ବେଶି ଦିନ ଚାଲିବ ନାହିଁ। ଗୋଟିଏ ଭୁଲ୍‌କୁ ଲୁଚାଇବା ପାଇଁ ବିଜେଡି ୧୦୦ଟି ଭୁଲ୍ କରିବା ଆରମ୍ଭ କରିଛି। ଏହାସହ କଳ, ବଳର ଅପବ୍ୟବହାର କରି ବିରୋଧୀଙ୍କୁ ଦମନର ପ୍ରୟାସ ଅତ୍ୟନ୍ତ ଲଜ୍ଜାଜନକ। ଆନ୍ଦୋଳନ ଓ ପ୍ରତିବାଦ କରିବା ପାଇଁ ଗଣତନ୍ତ୍ରରେ ସମସ୍ତଙ୍କ ଅଧିକାର ରହିଛି। ଜନତାଙ୍କ ସେବାକୁ ଭଲପାଉଥିବା ଯୁବନେତାଙ୍କୁ ପୋଲିସର ଭୟ ଦେଖାଇ ତାଙ୍କ ସ୍ୱରକୁ ଚାପଦିଆଯାଇ ପାରିବ ନାହିଁ ବୋଲି ମନମୋହନ କହିଛନ୍ତି।

# କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋୟଲଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

## ୨୦ ଲକ୍ଷ ମେଟ୍ରିକ୍ ଟନ୍ ବଳକା ଚାଉଳ ଉଠାଇବାକୁ ଅନୁରୋଧ

ଭୁବନେଶ୍ୱର, ୨୭।୩(ବ୍ୟୁରୋ)

ଖରିଫ ବିପଣନ ବର୍ଷ ୨୦୨୨-୨୩ରେ ଓଡ଼ିଶାରେ ୨୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଳକା ରହିଯିବ। ଏହି ବଳକା ଚାଉଳ କେନ୍ଦ୍ର ସରକାର ନ ଉଠାଇଲେ ଆଗାମୀ ଋତୁରେ ଧାନ ସଂଗ୍ରହ କାର୍ଯ୍ୟ ଗଭୀର ଭାବେ ବାଧାପ୍ରାପ୍ତ ହେବ। ରାଜ୍ୟର ଲକ୍ଷ ଲକ୍ଷ ଚାଷୀଙ୍କ ଜୀବନ ଜୀବିକାକୁ ଏହା ପ୍ରଭାବିତ କରିବାର ସମ୍ଭାବନା ଯଥେଷ୍ଟ ରହିଛି। ଏହାକୁ ଦୃଷ୍ଟିରେ ରଖି ୨୦ ଲକ୍ଷ ମେଟ୍ରିକ୍ ଟନ୍ (୧୭ ଲକ୍ଷ ମେଟ୍ରିକ୍ ଟନ୍ ଉଷୁନା ଏବଂ ୩ ଲକ୍ଷ ମେଟ୍ରିକ୍ ଟନ୍ ଅରୁଆ) ଅତିରିକ୍ତ ବଳକା ଚାଉଳ ତୁରନ୍ତ ଉଠାଯିବା ଦରକାର। ଏଥିପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ସୋମବାର କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।

ନବୀନ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଚଳିତ ଖରିଫ୍ ଋତୁରେ ରେକର୍ଡ ସଂଖ୍ୟକ ଚାଷୀ ୧୪ ଲକ୍ଷ ୯୪ ହଜାର ୩୨୦ ଜଣ ସରକାରଙ୍କୁ ଧାନ ବିକ୍ରି କରିଛନ୍ତି। ଖରିଫ ବିପଣନ ବର୍ଷ ୨୦୨୨-୨୩ ଆସନ୍ତା ୩୧ ତାରିଖରେ ଶେଷ ହୋଇଯାଉଛି। ପ୍ରାୟ ୬୫.୨୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ (୪୪.୨୩ ଲକ୍ଷ ମେଟ୍ରିକ୍ ଟନ୍ ପରିମାଣର ଚାଉଳ) ଗତ ୨୨ ତାରିଖ ସୁଦ୍ଧା ସଂଗ୍ରହ କରାଯାଇଛି। ଚାଷୀଙ୍କଠାରୁ ଧାନ କିଣିବାର ୨୪ରୁ ୪୮ ଘଣ୍ଟା ମଧ୍ୟରେ ସେମାନଙ୍କ ବ୍ୟାଙ୍କ ଖାତାକୁ ଏମ୍‌ଏସ୍‌ପି ବାବଦରେ ପ୍ରାୟ ୧୩,୦୮୧ କୋଟି ଟଙ୍କା ପଠାସରିଛି। ଆଉ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ ହେବା ନେଇ ଆଶା କରାଯାଉଛି। ମୋଟ୍ ୫୪ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଖରିଫ୍ ବିପଣନ ବର୍ଷ ୨୦୨୨-୨୩ରେ ସଂଗ୍ରହ ହେବାର ସମ୍ଭାବନା ରହିଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ରାଜ୍ୟ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ ଏବଂ ଅନ୍ୟ କଲ୍ୟାଣକାରୀ କାର୍ଯ୍ୟକ୍ରମ ଜରିଆରେ ୨୪ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବ୍ୟବହୃତ ହେବ। କେନ୍ଦ୍ର ସରକାରଙ୍କ ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ ୧୦.୩୩ ଲକ୍ଷ ମେଟ୍ରିକ୍ ଟନ୍ (ପ୍ରଥମ ପର୍ଯ୍ୟାୟରେ ୪ ଲକ୍ଷ ମେଟ୍ରିକ୍ ଟନ୍ ଏବଂ ଦ୍ୱିତୀୟ ପର୍ଯ୍ୟାୟେର ୬.୩୩ ଲକ୍ଷ ମେଟ୍ରିକ୍ ଟନ୍) ଭିଟାମିନ ଯୁକ୍ତ ଉଷୁନା ଚାଉଳ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଜରିଆରେ ଓଡ଼ିଶାରୁ ୨୦୨୨-୨୩ ଖରିଫ ବିପଣନ ବର୍ଷରେ ସଂଗ୍ରହ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏଥିଯୋଗୁ ରାଜ୍ୟରେ ପାଖାପାଖି ୨୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଳକା ରହିଯିବ। ତେଣୁ ମୁଖ୍ୟମନ୍ତ୍ରୀ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅତିରିକ୍ତ ଭାବେ ୨୦ ଲକ୍ଷ ମେଟ୍ରିକ୍ ଟନ୍ ବଳକା ଚାଉଳ ଗ୍ରହଣ କରିବା ପାଇଁ ଗୋୟଲଙ୍କୁ ଅନୁରୋଧ କରିଛନ୍ତି।

# କଳାପୋଷାକ ପିନ୍ଧି ପ୍ରତିବାଦ, ହଟ୍ଟଗୋଳ

- ରାହୁଲଙ୍କ ଲୋକ ସଭା ସଦସ୍ୟ ପଦ ରଦ୍ଦ ପ୍ରସଙ୍ଗ
- ମଙ୍ଗଳବାର ଯାଏ ଗୃହ ମୁଲତବୀ

ଭୁବନେଶ୍ୱର,୨୭।୩(ବ୍ୟୁରୋ)

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟ ପଦ ରଦ୍ଦକୁ ନେଇ ଦଳୀୟ ସଦସ୍ୟମାନେ ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଏଥିଯୋଗୁ ବିଧାନସଭା ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି। ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ବିକ୍ରମ କେଶରୀ ଆରୁଖ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ମହମ୍ମଦ ମୋକିମ, ସନ୍ତୋଷ ସିଂ ସାଲୁଜାଙ୍କ ସମେତ ଦଳର ଅନ୍ୟ ସଦସ୍ୟମାନେ କଳାପୋଷାକ ପିନ୍ଧି ଗୃହର ମଧ୍ୟଭାଗକୁ ଆସି ଜୋର୍‌ଦାର ପ୍ରତିବାଦ କରିଲେ। ସିପିଆଇ(ଏମ୍) ସଦସ୍ୟ ମଧ୍ୟ ମୁଣ୍ଡରେ କଳାପଟି ବାନ୍ଧି କଂଗ୍ରେସ ସଦସ୍ୟଙ୍କ ସହ ମିଶି ପ୍ରତିବାଦ କରିଥିଲେ। ଗଣତନ୍ତ୍ର ହତ୍ୟାକାରୀ ନରେନ୍ଦ୍ର ମୋଦି ହାଏ.. ହାଏ.. ସ୍ଲୋଗାନ ଦେଇଥିଲେ। ବିରୋଧୀଙ୍କ ଆକ୍ରମଣାତ୍ମକ ମୁଡ୍ ଦେଖି ବାଚସ୍ପତି ମାତ୍ର ୧ ମିନିଟ୍ ପରେ ୧୦ଟା ୩୧ରୁ ଅପରାହ୍ନ ୪ଟା ଯାଏ ଗୃହକୁ ମୁଲତବୀ ଘୋଷଣା କରିଦେଇଥିଲେ। ଗୃହ ମୁଲତବୀ ହେବାପରେ କଂଗ୍ରେସ ସମେତ ଅନ୍ୟ ଦଳର ସଦସ୍ୟମାନେ ଏହାର ପ୍ରତିବାଦରେ କଳାପୋଷାକ ପିନ୍ଧି ରାଜଭବନ ଯାଇ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ସାକ୍ଷାତ୍ କରି ସ୍ମାରକପତ୍ର ଦେଇଥିଲେ।


ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟ ପଦ ରଦ୍ଦ ପ୍ରସଙ୍ଗକୁ ନେଇ ବିଧାନସଭାରେ ସୋମବାର କଂଗ୍ରେସ ସଭ୍ୟମାନେ କଳା ପୋଷାକ ପିନ୍ଧି ହଟ୍ଟଗୋଳ କରୁଛନ୍ତି।

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଥିଲେ, ମୋଦି ସରକାର ଗଣତନ୍ତ୍ରକୁ ହତ୍ୟାକରି ରାହୁଲଙ୍କୁ ଗୋଟିଏ ଦିନରେ ବରଖାସ୍ତ କରିଛନ୍ତି। ଏହା ଦ୍ୱାରା ଗଣତନ୍ତ୍ର କେବେହେଲେ ସୁଦୃଢ଼ ହେବନାହିଁ। ଏହାର ପ୍ରତିବାଦରେ ବିଜେଡି ଓ ଭାଜପାକୁ ଛାଡ଼ି ଅନ୍ୟ ରାଜନୈତିକ ଦଳର ସଦସ୍ୟମାନେ ରାଜ୍ୟପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଭବିଷ୍ୟତରେ ଯେପରି ଏଭଳି ନ ହେବ ସେନେଇ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦିଆଯାଇଛି ବୋଲି ସାଲୁଜା କହିଛନ୍ତି।

ଅପରାହ୍ନରେ ମଧ୍ୟ କଂଗ୍ରେସ ସଦସ୍ୟଙ୍କର ପ୍ରତିବାଦ ଜାରି ରହିଥିଲା। ଫଳରେ ଗୃହରେ କୌଣସି କାର୍ଯ୍ୟ ହୋଇପାରି ନ ଥିଲା। ହଟ୍ଟଗୋଳ ମଧ୍ୟରେ ବାଚନିକ ମତଦାନରେ ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ବିଲ୍-୨୦୨୩ ବିଧାନସଭାରେ ଉପସ୍ଥାପନ କରାଯାଇଛି। ପରେ ଗୃହକୁ ବାଚସ୍ପତି ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ ଯାଏ ମୁଲତବୀ ଘୋଷଣା କରିଛନ୍ତି।

# ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ଦାବିରେ ବିକ୍ଷୋଭ



ଓଡ଼ିଶା ରାଜ୍ୟ ଭତ୍ତା ମହାସଂଘ ପକ୍ଷରୁ ସୋମବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭୁବନେଶ୍ୱର,୨୭।୩(ବ୍ୟୁରୋ)

ଓଡ଼ିଶା ରାଜ୍ୟ ଭତ୍ତା ମହାସଂଘ ପକ୍ଷରୁ ୫ ଦଫା ଦାବି ନେଇ ସୋମବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଏକ ଦାବିପତ୍ର ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ବୃଦ୍ଧି, ପ୍ରତ୍ୟେକ ମାସ ୧୫ ତାରିଖରେ ଭତ୍ତା ପ୍ରଦାନ, ଭତ୍ତା ଟଙ୍କାକୁ ପୂର୍ବପରି ପଞ୍ଚାୟତ ଅଫିସ୍ ଓ ମ୍ୟୁନିସିପାଲିଟିର ପ୍ରତ୍ୟେକ ୱାର୍ଡରେ ପ୍ରଦାନ ବ୍ୟବସ୍ଥା, ଯୋଗ୍ୟ ହିତାଧିକାରୀ ଚିହ୍ନଟ କରି ମଧୁବାବୁ ପେନସନ୍ ଯୋଜନା ତାଲିକାଭୁକ୍ତ କରିବା, ଭତ୍ତା ପ୍ରଦାନ କ୍ଷେତ୍ରରେ ବୟସର ତାରତମ୍ୟ ନ ରଖି ସମସ୍ତଙ୍କୁ ସମାନ ପରିମାଣର ଅର୍ଥ ପ୍ରଦାନ ଦାବି କରାଯାଇଛି। ସଂଘ ଆବାହକ ମାନସ କୁମାର ପ୍ରଧାନଙ୍କ କହିବାନୁସାରେ, ୨୦୧୮ ଡିସେମ୍ବରରୁ ଭତ୍ତା ଟଙ୍କା ବୃଦ୍ଧି ନେଇ ସରକାରଙ୍କ ନିକଟରେ ଦାବି କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ୨୦୨୦ରେ ତତ୍‌କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ପୁରୀ ଗସ୍ତ ସମୟରେ ପୁରୀ ଜିଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀଙ୍କୁ ଏକାଧିକଥର ଦାବିପତ୍ର ଦିଆଯାଇଛି। ତଥାପି କୌଣସି ପଦକ୍ଷେପ ନିଆଯାଇ ନାହିଁ। ୬୦ ବର୍ଷରୁ ୮୦ ବର୍ଷର ହିତାଧିକାରୀମାନେ ମାସିକ ମାତ୍ର ୫୦୦ ଟଙ୍କା ପାଉଥିବାବେଳେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ହିତାଧିକାରୀ ୭୦୦ ଟଙ୍କା ପାଉଛନ୍ତି, ଯାହାକି ଦିନକୁ ଯଥାକ୍ରମେ ୧୭ ଟଙ୍କା ଓ ୨୩ଟଙ୍କା ମଜୁରୀ ପଡୁଛି। ତେଣୁ ଏହି ଭତ୍ତାରାଶି ବୃଦ୍ଧି ଦାବି ପୂରଣ ନ ହେଲେ ସଂଘ ଅଦାଲତର ଆଶ୍ରୟ ନେବ ନଚେତ୍ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଦାବି ପୂରଣ ନ ହେଲେ ଆନ୍ଦୋଳନ ଜୋର୍‌ଦାର ହେବ

# ଯାଜପୁରରେ ୭ ଜଣଙ୍କ ପ୍ରାଣ ଯିବା ପରେ ଚେତିଲେ

- ଦୁର୍ଘଟଣାଗ୍ରସ୍ତ ଗାଡ଼ି ତୁରନ୍ତ ରାସ୍ତାରୁ ହଟାଇବାକୁ ଡିଜିଙ୍କୁ ଚିଠି ଲେଖିଲେ ପରିବହନ ସଚିବ
- ୨୦୨୧ରେ ଯାଇଛି ୧୮୭ ଜୀବନ
- ରାତିରେ ରାସ୍ତା ଉପରେ ବା କଡରେ ପାର୍କିଂ କରୁଥିବା ଗାଡ଼ିଠୁ ଫାଇନ ନିଅ

ଭୁବନେଶ୍ୱର, ୨୭।୩(ବ୍ୟୁରୋ)

ରାଜ୍ୟରେ ସଡ଼କ ଦୁର୍ଘଟଣା ହୁ ହୁ ହୋଇ ବଢ଼ି ଚାଲିଥିବା ବେଳେ ଏହାକୁ ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଫେଲ୍ ମାରିଛନ୍ତି। ସୁପ୍ରିମକୋର୍ଟ କମିଟିର ବାରମ୍ବାର ତାଗିଦ ସତ୍ତ୍ୱେ ଦୁର୍ଘଟଣାଜନିତ ମୃତ୍ୟୁ ହାର କମିବାର ନାଁ ଧରୁନାହିଁ। ତେବେ ଏହାରି ଭିତରେ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ୨୦୨୧ ମସିହାରେ ୫୬୮ ସଡ଼କ ଦୁର୍ଘଟଣା ହୋଇଛି, ଯେଉଁଥିରେ ୧୮୭ ଜଣଙ୍କ ମୃତ୍ୟୁ ଘଟିଛି। ତେବେ ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଗାଡି ତୁରନ୍ତ ନ ହଟାଯିବା ଯୋଗୁ ସେହିସବୁ ଗାଡିରେ ପିଟି ହୋଇ ଏଭଳି ଦୁର୍ଘଟଣା ଘଟିଥିବା ଖୋଦ୍ ରାଜ୍ୟ ସରକାର ତଥ୍ୟ ରଖିଛନ୍ତି। ଯାଜପୁରଠାରେ ନିକଟରେ ରାସ୍ତାରେ ରହିଥିବା ଏକ ଗାଡ଼ିରେ ମାଡ ହୋଇ ୭ ଜଣଙ୍କ ଜୀବନ ଯିବା ପରେ ରାଜ୍ୟ ପରିବହନ ବିଭାଗ ଏଭଳି ଘଟଣା ପ୍ରତି ଏବେ ତତ୍ପରତା ପ୍ରକାଶ କରିଛି। ୨୦୨୧ ମସିହାର ତଥ୍ୟ ଦେଇଥିବା ବେଳେ ୨୦୨୨ ମସିହାରେ ଏଭଳି କେତେ ଘଟଣା ଘଟିଛି ତାହାର ତଥ୍ୟ ଆଉ ସରକାର ରଖିନାହାନ୍ତି।

ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ସୋମବାର ପୋଲିସ ମହାନିର୍ଦ୍ଦେଶକଙ୍କୁ ଏକ ଚିଠି ଲେଖିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ସିଆଇଡି ଏବଂ କ୍ରାଇମବ୍ରାଞ୍ଚ ତଥ୍ୟ ଅନୁଯାୟୀ ୨୦୨୧ରେ ରାସ୍ତାରେ ଥୁଆ ହୋଇଥିବା ଗାଡ଼ିରେ ପିଟି ହୋଇ ୫୬୮ଟି ଦୁର୍ଘଟଣା ଘଟିଛି ଏବଂ ସେଥିରେ ୧୮୭ ଜଣ ପ୍ରାଣ ହରାଇଛନ୍ତି। ଗତ ଫେବୃୟାରୀ ୨୫ ତାରିଖରେ ଯାଜପୁର ଜିଲା ଚଣ୍ଡିଖୋଲ ଛକ ନିକଟସ୍ଥ ନେଉଳପୁର ଏନ୍‌ଏଚ-୧୬ରେ ଏକ ଦୁର୍ଘଟଣା ଘଟି ୭ ଜଣ ପ୍ରାଣ ହରାଇଥିଲେ। ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦାଖଲ କରାଯାଇଥିବା ରିପୋର୍ଟ ଅନୁଯାୟୀ, ଓଡି ୦୪କ୍ୟୁ ୨୭୯୧ ନମ୍ବରର ଟ୍ରକ୍‌ର କିଛି ଅଂଶ ରାସ୍ତାର ପ୍ରଥମ ବାମ ପାର୍ଶ୍ୱ ଲେନ୍‌ରେ ଏବଂ ରାସ୍ତା ମଝିରେ ଆଉ କିଛି ଅଂଶ ରହିଥିଲା। ଏହି ଟ୍ରକ ସେଠାରେ ଥୁଆ ହେବା ନେଇ କିଛି ସଙ୍କେତ ମଧ୍ୟ ନ ଥିଲା। ଗତ ୨୨ ଫେବୃୟାରୀରେ ଉକ୍ତ ଟ୍ରକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇ ସେଠାରେ ରହିଥିଲା। ଦୁର୍ଘଟଣାର ୩ ଦିନ ପରେ ମଧ୍ୟ ଗାଡିକୁ ସେଠାରେ ହଟାଯାଇ ନ ଥିଲା। ଆଉ ଏକ ମାଲବାହୀ ଟ୍ରକ କୋଲକାତାରୁ କଟକ ଅଭିମୁଖେ ଆସୁଥିଲା। ସେହି ସମୟରେ ରାସ୍ତାରେ ଥୁଆ ହୋଇଥିବା ଟ୍ରକ୍‌କୁ ନ ଦେଖିପାରି ସେଥିରେ କଟକ ଯାଉଥିବା ଗାଡି ମାଡ କରି ଦେଇଥିଲା। ଫଳରେ ୭ଟି ମୂଲ୍ୟବାନ ଜୀବନ ଚାଲିଗଲା। ଯଦି ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ଥିବା ଟ୍ରକ୍‌କୁ ରାସ୍ତାରୁ ହଟାଯାଇ ଥାଆନ୍ତା ତେବେ ଏହି ଘଟଣା ଘଟି ନ ଥାଆନ୍ତା କି ୭ ଜୀବନ ଯାଇ ନ ଥାଆନ୍ତା। ତେଣୁ ରାଜ୍ୟର ସବୁ ପୋଲିସ୍ ଥାନାକୁ ନିର୍ଦ୍ଦେଶ ଦେଇ ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହେଉଥିବା ଗାଡିକୁ ତୁରନ୍ତ ହଟାନ୍ତୁ। ଏହାସହ ମୁଖ୍ୟତଃ ରାତ୍ରି ସମୟରେ ରାସ୍ତା ଉପରେ ଏବଂ କଡରେ ପାର୍କିଂ କରି ଦେଉଥିବା ଗାଡିଗୁଡ଼ିକୁ ଆର୍ଥିକ ଦଣ୍ଡ ଦେବା ଲାଗି ନିର୍ଦ୍ଦେଶ ଦେବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ଏପରି କରାଗଲେ ରାସ୍ତାରେ ଗାଡି ରହିବା ଯୋଗୁ ଆଉ ଦୁର୍ଘଟଣା ହୋଇ ଜୀବନ ଯିବ ନାହିଁ। ଯଦି କୌଣସି ଗାଡି ରାସ୍ତାରୁ ହଟାଇବା ଲାଗି କିଛି ଆବଶ୍ୟକତା ପଡେ ଯେପରିକି କ୍ରେନ୍ ଭଡାରେ ଆଣିବା ହେଉ ବା ଆଉ କିଛି ସେଥିଲାଗି ଆର୍‌ଟିଓଗୁଡିକରେ ସଡ଼କ ସୁରକ୍ଷା ପାଣ୍ଠି ନେଇ ହେବ ବୋଲି ପାଢ଼ୀ କହିଛନ୍ତି।

## ଆଇନ କଲେଜରେ ରକ୍ତଦାନ ଶିବିର

**ସମ୍ବଲପୁର (ବ୍ୟୁରୋ):** ସମ୍ବଲପୁର ଲଜପତ ରାୟ ଆଇନ କଲେଜରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର କନ୍‌ଫରେନ୍ସ ହଲ୍‌ଠାରେ ଆୟୋଜିତ ଶିବିରରେ ମୋଟ ୫୧ ଛାତ୍ରୀଛାତ୍ର, ଅଧ୍ୟାପକ, କର୍ମଚାରୀ ରକ୍ତଦାନ କରିଥିଲେ । କଲେଜ ଅଧ୍ୟକ୍ଷ ଡ. ବିଜୟାନନ୍ଦ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସହକାରୀ ଜିଲାପାଳ ରେହାନ ଖତ୍ରୀ (ଆଇଏଏସ୍) ମୁଖ୍ୟ ଅତିଥି ଓ କଳ୍ପନା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ବଲପୁର ରକ୍ତଭଣ୍ଡାରର ଡା. କଳ୍ପେସ କଳ୍ପତଙ୍କ ସମେତ ପୁରା ଟିମ୍ ଶିବିର ପରିଚାଳନା କରିଥିଲେ ।

## ସଂକ୍ଷେପରେ

### ଶିବିରରେ ୨୧ ଅଭିଯୋଗ ପଞ୍ଜୀକୃତ

**ନାକଟିଦେଉଳ,୨୭।୩(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଶିମିଳିପାଳ ଗ୍ରା.ପ. କାର୍ଯ୍ୟାଳୟ ପରିସରରେ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମୁଦାୟ ୨୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ୧୮ଟି ବ୍ୟକ୍ତିଗତ ଓ ୩ଟି ଗୋଷ୍ଠୀଗତ ରହିଥିଲା । ଆବାସ ଯୋଜନାରେ ଘର, ରାଶନକାର୍ଡ଼, ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ଆଦି ସମ୍ପର୍କରେ ଅଭିଯୋଗ ହୋଇଥିଲା । ତେବେ ପ୍ରଶାସନ ପକ୍ଷରୁ ୪ ବ୍ୟକ୍ତିଗତ ଅଭିଯୋଗର ସମାଧାନ କରାଯାଇଥିଲା । ଏହି ଅବସରରେ ୫ ମହିଳା ସ୍ୱୟଂସହାୟିକା ଗୋଷ୍ଠୀକୁ ୨୦ଲକ୍ଷ ଟଙ୍କା ଋଣ ସୁପାରିଶ କରାଯାଇଥିଲା । ବିଡିଓ ବିବେକାନନ୍ଦ ସାହୁ ଓ ତହସିଲଦାର ସୁକାନ୍ତ କୁମାର ନାଏକ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ । ଶିମିଳିପାଳ ସରପଞ୍ଚ ସସ୍ମିତାରାଣୀ ପ୍ରଧାନଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

### ହନୁମାନ ଜୟନ୍ତୀ ସମନ୍ୱୟ ସମିତି ବୈଠକ

**ସମ୍ବଲପୁର,୨୭।୩ (ବ୍ୟୁରୋ):** ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟାଳୟରେ ସମ୍ବଲପୁର ହନୁମାନ ଜୟନ୍ତୀ ସମନ୍ୱୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମିତି ସଭାପତି ଡା. ରାଜକୁମାର ବଡ଼ପଣ୍ଡା ଅଧ୍ୟକ୍ଷତା କରିଥିଲେ । ସାଧାରଣ ସମ୍ପାଦକ ସମୀର ରଞ୍ଜନ ବାବୁ ପରିଚାଳନା କରିଥିଲେ । ଆସନ୍ତା ଏପ୍ରିଲ ୧୪ରେ ହେବାକୁ ଥିବା ଶୋଭାଯାତ୍ରା ଓ ତା' ପୂର୍ବରୁ ଝଣ୍ଡା ଯାତ୍ରା, ବାଇକ୍ ରାଲି ଆଦି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା । ପରବର୍ତ୍ତୀ ବୈଠକରେ ସମିତିର ଅନ୍ୟାନ୍ୟ ପଦାଧିକାରୀ ଚୟନ କରାଯାଇ ଦାୟିତ୍ୱ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ସତ୍ୟ ନାରାୟଣ ପଣ୍ଡା, ପ୍ରଦୀପ କୁମାର ବହିଦାର, ଗିରିଷ ପଟେଲ, ଦାମୋଦର କର, ରାମଚନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

### ସଡ଼କ ଦୁର୍ଘଟଣାରେ ମହିଳା ସ୍ୱାସ୍ଥ୍ୟ କର୍ମଚାରୀ ମୃତ

**ବେଲପାହାଡ,୨୭।୩(ଡି.ଏନ.ଏ.):** ଲଖନପୁର ବ୍ଲକ କୁମ୍ଭାରବନ୍ଧ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ସେ ହେଲେ କୁମ୍ଭାରବନ୍ଧର ଅଜୟ ଷଣ୍ଢଙ୍କ ସ୍ତ୍ରୀ ସତ୍ୟଭାମା ସାହୁ (୫୮) । ସୂଚନା ଅନୁଯାୟୀ, ସତ୍ୟଭାମା ଏଏନ୍‌ଏମ୍ ସାସ୍ଥ୍ୟ କର୍ମଚାରୀ ଭାବେ କୁମ୍ଭାରବନ୍ଧ କାର୍ଯ୍ୟରତ ଥିଲେ । ମୂଳ ବାସିନ୍ଦା ବାଲେଶ୍ୱର ଜିଲାର ହୋଇଥିବାବେଳେ କୁମ୍ଭାରବନ୍ଧ ଅଞ୍ଚଳରେ ନିଜ ପରିବାର ସହ ରହିଆସୁଥିଲେ । ରବିବାର ସନ୍ଧ୍ୟାରେ ବତଲଗା ଗ୍ରାମର ଜଣେ ଗର୍ଭବତୀଙ୍କ ପ୍ରସବ ଯନ୍ତ୍ରଣା ହୋଇଥିଲା । ସେ ସମୟରେ ଆମ୍ବୁଲାନ୍ସ ସହାୟତା ନ ମିଳିବାରୁ ପରିବାର ଲୋକେ ସତ୍ୟଭାମାଙ୍କୁ ଯୋଗାଯୋଗ କରିଥିଲେ । ସେ ସଙ୍ଗେ ସଙ୍ଗେ ନିଜ ସ୍କୁଟି ଯୋଗେ ଘରୁ ବାହାରିଥିଲେ । ତେବେ ଅଇଁଲାପାଲି ଗ୍ରାମ ନିକଟ ରାସ୍ତାରେ ହଠାତ୍ ଏକ କୁକୁର ସହ ସ୍କୁଟି ଧକ୍କା ହୋଇଥିଲା । ଫଳରେ ସେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍ କ୍ରୋସାକୀ ଡାକ୍ତରଖାନାକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ । ତାଙ୍କ ପରିବାରରେ ସ୍ୱାମୀଙ୍କ ସମେତ ଦୁଇପୁଅ ଅଛନ୍ତି । ବନହରପାଲି ପୋଲିସ କେସ୍ ନଂ.୪୫/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

### ଟ୍ରକ୍ ଦୁର୍ଘଟଣାରେ ହେଲପରଙ୍କ ମୃତ୍ୟୁ

**କୁଚିଣ୍ଡା,୨୭।୩(ଡି.ଏନ.ଏ.):** କୁଚିଣ୍ଡା ଥାନା ଅନ୍ତର୍ଗତ ୪୯ନଂ. ଜାତୀୟ ରାଜପଥର ଝାରମୁଣ୍ଡା ନିକଟରେ ସୋମବାର ଏକ ଟ୍ରକ୍ ଦୁର୍ଘଟଣାରେ ହେଲପରଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ପରିଚୟ ମିଳିପାରି ନାହିଁ । ସୂଚନାକ୍ରମେ ଟ୍ରକ୍ ନଂ.ଓଆର୦୪ଏନ-୩୨୯୭ ଆଜବେଷ୍ଟସ୍ ନେଇ ଯାଉଥିବା ସମୟରେ ଝାରମୁଣ୍ଡା ନିକଟରେ ଆଗ ଚକ ଫାଟିଯିବାରୁ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଡ୍ରାଇଭର ଟ୍ରକ୍‌ରୁ ଡେଇଁ ଫେରାର ହୋଇଥିବା ବେଳେ ହେଲପର ଟ୍ରକ୍ ତଳେ ଚାପି ହୋଇଯାଇଥିଲେ । ଖବରପାଇ କୁଚିଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦମକଳ ବାହିନୀ ସହାୟତାରେ ହେଲପରଙ୍କୁ ଉଦ୍ଧାର କରି କୁଚିଣ୍ଡା ମେଡିକାଲକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି ।

# ସୁଧୁରିବ ଦୁର୍ବଳ ସଂଗଠନ

## ସମ୍ବଲପୁର ପାଇଁ ପ୍ରଣବ ପର୍ଯ୍ୟବେକ୍ଷକ

**ସମ୍ବଲପୁର,୨୭।୩ (ବ୍ୟୁରୋ)**

ବିଜେଡି ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ସମେତ ଅନ୍ୟ ୩ ଜିଲାରେ ଯାଜପୁର ବିଧାୟକ ତଥା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରିଛନ୍ତି । ପ୍ରଣବଙ୍କ ନିଯୁକ୍ତି ପରେ ସମ୍ବଲପୁର ଜିଲାରେ ବିଜେଡି ଶିବିରରେ ଖୁସିର ଲହରି ଦେଖିବାକୁ ମିଳିଛି । ଜିଲାର କେତେକ ସ୍ଥାନରେ ବିଜେଡି ସଂଗଠନ ଦୁର୍ବଳ ରହିଛି ତାହା ସୁଧୁରିଯିବ ବୋଲି ଦଳର ନେତାମାନେ ଆଶା କରିଛନ୍ତି ।

ଅନ୍ୟପଟେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଗାମୀ ୨୦୨୪ ନିର୍ବାଚନରେ ପ୍ରତ୍ୟକ୍ଷ ଭାବେ ମଇଦାନକୁ ଓହ୍ଲାଇବେ ବୋଲି କୁହାଯାଉଛି । ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ ଚାହିଁଲେ ସମ୍ବଲପୁର ନିର୍ବାଚନ ମଣ୍ଡଳୀରୁ ଲଢିବେ ବୋଲି ଜନସଭାରେ ଘୋଷଣା କରିଥିଲେ । କିଛିଦିନ ହେବ କେନ୍ଦ୍ରମନ୍ତ୍ରୀ ପ୍ରଧାନ ତୁହାକୁ ତୁହା ସମ୍ବଲପୁର ଲୋକ ସଭା ଅଧୀନ ବିଧାନସଭା ଅଞ୍ଚଳ ଗସ୍ତକରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରୁଛନ୍ତି । ଏଣୁ ସେ ସମ୍ବଲପୁର ଲୋକ ସଭା ନିର୍ବାଚନ ଲଢିବା ନେଇ ଏକପ୍ରକାର ସଙ୍କେତ ଦେଉଥିବା ଚର୍ଚ୍ଚା ହେଉଛି । ଧର୍ମେନ୍ଦ୍ରଙ୍କୁ ଟକ୍କର ଦେବା ପାଇଁ ବିଜେଡି ପ୍ରଣବଙ୍କୁ ସମ୍ବଲପୁର ଜିଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଥିବା ଆଲୋଚନା ହେଉଛି । ଅନ୍ୟପଟେ ଜିଲାରେ ବିଜେଡି ସଂଗଠନ କୌଣସି ଜଣେ ନେତାଙ୍କ ନିୟନ୍ତ୍ରଣରେ ପରିଚାଳିତ ହେଉ ନାହିଁ । ୨୦୧୯ ଲୋକ ସଭା ନିର୍ବାଚନକୁ ଦେଖିଲେ ଜିଲାରେ ୪ ବିଧାନସଭା ଭିତରୁ ରେଙ୍ଗାଲି ଓ ସମ୍ବଲପୁର ଭାଜପା ହାତକୁ ଯାଇଥିବା ବେଳେ ରେଢାଖୋଲ ଓ କୁଚିଣ୍ଡା ବିଜେଡି ହାତରେ ରହିଥିଲା । ୨୦୧୪ ନିର୍ବାଚନରେ ସମ୍ବଲପୁର ଓ ରେଙ୍ଗାଲି ବିଧାନସଭା ବିଜେଡି ହାତରେ ଥିବା ବେଳେ ଭାଜପାକୁ ହାତକୁ ଚାଲିଯିବା ଘଟଣା ଦଳପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏପରି କି ବିଜେଡି ହାତରୁ ସମ୍ବଲପୁର ଲୋକ ସଭା ଆସନ ମଧ୍ୟ ଭାଜପା ଛଡାଇ ନେଇଥିଲା । ଦଳୀୟ ଗୋଷ୍ଠୀକନ୍ଦଳ ଭାଜପାକୁ ସୁହାଇଥିଲା ବୋଲି ସେ ସମୟରେ ଆଲୋଚନା ହୋଇଥିଲା । ହେଲେ ଗତ ପଞ୍ଚାୟତ ନିର୍ବାଚନରେ ଭଟ୍ଲି ବିଧାୟକ ସୁଶାନ୍ତ ସିଂଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ଓ ବବି ପରିଚାଳନା କରି ଜିଲାପରିଷଦ ନିର୍ବାଚନ ଦଳର ସ୍ଥିତି ଫେରାଇ ଆଣିଥିଲେ । ଜିଲାରେ ମୋଟ ୧୮ ଜିଲାପରିଷଦ ଆସନରୁ ବିଜେଡି ୧୬ ଆସନରେ ବିଜୟୀ ହୋଇଥିଲା । ହେଲେ କୁଚିଣ୍ଡା ଓ ରେଢାଖୋଲ ବ୍ଲକରେ ଗୋଟିଏ ଲେଖାଏ ଜିଲାପରିଷଦ ଆସନ ହାରିଯାଇଥିଲା । ଏପରି କି ରେଢାଖୋଲ ଏନ୍‌ଏସି ନିର୍ବାଚନରେ ମଧ୍ୟ ବିଜେଡି ପରାଜିତ ହୋଇଥିଲା । ଅନ୍ୟପଟେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ବିରୋଧୀ ଦଳ ନେତା ହେବା ପରେ ଆହୁରି ଆକ୍ରମଣାତ୍ମକ ହୋଇପଡିଛନ୍ତି । ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଦୁର୍ବଳତା ପଦାକୁ ଆଣି ସରକାରଙ୍କୁ କାଠଗଡାକୁ ଟାଣୁଛନ୍ତି । ବିଧାୟକ ମିଶ୍ରଙ୍କ ଅଭିଜ୍ଞତା ଓ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଲୋକ ସଭା ଆସନରେ ଛିଡା ହେଲେ ଭାଜପା ଶକ୍ତିଶାଳୀ ହୋଇଯିବ । ତେଣୁ ସେ ନେଇ ବିଜେଡି ରଣନୀତି କରୁଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି । ଏ ସମ୍ପର୍କରେ ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ କହିଛନ୍ତି, ଏହା ଜିଲା ବିଜେଡି ପାଇଁ ଶୁଭଙ୍କର । ବିଗତ ନିର୍ବାଚନରେ କାରଣ ଯାହା ହେଉନା କାହିଁକି ଦଳ ୨ ଗୋଟି ବିଧାନସଭା ଓ ଲୋକ ସଭା, ୨ ଗୋଟି ଜିଲାପରିଷଦ ଓ ୧ ଏନ୍‌ଏସି ପଦ ହରାଇଥିଲା । ଆଗାମୀ ନିର୍ବାଚନରେ ଦଳ ନିଶ୍ଚିତ ଭାବେ ଏହାକୁ ନିଜ ହାତକୁ ନେବ ବୋଲି ସେ କହିଥିଲେ ।

## ଘରୋଇ ଜମିରେ ପଡୁଛି ରେଳ ବିଭାଗର ମାଟି



ମାଟି ଖୋଳାଯାଇ ଘରୋଇ ଜମିରେ ପକାଯାଉଛି ।

**ସମ୍ବଲପୁର,୨୭।୩ (ବ୍ୟୁରୋ)**

ସମ୍ବଲପୁର-ତାଳଚେର ରେଳଲାଇନ ୟୁଯୁମୁରାଠାରେ ଅଣ୍ଡରପାସ୍ ବ୍ରିଜ୍ ନିର୍ମାଣ କାମ ଚାଲିଛି । ହେଲେ ବ୍ରିଜ୍ ପାଇଁ ରେଳ ବିଭାଗ ଅଧିକୃତ ଜମିରୁ ମାଟି ଖୋଳାଯାଇ ଘରୋଇ ଜମିରେ ପକାଯାଉଛି । ଏହି ମାଟିକୁ ମୋଟା ଅଙ୍କରେ ବିକ୍ରି କରାଯାଉଛି ବୋଲି ଅଭିଯୋଗ ହେଉଛି । ରେଳ ବିଭାଗ ସମ୍ପତ୍ତିକୁ ଚୋରି କରି ବିକ୍ରି କରାଗଲେ କଡା ଆଇନ ରହିଛି । ନିୟୋଜିତ ଠିକାସଂସ୍ଥା ଏହି ମାଟି ନେଇ ଘରୋଇ ଜମିରେ ପକାଉଥିବା ଅଭିଯୋଗ ହେଉଛି । ସ୍ଥାନୀୟ ଲୋକମାନେ ଏହାକୁ ବିରୋଧ କରିଥିଲେ । ହେଲେ ଠିକା ସଂସ୍ଥା ଏହାକୁ ଗୁରୁତ୍ୱ ନ ଦେଇ ଖୋଳାଯାଉଥିବା ମାଟିକୁ ଅନ୍ୟ ସ୍ଥାନରେ ପକାଉଛନ୍ତି । ରେଳ ବିଭାଗ ଜମିରୁ ମାଟିକୁ ଖୋଳାଗଲେ ରେଳ ବିଭାଗର ଆବଶ୍ୟକ ପଡୁଥିବା ଖାଲଖମା ଜମିରେ ପକାଇ ସମତଳ କରିବାକୁ ନିୟମ ରହିଛି । ରେଳ ବିଭାଗ ଅଧିକାରୀ କାମ ତଦାରଖ କରି ପଦକ୍ଷେପ ନେବାକୁ ଦାବି ହେଉଛି । ଏ ସମ୍ପର୍କରେ ରେଳ ବିଭାଗ ପକ୍ଷରୁ କୁହାଯାଇଛି, ରେଳ ବିଭାଗ ଜମିରୁ ମାଟି ଖୋଳି ଅନ୍ୟତ୍ର ନେଇପାରିବେ ନାହିଁ । ଯଦି ମାଟି ଅନ୍ୟତ୍ର ନିଆଯାଏ ତା'ହେଲେ ରେଳ ବିଭାଗ ଜମିରେ ପକାଯିବ । କେଉଁ କାରଣରୁ ଏଭଳି ଘଟଣା ହୋଇଛି ତଦନ୍ତ କରାଯିବ ।

## ୪୦ କେଜି ଗଞ୍ଜେଇ ଜବତ, ୩ ଗିରଫ

**ସମ୍ବଲପୁର,୨୭।୩(ବ୍ୟୁରୋ)**

ସମ୍ବଲପୁର ଅବକାରୀ ବିଭାଗ ଓ ଆର୍‌ପିଏଫ୍ ମିଳିତ ଭାବେ ଚଢାଉ କରି ୪୦ କେଜି ଗଞ୍ଜେଇ ଜବତ କରିଛନ୍ତି । ଏହି ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ବିହାର ଭୋଜପୁରର ଭୀମ କୁମାର(୨୩), ରୋହତାଶର ମିଥିଲେଶ କୁମାର (୨୧), ଉତ୍ତରପ୍ରଦେଶର ସରଜିତ କୁମାର (୧୯) । ଏ ନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନା ଅନୁସାରେ ଅଭିଯୁକ୍ତମାନେ ଇସ୍ପାତ ଟ୍ରେନ୍ ଯୋଗେ ବଲାଙ୍ଗୀର ସଇଁତଳାରୁ ଗଞ୍ଜେଇ ନେଇ କୋଲକାତା ଯାଉଥିଲେ । ଏ ନେଇ



ସମ୍ବଲପୁର ଷ୍ଟେଶନରୁ ଜବତ ହୋଇଥିବା ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ ।

ଅବକାରୀ ବିଭାଗ ପାଖକୁ ସୂଚନା ଆସିଥିଲା । ବିଭାଗ ଆର୍‌ପିଏଫ୍ ସମ୍ବଲପୁର ଟିମ୍ ସହଯୋଗରେ ଷ୍ଟେଶନରେ ଯୁବକମାନଙ୍କୁ କାବୁ କରିଥିଲା ।

## ଅଶ୍ଳୀଳ ଭିଡିଓ ଭାଇରାଲ ଅଭିଯୋଗରେ ଜଣେ ଗିରଫ

**ଜମନକିରା,୨୭।୩(ଡି.ଏନ.ଏ.)**

ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ ସୋମବାର ସମ୍ବଲପୁର ଜିଲା ଜମନକିରା ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ତେବେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସେ ହେଲେ ଜମନକିରା ଥାନା ଅଞ୍ଚଳର ଶିବପ୍ରସାଦ ପଟେଲ । ପୋଲିସ ସୂଚନା ଅନୁଯାୟୀ, ପ୍ରାୟ ୧ବର୍ଷ ପୂର୍ବେ ଶିବପ୍ରସାଦ ଜଣେ ମହିଳାଙ୍କ ସହ ଗ୍ରାମର ଜଣେ ଯୁବକଙ୍କ ଅନୈତିକ ସମ୍ପର୍କ ଥିବା ଜାଣିବାକୁ ପାଇଥିଲେ । ପରେ ଶିବପ୍ରସାଦ ଏ ନେଇ ମହିଳାଙ୍କ ସ୍ୱାମୀଙ୍କୁ ଅବଗତ କରିଥିଲେ । ମାତ୍ର ଶିବ ତାଙ୍କୁ ବଦ୍‌ନାମ କରୁଛନ୍ତି ବୋଲି ମହିଳା ଜଣକ ନିଜ ସ୍ୱାମୀଙ୍କୁ ସଫେଇ ଦେଇଥିଲେ । ପରେ ଶିବ ଅଶ୍ଳୀଳ ଭିଡିଓ ଓ ଫଟୋ ସଂଗ୍ରହ କରି ମହିଳାଙ୍କ ସ୍ୱାମୀଙ୍କୁ ଦେଖାଇଥିଲେ । ସେ ସମୟରେ ସଲାସୁତରା ହୋଇ କଥା ଆଗକୁ ନ ବଢାଇ ସମସ୍ତେ ଚୁପ ରହିଥିଲେ । କିନ୍ତୁ ହଠାତ୍ ଦୁଇଦିନ ପୂର୍ବରୁ ମହିଳା ଓ ତାଙ୍କ ସ୍ୱାମୀ ସମ୍ବଲପୁର ଏସ୍‌ପିଙ୍କ ନିକଟରେ ଶିବପ୍ରସାଦ ଅଶ୍ଳୀଳ ଭିଡିଓ ଭାଇରାଲ କରିଥିବା ନେଇ ଅଭିଯୋଗ କରିଥିଲେ । ଏସ୍‌ପିଙ୍କ ନିର୍ଦ୍ଦେଶରେ ଜମନକିରା ପୋଲିସ ଆଇପିସି ଦଫା ୨୯୪, ୩୫୪ରେ ଏକ ମାମଲା (ନଂ.୩୧/୨୩) ରୁଜୁକରି ଶିବ ପ୍ରସାଦଙ୍କୁ ଗିରଫ କରିଛି । ଏ ସମ୍ପର୍କରେ ଜମନକିରା ଥାନା ଅଧିକାରୀ ପ୍ରେମଜିତ ଦାସ କହିଛନ୍ତି, ଅଶ୍ଳୀଳ ଭିଡିଓ ଭାଇରାଲ ନେଇ ଅଭିଯୋଗ ପରେ ମାମଲା ରୁଜୁ କରାଯାଇ ଜଣଙ୍କୁ ଗିରଫ କରାଯାଇଛି । ଭିଡିଓରେ ଥିବା ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି ।

## ରେଙ୍ଗାଲି ପ୍ରିମିୟର ଲିଗ ପାଇଁ ଖେଳାଳି ନିଲାମ

**ରେଙ୍ଗାଲି,୨୭।୩ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲିଠାରେ ପ୍ରଥମ ରେଙ୍ଗାଲି ପ୍ରିମିୟର ଲିଗ ଆୟୋଜନ ହେବ । ଏଥିପାଇଁ ଖେଳାଳି ନିଲାମ ହୋଇଛି । ରେଙ୍ଗାଲି ଆଥ୍‌ଲେଟିକ ଏଆସୋସିଏଶନ ପକ୍ଷରୁ ଆୟୋଜନ କରାଯିବ । ମୋଟ ୮ ଦଳକୁ ନେଇ ଏହି ଟୁର୍ନାମେଣ୍ଟ ମାର୍ଚ୍ଚ ୩୦ରୁ ରେଙ୍ଗାଲି ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ଜିଲା କ୍ରୀଡା ସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ସୁନୀଲ ସାହୁ, ଦୁଷ୍ମନ୍ତ ହୋତା, ବିକାଶ ମିଶ୍ର, ହିମାଂଶୁ ଶେଖର ମିଶ୍ର, ତିଳକ ବାଗ, ବ୍ରଜେନ୍ଦ୍ର ପ୍ରସାଦ ପଣ୍ଡା, ମନୀଷ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ନାଟନାଟୁଆ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ



ବିଶ୍ୱ ନାଟ୍ୟ ଦିବସରେ ଅତିଥିମାନେ ନାଟ୍ୟକର୍ମୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

**ସମ୍ବଲପୁର,୨୭।୩(ବ୍ୟୁରୋ)**

ସମ୍ବଲପୁର ନାଟ୍ୟ ଅନୁଷ୍ଠାନ ସମନ୍ୱୟ ସମିତି ନାଟନାଟୁଆ ପକ୍ଷରୁ ଜିଲା ସାମ୍ବାଦିକ ଭବନଠାରେ ବିଶ୍ୱ ନାଟ୍ୟ ଦିବସ ସୋମବାର ପାଳିତ ହୋଇଯାଇଛି । ମୁଖ୍ୟ ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ ସଂଯୋଜନା ଓ କବି ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ସଭାପତିତ୍ୱରେ ଉତ୍ସବ ହୋଇଥିଲା । ବିଶିଷ୍ଟ କଣ୍ଠ ଶିଳ୍ପୀ ବିଭୂତି ଭୂଷଣ ପଟ୍ଟନାୟକ ମୁଖ୍ୟଅତିଥି ଓ ନାଟ୍ୟକାର ତଥା ନିର୍ଦ୍ଦେଶକ ବ୍ରଜେନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ମଞ୍ଚ ନାଟକ ପ୍ରତି ଦର୍ଶକ ଆକର୍ଷିତ ହେଉଛନ୍ତି । ନାଟକ ସର୍ବଦା ସମାଜର ଦର୍ପଣ ଭାବେ କାର୍ଯ୍ୟ କରିଆସୁଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ନାଟନାଟୁଆର ଅନ୍ୟତମ ସଂଯୋଜକ ବିରୁପାକ୍ଷ ପ୍ରଧାନ ପ୍ରାରମ୍ଭିକ ସୂଚନା ଓ ସମ୍ବଲପୁରୀ ଭାଷାରେ ବିଶ୍ୱ ନାଟ୍ୟ ଦିବସ ବାର୍ତ୍ତା ପାଠ କରିଥିଲେ । ପ୍ରମୋଦ ମିଶ୍ରଙ୍କ ରଚିତ ଓ ସଂଯୋଜିତ ଗୀତ ଗାନ କରିଥିଲେ କଣ୍ଠଶିଳ୍ପୀ ମାନସ ଷଡ଼ଙ୍ଗୀ । ନାଟକ ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ନାଟ୍ୟବିଦ, ନାଟ୍ୟଶ୍ରୀ ସ୍ୱର୍ଗତ ପଞ୍ଚାନନ ମିଶ୍ରଙ୍କୁ ମରଣୋତ୍ତର ଭାବେ ନାଟ୍ୟ ଭବଭୂତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ସୌଗତା ଷଡ଼ଙ୍ଗୀ ସମ୍ମାନ ଗ୍ରହଣ କରିଥିଲେ । ଏଥିସହ ମଞ୍ଚଶିଳ୍ପୀ ହାଡିବନ୍ଧୁ ସାହୁଙ୍କୁ ନାଟନାଟୁଆ ସମ୍ମାନ-୨୦୨୩ରେ ସମ୍ବର୍ଦ୍ଧିତ କରାଯାଇଥିଲା । ନାଟ୍ୟକାର ପ୍ରଶାନ୍ତ ମାଝି, ଆଶିଷ ସୋନର ଓ ଅଭିଷେକ ମିଶ୍ର ମାନପତ୍ର ପାଠ କରିଥିଲେ ।

## ବୁର୍ଲାରେ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା

**ସମ୍ବଲପୁର,୨୭।୩ (ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ବୁର୍ଲା ହର୍ଟିକଲଚର ଲେନ୍‌ସ୍ଥିତ ଆଚାର୍ଯ୍ୟ ନିବାସଠାରେ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ କଣ୍ଠଶିଳ୍ପୀ ନମିତା ଆଚାର୍ଯ୍ୟଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ଗୋବର୍ଦ୍ଧନ ଆଚାର୍ଯ୍ୟ ଓ କଳାକାରମାନେ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ । ଗୁରୁ ନିମାକାନ୍ତ ରାଉତରାୟ, ସଙ୍ଗୀତା ପଣ୍ଡା ଓ ନମିତା ଆଚାର୍ଯ୍ୟ ସଙ୍ଗୀତ ପରିବେଷଣ କରିଥିଲେ । ବାଦ୍ୟଯନ୍ତ୍ରରେ ଗୁରୁ ଦିବାକର ପରିଡା, ଗୁରୁ ସୌମେନ୍ଦ୍ର ନାୟକ ଓ ସୌମ୍ୟରଞ୍ଜନ ଯୋଷୀ ସହଯୋଗ କରିଥିଲେ । ସମ୍ବଲପୁର, ବୁର୍ଲା, ହୀରାକୁଦ, ବରଗଡ, ବିଜେପୁର ପ୍ରଭୃତି ଅଞ୍ଚଳରୁ ସଂଗୀତଜ୍ଞ ଓ କଳାକାର ଯୋଗଦେଇଥିଲେ ।

## ସ୍କୁଲସ୍ତରୀୟ କ୍ଷୁଦ୍ର ନାଟକ ପ୍ରତିଯୋଗିତା

**ସମ୍ବଲପୁର,୨୭।୩(ବ୍ୟୁରୋ)**

ଓଡ଼ିଶା ସାଂସ୍କୃତିକ ସମାଜ ଓ ଜନନାଟ୍ୟ ମଞ୍ଚ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ସ୍କୁଲସ୍ତରୀୟ କ୍ଷୁଦ୍ର ନାଟକ ପ୍ରତିଯୋଗିତା ସୋମବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଛି । ନାଟକ ପ୍ରଯୋଜନାରେ ବୁଢ଼ାରଜା ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଥମ, ସେଭେନ ହିଲ୍ସ ରେସିଡେନ୍ସିଆଲ ସ୍କୁଲ ଦ୍ୱିତୀୟ ଓ ଶ୍ରୀଗଣେଶ ସରକାରୀ ଉଚ୍ଚବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲା । ସେହିପରି ନିର୍ଦ୍ଦେଶନାରେ ବୁଢ଼ାରଜା, ପାଣ୍ଡୁଲିପି ଓ ସଂଗୀତ ବର୍ଗରେ ସେଭେନ ହିଲ୍ସ ସ୍କୁଲକୁ ପୁରସ୍କୃତ କରାଯାଇଥିଲା । ଅଭିନୟରେ ଚୁମନ ଦେହୁରି ପ୍ରଥମ, ମନଜିତ ମନପ୍ରିତ ଆଚାର୍ଯ୍ୟ ଦ୍ୱିତୀୟ, ନୈନାରାଣୀ ବାଗ ତୃତୀୟ ଓ କୃତିମୟୀ ପ୍ରଧାନ ଚତୁର୍ଥ ସ୍ଥାନ ହାସଲ କରିଥିଲେ । ସରୋଜ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡ.ଶ୍ୟାମସୁନ୍ଦର ଧର, ଡ.ବିଜୟକୁମାର ପ୍ରଧାନ ଓ ବିପିନ ଦାଶ ବିଚାରକ ଥିଲେ ।

## ଗୁଜରାଟି କଲୋନୀରେ ଜଳ ସମସ୍ୟା

**ସମ୍ବଲପୁର,୨୭।୩ (ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଗୁଜରାଟି କଲୋନୀରେ ଜଳ ସମସ୍ୟା ଦେଖାଦେଇଛି । ଏହାକୁ ନେଇ କଲୋନୀବାସୀ ସୋମବାର ପିଏଚ୍‌ଡି ଅଫିସ ଯାଇ ଅଧୀକ୍ଷଣ ଯନ୍ତ୍ରୀ ଗୁଲସନ ସାହୁଙ୍କୁ ଅଭିଯୋଗ କରିଛନ୍ତି । ସେମାନେ ଅଭିଯୋଗ କରିଥିଲେ, ଚଳିତବର୍ଷ ଗ୍ରୀଷ୍ମ ଋତୁ ଆରମ୍ଭରୁ ପାନୀୟ ଜଳଯୋଗାଣରେ ଅବ୍ୟବସ୍ଥା ଦେଖାଦେଇଛି । ଗୁଜରାଟି କଲୋନୀ ପାର୍ଶ୍ୱ ଜଳାରାମ ମନ୍ଦିର ଗଳିରେ ବିଶେଷ ସମସ୍ୟା ଦେଖାଦେଇଛି । ସକାଳେ ଜଳଯୋଗାଣ ହେଲେ ଉପରବେଳା ପାଣି ଆସୁନାହିଁ । ଜଳଯୋଗାଣ ଆରମ୍ଭ ହେଲେ ଉପରମୁଣ୍ଡ ଲୋକେ ପାଣିପମ୍ପରେ ଟାଣି ନେଉଛନ୍ତି । ତେଣୁ ତଳମୁଣ୍ଡରେ ଜଳ ପହଞ୍ଚିପାରୁ ନାହିଁ । ତାଙ୍କର ପମ୍ପ ବନ୍ଦ ହେଲା ବେଳକୁ ଜଳଯୋଗାଣ ବନ୍ଦ ହେଉଛି । ଦୀର୍ଘବର୍ଷ ଧରି ପାଇପ୍ ଲାଇନ ମରାମତି ନ ହେବାରୁ ପାଇପ୍ ଫାଟି ପାଣି ବୋହି ଯାଉଛି । ଅଭିଯୋଗ ଶୁଣିବା ପରେ ଇଂ. ସାହୁ ଶୀଘ୍ର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ମାନସ ବକ୍ସିଙ୍କ ସମେତ ବହୁ ମହିଳାପୁରୁଷ ଉପସ୍ଥିତ ଥିଲେ ।



ସମ୍ବଲପୁର ଗୁଜରାଟି କଲୋନୀ ବାସୀ ।

## ଜନଶୁଣାଣି ଉପରୁ ଲୋକଙ୍କ ଭରସା ତୁଟୁଛି

### ଧନକଉଡ଼ା ବ୍ଲକର ୯ ପଞ୍ଚାୟତରେ ମାତ୍ର ୧୫ ଅଭିଯୋଗ

**ସମ୍ବଲପୁର,୨୭।୩ (ବ୍ୟୁରୋ)**



ଅଭିଯୋଗକାରୀଙ୍କ ଅଭାବରୁ ସିଟ୍ ଖାଲି ପଡିଛି ।

ଲୋକଙ୍କ ସମସ୍ୟା ଶୁଣି ଏହାର ସମାଧାନ କରିବା ପାଇଁ ରାଜ୍ୟ ସରକାର ଜିଲା ଓ ବ୍ଲକ ସ୍ତରରେ ଯୁଗ୍ମ ଅଭିଯୋଗ ଶୁଣାଣି ବ୍ୟବସ୍ଥା କରିଛନ୍ତି । ଶିବିରରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଜିଲାସ୍ତରର ଅଧିକାରୀ ଉପସ୍ଥିତ ରହିଥାନ୍ତି । ଅଭିଯୋଗ ଶୁଣିବା ପରେ ସମାଧାନ କରିବାର ନିୟମାବଳୀ ମଧ୍ୟ ରହିଛି । ହେଲେ ଶୁଣାଣି କାର୍ଯ୍ୟକ୍ରମରେ ଯେଭଳି ଅଭିଯୋଗ ସଂଖ୍ୟା କମିଚାଲିଛି ଏଥିରୁ ସ୍ପଷ୍ଟ ହେଉଛି ଯେ ଏହା ଉପରେ ଲୋକଙ୍କ ଆସ୍ଥା, ଭରସା ତୁଟିଯାଉଛି । ସୋମବାର ଧନକଉଡ଼ା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣିରେ ଏଭଳି ଦେଖିବାକୁ ମିଳିଥିଲା । ୯ ପଞ୍ଚାୟତରୁ ମାତ୍ର ୧୫ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ଧନକଉଡ଼ା ବ୍ଲକରେ ଯୁଗ୍ମଅଭିଯୋଗ ଶୁଣାଣି ଧାର୍ଯ୍ୟ ସମୟ ସାଢେ ୧୦ଟା ସମୟରେ ଆରମ୍ଭ ହୋଇଥିଲା । ହେଲେ ପ୍ରାୟ ୧୨ଟା ପୂର୍ବରୁ ଅଭିଯୋଗ ଶୁଣାଣି ଶେଷ ହୋଇଯାଇଥିବା ଦେଖାଯାଇଥିଲା । ଅଭିଯୋଗକାରୀଙ୍କ ଦେଖା ମିଳି ନ ଥିଲା । ଏପରି କି ବ୍ଲକ ପରିସରରେ ଲାଗିଥିବା ବିଭିନ୍ନ ବିଭାଗର ଷ୍ଟଲ୍‌ଗୁଡିକ ମଧ୍ୟ ଖାଲି ହୋଇଯାଇଥିଲା । ଉପସ୍ଥିତ ଥିବା କେତେଜଣ ମହିଳା ଅଭିଯୋଗ କରିଥିଲେ, ସେମାନେ ଅଭିଯୋଗ କରିବାକୁ ଆସିଥିଲେ । ହେଲେ ପୂର୍ବରୁ ଜିଲାପାଳ ଓ ଅନ୍ୟ ବଡ ଅଧିକାରୀ ଚାଲିଯିବାରୁ ବ୍ଲକ ସ୍ତରର ଅଧିକାରୀ ଅଭିଯୋଗ ଶୁଣାଣି ବନ୍ଦ ହୋଇଗଲା ବୋଲି କହିଥିଲେ । ଗ୍ରାମାଞ୍ଚଳରେ ପ୍ରଚାର ପ୍ରସାର ଠିକ୍ ଭାବେ କରାଯାଉ ନାହିଁ । ବିଭିନ୍ନ ପଞ୍ଚାୟତରେ ଦୁର୍ନୀତି କରାଯାଉଛି । ଏ ନେଇ କାଳେ ଅଭିଯୋଗ ଉଠିବ ସେଥିପାଇଁ ପ୍ରଚାର କରାଯାଉ ନାହିଁ । କେତେଜଣ ଠିକାଦାର, ରାଜନେତା ନିଜ ସ୍ୱାର୍ଥ ସାଧିତ ହେଉଥିବା କାମକୁ ନେଇ ଲୋକଙ୍କୁ ସାଙ୍ଗରେ ଆଣି ଅଭିଯୋଗ କରୁଛନ୍ତି ବୋଲି କହିଥିଲେ । ଧନକଉଡା ବ୍ଲକର ୯ ପଞ୍ଚାୟତରେ ୫୩ ଗ୍ରାମ ରହିଛି । ବିଭିନ୍ନ ଗ୍ରାମରେ ପାନୀୟ ଜଳ, ରାସ୍ତାଘାଟ, ଶିକ୍ଷକ ଅଭାବ, ଭତ୍ତା, ଆବାସ ଭଳି ସମସ୍ୟା ରହିଛି । ହେଲେ ଲୋକମାନେ ଅଭିଯୋଗ କରିବାକୁ ଆସୁ ନାହାନ୍ତି । ବାରମ୍ବାର ଅଭିଯୋଗ ପରେ ମଧ୍ୟ ସମାଧାନ ହୋଇ ପାରୁନାହିଁ । ନାମକୁ ମାତ୍ର ଅଭିଯୋଗ ଶୁଣାଣି କରାଯାଉଛି ବୋଲି ସେମାନେ ଅଭିଯୋଗ କରିଥିଲେ । ଜିଲାପାଳ ଅନନ୍ୟା ଦାସ ଅଭିଯୋଗ ଶୁଣାଣି ପରେ କର୍ଡୁଲା ଓ କୁଦ ଗୁଣ୍ଡେରପୁର ଗସ୍ତ କରିଥିଲେ । ସେଠାରେ ୫-ଟି ସ୍କୁଲ ଓ ଏସ୍‌ଏଚ୍‌ଜି ମହିଳାଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ । ଏ ସମ୍ପର୍କରେ ବିଡିଓ ଏସ୍.କେ. ପଟେଲ କହିଛନ୍ତି, ଅଭିଯୋଗ ଆସିବା ସଂଖ୍ୟା କମିଯାଇଛି । ହେଲେ କେଉଁ କାରଣରୁ କମିଛି ମୁଁ କହିପାରିବି ନାହିଁ ବୋଲି କହିଥିଲେ ।

## ସଂକ୍ଷେପରେ

### ଝରଣାରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ରାଜଗାଙ୍ଗପୁର, ୨୭।୩(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ଜରେଇକେଲା ପଞ୍ଚାୟତରେ ଥିବା ଦେମୁଲ ଝରଣାରେ ବୁଡି ଯୁବକଙ୍କ ମୃତ୍ୟୁ ଘଟିଛି। ରବିବାର ରାଉରକେଲାର ୧୦ଜଣ ସାଙ୍ଗ ବାଇକ୍ ଯୋଗେ ଉକ୍ତ ଝରଣା ନିକଟକୁ ବଣଭୋଜି କରିବା ପାଇଁ ଆସିଥିଲେ। ପ୍ରାୟ ୪ଟା ସମୟରେ ରାଉରକେଲା ଟିମ୍ବର କଲୋନି ବାସିନ୍ଦା ଆଶିଷ କୁମାର ବେହେରା (୨୨) କୌଣସି କାରଣ ବଶତଃ ଝରଣାକୁ ଯାଇ ବୁଡି ଯାଇଥିଲେ। ସାଙ୍ଗମାନେ ତାଙ୍କୁ ବଞ୍ଚାଇ ପାରି ନ ଥିଲେ। ସନ୍ଧ୍ୟା ହୋଇଯିବାରୁ ସାଙ୍ଗମାନେ ଫେରିଆସି ରାଜଗାଙ୍ଗପୁର ଥାନାରେ ଜଣାଇଥିଲେ। ସୋମବାର ରାଜଗାଙ୍ଗପୁର ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବହୁ ପରିଶ୍ରମ ପରେ ୧୮ଫୁଟ ତଳୁ ଆଶିଷଙ୍କ ମୃତଦେହ ଉଦ୍ଧାର କରି ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ପଠାଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

### ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ରାଉରକେଲା ଅଫିସ,୨୭।୩:** ରାଉରକେଲା ଟ୍ରାଫିକ୍ ଗେଟ୍ ଛକ ରାସ୍ତା କଡରୁ ପ୍ଲାଣ୍ଟସାଇଟ ପୋଲିସ ଜଣେ ଅଜଣା ବୃଦ୍ଧଙ୍କ ମୃତଦେହକୁ ଉଦ୍ଧାର କରିଛି। ମୃତ ବୃଦ୍ଧଙ୍କ ବୟସ ପାଖାପାଖି ୫୮ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ରିପୋର୍ଟ ଲେଖିବା (ରାତି ୯ଟା) ପର୍ଯ୍ୟନ୍ତ ମୃତ ବୃଦ୍ଧଙ୍କ କୌଣସି ପରିଚୟ ମିଳିନାହିଁ। ମୃତଦେହକୁ ପୋଲିସ ଉଦ୍ଧାର କରି ଆର୍‌ଜିଏଚ୍ ମର୍ଗ ହାଉସରେ ରଖି ତଦନ୍ତ ଚଳାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୧।୨୩) ରୁଜୁ କରିଛି।

### ବେକରେ ଫାଶ ଲଗାଇ ଛାତ୍ରୀଙ୍କ ଆତ୍ମହତ୍ୟା

**ରାଜଗାଙ୍ଗପୁର,୨୭।୩(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଅଞ୍ଚଳରେ ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀ ବେକରେ ଚୁନି ସାହାଯ୍ୟରେ ଫାଶ ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଏବେ ବି ଅସ୍ପଷ୍ଟ ରହିଛି। ସୋମବାର ଦ୍ୱିପ୍ରହର ସମୟରେ ଗର୍ଭଣା ଗ୍ରାମର ପ୍ରତିଜ୍ଞା କଂସରାଲି (୧୪) ଘରେ କେହି ନ ଥିବା ସମୟରେ ଆତ୍ମହତ୍ୟା କରିଛନ୍ତି। କିଛି ସମୟ ପରେ ମା' ଆସି କବାଟ ବନ୍ଦ ଥିବା ଦେଖି କବାଟ ବାଡେଇଥିଲେ। କବାଟ ନ ଖୋଲିବାରୁ କବାଟ ଭାଙ୍ଗି ଘରେ ପଶି ଝିଅକୁ ଝୁଲିରହିଥିବା ଅବସ୍ଥାରେ ଦେଖିଥିଲେ। ଅନ୍ୟମାନଙ୍କ ସହଯୋଗରେ ଉଦ୍ଧାର କରି ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ଆଣିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମୃତ ନବଜାତକ ଉଦ୍ଧାର

**ରାଉରକେଲା ଅଫିସ,୨୭।୩:** ଉଦିତନଗର ଥାନା ଅଧୀନ ମାଲଗୋଦାମ ଅଞ୍ଚଳରେ ଥିବା ଲେପର୍ସି କଲୋନୀରୁ ସୋମବାର ଏକ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୭।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ମାଲଗୋଦାମ ଲେପର୍ସି କଲୋନୀ ସ୍ଥିତ ପୋଖରୀ କଡରୁ ଏକ ନବଜାତ ଶିଶୁପୁତ୍ରର ମୃତଦେହ ପଡିଥିବା ସ୍ଥାନୀୟ ବସ୍ତିବାସୀ ସୋମବାର ରାତି ୭ଟାରେ ଦେଖିବାକୁ ପାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଶିଶୁପୁତ୍ରକୁ ଉଦ୍ଧାର କରି ଆର୍‌ଜିଏଚ୍ ମର୍ଗ ହାଉସ୍‌ରେ ରଖି ତଦନ୍ତ କରୁଛି।

# ସୁନ୍ଦରଗଡ଼ରେ ଭାସୁଛି ରାମସେତୁ ଶିଳା

## ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼

**ସୁନ୍ଦରଗଡ଼, ୨୭।୩ (ଡି.ଏନ୍.ଏ.)**

ସ୍ଥାନୀୟ ପଞ୍ଚମୁଖୀ ହନୁମାନ ମନ୍ଦିର କମିଟି ପକ୍ଷରୁ ଆରମ୍ଭ ହୋଇଛି ଶ୍ରୀରାମନବମୀ ଉତ୍ସବ। ଏହି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କ୍ରମରେ ପଞ୍ଚମୁଖୀ ହନୁମାନ ମନ୍ଦିରରେ ରାମସେତୁ ଶିଳା ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ରାମାୟଣରେ ବର୍ଣ୍ଣିତ ତ୍ରେତୟାଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ମାତା ସୀତାଙ୍କୁ ଲଙ୍କାରୁ ଉଦ୍ଧାର କରିବା ପାଇଁ ସମୁଦ୍ରରେ ବାନରସେନାଙ୍କ ସହାୟତାରେ ସେତୁବନ୍ଧ ବାନ୍ଧିଥିଲେ। ଏହି ସେତୁବନ୍ଧରେ ବ୍ୟବହୃତ ଶିଳା ସେତେବେଳେ ପାଣିରେ ବୁଡ଼ି ନ ଯାଇ ଭାସିଥିଲା। ରାମାୟଣରେ ବର୍ଣ୍ଣିତ ଏହି ରାମଶିଳାକୁ ଜଣେ ଭକ୍ତ ସୁଦୂର ଅଯୋଧ୍ୟାରୁ ସୁନ୍ଦରଗଡ଼ ଆଣିଛନ୍ତି। ଏହି ଶିଳାକୁ ପଞ୍ଚମୁଖୀ ହନୁମାନଙ୍କ ମନ୍ଦିର ଠାରେ ଏକ ପାଣିକୁଣ୍ଡରେ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ରଖାଯାଇଛି। ମନ୍ଦିରର ପୂଜକ ସୁଧୀର ତ୍ରିପାଠୀ କହନ୍ତି, ଏହି ରାମସେତୁଶିଳା ସମ୍ପର୍କରେ ଶୁଣିଥିଲୁ କିନ୍ତୁ ଦେଖି ନ ଥିଲୁ। ଏହାକୁ ଦେଖି ବହୁତ ଖୁସି ଅନୁଭବ କରୁଛୁ। ସେହିପରି ରାମଶିଳା ଦେଖିବାକୁ ଆସିଥିବା ଜଣେ ଶ୍ରଦ୍ଧାଳୁ ରଶ୍ମିତା ପୁରୋହିତ କହନ୍ତି, ରାମସେତୁ ପଥର ଦେଖିବାକୁ ଆସିଥିଲୁ। ଆମେ ରାମାୟଣରେ ପଢିଥିଲୁ। ରାମ ଭଗବାନ ସୀତାମାତାଙ୍କୁ ଉଦ୍ଧାର କରିବା ପାଇଁ



ରାମସେତୁ ଶିଳା ପାଣିରେ ଭାସୁଛି।

ବିଶାଳ ସମୁଦ୍ର ଗର୍ଭରେ ଏହି ରାମଶିଳାରେ ନିର୍ମିତ ସେତୁରେ ଲଙ୍କା ଯାଇଥିଲେ। ଏହି ଅଦଭୁତ ପଥରକୁ ଆମ ସୁନ୍ଦରଗଡରେ ଦେଖି ବିମୋହିତ ହୋଇଛୁ। ଏହି ହାଲୁକା ପଥରଟି ପାଣିରେ ଭାସୁଛି। ପ୍ରତିବର୍ଷ ପରି ପଞ୍ଚମୁଖୀ ହନୁମାନ ମନ୍ଦିର ଆଖଡା କମିଟି ପକ୍ଷରୁ ପବିତ୍ର ଶ୍ରୀ ରାମନବମୀ ଉତ୍ସବ ପାଳିତ ହୋଇଥାଏ। ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ରାଜ୍ୟ ତଥା ରାଜ୍ୟ ବାହାରର କଳାକାରମାନଙ୍କ ଦ୍ୱାରା ଭଜନ ସମାରୋହ କାର୍ଯ୍ୟକ୍ରମ ସହିତ ୩୧ ତାରିଖ ଦିନ ହେବାକୁ ଥିବା ଆଖଡା ଶୋଭାଯାତ୍ରାରେ ପଞ୍ଜାବ, ହରିୟାଣା, ରାଜସ୍ଥାନ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଆଦି ବିଭିନ୍ନ ରାଜ୍ୟର ଆଖଡା ଦଳ ଯୋଗଦେଇ କଳାକୌଶଳ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଚୈତ୍ରଶୁକ୍ଳ ପ୍ରତିପଦା ଠାରୁ ଆରମ୍ଭ ହୋଇଥିବା ଏହି ରାମନବମୀ ଉତ୍ସବରେ ପ୍ରତିଦିନ ଅନ୍ନ ଭୋଗ ବଣ୍ଟନ କରାଯାଉଥିବା ପଞ୍ଚମୁଖୀ ଆଖଡା କମିଟିର ସଭାପତି ଇକବାଲ ସିଂ ପ୍ରକାଶ କରିଛନ୍ତି।







ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com

@ ଭବାନୀ

@ ଜଗା

@ ରମେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଉତ୍କଳ କରାଟେ ସ୍କୁଲ୍‌ର ବେଲ୍ଟ ପରୀକ୍ଷା



ବେଲ୍ଟ ପରୀକ୍ଷାରେ ଯୋଗଦେଇଥିବା ପରୀକ୍ଷାର୍ଥୀ।

## ଯୋଗଦେଲେ ୧୧୭ ପରୀକ୍ଷାର୍ଥୀ

**ସୁନ୍ଦରଗଡ,୨୭।୩(ଡି.ଏନ.ଏ.)**

ଉତ୍କଳ କରାଟେ ସ୍କୁଲ ସୁନ୍ଦରଗଡ ଶାଖାର ବେଲ୍ଟ ପରୀକ୍ଷା ସ୍ଥାନୀୟ ଭବାନୀ ଭବନ ପଡିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସେନସାଇ ଷଷ୍ଠ ଡନ ବ୍ଲେକ ବେଲ୍ଟ ଖାରବେଳ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପରୀକ୍ଷାରେ ୧୧୭ ଜଣ ପରୀକ୍ଷାର୍ଥୀ ଯୋଗ ଦେଇଥିବାବେଳେ ସୁନ୍ଦରଗଡ଼ ଶାଖାର ମୁଖ୍ୟ ପ୍ରଶିକ୍ଷକ ସେନସାଇ ୪ର୍ଥ ଡନ ବ୍ଲେକ ବେଲ୍ଟ ଗଣେଶ ବେହେରା ଏହାକୁ ପରିଚାଳନା କରିଥିଲେ। ୧୧୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୟୋଲୋ ବେଲ୍ଟରେ ୫୧, ଅରେଞ୍ଜ ବେଲ୍ଟରେ ୨୬, ଗ୍ରୀନ ବେଲ୍ଟରେ ୧୭, ବ୍ଲୁ ବେଲ୍ଟ ପରୀକ୍ଷାରେ ୮ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବ୍ରାଉନ ବେଲ୍ଟ ଫାଷ୍ଟ କ୍ୟୁରେ ଆଦିତ୍ୟରାଜ ଗୁପ୍ତା, ସେକେଣ୍ଡ କ୍ୟୁରେ ଅଭିନବ ବାର୍ଲା, ଚନ୍ଦନ ପ୍ରସାଦ ଛଛାନ, ଗୌରବ ପରିଡା ଓ ଥାର୍ଡ କ୍ୟୁରେ ପ୍ରତ୍ୟୁଷ ନାଏକ, ଶୁଭପ୍ରସାଦ ଟପ୍ପୋ, ସୂର୍ଯ୍ୟ ପ୍ରସାଦ ସିଂ, ଦିବ୍ୟାପଟେଲ, ପ୍ରସନ୍ନ ପରିଡା, ଆଲିଶା ପଟେଲ, ଚିରଂଜିବ ସାହୁ, ତନିଶା ନାଏକ, ପିନୁ କାକ, ଜାଗ୍ରତ ତୋଲାନିଓ, ପ୍ରୟାସ ନାଏକ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଏହି ବେଲ୍ଟ ପରୀକ୍ଷା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସର୍ଗିପାଲି ଲ୍ୟାମ୍ପ୍ସର ସଭାପତି ରିତେଶ ସିଂ ଯୋଗ ଦେଇ ପରୀକ୍ଷାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ସୁନ୍ଦରଗଡ଼ ଉତ୍କଳ କରାଟେ ସ୍କୁଲର ଥାର୍ଡ ଡନ ବ୍ଲେକ ବେଲ୍ଟ ଦୁଷ୍ମନ୍ତ କୁମାର ନାଏକ, ସେକେଣ୍ଡ ଡନ ବ୍ଲେକ ବେଲ୍ଟ ରାକେଶ କୁମାର ଧିର ଦେଓ, ପ୍ରଥମ ଡନ ବ୍ଲେକ ବେଲ୍ଟ ଉତ୍ତମ ବେହେରା, ସାକିଆ ପରଓିନ ଓ ତୁଷାର ବେହେରା ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

**ଦେବଗଡ଼, ୨୭।୩(ଡି.ଏନ.ଏ.)**

ତିନି ଦିନ ଧରି ତିଲେଇବଣି ବ୍ଲକ ହାଇସ୍କୁଲ ଖେଳ ପଡିଆଠାରେ ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେଉଛି। ଏଥିରେ ଏସ୍‌ଏଚ୍‌ଜି ମହିଳାଙ୍କ ହାତ ତିଆରି ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରି କରାଯିବ। ତିଲେଇବଣି ବ୍ଲକ ସମେତ ଅନ୍ୟ ଦୁଇ ବ୍ଲକ, ଜିଲା ବାହାରୁ ସମ୍ବଲପୁର, କେଉଁଝର, ବୌଦ୍ଧରୁ ମହିଳାମାନଙ୍କ ହାତ ତିଆରି ଦ୍ରବ୍ୟ ଅଣାଯାଇଛି, ଓ ବିକ୍ରି କରାଯାଉଛି। ଏଥିରେ ସମୁଦାୟ ୨୫ରୁ ଊର୍ଦ୍ଧ୍ୱ ଏସଏଚଜି ଭାଗ ନେଇଛନ୍ତି। ଦେବଗଡ଼ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ପିଡିଡିଆରଡିଏ ଲୁକାଶ ପ୍ରଧାନ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ବ୍ଲକ ଚେୟାରମ୍ୟାନ ବୃନ୍ଦାବତୀ ଭୋଇ, ଭାଇସ ଚେୟାରମ୍ୟାନ ଆରତୀ ପ୍ରଧାନ, ଜିଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳି ସାମଲ,ଆସିଷ୍ଟାଣ୍ଟ କଲେକ୍ଟର ସୁଶାନ୍ତ କୁମାର ନାୟକ, ରିଆମାଳ ବିଡିଓ ଦିବ୍ୟଶଙ୍କର ଜୟପୁରିଆ, ତିଲେଇବଣି ସରପଞ୍ଚ ସସ୍ମିତା ଏକ୍କା ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ।

# ବସ୍ ଦୁର୍ଘଟଣାରେ ଚିକିତ୍ସାଧୀନ ଯାତ୍ରୀଙ୍କୁ ଭେଟିଲେ ଜୁଏଲ



ଏମ୍‌ପି ଜୁଏଲ ଓରାମ ହସ୍ପିଟାଲରେ ଚିକିତ୍ସାଧୀନଙ୍କୁ ଭେଟୁଛନ୍ତି।

**ରାଉରକେଲା ଅଫିସ,୨୭।୩**

ଭୁବନେଶ୍ୱରରୁ ରାଉରକେଲା ଆସୁଥିବା ପ୍ରଭା ନାମକ ବସ୍ ସୋମବାର ଭୋର୍ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଗୁରୁତର ହୋଇ ଜେପି ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଯାତ୍ରୀଙ୍କୁ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ସୋମବାର ସାକ୍ଷାତ କରିଛନ୍ତି। ସେ ହସ୍ପିଟାଲକୁ ଗସ୍ତ କରି ଗୁରୁତର ଯାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ଏଥିସହ ଉକ୍ତ ଯାତ୍ରୀମାନଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି। ସମସ୍ତ ଚିକିତ୍ସାଧୀନ ଯାତ୍ରୀଙ୍କୁ ଆବଶ୍ୟକ ସୁବିଧା ଯୋଗାଇ ଦେବା ପାଇଁ ଓରାମ ସମ୍ପର୍କୀୟଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ଭାଜପା ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଷ୍ଟ୍ରୀୟ ଜନଜାତି କାର୍ଯ୍ୟକାରିଣୀ ସଦସ୍ୟା ପୂର୍ଣ୍ଣିମା କେରକେଟ୍ଟା ଓ ଗଙ୍ଗାଧର ମହାପାତ୍ର ଉପସ୍ଥିତ ଥିଲେ।



ସୁନ୍ଦରଗଡ଼ର ପୁରାତନ ସାଂସ୍କୃତିକ ଅନୁଷ୍ଠାନ ନବଜୀବନ କ୍ଳବର ବସନ୍ତ ମହୋତ୍ସବ ଅବସରରେ ମଞ୍ଚସ୍ଥ ନାଟକର ଦୃଶ୍ୟ।

## ୨୪ କିଲୋ ଗଞ୍ଜେଇ ଜବତ, ଯୁବକ ଗିରଫ

**ରାଉରକେଲା ଅଫିସ,୨୭।୩**

କନ୍ଧମାଳରୁ ବିହାରର ରାଞ୍ଚିକୁ ଗଞ୍ଜେଇ ଚାଲାଣ ଅଭିଯୋଗରେ ରାଉରକେଲା ରେଲୱେ ଷ୍ଟେଶନ ନିକଟ ଏଟିଏମ୍ ସମ୍ମୁଖରୁ ସୋମବାର ସକାଳ ୭ଟାରେ ଅବକାରୀ ବିଭାଗ ଓ ଆର୍‌ପିଏଫ୍ ମିଳିତ ଭାବେ ଚଢାଉ କରି ଜଣେ ଯୁବକଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ କନ୍ଧମାଳ ଜିଲାର ଦୀପକ ଖଣ୍ଡଗିରି(୨୨)। ତାଙ୍କଠାରୁ ୨୪ କିଲୋ ୩୩୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୨ଲକ୍ଷ ୪୫ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ କହିଛି। ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ରାଉରକେଲା ଅବକାରୀ ବିଭାଗ ଅଧୀକ୍ଷକ ଆସିଫ୍ ଅଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢାଉ କରାଯାଇଥିଲା।

# ସିଟି ସ୍କାନ୍‌କୁ ତୁରନ୍ତ କାର୍ଯ୍ୟକ୍ଷମ କରାଯାଉ

**ଦେବଗଡ଼, ୨୭।୩(ଡି.ଏନ୍.ଏ.)**

ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୁଇ ମାସ ପୂର୍ବରୁ ଲୋକଙ୍କ ସୁବିଧା ପାଇଁ ଏକ ସିଟି ସ୍କାନ ଆସିଛି। କିନ୍ତୁ ଆଜି ପର୍ଯ୍ୟନ୍ତ ସିଟି ସ୍କାନ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ଫଳରେ ଜିଲାବାସୀ ଓ ବାହାରୁ ଆସୁଥିବା ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ସୋମବାର ଭାଜପା ଜିଲା ଏସି ମୋର୍ଚ୍ଚା ପକ୍ଷରୁ ଜିଲା ଏସି ମୋର୍ଚ୍ଚା ସଭାପତି ତଥା ଉପନଗରପାଳ ପ୍ରଜିତ ଭୋଜଙ୍କ ନେତୃତ୍ୱରେ ସିଡିଏମଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ସିଟି ସ୍କାନକୁ କାର୍ଯ୍ୟକ୍ଷମ କରାଯାଉ ବୋଲି ଦାବି କରାଯାଇଛି। ପଦକ୍ଷେପ ନ ନେଲେ ଆଗାମୀ ଦିନରେ ମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ସନ୍ତୋଷ କୁମାର ଭୂତିଆ, ଯୁବ ନେତା ଦୟାଶଙ୍କର ଦ୍ୱିବେଦୀ, ପଞ୍ଚାନନ ଆଚାର୍ଯ୍ୟ, ଲିପୁନ ସୁହୁଲା, ଦେବାନନ୍ଦ ନାଏକ, ସୁମନ୍ତ ଭୋଜ, ବଳିଆ ପାତ୍ର, ଭଦ୍ର, ମଙ୍ଗଳ, ଦିପକ, ପ୍ରହ୍ଲାଦ ରଣଜିତ, ଜଗ ରଣଜିତ, ଟିଙ୍କୁ ପାତ୍ର, ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ଅନେକ ସଦସ୍ୟ ଉପସ୍ଥିତ ଥିଲେ।

# ୭ ଜାଗାରେ ଜିଏସ୍‌ଟି ଚଢ଼ାଉ

**ରାଉରକେଲା ଅଫିସ,୨୭।୩**

ରାଉରକେଲାରେ ଜିଏସ୍‌ଟି ଠକେଇ ଅଭିଯୋଗରେ ୭ଟି ସ୍ଥାନରେ ରାଜ୍ୟ ଜିଏସ୍‌ଟି ବିଭାଗ ପକ୍ଷରୁ ସୋମବାର ଚଢାଉ କରାଯାଇଛି। ଏ ନେଇ ରାଉରକେଲାରେ ଥିବା ଜିଏସ୍‌ଟି ବିଭାଗର ଅଧିକାରୀ ଓ ରାଜ୍ୟ ଜିଏସ୍‌ଟି ବିଭାଗର ଏନଫୋର୍ସମେଣ୍ଟ ଟିମ୍ ସକାଳ ସାଢ଼େ ୧୦ଟାରେ ପ୍ରଥମେ କୁଲୁଙ୍ଗାରେ ଥିବା ୪ଟି କମ୍ପାନୀ, ସିଭିଲଟାଉନଶିପ୍ ଅଞ୍ଚଳର ୨ଟି ଓ ଛେଣ୍ଡ ଅଞ୍ଚଳର ଗୋଟିଏ ସ୍ଥାନରେ ଚଢ଼ାଉ କରିଥିଲା। ସିଭିଲଟାଉନଶିପ୍ ଅଞ୍ଚଳର କୃଷ୍ଣଚନ୍ଦ୍ର ଜସୱାଲଙ୍କ ଏରିନା ଟ୍ରେଡସ୍ ସହ ମୁଷାଫିର ଜସୱାଲଙ୍କ କୁଲୁଙ୍ଗା ଜେଏମ୍ ଷ୍ଟିଲ ଟ୍ରେଡର୍ସ ଉପରେ ଚଢାଉ ହୋଇଥିଲା। ସେହିପରି ଗୌରୀଶଙ୍କର ଜସୱାଲଙ୍କ ଡିଟି ଆଇରନ ଟ୍ରେଡସ ଓ ଜୟନ୍ତ ଜସୱାଲଙ୍କ ୩ଟି କମ୍ପାନୀରେ ଜିଏସ୍‌ଟି ବିଭାଗ ଚଢ଼ାଉ କରିଥିଲା। ରିପୋର୍ଟ ଲେଖାଯିବା (ରାତି ୯ଟା) ପର୍ଯ୍ୟନ୍ତ ଜିଏସ୍‌ଟି ବିଭାଗ ଏହି ଚଢ଼ାଉ ସମ୍ବନ୍ଧୀୟ କୌଣସି ତଥ୍ୟ ପ୍ରକାଶ କରି ନ ଥିଲା। ଏ ନେଇ ରାଉରକେଲା ଜିଏସ୍‌ଟି ବିଭାଗ ଅଧିକାରୀ ରମେଶ ଚନ୍ଦ୍ର ମଣ୍ଡଳଙ୍କୁ ପଚାରିବାରୁ ଚଢାଉ ଜାରି ରହିଥିବାରୁ କୌଣସି ମତାମତ ଦେବାକୁ ମନା କରିଥିଲେ।

# ବିଦ୍ୟାର୍ଥୀଙ୍କୁ ସାଇକେଲ ବଣ୍ଟନ

## ଦୀପିକା ଇସ୍ପାତ ଶିକ୍ଷା ସଦନ

**ରାଉରକେଲା ଅଫିସ,୨୭।୩**

ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଦୀପିକା ଇସ୍ପାତ ଶିକ୍ଷା ସଦନର ଅଷ୍ଟମ ଓ ନବମ ଶ୍ରେଣୀର ୧୦୪ଜଣ ଛାତ୍ରୀଛାତ୍ରଙ୍କୁ ସୋମବାର ସାଇକେଲ ବଣ୍ଟନ କରାଯାଇଛି। ୫ଲକ୍ଷ ୭୨ହଜାର ଟଙ୍କାରେ କ୍ରୟ ହୋଇଥିବା ଏହି ସାଇକେଲଗୁଡିକୁ ଅଷ୍ଟମ ଓ ନବମ ଶ୍ରେଣୀର ସମସ୍ତ ୭୫ ଛାତ୍ରୀ ଏବଂ ୨୯ଜଣ ମେଧାବୀ ଛାତ୍ରଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଦୀପିକା ମହିଳା ସଂହତିର ଅଧ୍ୟକ୍ଷା ସୀମା ଦେବ ଭୌମିକ ଯୋଗଦେଇ ସାଇକେଲ ବଣ୍ଟନର ଶୁଭାରମ୍ଭ କରିଥିଲେ। ଉପାଧ୍ୟକ୍ଷା ହର୍ଷାଳା ସୂର୍ଯ୍ୟବଂଶୀ, ସମାପିକା ସାହୁ, ପ୍ରଫେସର ସୁସ୍ମିତା ଦାଶ, ସିଏସ୍‌ଆର ବିଭାଗର ଜିଏମ୍ ସୁଶ୍ରୀ ମୁନମୁନ ମିତ୍ର, ଏଜିଏମ୍ ଟିବି ଟପ୍ପୋ, ଡିଏମ୍‌ଏସ୍ ସମ୍ପାଦିକା ନିଧି ସିଂଘଲ, ପରିଚାଳନା ପରିଷଦର ସଦସ୍ୟା ବୃନ୍ଦ, ପ୍ରଧାନ ଶିକ୍ଷକ ଶିଶିର କୁମାର ସାମଲ, ପ୍ରଶାସକ ଏସ୍. କେ. ମିଶ୍ର, ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏସ୍. କେ. ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଜଣେ ଛାତ୍ରୀଙ୍କୁ ସାଇକେଲ ବଣ୍ଟନ କରାଯାଉଛି।

# ଉନ୍ନୟନ କାମରେ ଲାଗୁନି ସୂଚନା ଫଳକ

## ଭାଜପା ଜିଲା ଯୁବ ମୋର୍ଚ୍ଚାର ଜିଲାପାଳଙ୍କୁ ସ୍ମାରକପତ୍ର

**ଦେବଗଡ଼, ୨୭।୩(ଡି.ଏନ୍.ଏ.)**

ଦେବଗଡ଼ ପୌରାଞ୍ଚଳରେ ଗଣେଶ ପାର୍କ ଗତ ୨୧ ତାରିଖ ଉଦ୍‌ଘାଟନ ହୋଇଯାଇଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ଉକ୍ତ ପାର୍କରେ କୋଟି କୋଟି ଟଙ୍କାର କାମ ହୋଇଥିବାବେଳେ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଯଦ୍ୱାରା ସର୍ବସାଧାରଣଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ପ୍ରଧାନପାଟ କଲ୍ୟାଣ ମଣ୍ଡପଠାରେ ସୌନ୍ଦର୍ଯ୍ୟକରଣ ନାମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାର ମଧ୍ୟ କୌଣସି ସୂଚନା ଫଳକ ନାହିଁ। କୌଣସି ଉନ୍ନତିମୂଳକ କାର୍ଯ୍ୟ କରିବା ପୂର୍ବରୁ ସରକାରଙ୍କ ନିୟମ ଅନୁସାରେ ଉକ୍ତ କାର୍ଯ୍ୟର ବ୍ୟୟ ଅଟକଳ ପରିମାଣ ଓ କେବେ ଆରମ୍ଭ କେବେ ଶେଷ ସମସ୍ତ ବିବରଣୀ ସାର୍ବଜନୀନ କରିବା କଥା। କିନ୍ତୁ ପୌର ପରିଷଦ କର୍ତ୍ତୃପକ୍ଷ କରୁନାହାନ୍ତି। ଏଣୁ ଉକ୍ତ ଘଟଣାକୁ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ କରାଗଲେ ସତ୍ୟାସତ୍ୟ ଜଣାପଡିବ ବୋଲି ଜିଲା ଭାଜପା ପକ୍ଷରୁ କୁହାଯାଇଛି। ସୋମବାର ଭାଜପା ଏସି ମୋର୍ଚ୍ଚା ଜିଲା ସଭାପତି ତଥା ଉପନଗରପାଳ ପ୍ରଜିତ କୁମାର ଭୋଜ (ଝୁନୁ)ଙ୍କ ନେତୃତ୍ୱରେ ଏନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଭାଜପା ଜିଲା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୂତିଆ, ଯୁବ ନେତା ଦୟାଶଙ୍କର ଦ୍ୱିବେଦୀ, ପଞ୍ଚାନନ ଆଚାର୍ଯ୍ୟ, ଲିପୁନ ସୁହୁଲା, ଦେବାନନ୍ଦ ନାଏକ, ସୁମନ୍ତ ଭୋଜ, ବଳିଆ ପାତ୍ର, ଭଦ୍ର, ମଙ୍ଗଳ, ଦିପକ, ପ୍ରହ୍ଲାଦ, ରଣଜିତ, ଜଗତ, ଟିଙ୍କୁ ପାତ୍ର, ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ଅନେକ ସଦସ୍ୟ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ଆସିଥିବା ଭାଜପା ନେତା କର୍ମୀ।

**ଏପ୍ରିଲରେ ୧୫ ଦିନ ବ୍ୟାଙ୍କ ଛୁଟି**

**ନୂଆଦିଲ୍ଲୀ:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ଚଳିତ ବର୍ଷ ଏପ୍ରିଲ ମାସ ପାଇଁ ବ୍ୟାଙ୍କ ଛୁଟି ତାଲିକା ପ୍ରକାଶ କରାଯାଇଛି। ଆରବିଆଇର ଉକ୍ତ ଛୁଟି ତାଲିକା ଅନୁଯାୟୀ ୨୦୨୩ ଏପ୍ରିଲରେ ବ୍ୟାଙ୍କଗୁଡ଼ିକ ୧୫ ଦିନ ପାଇଁ ବନ୍ଦ ରହିବ ବୋଲି ଆରବିଆଇ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷ କରି ଉକ୍ତି ଛୁଟିଦିନ ତାଲିକାରେ ମାସର ସମସ୍ତ ରବିବାର, ୨ୟ ଶନିବାର, ସାଧାରଣ ଛୁଟି ଏବଂ ଆଞ୍ଚଳିକ ଛୁଟି ଅନ୍ତର୍ଭୁକ୍ତ ରହିଛି। ଏପରିକି ଉକ୍ତ ତାଲିକାରେ ଉଲ୍ଲେଖ କରାଯାଇଥିବା କିଛି ଛୁଟି କେବଳ ନିର୍ଦ୍ଦିଷ୍ଟ ରାଜ୍ୟ ପାଇଁ ହୋଇଥିବା ବେଳେ ଆରବିଆଇର ଗାଇଡଲାଇନ ଅନୁଯାୟୀ ମାସର ପ୍ରତ୍ୟେକ ରବିବାର ସହ ୨ୟ ଏବଂ ୪ର୍ଥ ଶନିବାର ବ୍ୟାଙ୍କଗୁଡ଼ିକ ବନ୍ଦ ରହିବ।

# ଏସ୍‌ଭିବିର ୪୯% ଅଧିଗ୍ରହଣ କରିବ ଫାଷ୍ଟ ସିଟିଜେନ

**ନୂଆଦିଲ୍ଲୀ,୨୭।୩**




ବିଗତ କିଛି ଦିନ ହେବ ସାରା ବିଶ୍ୱରେ ସିଲିକନ ଭ୍ୟାଲି ବ୍ୟାଙ୍କ (ଏସ୍‌ଭିବି)ର ଆର୍ଥିକ ସଂକଟକୁ ନେଇ ଚର୍ଚ୍ଚା ଜାରି ରହିଛି। ଏପରିକି ଏସଭିବି ପାଇଁ ବିଶ୍ୱ ଅର୍ଥନୀତିରେ ମଧ୍ୟ ମାନ୍ଦାବସ୍ଥା ସୃଷ୍ଟି ହେବାକୁ ଯାଉଛି। ଏହାରି ମଧ୍ୟରେ ସୋମବାର ଏସଭିବିର ଅଂଶଗ୍ରହଣ କ୍ରୟ କରିବାକୁ ବହୁ ରାଷ୍ଟ୍ରୀୟ ବ୍ୟାଙ୍କ ଫାଷ୍ଟ ସିଟିଜେନ୍ସ ଆଗ୍ରହ ପ୍ରକାଶ କରିଛି। ଏପରିକି ଏସଭିବିର ପ୍ରାୟ ୪୯% ଅଂଶଧନ କିଣିବାକୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ବିଶେଷ କରି ଉକ୍ତ ବ୍ୟାଙ୍କକୁ ଆର୍ଥିକ ସଂକଟରୁ ବାହାର କରିବା ପାଇଁ ଫାଷ୍ଟ ସିଟିଜେନ ବ୍ୟାଙ୍କ ଫେଡେରାଲ ଡିପୋଜିଟ୍ ଇନସ୍ୟୁରାନ୍ସ କର୍ପୋରେଶନଠାରୁ କିଣି ନେଇଛି ବୋଲି ଚର୍ଚ୍ଚା ହେଉଛି। ଏ ନେଇ ଫେଡେରାଲ ଡିପୋଜିଟ୍ ଇନସ୍ୟୁରାନ୍ସ କର୍ପୋରେଶନ ପକ୍ଷରୁ ଜାରି ଏକ ପ୍ରେସ ବିବୃତିରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଏହା ସହ ଫାଷ୍ଟ ସିଟିଜେନ୍ସ ବ୍ୟାଙ୍କ ଏବଂ ଟ୍ରଷ୍ଟ, ସିଲିକନ ଭ୍ୟାଲି ବ୍ୟାଙ୍କର ସମସ୍ତ ଡିପୋଜିଟ୍ ଏବଂ ଲୋନକୁ କିଣିବା ପାଇଁ ରାଜି ହୋଇଥିବା ଜଣାପଡିଛି। ଫଳରେ ଏଫଡିଆଇସି ନିଜ ବୟାନରେ କହିଛି ଯେ ମାର୍ଚ୍ଚ ୨୭ରେ ସିଲିକନ ଭ୍ୟାଲି ବ୍ରିଜ ବ୍ୟାଙ୍କ, ନ୍ୟାଶନାଲ ଆସୋସିଏଶନର ୧୭ ଶାଖା ଫାଷ୍ଟ ସିଟିଜେନ୍ସ ନାଁରେ ଖୋଲିବ। ଅପରପକ୍ଷରେ ସିଲିକନ ଭ୍ୟାଲି ବ୍ୟାଙ୍କର ଗ୍ରାହକ ଉକ୍ତ ବ୍ରାଞ୍ଚଗୁଡିକର ଉପଯୋଗ କରିପାରିବେ। ତେବେ ଏଥିପାଇଁ ଫାଷ୍ଟ ସିଟିଜେନ୍ସରୁ ମିଳିଥିବା ନୋଟିସର ଆବଶ୍ୟକତା ପଡିବ। ଏହା ସହ ଉକ୍ତ ବୟାନରେ ଏହା ମଧ୍ୟ କୁହାଯାଇଛି, ଏହାର ଅନ୍ୟ ବ୍ରାଞ୍ଚଗୁଡିକରେ ବ୍ୟାଙ୍କିଂ ସର୍ଭିସ୍ ଅନୁମତି ଦେବା ପାଇଁ ସିଷ୍ଟମରେ ମଧ୍ୟ ପରିବର୍ତ୍ତନ ହୋଇସାରିଛି। ବିଶେଷ କରି ୨୦୨୩ ମାର୍ଚ୍ଚ ୧୦ର ଡାଟା ଅନୁସାରେ ସିଲିକନ ଭ୍ୟାଲି ବ୍ୟାଙ୍କର ମୋଟ ସମ୍ପତ୍ତି ୧୬୭ ବିଲିୟନ ଡଲାର ରହିଥିଲା। ଏହାର ମୋଟ ଡିପୋଜିଟ୍ ୧୧୯ ବିଲିୟନ ଡଲାର ରହିଥିଲାବେଳେ ଏଥିରେ ୭୨ ବିଲିୟନ ଡଲାରର ସମ୍ପତ୍ତି କିଣା ସାମିଲ ରହିଛି, ଯାହା ଉପରେ ୧୬.୬ ବିଲିୟନ ଡଲାରର ରିହାତି ରହିଛି। ସେହିପରି ଏଫଡିଆଇସି ପାଖରେ ପ୍ରାୟ ୯୦ ବିଲିୟନ ଡାଲର ସିକ୍ୟୁରିଟିଜ୍ ଏବଂ ରିସିଭରଶିପ୍ ରହିଛି। ଫଳରେ ଫେଡେରାଲ ରିଜର୍ଭ ଡାଟା ଅନୁସାରେ ୨୦୨୨ର ଶେଷ ସୁଦ୍ଧା ସମ୍ପତ୍ତି ମାମଲାରେ ଫାଷ୍ଟ ସିଟିଜେନ୍ସ ଆମେରିକାର ୩୦ ତମ ସର୍ବବୃହତ ବ୍ୟାଙ୍କ ଅଟେ।

## ରେପୋ ରେଟ୍ ବଢାଇପାରେ ଆରବିଆଇ

**ନୂଆଦିଲ୍ଲୀ,୨୭।୩**

ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ଏବଂ ମାନ୍ଦବସ୍ଥା ଯୋଗୁ ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ବର୍ତ୍ତମାନ ସମୟରେ ଲକ୍ଷ୍ୟଧାର୍ଯ୍ୟ ଠାରୁ ଢେର ଉପରେ ରହିଛି। ଏପରିକି ଭାରତୀୟ ରିର୍ଜଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ ଠାରୁ ମଧ୍ୟ ଉପରେ ରହିଛି। ବିଶେଷ କରି ମୁଦ୍ରାସ୍ଫୀତି ୬% ରୁ କମ କରିବାରେ ମଧ୍ୟ ଆରବିଆଇ ବିଫଳ ହୋଇଛି। ସେହିଭଳି ଆରବିଆଇର ମୁଦ୍ରା ନୀତି କିମିଟି (ଏମପିସି) ବୈଠକ ଆସନ୍ତା ଏପ୍ରିଲ ୩ରୁ ଆରମ୍ଭ ହେଉଛି। ଉକ୍ତ ବୈଠକରେ ଉଭୟ ଘରୋଇ ଏବଂ ବୈଶ୍ୱିକ ପ୍ରଙ୍ଗସ ସହ ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ଦ୍ୱି-ମାସିକ ମୁଦ୍ରା ନୀତି ଉପରେ ବିସ୍ତୃତ ଆଲୋଚନା କରାଯିବ। ଏପରିକି ଉକ୍ତ ବୈଠକରେ ଆରବିଆଇ ରେପୋ ରେଟରେ ପ୍ରାୟ ୨୫ ବେସିସ୍ ପଏଣ୍ଟ ବଢାଇପାରେ ବୋଲି ଆକଳନ କରାଯାଉଛି। ୨୦୨୩ ଏପ୍ରିଲ ୬ରେ ଏ ନେଇ ଘୋଷଣା ହୋଇପାରେ ବୋଲି ବଜାର ବିଶେଷଜ୍ଞମାନେ ଆଶାଙ୍କା କରୁଛନ୍ତି।

## ବାଲ୍କୋ ମେଡିକାଲ ସେଣ୍ଟରରେ ୫ମ ପୂର୍ତ୍ତି ଉତ୍ସବ



**ନୂଆଦିଲ୍ଲୀ,୨୭।୩**

ବାଲ୍‌କୋ ମେଡିକାଲ୍ ସେଣ୍ଟର (ବିଏମ୍‌ସି)ର ୫ମ ପୂର୍ତ୍ତି ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଏମ୍‌ସିରେ ଏକ ଅତ୍ୟାଧୁନିକ ହାଲିକେୟନ୍ ରେଡିଓଥେରାପି ମେଶିନର ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ବିଏମ୍‌ସିର ଅଧ୍ୟକ୍ଷା ଜ୍ୟୋତି ଅଗ୍ରୱାଲ୍ କହିଛନ୍ତି, ବିଗତ ୫ବର୍ଷ ମଧ୍ୟରେ ଉକ୍ତ ହସ୍ପିଟାଲକୁ ଆସିଥିବା ଶହ ଶହ କ୍ୟାନସର ରୋଗୀଙ୍କୁ ଆମେ ଶ୍ରେଷ୍ଠ ଚିକିତ୍ସା ଓ ଆବଶ୍ୟକ ସୁବିଧା ଯୋଗାଇ ଦେଇଛୁ। ଏପରିକି ଉଭୟ ସରକାରୀ ଓ ଘରୋଇ ଭାବେ ମଧ୍ୟ ରୋଗୀ ସେବା ପ୍ରଦାନ କରିବାକୁ ଉଦ୍ୟମ କରିଛୁ ବୋଲି ସେ କହିଛନ୍ତି। ସେହିଭଳି ପ୍ରତିଷ୍ଠା ଦିବସ ଅବସରରେ ଏକ ଅତ୍ୟାଧୁନିକ ଲିନିୟର ଆସେଲରେଟର ଟେକ୍ନୋଲୋଜିର ଶୁଭାରମ୍ଭ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବିଏମସି ଏମଡି ଡା. ଭାବନା ସିରୋହି, ଡା. ଗୌରବ ଗୁପ୍ତାଙ୍କ ସମେତ ବିଏମସିର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ୨୦୧୮ରେ ବେଦାନ୍ତ ଗ୍ରୁପର ଚେୟାରମ୍ୟାନ ଅନିଲ ଅଗ୍ରୱାଲ୍ ଉକ୍ତ ହସ୍ପିଟାଲକୁ ରୋଗୀ ସେବା ସହ ସାଧାରଣ ଲୋକଙ୍କ ପାଇଁ ଉତ୍ସର୍ଗ କରିଥିଲେ।

## କୃଷି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ

**ଭୁବନେଶ୍ୱର,୨୭।୩**

ସାମାଜିକ ପ୍ରତିଷ୍ଠାନ ୱାଲ୍‌ମାର୍ଟ ଫାଉଣ୍ଡେଶନ ପକ୍ଷରୁ ଏକ ୫ ବର୍ଷିଆ କୃଷି ରଣନୀତି ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି କୃଷକମାନଙ୍କ ଜୀବିକା ଉନ୍ନତ କରିବା ପ୍ରତି ଫାଉଣ୍ଡେଶନ ନିଜର ପ୍ରତିବଦ୍ଧତାକୁ ବିସ୍ତାର କରିବ, ଯାହା ସର୍ବନିମ୍ନ ୫୦% ମହିଳାଙ୍କ ସମେତ ୨୦୨୮ ସୁଦ୍ଧା ୧୦ ଲକ୍ଷ କ୍ଷୁଦ୍ରଚାଷୀଙ୍କ ନିକଟରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି। ଏପରିକି ଦେଶର ପ୍ରମୁଖ କୃଷିଭିତ୍ତିକ ରାଜ୍ୟ ଉତ୍ତରପ୍ରଦେଶ, କର୍ଣ୍ଣାଟକ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ଭଳି ରାଜ୍ୟରେ ଚାଷୀମାନଙ୍କ ଆୟ ବୃଦ୍ଧି କରିବା ଲକ୍ଷ୍ୟ ସହିତ କୃଷି ବର୍ଗୀକରଣ ଓ ଏକୀକରଣ କ୍ଷେତ୍ରରେ କାର୍ଯ୍ୟରତ ଅଣଲାଭକାରୀ ସଂସ୍ଥାଗୁଡ଼ିକୁ ଆବଶ୍ୟକ ପରିମାଣର ଅନୁଦାନ ପ୍ରଦାନ କରାଯିବ। ସେହିଭଳି ୱାଲ୍‌ମାର୍ଟ ଫାଉଣ୍ଡେଶନ ଅନୁଦାନ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେଶନ (ଏଫ୍‌ପିଓ) ଗୁଡିକ ପାଇଁ କ୍ଷମତା ନିର୍ମାଣରେ ସହଯୋଗ କରିବା, ବଜାର ସଂଯୋଗ ପାଇଁ ପହଞ୍ଚକୁ ବିସ୍ତାର କରିବା ପାଇଁ ସ୍ଥାନୀୟ ଅନୁଦାନଗ୍ରାହୀଙ୍କୁ ସକ୍ଷମ କରିବା ଉପରେ ଗୁରୁତ୍ୱ ଦେବ। ଫାଉଣ୍ଡେଶନର ୫ ବର୍ଷିଆ ରଣନୀତି ସମେତ ଦୁଇଟି ନୂଆ ଅନୁଦାନର ଘୋଷଣା ମଧ୍ୟ କରାଯାଇଛି। କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର କହିଛନ୍ତି, କୃଷି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ଏବଂ କ୍ଷୁଦ୍ରଚାଷୀଙ୍କ କଲ୍ୟାଣ ଭାରତ ସରକାରଙ୍କ ଶୀର୍ଷ ପ୍ରାଥମିକତା ମଧ୍ୟରୁ ଅନ୍ୟତମ। ସେହିଭଳି ୱାଲ୍‌ମାର୍ଟ ଫାଉଣ୍ଡେଶନର ଅଧ୍ୟକ୍ଷ କ୍ୟାଥ୍‌ଲିନ୍ ମ୍ୟାକ୍‌ଲାଫ୍‌ଲିନ୍ କହିଛନ୍ତି, ଭାରତରେ କ୍ଷୁଦ୍ରଚାଷୀଙ୍କ ପାଇଁ ବଜାର ପହଞ୍ଚକୁ ବିସ୍ତାର କରିବା ନେଇ ୱାଲ୍‌ମାର୍ଟ ଫାଉଣ୍ଡେଶନର ପ୍ରତିବଦ୍ଧତା, ସମସ୍ତ ହିତାଧିକାରୀଙ୍କ ପାଇଁ ମିଳିତ ମୂଲ୍ୟ ସୃଷ୍ଟି କରିବାରେ ସାହାଯ୍ୟ କରିପାରୁଥିବା ସମାଧାନଗୁଡ଼ିକୁ ଚିହ୍ନଟ କରିବା ନେଇ ଆମର ପ୍ରୟାସ ଉପରେ ନିର୍ମିତ ହୋଇଛି।

## ବେଦାନ୍ତ ଲାଞ୍ଜିଗଡ଼ ତୀରନ୍ଦାଜ ଟିମ୍‌କୁ ୧୪ ପଦକ

**ଭୁବନେଶ୍ୱର,୨୭।୩**



ବେଦାନ୍ତ ଗ୍ରୁପର ଓଡ଼ିଶା ୟୁନିଟ ପକ୍ଷରୁ ଏକ ଅଭିନବ କ୍ରୀଡା ପ୍ରୋଗ୍ରାମ 'ବେଦାନ୍ତ ତୀରନ୍ଦାଜ ଅଭିଯାନ'ର ଆରମ୍ଭ କରାଯାଇଛି। ବିଶେଷକରି ବେଦାନ୍ତ ଲିମିଟେଡର ଲାଞ୍ଜିଗଡ଼ କ୍ଷେତ୍ରର ସ୍ଥାନୀୟ ଯୁବକ ତଥା ପିଲାମାନଙ୍କର ସାମଗ୍ରିକ ବିକାଶ ଜରିଆରେ ଉକ୍ତ ଟିମ୍ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ସୁନ୍ଦରଗଡ଼ଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତାରେ ବେଦାନ୍ତ ଲାଞ୍ଜିଗଡ ତୀରନ୍ଦାଜ ତାଲିମ ଅଭିଯାନର ଶିକ୍ଷାର୍ଥୀମାନେ ୧୪ଟି ପଦକ ହାସଲ କରିଛନ୍ତି। ମୋଟ ଉପରେ ବେଦାନ୍ତ ତୀରନ୍ଦାଜ ଟିମ ଉକ୍ତ ପ୍ରତିଯୋଗିତାରେ ୟୁ-୧୭ ଏବଂ ୟୁ-୧୪ ବର୍ଗରେ ୫ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଏବଂ ୫ଟି ବ୍ରୋଞ୍ଜ ପଦକ ଜିତିଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ଡେପୁଟି ସିଇଓ (ଆଲୁମିନା ବିଜନେସ୍) ଜି.ଜି ପାଲ୍ କହିଛନ୍ତି, କ୍ରୀଡ଼ା କ୍ଷେତ୍ରରେ ଅଂଶଗ୍ରହଣ କରିବା ପାଇଁ ସ୍ଥାନୀୟ ଯୁବବର୍ଗଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ପାଉଛି। ଫଳରେ ଆଗ୍ରହୀ ଯୁବକମାନଙ୍କ ମଧ୍ୟରେ କଠିନ ପରିଶ୍ରମ, ଧ୍ୟାନ, ନିଷ୍ଠା ଏବଂ ଅନୁଶାସନ ସହିତ ଅନେକ ଜୀବନ ମୂଲ୍ୟବୋଧର ଏକ ଉତ୍ତମ ଉପାୟ ପାଲଟିଛି। ଏପରିକି ଆମର ତୃଣମୂଳ କ୍ରୀଡା ତାଲିମ ପଦକ୍ଷେପଗୁଡ଼ିକର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଜାରି କରାଯାଇଥିବା ଉଲ୍ଲେଖନୀୟ ପ୍ରଦର୍ଶନକୁ ଲକ୍ଷ୍ୟ କରିବା ବେଶ ହୃଦୟସ୍ପର୍ଶୀ ଅଟେ। ବିଶେଷ କରି ଏହା ଆମର ଯୁବବର୍ଗର ସର୍ବଦଳୀୟ ବିକାଶକୁ ସୁନିଶ୍ଚିତ କରିବା ସହ ଆମ ପ୍ରୟାସରେ ସମ୍ପ୍ରଦାୟର ଏକ ଅତିରିକ୍ତ ଉନ୍ନତି ସାଧିତ ହୋଇଥାଏ।

ଉଲ୍ଲେଖଯୋଗ୍ୟ ୨୦୨୨-୨୩ ଆର୍ଥିକ ବର୍ଷରେ ବେଦାନ୍ତ ତୀରନ୍ଦାଜ ଟିମର ତାଲିମ ଶିକ୍ଷାର୍ଥୀମାନେ ୩୪ଟି ରାଜ୍ୟସ୍ତରୀୟ ପଦକ ଜିତିଛନ୍ତ, ଯେଉଁଥିରେ ୧୧ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଏବଂ ୧୪ଟି ବ୍ରୋଞ୍ଜ ପଦକ ସାମିଲ ରହିଛି।

## ଏଆଇୟୁବିପିଏଆର୍‌ଏଫ୍‌ର ଚତୁର୍ଥ ସାଧାରଣ ଅଧିବେଶନ

**ନୂଆଦିଲ୍ଲୀ,୨୭।୩**

ନିଖିଳ ଭାରତ ୟୁନିୟନ୍ ବ୍ୟାଙ୍କ ପେନ୍‌ସନ୍‌ଭୋଗୀ ଅବସରପ୍ରାପ୍ତ ଫେଡେରେସନ୍‌ର ୪ର୍ଥ ସାଧାରଣ ଅଧିବେଶନ ସ୍ଥାନୀୟ ଆର୍ଯ୍ୟ ପ୍ୟାଲେସ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ଅଲ୍ ଓଡିଶା ୟୁନିୟନ୍ ବ୍ୟାଙ୍କ ଅବସରପ୍ରାପ୍ତ ସଂଘର ଆତିଥ୍ୟରେ ଅନୁଷ୍ଠିତ ଉକ୍ତ ଅଧିବେଶନରେ ଦେଶର ସମସ୍ତ ରାଜ୍ୟର ସଭ୍ୟମାନେ ଅଂଶଗ୍ରହଣ କରିଥିଲେ। ନିଖିଳ ଭାରତ ୟୁନିୟନ୍ ବ୍ୟାଙ୍କ ପେନସନ ଭୋଗୀ ଓ ଅବସରପ୍ରାପ୍ତ ସଂଘର ସଭାପତି ନିତିନ୍ ଦେଶାଇଙ୍କ ପୌରହିତ୍ୟରେ ପରିଚାଳିତ ଉକ୍ତ ଅଧିବେଶନରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଓଡିଶାର କ୍ଷେତ୍ର ମହାପ୍ରବନ୍ଧକ ସର୍ଭେଶ ରଞ୍ଜନ, ନିଖିଳ ଭାରତ ୟୁନିୟନ୍ ବ୍ୟାଙ୍କ ପେନସନ ଭୋଗୀ ଓ ଅବସରପ୍ରାପ୍ତ ମହାସଂଘର ସାଧାରଣ ସମ୍ପାଦକ ସୁପ୍ରିତୋ ସରକାର, ଉପଦେଷ୍ଟା ପ୍ରଦୀପ ସରକାର, ମହାସଂଘର ଓଡିଶା ଶାଖାର ସଭାପତି ଏ.କେ.ମୋତାୟଦ, ସାଧାରଣ ସମ୍ପାଦକ ନିରଞ୍ଜନ ଯୋଗାନିଆ, ସଂଘର ଚେୟାରମ୍ୟାନ ପି ବି ଥୋମାସ, ସାଧାରଣ ସମ୍ପାଦକ ଗୋବିନ୍ଦ ରାଜୁଲୁ, କାର୍ଯ୍ୟକାରୀ ସଭାପତି ସୂପର୍ଣ୍ଣା ବାଗଚି ତଥା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ସଂଘ, ଓଡିଶା ଶାଖାର ସାଧାରଣ ସମ୍ପାଦକ ଗଣେଶ ମିଶ୍ର ପ୍ରମୁଖ ଯୋଗ ଦେଇ ବ୍ୟାଙ୍କ ଓ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ସାମାଜିକ ଅଙ୍ଗୀକାରବଦ୍ଧତା ଓ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶେଷରେ ସାଧାରଣ ସମ୍ପାଦକ ଗୋବିନ୍ଦ ରାଜୁଲୁ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ଅଧିବେଶନରେ ଯୋଗ ଦେଇଥିବା ସମସ୍ତ ସଭ୍ୟ ଅଧିବେଶନର ସଫଳତା ଓ ସୂଚାରୁ ସମ୍ପାଦନା ପାଇଁ ମିହିର ପଟ୍ଟନାୟକ, ବ୍ରଜ କିଶୋର ବାଗ ଓ ସରୋଜ ମହାନ୍ତିଙ୍କ ନେତୃତ୍ୱରେ ପରିଚାଳିତ ଓଡିଶା ୟୁନିଟ୍‌ର ପ୍ରଶଂସା କରିଥିଲେ।

**ଫୁର୍‌ସତ୍**

## ଡ୍ରାଇଭିଂ ଲାଇସେନ୍ସ ପାଇଁ ୯୬୦ ଟେଷ୍ଟ

**ସିଓଲ**



କିଛି ଜିନିଷ ହାସଲ କରିବାକୁ ହେଲେ ସେଥିପାଇଁ ଧୈର୍ଯ୍ୟ ରଖିବାକୁ ହୁଏ। ହେଲେ ୪ରୁ ୫ଥର କିମ୍ବା ୮ରୁ ୯ଥର ପ୍ରୟାସ କରିବା ପରେ ଯଦି ସେହି ଜିନିଷ ନ ମିଳେ, ସେତେବେଳେ ଆମେ ତା'ର ପାଇବା ଆଶା ଛାଡ଼ିଦେଉ। ହେଲେ ଏପରି ଜଣେ ମହିଳା ଅଛନ୍ତି, ଯାହାଙ୍କ ଧୈଯ୍ୟ ବହୁତ। ସାଉଥ୍ କୋରିଆର ୬୯ ବର୍ଷୀୟା ମହିଳା ଚା ସାସୁନ୍‌ଙ୍କୁ ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ୧୮ ବର୍ଷ ଅପେକ୍ଷା କରିବାକୁ ପଡ଼ିଲା। ହେଲେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ମହିଳାଙ୍କୁ ଏହି ୧୮ ବର୍ଷ ମଧ୍ୟରେ ୯୬୦ ଥର ଟେଷ୍ଟ ଦେବାକୁ ପଡ଼ିଛି। ରିପୋର୍ଟ ଅନୁସାରେ, ପରିବା ବିକ୍ରି କରିବାକୁ ଉକ୍ତ ମହିଳାଙ୍କୁ ଡ୍ରାଇଭିଂ ଲାଇସେନ୍ସର ଆବଶ୍ୟକତା ଥିଲା। ସେଥିପାଇଁ ସେ ୨୦୦୫ ଏପ୍ରିଲରେ ପ୍ରଥମଥର ଡ୍ରାଇଭିଂ ଟେଷ୍ଟ ଦେଇଥିଲେ। ହେଲେ ସେଥିରେ ଫେଲ୍ ହୋଇଥିଲେ। ସେ ଧୈର୍ଯ୍ୟ ନ ହରାଇ ସପ୍ତାହରେ ୫ଥର ଯାଇ ଟେଷ୍ଟ ଦେବାକୁ ଲାଗିଲେ। ଏହିପରି ତାଙ୍କୁ ୩ ବର୍ଷ ମଧ୍ୟରେ ମୋଟ ୭୮୦ ଥର ଟେଷ୍ଟ ଦେବାକୁ ପଡ଼ିଛି। ଏହାପରେ ସେ ସପ୍ତାହକୁ ୨ ଥର ଟେଷ୍ଟ ଦେବାକୁ ଗଲେ। ଏହିଭଳି ୯୬୦ ଥର ଡ୍ରାଇଭିଂ ଟେଷ୍ଟ ଦେବା ପରେ ଯାଇ ତାଙ୍କୁ ନିକଟରେ ଲାଇସେନ୍ସ ମିଳିଛି। ଏହି ୧୮ ବର୍ଷ ମଧ୍ୟରେ ତାଙ୍କୁ ୧୧ହଜାର ପାଉଣ୍ଡ(ଭାରତୀୟ ମୁଦ୍ରାରେ ୧୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ) ଖର୍ଚ୍ଚ କରିବାକୁ ପଡ଼ିଥିଲା। ଏହି ଖବର ପ୍ରଚାରିତ ହେବା ପରେ ସାଉଥ୍ କୋରିଆର ହ୍ୟୁଣ୍ଡାଇ କାର୍ ମାନୁଫ୍ୟାକ୍ଟରର ତାଙ୍କୁ ଏକ ନୂଆ ଗାଡ଼ି ଉପହାର ଆକାରରେ ଦେଇଥିଲେ, ଯାହାର ଦାମ୍ ୧୧,୬୪୦ ପାଉଣ୍ଡ(ଭାରତୀୟ ମୁଦ୍ରାରେ ୧୧ ଲକ୍ଷ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ)ବୋଲି ଜଣାପଡ଼ିଛି।

## ରାମଚରଣଙ୍କ ଗେମ୍ ଚେଞ୍ଜର



**ମୁମ୍ବାଇ:** ସାଉଥ୍ ଅଭିନେତା ରାମଚରଣଙ୍କ ଫିଲ୍ମ 'ଆର୍‌ଆର୍‌ଆର୍'ର ଗୀତ 'ନାଟୁ ନାଟୁ'କୁ ଓସ୍କାର ମିଳିବା ପରେ ତାହା ଏବେ ଟ୍ରେଣ୍ଡିଂରେ ରହିଛି। ଏଥିସହ ଅଭିନେତା ରାମଚରଣଙ୍କ ଲୋକପ୍ରିୟତା ଆହୁରି ବଢ଼ିଯାଇଛି। ତେବେ ସେ ଏବେ ତାଙ୍କ ଆଗାମୀ ଫିଲ୍ମକୁ ନେଇ ବ୍ୟସ୍ତ ଅଛନ୍ତି। ରାମଚରଣ ସୋମବାର ନିଜ ଜନ୍ମଦିନ ଅବସରରେ ତାଙ୍କ ଫିଲ୍ମର ନାମ ଘୋଷଣା କରିଛନ୍ତି। ଏନେଇ ରାମଚରଣ ତାଙ୍କ ଟୁଇଟର ହ୍ୟାଣ୍ଡେଲରେ ଶେୟାର କରିଛନ୍ତି। ପୂର୍ବରୁ ତାଙ୍କ ଫିଲ୍ମର ନାମ ଥିଲା ଆର୍‌ସି ୧୫। ପରେ ନାଁ ବଦଳି 'ଗେମ୍ ଚେଞ୍ଜର' ରଖାଯାଇଛି। ଏସ୍. ଶଙ୍କରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଏକ ଭାରତୀୟ ତେଲୁଗୁ ରାଜନୈତିକ ଥ୍ରିଲର ଉପରେ ଆଧାରିତ। ଏଥିରେ ତାଙ୍କ ସହ ଅଭିନେତ୍ରୀ କିଆରା ଆଡ୍‌ଭାନୀଙ୍କୁ ଦେଖିବାକୁ ମିଳିବ। ଏଥିସହ ଫିଲ୍ମରେ ଅଞ୍ଜଳି, ସମୁଥିରାକାନି, ଏସ୍‌ଜେ ସୂର୍ଯ୍ୟ, ଶ୍ରୀକାନ୍ତ ଏବଂ ସୁନୀଲ ମଧ୍ୟ ଭିନ୍ନ ଚରିତ୍ରରେ ନଜର ଆସିବେ। ରାମଚରଣ ପୂର୍ବରୁ ଏସ୍‌ଏସ୍ ରାଜମୌଲିଙ୍କ ଫିଲ୍ମ 'ଆର୍‌ଆର୍‌ଆର୍'ରେ ଅଭିନୟ କରିଥିଲେ। ତେବେ ରାମଚରଣ ୨୦୦୭ରେ ଫିଲ୍ମ 'ଚିରୁଥା' ଜରିଆରେ ଫିଲ୍ମ ଜଗତରେ ଏଣ୍ଟ୍ରି କରିଥିଲେ।

## ବେଳାଭୂମିରେ ଶାହରୁଖଙ୍କ ଚିତ୍ର




**ଇସଲାମାବାଦ୍:** ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ପ୍ରଶଂସକ କେବଳ ଭାରତରେ ନୁହେଁ, ବିଦେଶରେ ମଧ୍ୟ ଦେଖିବାକୁ ମିଳେ। ତାଙ୍କ ପ୍ରଶଂସକଙ୍କ ଭଲପାଇବାର ଏକ ଉଦାହରଣ ନିକଟରେ ଦେଖିବାକୁ ମିଳିଛି। ପାକିସ୍ତାନରେ ଶାହରୁଖଙ୍କ ଚଳଚ୍ଚିତ୍ରକୁ ବ୍ୟାନ୍ କରାଯାଇଛି, ହେଲେ ମଧ୍ୟ ତାଙ୍କ ପ୍ରତି ପାକିସ୍ତାନବାସୀଙ୍କ ପ୍ରେମ ଏବେ ବି ରହିଛି। ଯେତେବେଳେ ପଠାନ୍ ରିଲିଜ୍ ହୋଇଥିଲା, ସେତେବେଳେ ମଧ୍ୟ କିଛି ପାକିସ୍ତାନୀ ପରିବାର ଭାରତକୁ ଆସି ଫିଲ୍ମର ମଜା ଉଠାଇଥିଲେ। ତେବେ ଏବେ ଜଣେ ପାକିସ୍ତାନୀ କଳାକାର ଶାହରୁଖଙ୍କ ପ୍ରତି ତାଙ୍କ ଭଲପାଇବା ଦର୍ଶାଇଛନ୍ତି। ପାକିସ୍ତାନର ବେଲୁଚିସ୍ତାନ ବେଳାଭୂମିରେ ସମୀର ଶୌକତ ନାମକ ବାଲୁକାଶିଳ୍ପୀ ତାଙ୍କ ଟୁଇଟର ପେଜ୍‌ରେ ଏକ ଫଟୋ ପୋଷ୍ଟ କରିଛନ୍ତି। ସେ ତାଙ୍କ ଟିମ୍ ସହ ମିଶି ସମୁଦ୍ରକୂଳରେ ଶାହରୁଖଙ୍କ ଏକ ବିଶାଳ ବାଲୁକାଚିତ୍ର ତିଆରି କରିଛନ୍ତି। ଫଟୋ ଶେୟାର କରି ଲେଖିଛନ୍ତି, ଶାହରୁଖଙ୍କ ସବୁଠୁ ବଡ଼ ସ୍କେଚ୍ ତାଙ୍କ ଟିମ୍ ଦ୍ୱାରା ପ୍ରସ୍ତୁତ କରାଯାଇଛି, ଯାହା ତାଙ୍କ ଟିମ୍ ପକ୍ଷରୁ ଶାହରୁଖଙ୍କୁ ଉପହାର। ଶାହରୁଖଙ୍କ ଏହି ଚିତ୍ରଟିର ଫଟୋ ଏକ ଡ୍ରୋନ୍ ସାହାଯ୍ୟରେ ନିଆଯାଇଛି। କଳାକାରମାନେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଏହାର ଏକ ଭିଡିଓ ଶେୟାର କରିଛନ୍ତି। ଭିଡିଓରେ କଳାକାରମାନେ ଶାହରୁଖଙ୍କ ବାଲୁକାଚିତ୍ର ଆଙ୍କୁଥିବାର ନଜର ଆସିଛି।

## ଜନ୍ମଦିନର ଥିମ୍ 'ଅନ୍ତିମ ସଂସ୍କାର'

**ନୂଆଦିଲ୍ଲୀ:** ଜନ୍ମଦିନ ସମସ୍ତଙ୍କ ପାଇଁ ସବୁବେଳେ ଖାସ୍ ହୋଇଥାଏ। ସେହି ଦିନକୁ ସମସ୍ତେ ଧୁମ୍‌ଧାମ୍‌ରେ ମନେଇଥାନ୍ତି, ଯେପରି ସବୁଦିନ ପାଇଁ ତାହା ମନେରହିବ। ହେଲେ ଏଠାରେ ଜଣେ ଯୁବତୀ ତାଙ୍କ ଜନ୍ମଦିନକୁ କିଛି ଭିନ୍ନ ଢଙ୍ଗରେ ପାଳିଛନ୍ତି, ଯାହା ଶୁଣିଲେ ଲାଗିବ ଅଜବ। ହେଲି ହର୍‌ନୁମ୍ ନାମ୍ନୀ ଯୁବତୀ ନିକଟରେ ତାଙ୍କ ୩୦ତମ ଜନ୍ମଦିନର ଥିମ୍ ରଖିଥିଲେ 'ଅନ୍ତିମ ସଂସ୍କାର'। ହେଲିଙ୍କ କହିବା ମୁତାବକ, ସେ ତାଙ୍କ ଟ୍ୱେଣ୍ଟିଜ୍‌କୁ ଶେଷ କରିବାକୁ ଏପରି କରିଛନ୍ତି। ଡେକୋରେଶନ ପାଇଁ ରଙ୍ଗବେରଙ୍ଗର ବେଲୁନ୍ ବଦଳରେ କେବଳ କଳା ଓ ଧଳା ରଙ୍ଗର ବେଲୁନ ଲଗାଯାଇଥିଲା। ଲାଗିଥିବା ବ୍ୟାନରରେ ରିପ୍ ବୋଲି ଲେଖାଥିଲା। ଡ୍ରେସ୍‌କୋଡ୍ ମଧ୍ୟ କଳାରଙ୍ଗର ରଖାଯାଇଥିଲା। ସେହିପରି କଳାରଙ୍ଗର ଏକ କେକ୍ ପ୍ରସ୍ତୁତ ହୋଇଥିଲା। ସେଥିରେ ଗୋଲାପି ରଙ୍ଗରେ 'ରିପ୍ ଟ୍ୱେଣ୍ଟିଜ୍' ଲେଖା ହୋଇଥିଲା। ସେ ତାଙ୍କ ସାଙ୍ଗମାନଙ୍କ ଗହଣରେ ଜନ୍ମଦିନକୁ ପାଳିବା ସହ ତାହାର ଏକ ଭିଡିଓ କରି ସୋସିଆଲ ମିଡିଆରେ ଛାଡ଼ିଥିଲେ, ଯାହା ପରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଏହାଦେଖି ଅନେକ ୟୁଜର୍ସ ଆଶ୍ଚର୍ଯ୍ୟ ହୋଇଛନ୍ତି। ଜଣେ ଲେଖିଛନ୍ତି, ସେ ଏବେ ତାଙ୍କ ୩୦ତମ ଜନ୍ମଦିନ ପାଳିଥିଲେ। ହେଲେ ସେ ଏପରି ଯୋଜନା କରିପାରିନାହାନ୍ତି। ଅନ୍ୟ ଜଣେ ଲେଖିଛନ୍ତି, ଲାଇକ୍ ଏବଂ କମେଣ୍ଟ ପାଇଁ ଲୋକେ କିଛି ବି କରୁଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଲୋଚନା ପରେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଧାରଣା ସାମୟିକ ସ୍ଥଗିତ

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ଓଡିଶାରେ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବିରେ ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ୩ଦିନ ଧରି ଆନ୍ଦୋଳନ ଚାଲିଥିଲା। ମଧ୍ୟାହ୍ନରେ ଖରା, ଅପରାହ୍ନରେ ବର୍ଷା ସହିବା ପରେ ସନ୍ଧ୍ୟାରେ ମୋବାଇଲ୍ ଲାଇଟ୍ ଜଳାଇ ହଜାର ହଜାର ସଂଖ୍ୟାରେ ଆଉଟସୋର୍ସିଂ କର୍ମଚାରୀ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ତେବେ ସୋମବାର ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସହ ସଂଘ ପକ୍ଷରୁ ଆଲୋଚନା କରାଯାଇଛି। ସଂଘ ଆବାହକ ପ୍ରଶାନ୍ତ ମହାନ୍ତି, ସଭାପତି ସଞ୍ଜୟ ପଟ୍ଟନାୟକ, ସମ୍ପାଦକ ମାନସ ଦାଶଙ୍କ ସମେତ ଏକ ୮ଜଣିଆ ପ୍ରତିନିଧିଦଳ ଆଲୋଚନା କରିଥିଲେ। ତେବେ ସକାରାତ୍ମକ ଆଲୋଚନା ହୋଇଥିବା ଓ ଉନ୍ନୟନ କମିଶନର ଏନେଇ ମଙ୍ଗଳବାର ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଆନ୍ଦୋଳନକୁ ସାମୟିକ ସ୍ଥଗିତ ରଖାଯାଇଛି। ତେବେ ମୁଖ୍ୟଶାସନ ସଚିବଙ୍କ ସହ ଆଲୋଚନା ପରେ ଦାବି ପୂରଣ ନ ହେଲେ କର୍ମଚାରୀମାନେ ଆନ୍ଦୋଳନକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।


ସ୍ଥାୟୀ ନିଯୁକ୍ତି ସହ ବିଭିନ୍ନ ଦାବି ନେଇ ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

# ୨୯ରେ ବନ୍ଦ ରହିବ ଖୋର୍ଦ୍ଧା ଜିଲାର ସରକାରୀ କାର୍ଯ୍ୟାଳୟ

**କଟକ ଅଫିସ, ୨୭।୩**

ଆସନ୍ତା ୨୯ ତାରିଖରେ ଖୋର୍ଦ୍ଧା ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। ୨୦୨୩ କ୍ୟାଲେଣ୍ଡର ବର୍ଷର ଅଶୋକାଷ୍ଟମୀ ପର୍ବ ଉପଲକ୍ଷେ ୨୯ ତାରିଖରେ ଆଞ୍ଚଳିକ ଛୁଟିଦିନ (ଲୋକାଲ୍ ହଲିଡେ) ପାଇଁ ସରକାରୀ କାର୍ଯ୍ୟାଳୟଗୁଡ଼ିକ ବନ୍ଦ ରହିବ। କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି) ସୋମବାର ଏହି ଘୋଷଣା କରିଛନ୍ତି। କଟକସ୍ଥିତ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏ ନେଇ ୨୦୨୨ ନଭେମ୍ବର ୧ରେ ଏକ ଚିଠି ଜାରି କରାଯାଇଥିଲା। ଉକ୍ତ ଚିଠି ଅନୁଯାୟୀ ଆର୍‌ଡିସି ଏହି ଛୁଟି ଘୋଷଣା କରିଛନ୍ତି।

# ସିଏଏଫ୍ ଆସିଷ୍ଟାଣ୍ଟ ପ୍ଲାଟୁନ କମାଣ୍ଡର ଶହୀଦ

**ମାଲକାନଗିରି, ୨୭।୩(ଡି.ଏନ୍.ଏ.)**

**ମାଓବାଦୀଙ୍କ ଆଇଇଡି ବିସ୍ଫୋରଣ**


ଶହୀଦ କମାଣ୍ଡର ବିଜୟ ଯାଦବ

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାରେ ମାଓବାଦୀମାନେ ପୋଲିସକୁ ଟାର୍ଗେଟ୍ କରିଛନ୍ତି। ସୋମବାର ମାଓବାଦୀଙ୍କ ଆଇଇଡି ବିସ୍ଫୋରଣରେ ଜଣେ ଯବାନ ଶହୀଦ ହୋଇଛନ୍ତି। ସେ ଛତିଶଗଡ ଆର୍ମଡ ଫୋର୍ସ (ସିଏଏଫ)ର ଆସିଷ୍ଟାଣ୍ଟ ପ୍ଲାଟୁନ କମାଣ୍ଡର ବିଜୟ ଯାଦବ ବୋଲି ଜଣାପଡିଛି। ଖବରରୁ ଜଣାପଡ଼ିଛି, ବିଜାପୁରର ମିରତୁର ଥାନା ଅନ୍ତର୍ଗତ ତିମେନାର ଅଞ୍ଚଳରେ ରାସ୍ତା କାମକୁ ସୁରକ୍ଷା ଦେବା ଲାଗି ଏଡେପାଲ ସିଏଏଫ୍ କ୍ୟାମ୍ପରୁ ଯବାନମାନେ ଜଙ୍ଗଲ ଦେଇ ଯାଉଥିବା ବେଳେ ମାଓବାଦୀମାନେ ଆଇଇଡି ବିସ୍ଫୋରଣ କରିଥିଲେ। ଫଳରେ ଏଥିରେ କମାଣ୍ଡର ଯାଦବ ଶହୀଦ ହୋଇଥିଲେ। ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଥିବା ବିଜାପୁର ପୋଲିସ ସୂଚନା ଦେଇଛି।

# ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ


ଜଙ୍ଗଲରୁ ମିଳିଥିବା ଗଞ୍ଜେଇ।

**ଚିତ୍ରକୋଣ୍ଡା/ମାଲକାନଗିରି, ୨୭।୩ (ଡି.ଏନ୍.ଏ.)**

**ଜଙ୍ଗଲରୁ ପୋଲିସ ହାତରେ ପଡ଼ିଲା ୩ ଟନ୍ ଗଞ୍ଜେଇ**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ରବିବାର ରାତିରେ ଏକ ଜଙ୍ଗଲରେ ଚଢାଉକରି ୩ ଟନ୍ ୩ଶହ କେଜି ଗଞ୍ଜେଇ ଜବତ କରିଛି। ଏହାର ବଜାର ମୂଲ୍ୟ ୩ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନେ ପୂର୍ବରୁ ସୂଚନା ପାଇ ଫେରାର ହୋଇଯାଇଛନ୍ତି। ଫଳରେ ପୋଲିସ କାହାକୁ ଗିରଫ କରିପାରିନାହିଁ। ଖବରରୁ ଜଣାପଡିଛି, ନିକଟସ୍ଥ ଡାଇକ୍-୩ ଗ୍ରାମ ଜଙ୍ଗଲରେ ଗଞ୍ଜେଇ ଚୋରାଚାଲାଣ ଲାଗି ପ୍ରସ୍ତୁତି ଚାଲିଥିବା ବିଶେଷ ସୂତ୍ରରୁ ଖବର ପାଇ ଚିତ୍ରକୋଣ୍ଡା ପୋଲିସର ଏକ ଟିମ୍ ଚଢାଉ କରିଥିଲା। ଚଢାଉ ବେଳେ ଏହି ଜଙ୍ଗଲରୁ ୧୩୨ଟି ଜରି ବସ୍ତାରେ ଥିବା ଉପରୋକ୍ତ ପରିମାଣର ଗଞ୍ଜେଇ ଜବତ କରିଥିଲା। ଏହାର ବଜାର ମୂଲ୍ୟ ୩ କୋଟି ୩୦ ଲକ୍ଷ ଟଙ୍କା ହେବ ବୋଲି ଥାନା ଅଧିକାରୀ ମୁକୁନ୍ଦ ମେଲକା କହିଛନ୍ତି। ତେବେ ଏହି ଗଞ୍ଜେଇ କାହାର, କିପରି ଏଠାକୁ ଆସିଲା ଏବଂ କେଉଁଠିକୁ ପଠା ଯାଉଥିଲା ତାହାର ଖୋଳତାଡ କରୁଛି ପୋଲିସ।

# ସାଙ୍ଗ ଗାଡ଼ିରେ ଅପରାଧ

**ଧରାପଡ଼ିଲେ ଚତୁର ଲୁଟେରା**
- ହୋଟେଲରେ ରହି ଜାତୀୟ ରାଜପଥରୁ ଲୁଟୁଥିଲେ
- ୭ ସୁନା ଚେନ, ବ୍ୟବହୃତ ପଲସର ଜବତ

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ସାଙ୍ଗକୁ ଗାଡି ଦେଉଥିଲେ ହୋଇଯାଆ ସାବଧାନ। ନ ହେଲେ ଆପଣଙ୍କ ଗାଡିକୁ ବି ଜବତ କରିପାରେ ପୋଲିସ। କାରଣ କେହି ବି ଆପଣଙ୍କ ଗାଡିକୁ ଆପରାଧିକ କାର୍ଯ୍ୟରେ ବ୍ୟବହାର କରିପାରେ। ସାଙ୍ଗଠାରୁ ଗାଡି ମାଗିଆଣି ରାଜଧାନୀରେ ଲୁଟ୍‌ପାଟ କରୁଥିବା ଜଣେ ଚତୁର ଯୁବକଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେ ହେଲେ ପୁରୀ ଜିଲା କୋଣାର୍କର ଚନ୍ଦନ ଓରଫ ବିଷ୍ଣୁ ପ୍ରସାଦ ଜେନା (୨୧)। ତାଙ୍କଠାରୁ ୭ଟି ସୁନା ଚେନ ଓ ଲୁଟ୍‌ରେ ବ୍ୟବହୃତ ପଲ୍‌ସରକୁ ପୋଲିସ ଜବତ କରିଛି। ଜବତ ପଲସର ଅଭିଯୁକ୍ତଙ୍କ ସାଙ୍ଗର ବୋଲି ଜଣାପଡିଛି। ଅଭିଯୁକ୍ତ ଚନ୍ଦନ ଜଣେ ପେସାଦାର ଅପରାଧୀ ହୋଇଥିବାବେଳେ ସେ ଧରା ନ ପଡ଼ିବା ପାଇଁ ଚତୁର ବୁଦ୍ଧି ଲଗାଇଥିଲେ। ଭୁବନେଶ୍ୱରକୁ କୌଣସି କାମରେ ଯିବାକୁ ସାଙ୍ଗଙ୍କଠାରୁ ଗାଡି ମାଗି ଆଣୁଥିଲେ। ଏଠାରେ ହୋଟେଲରେ ରହି ଜାତୀୟ ରାଜପଥରେ ଲୁଟ୍‌ପାଟ କରୁଥିଲେ। ଗୋଟିଏ ଘଟଣା ଘଟାଇବା ପରେ ହୋଟେଲ ବଦଳାଇବା ସହ ସାଙ୍ଗର ଗାଡି ମଧ୍ୟ ଫେରାଉଥିଲେ। କିଛିଦିନ ଅନ୍ତରରେ ପୁଣି ସମାନ ଢଙ୍ଗରେ ଲୁଟ୍‌ପାଟ କରୁଥିଲେ। ବିଶେଷକରି ରାଜପଥରେ ଏକୁଟିଆ ଯାଉଥିବା ପୁରୁଷ କିମ୍ବା ମହିଳାଙ୍କୁ ଟାର୍ଗେଟ କରି ମୋବାଇଲ୍ ଫୋନ୍, ଟଙ୍କା, ସୁନା ଆଦି ଲୁଟି ନେଉଥିଲେ। ଲୁଟ୍ ଟଙ୍କା ଓ ସୁନା ବିକି ଅୟସ ଜୀବନ ବିତାଉଥିଲେ। ସୁନା ଚେନ ବିକି ଏକ ବୁଲେଟ ଗାଡି କିଣିବା ସହ ଚୋରି ଟଙ୍କା ଗର୍ଲଫ୍ରେଣ୍ଡ ପିଛାରେ ଖର୍ଚ୍ଚ କରୁଥିବା ମଧ୍ୟ ପୋଲିସ ଜାଣିବାକୁ ପାଇଛି। ଏନେଇ ପୋଲିସ ଚୋରିବେଳେ ବ୍ୟବହୃତ ହୋଇଥିବା ଅନ୍ୟ ଏକ ମୋଟରସାଇକେଲ, ବିକ୍ରି କରିଥିବା ସୁନା, କିଣିଥିବା ବୁଲେଟକୁ ଖୋଜା ଚାଲିଛି। ଏହାସହ ଅଧିକ ତଦନ୍ତ ପାଇଁ ରିମାଣ୍ଡରେ ଆଣିବାକୁ ଯୋଜନା କରାଯାଉଛି ବୋଲି ଜୋନ୍-୫ ଏସିପି ସଞ୍ଜିବୀ ଶତପଥୀ କହିଛନ୍ତି। ଅଭିଯୁକ୍ତ ଚନ୍ଦନଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୧୫ରୁ ଅଧିକ ଆପରାଧିକ ମାମଲା ରହିଛି। ତେବେ ମାମଲା (ନଂ ୧୧୫/୨୩)ରେ ଅଭିଯୁକ୍ତ ଚନ୍ଦନଙ୍କୁ କୋର୍ଟ ଚାଲାଣ କରିଥିଲା ପୋଲିସ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନାନୁସାରେ, ଗତ ୨୧ ତାରିଖରେ ଅଭିଯୋଗକାରୀ ଆକାଶ କୁମାର ଗୁପ୍ତା ଏକ ବିବାହ ଉତ୍ସବରେ ଯୋଗଦେବାକୁ ପାତ୍ରପଡା ଅଞ୍ଚଳରୁ ବାଲିଅନ୍ତା ଯାଉଥିବାବେଳେ ଇସ୍କନ ମନ୍ଦିର ସମ୍ମୁଖ ଏନ୍‌ଏଚ୍-୧୬ରେ ଅଭିଯୁକ୍ତ ଚନ୍ଦନ ପଛରୁ ଏକ ପଲସରରେ ଦ୍ରୁତଗତିରେ ଆସି ତାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୂର୍ବରୁ ସମାନ ଭାବେ ଆଉଏକ ଅଭିଯୋଗ ଆସିଥିବାରୁ ଏଥିରେ ଗୋଟିଏ ଗ୍ୟାଙ୍ଗ୍ର ସମ୍ପୃକ୍ତି ଥିବା ସନ୍ଦେହ କରି ସିସିଟିଭି ଫୁଟେଜ ଆଧାରରେ ଗାଡିର ନମ୍ବର ଚିହ୍ନଟ ପରେ ପୋଲିସ ମାଲିକଙ୍କ ସହ ଯୋଗାଯୋଗ କରିଥିଲେ। ତାଙ୍କ ଗାଡିକୁ ସାଙ୍ଗ ମାଗି ନେଇଥିବା ଓ ଶହୀଦନଗରସ୍ଥିତ ଏକ ହୋଟେଲରେ ଥିବା ଜଣାଇବା ପରେ ପୋଲିସ ରବିବାର ରାତିରେ ସେଠାରେ ଚଢ଼ାଉ କରି ଅଭିଯୁକ୍ତ ଚନ୍ଦନଙ୍କୁ ଗିରଫ କରିଥିଲା।

# ଓଲିଉଡ୍ ପ୍ରଯୋଜକ ଗିରଫ

**ଘର ବିକ୍ରି ଆଳରେ ୭୫ ଲକ୍ଷ ଠକେଇ**


ଅଜିତାଭ୍ ମଲ୍ଲିକ

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ଘର ବିକ୍ରି କରିବା ଆଳରେ ଜଣେ ଆସୋସିଏଟ୍ ପ୍ରଫେସରଙ୍କଠାରୁ ୭୫ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ଜଣେ ଓଲିଉଡ୍ ପ୍ରଯୋଜକଙ୍କୁ ଖଣ୍ଡଗିରି ଥାନା ପୋଲିସ ସୋମବାର ଗିରଫ କରିଛି। ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା କୋଳଥିଆ ହାଉସିଂବୋର୍ଡ କଲୋନିରେ ରହୁଥିବା ଅଜିତାଭ୍ ମଲ୍ଲିକ। ତେବେ ସେ ନିଜେ ସହପ୍ରଯୋଜକ ଥିବା ଓଡ଼ିଆ ସିନେମା 'ଅରୁନ୍ଧତୀ'ରେ ସହ କଳାକାର ଭାବେ ମଧ୍ୟ ଅଭିନୟ କରିଛନ୍ତି। ତାଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଭୁବନେଶ୍ୱର ରସୁଲଗଡ଼ରେ ରହୁଥିବା ଅଭିଯୋଗକାରିଣୀ ନିର୍ଲିପ୍ତା ସ୍ୱାଇଁ ରେଭେନ୍‌ଶା ବିଶ୍ୱ ବିଦ୍ୟାଳୟରେ ଆସୋସିଏଟ୍ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ଘର କିଣିବାକୁ ଯୋଜନା କରୁଥିବା ନିର୍ଲିପ୍ତା ଉତ୍କଳ ବିଶ୍ୱ ବିଦ୍ୟାଳୟରେ ପଢୁଥିବା ଅଜିତାଭଙ୍କ ଭଉଣୀଙ୍କ ମାଧ୍ୟମରେ ସମ୍ପର୍କ ହୋଇଥିଲା। କୋଳଥିଆସ୍ଥିତ ରହୁଥିବା ଡୁପ୍ଲେକ୍ସ ଘର(ଏମ୍‌ଆଇଜି-୪୬)କୁ ବିକ୍ରି କରିବା ପାଇଁ ଅଜିତାଭ କହିଥିଲେ। ଏଥିପାଇଁ ନିର୍ଲିପ୍ତାଙ୍କ ସହ ୧ କୋଟି ଟଙ୍କାର ଡିଲ୍ ହୋଇଥିଲା। ଘର ପାଇଁ ନିର୍ଲିପ୍ତା ପ୍ରଥମେ ୨୫ ଲକ୍ଷ ଟଙ୍କା ନଗଦ ଦେଇଥିଲେ। ଏହାପରେ ବିଭିନ୍ନ ପର୍ଯ୍ୟାୟରେ ୭୫ ଲକ୍ଷ ଟଙ୍କା ଦେଇଥିଲେ, ଯେଉଁଥିରେ ୩୦୦ ଗ୍ରାମର ସୁନା ମଧ୍ୟ ରହିଛି। ତେବେ ଟଙ୍କା ନେବାର ଦୀର୍ଘଦିନ ପର୍ଯ୍ୟନ୍ତ ନିର୍ଲିପ୍ତାଙ୍କୁ ଅମିତାଭ ଘର ଦେଇ ନ ଥିଲେ। ବହୁଥର ବାଧ୍ୟ କରିବା ପରେ ଅଜିତାଭ ୭ଟି ଚେକ୍ ଦେଇଥିଲେ। ହେଲେ ବ୍ୟାଙ୍କରେ ଟଙ୍କା ନ ଥିବାରୁ ଚେକ୍‌ଗୁଡ଼ିକ ବାଉନ୍ସ ହୋଇଯାଇଥିଲା। ଏପରିକି କୋଳଥିଆସ୍ଥିତ ଘର ପରିବର୍ତ୍ତେ ବ୍ରହ୍ମପୁରରେ ଏକ ଘର ଦେବୁ ବୋଲି ମଧ୍ୟ ଅଜିତାଭ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଘର ନ ମିଳିବାରୁ ନିର୍ଲିପ୍ତା ଟଙ୍କା ମାଗିବାରୁ ଅଜିତାଭ ତାଙ୍କୁ ହତ୍ୟା ଧମକ ଦେଇଥିଲେ।, ଅଜିତାଭଙ୍କ ପରିବାର ସଦସ୍ୟ ଏଥିରେ ସମ୍ପୃକ୍ତ ଥିବା ମଧ୍ୟ ନିର୍ଲିପ୍ତା ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ଏନେଇ ଗତ ମାର୍ଚ୍ଚ ୨୩ରେ ପୋଲିସ ଏକ ମାମଲା (ନଂ.୧୩୭/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଥାନାଧିକାରୀ ଦୟାନିଧି ନାୟକ କହିଛନ୍ତି, ଏହି ମାମଲାରେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲୁରହିଛି। ଠକେଇ ଟଙ୍କା କୁଆଡ଼େ ଯାଇଛି ତାହା ଜାଣିବାକୁ ଅଜିତାଭଙ୍କ ସମସ୍ତ ବ୍ୟାଙ୍କର ଟ୍ରାଞ୍ଜାକ୍ସନ୍ ବିବରଣୀ ମଗାଯାଇଛି ବୋଲି ସେ କହିଛନ୍ତି।

# କରୋନା ପାଇଁ ପୁଣି ବାଜିଲା ସତର୍କ ଘଣ୍ଟି

**ଦେଶରେ ୧୮୯୦ ନୂଆ ପଜିଟିଭ୍, ଓଡ଼ିଶାରେ ୧୧**

**ଭୁବନେଶ୍ୱର, ୨୭।୩ (ବ୍ୟୁରୋ):** କିଛି ଦିନର ବ୍ୟବଧାନ ପରେ ସମଗ୍ର ଦେଶରେ ପୁଣି ଥରେ କୋଭିଡ୍ ସଂକ୍ରମଣ ବଢିବା ଆରମ୍ଭ କରିଛି। ଏହାକୁ ଦୃଷ୍ଟିରେ ରଖି ଏବେଠାରୁ ସତର୍କ ରହିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ଏଥିସହ ବେଡ୍ ଓ ଅକ୍ସିଜେନ୍ ପ୍ରସ୍ତୁତ ରଖିବା ପାଇଁ ସବୁ ମେଡିକାଲ କଲେଜ ଅଧୀକ୍ଷକ, ସିଡିଏମ୍‌ଓଙ୍କୁ ସୋମବାର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଚିଠି କରିଛନ୍ତି। କଟକ ଏସ୍‌ସିବି, ବ୍ରହ୍ମପୁର ଏମ୍‌କେସିଜି, ବୁର୍ଲା ଭିମ୍‌ସାର୍ ଏବଂ କୋରାପୁଟ ଏସ୍‌ଏଲ୍‌ଏନ୍‌ଏମ୍‌ସିଏଚ୍ ମେଡିକାଲ କଲେଜରେ ୨୦ଟି ବେଡ୍ ଓ ୨ଟି ଆଇସିୟୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲା ଓ ସିଏଚ୍‌ସିରେ ୧୦ଟି ବେଡ୍ ଓ ଆନୁସଙ୍ଗିକ ବ୍ୟବସ୍ଥା ସହିତ ସବୁଠାରେ ଅକ୍ସିଜେନ୍ ସିଲିଣ୍ଡର ଓ କନ୍‌ସେନ୍‌ଟ୍ରେଟର୍ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଏହାବାଦ୍ ଟେଷ୍ଟିଂକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ମେଡିକାଲ କଲେଜ, ଜିଲା ଓ ସିଏଚ୍‌ସିରେ ଟେଷ୍ଟିଂ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। କୋଭିଡ୍ ପରିଚାଳନା ପାଇଁ ରାଜ୍ୟ କେତେ ପ୍ରସ୍ତୁତ ରହିଛି ତାହା ଜାଣିବା ପାଇଁ ଏପ୍ରିଲ ୧୦ ଓ ୧୧ରେ ରାଜ୍ୟବ୍ୟାପୀ ମକ୍ ଡ୍ରିଲ୍ ହେବ। ଅପରପକ୍ଷେ ସମସ୍ତ ଲକ୍ଷଣଯୁକ୍ତଙ୍କ କୋଭିଡ୍ ଟେଷ୍ଟ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

## Classified Everyday 0674-2580101, 2549949


REAL ESTATE

**SALE**

House for sale at GGP Colony 3Storied building (10nos of individual quarters). Contact: 7978141625. D-3080

ଭୁବନେଶ୍ୱର ଏୟାରଫିଲ୍ଡ ଥାନାରୁ ୧୨ କି.ମି. ଦୂରରେ 1200sqft. ପ୍ଲଟ୍‌କୁ 6,84,000/-, 8,40,000/-ରେ କିଣି ଆଜି ଘର କରନ୍ତୁ। 9938016295. D-74833

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ : 9090778800. D-74528

Building for sale at Laxmi Vihar, Laxmi Sagar, Canal Road. G+4 Construction Land Area 1550sqft built up Area 6000sqft Price-1.50 Crore (Negotiable). Ph-7008296684. D-3156

ଭୁବନେଶ୍ୱର Retanga Railway Station ପାଖରେ 30ft. ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ 650/-, 9348767829. D-74834

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998


CONSTRUCTION

**Construct your home @ 850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74826

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




"Only Professional body massage, Steam-Bath & Body Scrubbing. 9861550765". D-2985

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74664

**Relax, Refresh your Body, Mind at Saikrupa Spa with best therapies, 8984068077.** D-3063

Newly open health benefits SPA Special Offer@999Sahidnagar. 8118028440. D-73695

Newly open health benefits Spa special offer@999, Nayapalli, 7846814019. D-73694

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**

By virtue of an affidavit sworn before the Notary Public, Puri dt. 07.12.22 I, Puja Jena, W/o Sri Ganeswar Jena resident of Village- Basantpur, P.S. Satyabadi, Dasbidyadharpur, Bhimpur, Satyabadi, Puri, changed my name from Imati Kandi to Puja Jena. Henceforth I, shall be known as Puja Jena for all Purposes.
(Puja Jena)
D-73538

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଏଗାରତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ


ସ୍ୱର୍ଗତ ବିଜୟ କୁମାର ନାୟକ (ବାପି)
ଷ୍ଟେଟ୍ ବ୍ୟାଙ୍କ୍ ଆସିଷ୍ଟାଣ୍ଟ, କଲ୍ୟାଣସିଂହପୁର ବ୍ରାଞ୍ଚ, (ଜି) ରାୟଗଡ଼ା
ବାସସ୍ଥାନ: ନୂଆସାହି, ନୟାପଲ୍ଲୀ, ଭୁବନେଶ୍ୱର-୧୨
ଆବିର୍ଭାବ: ତା.୦୬।୧୧।୧୯୮୪
ତିରୋଧାନ: ତା.୨୮।୦୩।୨୦୧୨
ଚାହୁଁ ଚାହୁଁ ଏଗାର ବର୍ଷ ଚାଲିଗଲା। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ବାପା, ବୋଉ, ଭଉଣୀ: ସବିତା, ସସ୍ମିତା, ରଶ୍ମିତା ଓ ପରିବାରବର୍ଗ।
ଧ-୩୧୫୧

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଏକାଦଶାହ ଉପଲକ୍ଷେ


୰ବିଦ୍ୟୁତ୍ ପ୍ରଭା ମହାନନ୍ଦୀଆ
ଆବିର୍ଭାବ-୦୯.୦୫.୧୯୫୪
ତିରୋଧାନ-୧୮.୦୩.୨୦୨୩
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗଦର୍ଶନ, ସହନଶୀଳତା ଆମ୍ଭମାନଙ୍କର ଜୀବନର ପାଥେୟ ହେଉ। ଆଜି ଆପଣଙ୍କର ଏକାଦଶାହ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିଧିବିଷ୍ଣୁଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ଝିଅ-ତପସ୍ୱିନୀ, ଜ୍ୱାଇଁ-ସୁଭେନ୍ଦୁ, ମହାନନ୍ଦୀଆ ଏବଂ ପାଣିଗ୍ରାହୀ ପରିବାରବର୍ଗ।
ଧ-୩୧୫୫

ଫ୍ୟାଶନ

# ସନ୍‌ଗ୍ଲାସ୍ କିଣୁଥିଲେ...

**ଖରାରୁ ଆଖିକୁ ସୁରକ୍ଷା ଦେବାକୁ ହେଲେ ଆମକୁ ସନ୍‌ଗ୍ଲାସ୍ ପିନ୍ଧିବାକୁ ପଡ଼ିଥାଏ। ଆମ ଆଖି ଚାରିପଟେ ସୂକ୍ଷ୍ମ ସ୍କିନ୍ ରହିଛି, ଯାହା ଅଲ୍‌ଟ୍ରାଭାଓଲେଟ୍ କିରଣକୁ ପ୍ରୋଟେକ୍ଟ କରିଥାଏ। ଏହାକୁ କିଣିବା ସମୟରେ ତାହା ଯେପରି ଆପଣଙ୍କ ମୁହଁକୁ ଆଟ୍ରାକ୍ଟିଭ୍ ଲାଗିବା ସହ ଆଖିକୁ ପ୍ରୋଟେକ୍ଶନ ମଧ୍ୟ ଦେବ.....**



★ଖରାଦିନେ ଧୂଳି ଓ ଖରାରୁ ରକ୍ଷା ପାଇବାକୁ ହେଲେ ଆମେ ବିଭିନ୍ନ ପ୍ରକାର ଜିନିଷ ବ୍ୟବହାର କରିଥାଉ। ଏଥିମଧ୍ୟରୁ ଜରୁରୀ ଜିନିଷ ହେଉଛି ସନ୍‌ଗ୍ଲାସ୍। ଏହା ଆମ ଆଖି ଓ ତା' ପାଖାପାଖି ସ୍କିନ୍‌କୁ ସୁରକ୍ଷା ଦେଇଥାଏ। ଯଦି ଆପଣ ଠିକ୍ ସନ୍‌ଗ୍ଲାସ୍ ଚଏସ୍ କରୁଛନ୍ତି ତେବେ ଏହା ଆପଣଙ୍କ ପର୍ସନାଲିଟିକୁ ଡେଭଲପ୍ କରିବାରେ ସାହାଯ୍ୟ କରିଥାଏ। କିଣିବା ପରେ ଯେମିତି ଆପଣଙ୍କୁ ପଶ୍ଚାତାପ କରିବାକୁ ନ ପଡ଼େ।

★ସନ୍‌ଗ୍ଲାସ୍ କିଣିବା ସମୟରେ କେତୋଟି କଥାକୁ ଧ୍ୟାନଦେବାକୁ ପଡ଼ିଥାଏ। ଯେମିତିକି ଆପଣଙ୍କ ଫେସ୍ କେଉଁଭଳି ସେହି ଅନୁଯାୟୀ ଚଷମା ଚୟନ କରିବାକୁ ପଡ଼ିଥାଏ। ଯଦି ଆପଣଙ୍କ ଫେସ୍ ରାଉଣ୍ଡ ସେପ୍ ତେବେ ପଏଣ୍ଟେଡ୍ , ରେକ୍ଟାଙ୍ଗୁଲାର କିମ୍ବା ସ୍କୋୟାର ସନ୍‌ଗ୍ଲାସ୍ ସୁଟ୍ କରିଥାଏ। ଏହିପରି ଓଭାଲ ସେପ୍‌ରେ ଏଭିଏଟର ଓ ରିଫ୍ଲେକ୍ଟ ଗ୍ଲାସ୍ ଭଲ ମାନିଥାଏ।

★ମାର୍କେଟରେ ବିଭିନ୍ନ ଭେରାଇଟିର ସନ୍‌ଗ୍ଲାସ୍ ଦେଖିବାକୁ ମିଳିଥାଏ। ଏହାକୁ କିଣିବା ସମୟରେ ତା'ର ସାଇଜ୍ ମଧ୍ୟ ଦେଖିବାକୁ ପଡ଼ିଥାଏ। ଆପଣଙ୍କୁ ଏପରି ଏକ ସନ୍‌ଗ୍ଲାସ୍ ଚୟନ କରିବାକୁ ପଡିବ ଯାହାର ସାଇଜ୍ ଯେମିତି ଆପଣଙ୍କୁ ପୂରା ଫିଟ୍ ଆସିଯିବ।

★ସନ୍‌ଗ୍ଲାସ୍ କିଣିବା ସମୟରେ କଲର ଉପରେ ମଧ୍ୟ ଧ୍ୟାନଦେବାକୁ ପଡ଼ିଥାଏ। ଯେଉଁ କଲର ଆପଣଙ୍କୁ କମ୍ଫଟେବଲ୍ ଫିଲ୍ ହେବ ସେହି ରଙ୍ଗର ସନ୍‌ଗ୍ଲାସ୍ କିଣି ପିନ୍ଧିପାରିବେ।

# ଗର୍ଭଧାରଣ ସମୟରେ...

**ସବୁ ମହିଳାଙ୍କର ସ୍ୱପ୍ନ ଥାଏ ସେମାନେ ମା' ହେବେ। କିନ୍ତୁ ଏହି ଗର୍ଭଧାରଣ ସମୟ ମହତ୍ତ୍ୱ ରଖେ ପ୍ରତିଟି ମହିଳାଙ୍କ ଜୀବନରେ। ଏ ସମୟରେ ଗର୍ଭବତୀ କିପରି ନିଜକୁ ଖୁସିରେ ରଖିବେ ସେ ସମ୍ପର୍କରେ ଟିପ୍ସ...**



➤କୌଣସି ବି କାରଣରୁ ଟିକେ ଅଣଦେଖା ହୋଇଗଲେ କମ୍ପ୍ଲିକେସି ଦେଖିବାକୁ ମିଳିଥାଏ। ସେଥିପାଇଁ ଏହି ସମୟରେ ଯେତେ ଆପଣ ଖୁସି ରହିବେ ସେତେ ଭଲ। ଗର୍ଭବତୀମାନେ ନିଜର ଯତ୍ନ ନେବା ନିହାତି ଜରୁରୀ। ନିଜର ଖାଦ୍ୟପେୟ,ଲାଇଫ୍‌ଷ୍ଟାଇଲ ଏବଂ ଏକ୍ସରସାଇଜ୍ ସହିତ ମାନସିକ ଶାନ୍ତିର ମଧ୍ୟ ଆବଶ୍ୟକତା ରହିଛି। ଫଳରେ ପିଲା ଯେପରି ସୁସ୍ଥ ସବଳ ଜନ୍ମ ହେବ।

➤ଏହି ସମୟରେ ପୌଷ୍ଟିକ ଖାଦ୍ୟପେୟ ପ୍ରତି ଧ୍ୟାନଦେବା ଆବଶ୍ୟକ। ମା' ହିସାବରେ ଆପଣ ଖାଦ୍ୟରେ କିଛି ଖାଇବେ ତାହା ପିଲା ପାଇଁ ଯେପରି ଉତ୍ତମ ସାବ୍ୟସ୍ତ ହେବ।

➤ଧ୍ୟାନ ରଖିବେ ସପ୍ତାହରେ ଯେପରି ଦୁଇଥର ମାଛ ମାଂସ ଆଦି ଖାଇବେ, ଯାହା ପିଲାକୁ ପ୍ରୋଟିନ୍ ଆଦି ଦେବାରେ ସାହାଯ୍ୟ କରିବ।

➤ସବୁଜ ପନିପରିବା ଓ ସୋୟା ଉତ୍ପାଦ ଆଦି ଖାଦ୍ୟ ଖାଇପାରିଲେ ଭଲ। ମଝିରେ ମଝିରେ ହେଲ୍‌ଦି ସ୍ନାକ୍ସ ମଧ୍ୟ ଖାଇବା ଆବଶ୍ୟକ।

➤ଏ ସମୟରେ ଅଧିକ ପରିମାଣରେ ପାଣି ପିଅନ୍ତୁ। ଏଥିସହ ପଇଡ଼ପାଣି, ବିଭିନ୍ନ ପ୍ରକାର ଫଳର ଜୁସ୍ ଏବଂ ଫଳ ଆଦିକୁ ସାମିଲ କରିପାରିବେ।

➤ଶାରୀରିକ ରୂପରେ ଆକ୍ଟିଭ୍ ରହିବାକୁ ଚେଷ୍ଟା କରନ୍ତୁ।

➤ସବୁବେଳେ ଚିନ୍ତାମୁକ୍ତ ରହିବାକୁ ଚେଷ୍ଟା କରନ୍ତୁ।

# ଆତ୍ମବିଶ୍ୱାସ

**"ଆତ୍ମବିଶ୍ୱାସକୁ ଦୃଢ଼ କରିବାକୁ ହେଲେ କେତୋଟି କଥାକୁ ଗୁରୁତ୍ୱ ଦେବା ଦରକାର। କାରଣ ଏହା ଏଭଳି ଏକ ପ୍ଲାଟ୍‌ଫର୍ମ, ଯାହାକୁ ଆଧାରକରି ଜଣେ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୋଇପାରିବ।"**





ପୁରୁଷ ହୁଅନ୍ତୁ ଅବା ମହିଳା, ଜୀବନରେ ସଫଳତାର ସ୍ୱାଦ ଚାଖିବାକୁ କିମ୍ବା କୌଣସି କ୍ଷେତ୍ରରେ ନିଜକୁ ଆଗେଇନେବାକୁ ଗୋଟିଏ କଥା ଉପରେ ଗୁରୁତ୍ୱ ଦେବା ନିହାତି ଦରକାର। ତାହା ହେଲା ଆତ୍ମବିଶ୍ୱାସ। ଯଦି ଏହା ଦୃଢ଼ ରହିଲା ତେବେ ସୁଚିନ୍ତିତ ଯୋଜନା ସହ ଜଣେ ନିଜ ଲକ୍ଷ୍ୟପଥରେ ଆଗେଇପାରିବ। ହେଲେ ଏଭଳି କହିବା ଏବଂ ତାହାକୁ କାମରେ ରୂପାୟିତ କରିବା ଦୁଇଟି ଭିନ୍ନ କଥା। କେତେଜଣ ମହିଳା ଅଛନ୍ତି ଯେଉଁମାନେ ନିଜ ଆତ୍ମବିଶ୍ୱାସ ଉପରେ ଭରସା କରିପାରନ୍ତି ନାହିଁ। ଫଳରେ ସେମାନେ ନିଜ ଜୀବନର ଚଲାବାଟରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ଏହାକୁ ମଜଭୁତ କରିବାକୁ ହେଲେ କେତୋଟି ବିଷୟ ପ୍ରତି ଧ୍ୟାନଦେବା ନିହାତି ଦରକାର। ଜାଣନ୍ତୁ ସେ ସମ୍ପର୍କରେ...

**ବେଶଭୂଷା :** ନିଜ ପରିଚୟର ଅନ୍ୟ ଏକ ମାଧ୍ୟମ ହେଲା ବେଶଭୂଷା। ଆପଣ ପିନ୍ଧିଥିବା ପୋଷାକ ହିଁ ଆପଣଙ୍କ ପର୍ସନାଲିଟିକୁ ପ୍ରକାଶ କରିଥାଏ। ତେଣୁ ସବୁବେଳେ ନିଜକୁ ମ୍ୟାଚିଂ କଲା ଭଳି ଡ୍ରେସ୍ ପିନ୍ଧନ୍ତୁ। ଏଭଳି ପୋଷାକ ପିନ୍ଧନ୍ତୁ ନାହିଁ, ଯାହାକୁ ଦେଖି ଅନ୍ୟମାନଙ୍କ ମନରେ ଭିନ୍ନ ଧାରଣା ଆସିବ। ମନେକରନ୍ତୁ ଆପଣ ଏକ ଚାକିରି ପାଇଁ ଇଣ୍ଟରଭ୍ୟୁ ଦେବାକୁ ଯାଉଛନ୍ତି। ତେଣୁ ଏହି ସମୟରେ ନିଜର ଡ୍ରେସ୍‌କୋଡ୍ ସେହିଭଳି ହେବା ଦରକାର। କାରଣ ଏହା ଜୁରି ସଦସ୍ୟଙ୍କୁ ଯେଭଳି ପ୍ରଭାବିତ କରିବା ଦରକାର, ଯାହାକୁ ନେଇ ସେମାନେ ଆପଣଙ୍କୁ ପ୍ରଶଂସା ମଧ୍ୟ କରିପାରନ୍ତି। ଅନ୍ୟପକ୍ଷରେ ନିଜର ଆତ୍ମବିଶ୍ୱାସ ବଢ଼ାଇବାରେ ବେଶଭୂଷା ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

**କଥାବାର୍ତ୍ତା ଶୈଳୀ:** କଥାରେ ଅଛି- କହିବ ମଧୁର ବଚନ, କହି ତୋଷିବ ଜନମନ। ତେଣୁ ଆପଣଙ୍କର କଥାବାର୍ତ୍ତା ଶୈଳୀ ଉପରେ ଅନେକ କିଛି ନିର୍ଭର କରିଥାଏ। କାହା ସହ କିପରି କଥା ହେଲେ ତାହା ଆପଣଙ୍କ ସମ୍ମାନକୁ ଆହୁରି ପ୍ରଶଂସିତ କରିବ ତାହା ଚିନ୍ତା କରିବା ଦରକାର। ଏଥିଲାଗି ଯେଉଁ ଜିନିଷର ଆବଶ୍ୟକତା ରହିଛି ତାହା ହେଲା ଆତ୍ମବିଶ୍ୱାସ। କାରଣ ଏହାକୁ ଆଧାରକରି ଆପଣ ଦମ୍ଭର ସହ କଥା ହୋଇପାରିବେ। ଥରେ ମନରେ ଆତ୍ମବିଶ୍ୱାସ ଦୃଢ଼ ହୋଇଗଲେ ତାହା ଆପଣଙ୍କୁ ଅନେକ କ୍ଷେତ୍ରରେ ସାହାଯ୍ୟ କରିଥାଏ। ଆଉ ଏକ କଥା-ଅନ୍ୟମାନଙ୍କ ସହ କଥାବାର୍ତ୍ତା କରିବା ସମୟରେ ନିଜର ଭାବଭଙ୍ଗୀ ପ୍ରତି ନଜର ଦେବାକୁ ଭୁଲନ୍ତୁ ନାହିଁ।

**ଦୋଛକିରେ ପଡ଼ନ୍ତୁ ନାହିଁ:** ବେଳେ ବେଳେ ମଣିଷ ଏଭଳି ସ୍ଥିତିରେ ପଡ଼ିଯାଏ ଯେ ସେତେବେଳେ ମନ ଭିତରେ ବିଭିନ୍ନ ପ୍ରକାର ନେଗେଟିଭ ପ୍ରଶ୍ନ ଉଙ୍କି ମାରିଥାଏ। ତେଣୁ କୌଣସି କ୍ଷେତ୍ରରେ ଆଗେଇବା ପୂର୍ବରୁ ଦୋଛକିରେ ପଡ଼ନ୍ତୁ ନାହିଁ। ପ୍ରଥମେ ସେ ନେଇ ନିଜ ମନରେ ଆତ୍ମବିଶ୍ୱାସ ଦୃଢ଼ କରନ୍ତୁ। ଏହା ଏଭଳି ଦୃଢ଼ ହେବା ଦରକାର, ଯାହା ଆଗକୁ ଆଗେଇବା ସମୟରେ ଆପଣଙ୍କ ପଛରେ ଛାଇ ପରି ଠିଆ ହୋଇଥିବ। ମନରେ ଯଦି କିଛି ନେଗେଟିଭ ପ୍ରଶ୍ନ ଆସୁଛି, ତେବେ ତାହାକୁ ତୁରନ୍ତୁ ସମାଧାନ କରନ୍ତୁ। ତାହାକୁ ନେଇ ଅଡୁଆରେ ପଡ଼ିଲେ ତାହା ଆତ୍ମବିଶ୍ୱାସକୁ ପ୍ରଭାବିତ କରିବା ଯଥେଷ୍ଟ ସମ୍ଭାବନା ରହିଛି।

**ଭୁଲ୍‌କୁ ଡରନ୍ତୁ ନାହିଁ:** ବେଳେବେଳେ କେତେଜଣ ମହିଳା କିଛି ଭୁଲ୍ ହୋଇଯିବ ଭାବି ନୂଆ କିଛି କରିବାକୁ ଡରିଥାନ୍ତି। ଫଳରେ ସେମାନଙ୍କର ଆତ୍ମବିଶ୍ୱାସର ମୂଳଦୁଆ ଦୋହଲି ଯାଇଥାଏ। ଯଦି କିଛି ଭୁଲ୍ କରିଛନ୍ତି ତେବେ ତାହାର ସମାଧାନ ଚିନ୍ତା କରନ୍ତୁ। ଭୁଲ୍‌କୁ ନେଇ ଡରିଗଲେ ଆପଣ ତାହାର ଜାଲରେ ଛନ୍ଦି ହୋଇଯିବେ ଆଉ ଗୋଟିଏ ଗୋଟିଏ ସ୍ଥାନରେ ସେମିତି ସ୍ଥାଣୁ ଭଳି ଠିଆ ହୋଇଥିବେ। ତେଣୁ ଭୁଲ୍‌କୁ ଏକ ବୋଝ ନ ଭାବି ତାହା କବଳରୁ ନିଜକୁ ଦୂରେଇ ନିଅନ୍ତୁ ଏବଂ ଆତ୍ମବିଶ୍ୱାସ ଦୃଢ଼କରି ନିଜ ଲକ୍ଷ୍ୟ ପଛରେ ଆଗାନ୍ତୁ।

**ଚିନ୍ତାଧାରା:** କେବେ କେବେ ଅନ୍ୟକୁ କପି କରିବା ଦ୍ୱାରା ନିଜ ଭିତରେ ଥିବା ୟୁନିକ୍ ପର୍ସନାଲିଟିକୁ ହରାଇବାକୁ ପଡ଼ିଥାଏ। ସବୁବେଳେ ନିଜକୁ ଏଭଳି ଗଢ଼ି ତୋଳନ୍ତୁ ଯାହାଦ୍ୱାରା ଆପଣଙ୍କୁ ଅନ୍ୟମାନେ ପ୍ରଶଂସା କରିବେ। ନିଜେ ଏଭଳି କିଛି ଚିନ୍ତା କରନ୍ତୁ। ଫଳରେ ଅନ୍ୟମାନେ ଏହାଦ୍ୱାରା ପ୍ରେରଣା ପାଇପାରିବେ। ତେଣୁ ସେହି ଅନୁସାରେ ନିଜ ଚିନ୍ତାଧାରାକୁ ସକାରାତ୍ମକ କରନ୍ତୁ ଏବଂ ଆତ୍ମବିଶ୍ୱାସ ମଧ୍ୟ ଦୃଢ଼ କରନ୍ତୁ।

**ଲଢ଼ିବା ଶିଖନ୍ତୁ :** କେବେ କେବେ ହାରିବାର ଭୟ ଓ ଲୋକଙ୍କ ଆଲୋଚନା ଡରରେ ମହିଳାମାନେ ନିଜ ଆତ୍ମାର କଥା ଶୁଣି ନ ଥାନ୍ତି । ଫଳରେ ନିଜ ଭିତରେ ସେମାନେ ଭୟର ବାତାବରଣ ସୃଷ୍ଟି କରିଥାଆନ୍ତି ଏବଂ ତାହାକୁ ଭାବି ଭାବି ଚିନ୍ତାରେ ପଡ଼ିଯାଆନ୍ତି। ତେଣୁ ସବୁବେଳେ ମନରେ ଲଢ଼ିବା ମନୋଭାବ ରଖନ୍ତୁ । ହେଲେ ଏହି ଭାବନା ସକାରାତ୍ମକ ହେବା ଦରକାର ଏବଂ ଅନ୍ୟମାନଙ୍କର ବ୍ୟକ୍ତିତ୍ୱ ଉପରେ ଆଞ୍ଚ ନ ଆଣିବା ଦରକାର। ଯଦି କୌଣସି କଥାକୁ ନେଇ ମନରେ ଡର ରହିବ ତେବେ ଆପଣଙ୍କ ଯୋଜନା ଅଡୁଆ ତଡୁଆ ହୋଇଯିବ। ତେଣୁ ମନରୁ ଏଭଳି ଭୟ ଦୂର କରନ୍ତୁ।

## ଏମାନେ କ'ଣ କରନ୍ତି

**ଆତ୍ମବିଶ୍ୱାସ ଉପରେ ଭରସା ରହିଛି : ମିନତୀ ଦାସ**



ଜୀବନ ସବୁବେଳେ ଉଠାଣି ଗଡ଼ାଣି ଦେଇ ଯାଉଥିବା ଗୋଟିଏ ରାସ୍ତା। ଆମେ ସବୁ ଗୋଟିଏ ଗୋଟିଏ ପଥିକ। କର୍ମବ୍ୟସ୍ତତା ମଧ୍ୟରେ ପ୍ରତ୍ୟେକେ ନିଜ ଭିତରେ ନିଜେ ବାନ୍ଧି ହୋଇ ରହିଥାନ୍ତି। ଆତ୍ମବିଶ୍ୱାସ ଟିକେ କମ୍ ହୋଇଗଲେ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼େ। ସେଥିପାଇଁ ମୁଁ ନିଜକୁ ଭଗବାନ୍‌ଙ୍କ ପାଖରେ ସମର୍ପଣ କରିଦିଏ। କାର୍ଯ୍ୟକରିବାର ଶକ୍ତି ଓ ସହିବାପାଇଁ ଶକ୍ତି ଭଗବାନ୍‌ଙ୍କୁ ମାଗି ସବୁକାମ ଆରମ୍ଭକରେ, ଫଳ ତାଙ୍କ ଉପରେ ଛାଡ଼ିଦିଏ। ଆଉ ଅନେକ ସମୟରେ ଅନୁଭବ କରେ ଅନେକ ସମସ୍ୟାକୁ ସେ ସମାଧାନ କରନ୍ତି। ଏସବୁ ସମ୍ଭବ ହୁଏ କେବଳ ଆତ୍ମବିଶ୍ୱାସ ଓ ଭଗବାନ୍‌ଙ୍କ ଉପରେ ଅତୁଟ ଭରସା ଲାଗି।

*-ଗୃହିଣୀ, ସତ୍ୟବିହାର, ଭୁବନେଶ୍ୱର*

**ଆତ୍ମବିଶ୍ୱାସ ମାନସିକ ସ୍ଥିତିକୁ ସନ୍ତୁଳିତ ରଖେ : ଶୁଭଶ୍ରୀ ରାଉତ**



ଦିନ ଥିଲା ଜଣେ ମହିଳା ନିଜକୁ ଘରର ଚାରି କାନ୍ଥ ଭିତରେ ରଖୁଥିଲା। କିନ୍ତୁ ଇତି ମଧ୍ୟରେ ନାରୀ ନିଜକୁ ଅନେକ କ୍ଷେତ୍ରରେ ପାରଦର୍ଶୀ ବୋଲି ପ୍ରମାଣିତ କରିସାରିଛି। ନାରୀ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦିଆଯିବା ପରେ ସେମାନଙ୍କୁ ସତେଯେମିତି ଏକ ନୂଆ ବାଟ ମିଳିଯାଇଛି। ହେଲେ ଜଣେ ନାରୀ ନିଜକୁ ସଫଳ କରିବା ପଛରେ ଆତ୍ମବିଶ୍ୱାସର ଭୂମିକା ରହିଛି। କାରଣ ଏହା ମାନସିକ ସ୍ଥିତିକୁ ସନ୍ତୁଳିତ ରଖିଥାଏ। ସବୁ ପରିସ୍ଥିତିକୁ ସାମ୍ନା କରିବାକୁ ତାକୁ ପ୍ରଥମେ ମାନସିକ ସ୍ତରରେ ଦୃଢ଼ ହେବା ନିହାତି ଦରକାର ଆଉ ଆତ୍ମବିଶ୍ୱାସ ଏକ ଅମୋଘ ଅସ୍ତ୍ର। ଆତ୍ମସମ୍ମାନର ମହତ୍ତ୍ୱ ବୁଝି ନିଜକୁ ସାବ୍ୟସ୍ତ କରିବା ପାଇଁ ଆତ୍ମବିଶ୍ୱାସର ଆବଶ୍ୟକତା ରହିଛି। ନିଜ ପାଖରେ, ପରିବାର ପାଖରେ ଓ ସମାଜ ପାଖରେ ନିଜକୁ ଓ ନିଜର ଅସ୍ତିତ୍ୱକୁ ଉପସ୍ଥାପନ କରିବା ପାଇଁ ଆତ୍ମବିଶ୍ୱାସ ଦରକାର।

*-ସହକାରୀ ଶିକ୍ଷୟିତ୍ରୀ, କନକଦୁର୍ଗା ଉଚ୍ଚ ବିଦ୍ୟାଳୟ, ଜଗତ୍‌ସିଂହପୁର*



ସୌନ୍ଦର୍ଯ୍ୟ

# ଖରାଦିନେ ସ୍କିନ୍ କେୟାର

**ଖରାଦିନ ଆସିଲା ମାତ୍ରେ କେତେକେ ସ୍କିନ୍‌ଜନିତ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏହି ସମସ୍ୟାରୁ ରକ୍ଷା ପାଇବାକୁ ହେଲେ କିଛି ଘରୋଇ ଉପାୟ ରହିଛି। ଯଦି ଆପଣଙ୍କୁ ସ୍କିନ୍ ଜନିତ କୌଣସି ସମସ୍ୟା ହେଉଛି ତେବେ ନିମ୍ନୋକ୍ତ ଟିପ୍ସକୁ ଆପଣାଇ ପାରିବେ....**




ଅତ୍ୟଧିକ ଖରାର ପ୍ରଭାବ ଯୋଗୁ ସ୍କିନ୍‌ରେ କେତେକ ସମସ୍ୟା ଦେଖାଯାଇଥାଏ। ଏହି କାରଣରୁ ମୁହଁର ଉଜ୍ଜ୍ୱଳତା କମିବାକୁ ଲାଗିଥାଏ। ସ୍କିନ୍ ପୋର୍ସ ବ୍ଲକ୍ ହୋଇଯାଇଥାଏ ଯାହା ଫଳରେ ମୁଖବ୍ରଣ ସମସ୍ୟା ଦେଖିବାକୁ ମିଳେ। ଏହା ସହିତ ତ୍ୱଚାରେ ରାସେସ୍,ସନ୍‌ବର୍ନ ଭଳି କେତେକ ସମସ୍ୟା ଦେଖାଯାଏ। ଏମିତିରେ ଗରମ ଆରମ୍ଭ ହେଉ ହେଉ ନିଜ ରୁଟିନ୍‌ରେ କିଛି ପରିବର୍ତ୍ତନ କରନ୍ତୁ।

**ଫେସ୍‌ୱାଶ୍‌କୁ ବଦଳାଇ ଦିଅନ୍ତୁ**

ଯଦି ଆପଣ ଶୀତଦିନର ଫେସ୍‌ୱାଶ୍‌କୁ ଖରାଦିନରେ ବ୍ୟବହାର କରୁଥାନ୍ତି ତେବେ ଏହାଦ୍ୱାରା ସ୍କିନ୍ ଅଏଲି,ଡଲ୍ ଆଦି ସମସ୍ୟା ଦେଖାଯାଏ। ଏହି କାରଣରୁ ଆପଣଙ୍କ ସ୍କିନ୍ ଡ୍ୟାମେଜ୍ ହେବା ମଧ୍ୟ ଆଶଙ୍କା ରହିଛି। ଏଥିପାଇଁ ଆପଣ ଋତୁ ଅନୁଯାୟୀ ଫେସ୍ ୱାଶ୍ ବଦଳାନ୍ତୁ। ଏଥିପାଇଁ କେବେ ବି ୱିଣ୍ଟର ଫେସ୍‌ୱାଶ୍‌କୁ ଏହି ସିଜନରେ ବ୍ୟବହାର କରନ୍ତୁ ନାହିଁ।

**ସନ୍‌ସ୍କ୍ରିନ୍ ଲୋଶନ ଲଗାଇବାକୁ ଭୁଲନ୍ତୁ ନାହିଁ**

ଖରାଦିନେ ସନ୍‌ସ୍କ୍ରିନ୍ ଲୋଶନ ସ୍କିନ୍ ପାଇଁ ଏହା ସିଲ୍ ପରି କାମ କରିଥାଏ। ଏଥିରେ ରହିଥିବା ଜିଙ୍କ୍ ଅକ୍ସାଇଡ୍,ଟାଇଟାନିୟମ୍ ଅକ୍ସାଇଡ୍ ଆମ ସ୍କିନ୍‌କୁ ସୂର୍ଯ୍ୟଙ୍କଠାରୁ ବାହାରୁ ଥିବା ଅଲ୍‌ଟ୍ରାଭାଓଲେଟ୍ କିରଣଠୁ ଏହା ରକ୍ଷା କରିବାରେ ସାହାଯ୍ୟ କରେ। ଖରାଦିନରେ ଘରେ ରହିଲେ ସୁଦ୍ଧା ବି ସନ୍‌ସ୍କିନ୍ ଲୋଶନ୍ ବ୍ୟବହାର କରନ୍ତୁ। ଏହି ଦିନରେ ଅତି କମ୍‌ରେ ଦୁଇରୁ ତିନିଥର ସନ୍ ସ୍କ୍ରିନ୍ ଲୋଶନ୍ ଲଗାନ୍ତୁ। ମୁହଁ ସହିତ ହାତ,ବେକ ଆଦିରେ ସନ୍‌ସ୍କ୍ରିନ୍ ଲୋଶନ୍ ଆପ୍ଲାଏ କରନ୍ତୁ। ଏପରି କରିବା ଦ୍ୱାରା ସ୍କିନ୍ ରେ ଟ୍ୟାନ୍ ପଡ଼ିବ ନାହିଁ।

**ମୁହଁ ଧୁଅନ୍ତୁ**

ଯଦି ଆପଣ ଘରୁ ବାହାରକୁ ଯାଉଛନ୍ତି ପ୍ରଦୂଷଣଠୁ ନିଜକୁ ଦୂରେଇ ରଖିବାକୁ ହେଲେ ସଫା ପାଣିରେ ମଝିରେ ମଝିରେ ମୁହଁ ଧୁଅନ୍ତୁ। ଏହାଦ୍ୱାରା ସ୍କିନ୍ ପୋର୍ସ ବ୍ଲକ୍ ହେବାଠାରୁ ଦୂରେଇ ରହିବେ। ରାତିରେ ଶୋଇବା ପୂର୍ବରୁ ମୁହଁ ଭଲଭାବେ ଧୋଇ ଶୁଅନ୍ତୁ।

**ଖାଦ୍ୟପେୟ ଠିକ୍ ରଖନ୍ତୁ**

ତ୍ୱଚା ଏବଂ ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବାକୁ ହେଲେ ପାଣି ପିଇବା ଜରୁରୀ। ଖରାଦିନେ ପାଣି ଅଧିକ ପିଇବା ଦ୍ୱାରା ଟକ୍ସିନ୍ ପଦାର୍ଥ ବାହାରିଯାଇଥାଏ। ଆପଣ ପଇଡ଼ପାଣି, ତରଭୁଜ ଆଦି ବି ନେଇପାରିବେ। ଶରୀରକୁ ଭିତରୁ ଥଣ୍ଡା ରଖିବାକୁ ହେଲେ ସବୁଜ ପନିପରିବାକୁ ସାମିଲ କରିପାରିବେ। ଯେତେବେଳେ ଶରୀର ଭିତର ଥଣ୍ଡା ରହିବ ପିମ୍ପଲ୍ସ ଆଦି ସମସ୍ୟା ଦେଖାଯିବ ନାହିଁ।



ଖାଦ୍ୟରୁଚି

# ଚିଲି ପଟାଟୋ

**ଆବଶ୍ୟକ ସାମଗ୍ରୀ:** ୨ଟି ମିଡିୟମ ସାଇଜ୍ ଆଳୁ, ୨ଚାମଚ କର୍ନଫ୍ଲୋର,କଟାହୋଇଥିବା କଞ୍ଚାଲଙ୍କା ୨ଟି,କଟା ହୋଇଥିବା ଶିମ୍‌ଲା ଲଙ୍କା ଗୋଟିଏ, କଟା ହୋଇଥିବା ଗାଜର , ପିଆଜ, ୧ ଚାମଚ ଗୋଲମରିଚ ପାଉଡର, ୧ ଚାମଚ ଅଦା ରସୁଣ ପେଷ୍ଟ,୫-୬ଚାମଚ ସେଜ୍‌ୱାନ୍ ଚଟଣି, ଅଧା ଚାମଚ ଟମାଟୋ କେଚ୍‌ଅପ୍, ଏକ ଚାମଚ ଧଳା ସିର୍‌କା, ଆବଶ୍ୟକ ଅନୁଯାୟୀ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ଚିଲି ପଟାଟୋ ପ୍ରସ୍ତୁତ କରିବାକୁ ହେଲେ ଆପଣଙ୍କୁ ପ୍ରଥମେ ଆଳୁର ଚୋପା ଛଡ଼ାଇ ଫ୍ରାଏ କରିବା, ଶେପ୍ କରିବାକୁ ହେଲେ ଏହାକୁ ଲମ୍ବା ଆକାରରେ କାଟିବେ। ଏହା ପରେ ଆଳୁକୁ ଭଲଭାବେ ଧୋଇ ପାଣି ଶୁଖିବାକୁ ଛାଡ଼ି ଦିଅନ୍ତୁ। ପୁଣି କଟାହୋଇଥିବା ଆଳୁରେ କର୍ନଫ୍ଲୋରକୁ ଭଲଭାବେ ମିଶାନ୍ତୁ। ଏବେ କଡ଼ାଇରେ ତେଲ ଗରମ କରନ୍ତୁ। ଏବେ ଏହି ତେଲରେ କଞ୍ଚାଲଙ୍କା ପକାଇ ଭାଜି ଦିଅନ୍ତୁ। ଏହାପରେ ତେଲରେ ପିଆଜ ଓ ଶିମ୍‌ଲା ଲଙ୍କା ସହିତ ସବୁ କଟାହୋଇଥିବା ପନିପରିବାକୁ ମିକ୍ସ କରିଦିଅନ୍ତୁ। କିଛି ସମୟ ଭାଜିଲା ପରେ ଏଥିରେ ଅଦା ରସୁଣ ପେଷ୍ଟ ମିଶାନ୍ତୁ। ଏବେ ଏହି ମିକ୍ସରେ ଶେଜ୍‌ୱାନ୍ ସସ୍,ଟମାଟୋ କେଚ୍‌ଅପ୍, ସିର୍‌କା, ଗୋଲମରିଚ ପାଉଡର ଓ ଲୁଣ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏହାପରେ ସେଥିରେ ଆଗରୁ ଫ୍ରାଏ ହୋଇଥିବା ଆଳୁକୁ ସେଥିରେ ମିଶାଇ ଭଲଭାବେ ହଲାଇ ଦିଅନ୍ତୁ। ଏବେ ଆପଣଙ୍କ ଚିଲି ପଟାଟୋ ପ୍ରସ୍ତୁତ ହୋଇଗଲା।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୮/୨୦୨୩ Bhubaneswar, Tuesday, March 28/ 2023

# ରାଣା କୋଲ୍‌କାତା ଅଧିନାୟକ

**କୋଲ୍‌କାତା, ୨୭।୩ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ସିଜନ ପାଇଁ ନୀତୀଶ ରାଣା କୋଲ୍‌କାତା ନାଇଟ ରାଇଡର୍ସ (କେକେଆର)ର ଅଧିନାୟକ ମନୋନୀତ ହୋଇଛନ୍ତି। ସେ ଆହତ ଶ୍ରେୟସ ଆୟାରଙ୍କ ସ୍ଥାନ ନେଇଛନ୍ତି। ଆୟାର ପିଠିରେ ଅସ୍ତ୍ରୋପଚାର କରାଇବା ସମ୍ଭାବନା ରହିଛି। ତେଣୁ ଏହି ବାମହାତୀ ବ୍ୟାଟର ପୂରା ସିଜନ ଦଳଠାରୁ

**ଇଣ୍ଡିଆନ ପ୍ରିମିୟର ଲିଗ୍**

ଦୂରରେ ରହିବା ଆଶଙ୍କା ଦେଖାଦେଇଛି। ତେବେ ଲିଗ୍‌ର ଶେଷ ପର୍ଯ୍ୟାୟରେ ଆୟାର ଦଳ ସହ ଯୋଗଦେବେ ବୋଲି କୋଲ୍‌କାତା ଫ୍ରାଞ୍ଚାଇଜ୍ ପକ୍ଷରୁ ଆଶାପ୍ରକାଶ କରାଯାଇଛି। ନୀତୀଶଙ୍କର ସୀମିତ ଓଭର କ୍ରିକେଟରେ ନିଜ ରାଜ୍ୟ ଦଳର ନେତୃତ୍ୱ ନେବାର ଅଭିଜ୍ଞତା ରହିଛି। କୋଲ୍‌କାତା ଦଳ ସହ ସେ ୨୦୧୮ରୁ ରହିଆସିଛନ୍ତି। ତେଣୁ ତାଙ୍କ ନେତୃତ୍ୱରେ ଦଳ ଭଲ ପ୍ରଦର୍ଶନ କରିବା ଆଶା ରହିଛି। ଏହାଛଡ଼ା କୋଚ୍ ଚନ୍ଦ୍ରକାନ୍ତ ପଣ୍ଡିତ, ସମସ୍ତ ସପୋର୍ଟ ଷ୍ଟାଫ୍ ଏବଂ ଦଳରେ ସାମିଲଥିବା ଅଭିଜ୍ଞ ଖେଳାଳିମାନେ ନୀତୀଶଙ୍କୁ ସବୁପ୍ରକାର ସମର୍ଥନ ଯୋଗାଇଦେବେ ବୋଲି କେକେଆର ପକ୍ଷରୁ ଏକ ବିବୃତିରେ ପ୍ରକାଶ କରାଯାଇଛି।

ରାଣା ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଦିଲ୍ଲୀ ଦଳର ନେତୃତ୍ୱ ନେଇଥାନ୍ତି। ତେବେ କୋଚ୍ ପଣ୍ଡିତ, ମାଲିକ ଭେଙ୍କି ମୟୀଶୂର, ପୂର୍ବତନ ରଣ୍ଜୀ ଖେଳାଳି ଅଭିଷେକ ନାୟାରଙ୍କ ଦ୍ୱାରା ପ୍ରସ୍ତୁତ ରଣନୀତିକୁ ସେ ପଡ଼ିଆରେ ଉପଯୋଗ କରିବେ ବୋଲି ଆଶା କରାଯାଉଛି। ଏଠାରେ ପ୍ରକାଶଯୋଗ୍ୟ, ରେଡ୍‌ବଲ୍ କ୍ରିକେଟରେ ଖରାପ ପ୍ରଦର୍ଶନ ଏବଂ ଦୁର୍ବଳ ଟେକ୍ନିକ୍ ଯୋଗୁ ରାଣାଙ୍କୁ ଗତ ସିଜନରେ ଦିଲ୍ଲୀ ରଣ୍ଜୀ ଟ୍ରଫି ଦଳରୁ ବାଦ୍ ଦିଆଯାଇଥିଲା। ତେବେ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଦିଲ୍ଲୀ ପକ୍ଷରୁ ୧୨ଟି ଟି-୨୦ ମ୍ୟାଚ୍‌ରେ ନେତୃତ୍ୱ ନେଇ ୮ଟିରେ ବିଜୟୀ ହୋଇଥିଲେ ଏବଂ ୪ଟି ହାରିଥିଲେ। ୨୦୧୮ରେ ସେ କୋଲ୍‌କାତା ନାଇଟ ରାଇଡର୍ସ ଦଳକୁ ଆସିଥିଲେ। ସେବେଠାରୁ ଫ୍ରାଞ୍ଚାଇଜ୍ ତାଙ୍କୁ ଦଳରେ ରଖିଆସିଛି। କେକେଆର ପକ୍ଷରୁ ସେ ୭୪ଟି ମ୍ୟାଚ୍ ଖେଳି ୧୩୫.୬୧ ଆଭରେଜ୍‌ରେ ୧୭୪୪ ରନ୍ ସ୍କୋର କରିଛନ୍ତି। ସୂଚନା ଯେ, ଏପ୍ରିଲ ୧ରେ କେକେଆର୍ ଏହାର ପ୍ରଥମ ମ୍ୟାଚ୍ ପଞ୍ଜାବ କିଙ୍ଗ୍ସ ସହ ଖେଳି ଅଭିଯାନ ଆରମ୍ଭ କରିବ।


ନୀତୀଶ ରାଣା

## ବଦଳିଲା ଇନ୍ଦୋର ପିଚ୍‌ର ରେଟିଂ

**ଦୁବାଇ, ୨୭।୩(ପି.ଟି.):** ଇନ୍ଦୋରର ହୋଲ୍‌କାର ଷ୍ଟାଡିୟମ କ୍ରିକେଟ ପିଚ୍‌ର ରେଟିଂ ବଦଳିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ପକ୍ଷରୁ ଆବେଦନ କରାଯିବା ପରେ ଆଇସିସି ଦ୍ୱାରା ଏହି ନିଷ୍ପତ୍ତି ନିଆଯାଇଛି। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ୪ ମ୍ୟାଚ୍‌ବିଶିଷ୍ଟ ବର୍ଡର-ଗାଭସ୍କର ଟ୍ରଫିର ତୃତୀୟ ମ୍ୟାଚ୍ ଏହି ଷ୍ଟାଡିୟମରେ ଖେଳାଯାଇଥିଲା। ତୃତୀୟ ଟେଷ୍ଟକୁ ଅଷ୍ଟ୍ରେଲିଆ ୯ ଉଇକେଟରେ ଜିତିଥିବା ବେଳେ ତୃତୀୟ ଦିନର ଲଞ୍ଚ୍ ପୂର୍ବରୁ ମ୍ୟାଚ୍ ଶେଷ ହୋଇଯାଇଥିଲା। ତେବେ ମ୍ୟାଚ୍ ରେଫରି କ୍ରିସ୍ ବ୍ରଡ୍ ପିଚ୍‌କୁ ନିମ୍ନମାନର(ପୁର୍) ରେଟିଂ ଦେଇଥିଲେ। ତେବେ ବିସିସିଆଇର ଆବେଦନ ତଥା ଭିଡିଓ ସମୀକ୍ଷା ପରେ ଏହାକୁ ପରିବର୍ତ୍ତନ କରାଯାଇ ବିଲୋ ଆଭରେଜ୍ ରେଟିଂ ପ୍ରଦାନ କରାଯାଇଛି। ଏହାସହିତ ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମର ପିଚ୍‌କୁ ଆଭରେଜ ରେଟିଂ ପ୍ରଦାନ କରାଯାଇଛି। ସିରିଜ୍‌ର ଅନ୍ତିମ ଟେଷ୍ଟ ଏଠାରେ ଖେଳାଯାଇଥିବା ବେଳେ ମ୍ୟାଚ୍ ଅମୀମାଂସିତ ରହିଥିଲା। ଉଭୟ ଦଳର ଗୋଟିଏ ଲେଖାଏ ଇନିଂସ ସମାପ୍ତ ହୋଇଥିଲା।

# ଓଡ଼ିଶା-ହିମାଚଳ ପ୍ରଦେଶ ମ୍ୟାଚ ଡ୍ର

**ଜାତୀୟ ସିନିୟର ମହିଳା ଫୁଟବଲ**

**ଭୁବନେଶ୍ୱର, ୨୭।୩ (କ୍ରୀଡ଼ା ପ୍ରତିନିଧି)**

ଫତୋର୍ଦାର ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସିନିୟର ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟରେ ସୋମବାର ଓଡ଼ିଶା-ହିମାଚଳ ପ୍ରଦେଶ ମ୍ୟାଚ୍ ୩-୩ ଗୋଲରେ ଡ୍ର ରହିଛି। ମ୍ୟାଚ୍ ଆରମ୍ଭରୁ ଓଡ଼ିଶା ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ୨ୟ ମିନିଟ୍‌ରେ ମାଳତୀ ମୁଣ୍ଡା ଗୋଟିଏ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିବାବେଳେ ୨୦ତମ ମିନିଟରେ ଯଶୋଦା ମୁଣ୍ଡା ଏକ ଗୋଲସ୍କୋର କରି ଓଡ଼ିଶାର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ୨୬ତମ ମିନିଟ୍‌ରେ ହିମାଚଳ ପ୍ରଦେଶ ଅଧିନାୟିକା ରିୟା ଶର୍ମା ଗୋଟିଏ ଗୋଲ ପରିଶୋଧ କରିଥିଲେ। ତେବେ ୩୨ତମ ମିନିଟରେ ସୁମିତ୍ରା ହେମ୍ବ୍ରମ୍ ଏକ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଖେଳ ଶେଷବେଳକୁ ଓଡ଼ିଶା ୩-୧ରେ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟାର୍ଦ୍ଧରେ କିନ୍ତୁ ବିପରୀତ ଫଳ ମିଳିଥିଲା। ଓଡ଼ିଶା ଖେଳାଳିମାନେ ଭଲ ଖେଳିଥିଲେ ହେଁ ଫିନିଶିଂ କରିପାରି ନ ଥିଲେ। ଅନ୍ୟପକ୍ଷରେ ୫୩ତମ ମିନିଟରେ ପୁନମ୍ ହିମାଚଳ ପ୍ରଦେଶ ପକ୍ଷରୁ ଦ୍ୱିତୀୟ ଗୋଲ ପରିଶୋଧ କରିଥିଲେ। ୭୦ତମ ମିନିଟ୍‌ରେ ହିମାଚଳର ଅଞ୍ଜୁ ଗୋଲ ଦେବାରେ ସକ୍ଷମ ହେବାରୁ ମ୍ୟାଚ୍ ସମାନସ୍ତରକୁ ଚାଲିଆସିଥିଲା। ଏହାପରେ ଆକ୍ରମଣ ପ୍ରତିଆକ୍ରମଣ ତୀବ୍ରତର ହୋଇଥିଲେ ହେଁ କୌଣସି ଦଳ ଗୋଲସ୍କୋର କରିପାରି ନ ଥିଲେ। ପ୍ରକାଶଯୋଗ୍ୟ, ଗତ ୨୫ ତାରିଖରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍‌ରେ ୮-୦ ଗୋଲରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଥିଲା।




## ରାଜସ୍ଥାନ ରୟାଲ୍ସରେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ସ୍ଥାନରେ ସନ୍ଦୀପ ଶର୍ମା

**ଜୟପୁର, ୨୭।୩ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୩ ପାଇଁ ରାଜସ୍ଥାନ ରୟାଲ୍ସ ଦଳରେ ଆଘାତପ୍ରାପ୍ତ ପ୍ରସିଦ୍ଧ କ୍ରିଷ୍ଣାଙ୍କ ସ୍ଥାନରେ ଭେଟେରାନ ପଞ୍ଜାବ ସିମ୍ ବୋଲର ସନ୍ଦୀପ ଶର୍ମାଙ୍କୁ ନିଆଯାଇଛି। ପ୍ରସିଦ୍ଧ ରୟାଲ୍ସ ଦଳର ଅନ୍ୟତମ ପ୍ରମୁଖ ବୋଲର ରହିଥିଲେ। ମାତ୍ର ତାଙ୍କ ପିଠିର ନିମ୍ନଭାଗରେ ଅସ୍ତ୍ରୋପଚାର ହୋଇଛି। ଏଥିପାଇଁ ନିଲାମରେ ବିକ୍ରି ହୋଇପାରି ନ ଥିବା ସନ୍ଦୀପଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ସନ୍ଦୀପ ୧୦୪ଟି ଆଇପିଏଲ୍ ମ୍ୟାଚ୍‌ରେ ୭.୭୭ ଇକୋନୋମି ରେଟ୍‌ରେ ୧୧୪ ଉଇକେଟ ଅକ୍ତିଆର କରିଛନ୍ତି। ସନ୍ଦୀପଙ୍କୁ ତାଙ୍କ ବେସ୍ ପ୍ରାଇସ୍ ୫୦ ଲକ୍ଷ ଟଙ୍କାରେ ନିଆଯାଇଛି। ଟୁର୍ନାମେଣ୍ଟର ସେ ଅନ୍ୟତମ ସିନିୟର ବୋଲର। ଆଇପିଏଲ୍‌ର ୧୦ଟି ସିଜନରେ ତାଙ୍କର ବେଶ୍ ଅଭିଜ୍ଞତା ରହିଛି।

# କିଟ୍‌କୁ ୩ ସ୍ୱର୍ଣ୍ଣ ସହ ୬ ପଦକ

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କାନୋଇଂ ଓ କାୟାକିଂ**


ଅତିଥିଙ୍କଠାରୁ ରନରଅପ୍ ଟ୍ରଫି ଗ୍ରହଣ ଅବସରରେ କିଟ୍ କାନୋଇଂ ଓ କାୟାକିଂ ପ୍ରତିଯୋଗୀ।

**ଭୁବନେଶ୍ୱର, ୨୭।୩ (କ୍ରୀଡ଼ା ପ୍ରତିନିଧି)**

ପଟିଆଲାସ୍ଥିତ ପଞ୍ଜାବୀ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କାନୋଇଂ ଓ କାୟାକିଂ (ମହିଳା) ପ୍ରତିଯୋଗିତାରେ କିଟ୍ ପ୍ରତିଯୋଗୀ ୬ଟି ପଦକ ହାସଲ କରିଛନ୍ତି। ଏହାମଧ୍ୟରେ ୩ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ ବ୍ରୋଞ୍ଜ ସାମିଲ। ଗତ ୨୪ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ କିଟ୍ ଦଳରେ ୩ ପ୍ରତିଯୋଗୀ ରଶ୍ମିତା ସାହୁ, ମଧୁସ୍ମିତା ନାୟକ ଓ ଏସ୍‌ମା ବାର୍ଲା ଅଂଶଗ୍ରହଣ କରିଥିଲେ। ଏମାନେ ୬ ପଦକ ହାସଲ ସହ ରନରଅପ୍ ଟ୍ରଫି ହାସଲ କରିଛନ୍ତି। ରଶ୍ମିତା ୨୦୦ ମିଟର (ସି୧) ଏବଂ ୫୦୦ ମିଟର (ସି୧)ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲେ। ରଶ୍ମିତା ଓ ମଧୁସ୍ମିତା ୨୦୦ ମିଟର (ସି୨) ଇଭେଣ୍ଟରେ ଦଳ ପାଇଁ ତୃତୀୟ ସ୍ୱର୍ଣ୍ଣ ହାସଲ କରିଥିଲେ। ସେହିପରି ୧୦୦୦ ମିଟର (ସି୧) ଇଭେଣ୍ଟରେ ରଶ୍ମିତା ରୌପ୍ୟ, ୫୦୦ ମିଟର (ସି୨)ରେ ରଶ୍ମିତା ଓ ମଧୁସ୍ମିତା ରୌପ୍ୟ ଏବଂ ୨୦୦ ମିଟର (କେ୧) ଇଭେଣ୍ଟରେ ଏସ୍‌ମା ବାର୍ଲା ବ୍ରୋଞ୍ଜ ପଦକ ଜିତିଥିଲେ। ଏହି ତିନିଜଣ ରୋୟର ସ୍ପୋର୍ଟ୍ସ କୋଟାରେ କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବାବେଳେ ଜଗତ୍‌ପୁରସ୍ଥିତ ସାଇ ଏନ୍‌ସିଓଇରେ ଟ୍ରେନିଂ ନେଉଛନ୍ତି। କାନୋଇଂ ଓ କାୟାକିଂ ସହକାରୀ କୋଚ୍ ରାଜକୁମାର ନିଶାଦ ସେମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

# ଆଇଓସିକୁ ଆଇବିଏର ଧମକ

**ନୂଆଦିଲ୍ଲୀ, ୨୭।୩ (ପି.ଟି.)**

ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ବିରୋଧରେ ଆଇନଗତ ପଦକ୍ଷେପ ନେବ ବୋଲି ଧମକ ଦେଇଛି ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଆଇବିଏ)। ଆଇଓସିରେ ସ୍ୱଚ୍ଛତାର ଅଭାବ ରହିଛି ଏବଂ ଏହା ବେନିୟମ କାର୍ଯ୍ୟ କରୁଥିବା ଆସୋସିଏଶନ ଅଭିଯୋଗ କରିଛି। ଆଇଓସି କାର୍ଯ୍ୟନିର୍ବାହୀ ପରିଷଦର ବୈଠକ ମଙ୍ଗଳବାର ବସିବ। ଏହାପୂର୍ବରୁ ବିଶ୍ୱ କ୍ରୀଡ଼ା ପରିଷଦର ସଭାପତି ଥୋମାସ ବ୍ୟାକ୍‌ଙ୍କ ନିକଟକୁ ଆଇବିଏ ଏକ ଖୋଲା ଚିଠି ଲେଖିଛି। ବିନା ଯୋଗାଯୋଗ ଅବା ଅନୁମୋଦନରେ ଆଇଓସି ପ୍ୟାରିସ୍ ଅଲିମ୍ପିକ୍ସ ଯୋଗ୍ୟତା ପ୍ରକ୍ରିୟା ପାଇଁ ଏହାର ବକ୍ସିଂ ଅଫିସିଆଲଙ୍କୁ ଆମନ୍ତ୍ରଣ କରିଛି। ଏହାଦ୍ୱାରା ୨୦୧୯ରେ ଦୁଇ ପକ୍ଷ ମଧ୍ୟରେ ସ୍ୱାକ୍ଷରିତ ଡାଟା ଟ୍ରାନ୍ସଫର ଏଗ୍ରିମେଣ୍ଟର ଉଲ୍ଲଂଘନ କରାଯାଇଛି। ସୂଚନାଯୋଗ୍ୟ, ପରିଚାଳନା, ଆର୍ଥିକ ସ୍ୱଚ୍ଛତା, ସ୍ଥିରତା ଏବଂ ରେଫରି ଓ ବିଚାର ପ୍ରକ୍ରିୟାରେ ଅଖଣ୍ଡତା କାରଣରୁ ଆଇଓସି ଉଦ୍‌ବେଗ ପ୍ରକାଶ କରିବା ସହ ବକ୍ସିଂ ପରିଷଦକୁ ବାସନ୍ଦ କରିଥିଲା। ଫଳସ୍ୱରୂପ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଆଇବିଏକୁ ଆଇଓସି ସୂଚାଇ ଦେଇଛି ଯେ, ଏହା ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ବକ୍ସିଂ କ୍ୱାଲିଫିକେଶନ ଇଭେଣ୍ଟଗୁଡ଼ିକ ନିଜେ ପରିଚାଳନା କରିବ, ଯେପରି ୨୦୨୦ ଟୋକିଓ ଅଲିମ୍ପିକ୍ସ ପୂର୍ବରୁ କରିଥିଲା। ଆଇଓସିର ନିର୍ଦ୍ଦେଶ ସତ୍ତ୍ୱେ ନୂଆଦିଲ୍ଲୀରେ ଆଇବିଏ ଦ୍ୱାରା ମହିଳା ବିଶ୍ୱ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏହା ୨୦୨୪ ପ୍ୟାରିସ୍ ଗେମ୍ସ ପାଇଁ ମୁଖ୍ୟ କ୍ୱାଲିଫିକେଶନ ଇଭେଣ୍ଟ ବୋଲି ଆଇବିଏ କହିଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ଯୁବ ଗୋଷ୍ଠୀଙ୍କ ନେତୃତ୍ୱ ନେବା କ୍ଷମତା ବୃଦ୍ଧି କର୍ମଶାଳା

**ଖଡ଼ିଆଲ,୨୭।୩(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଲ ମିଶନ ନିକଟସ୍ଥ ଓଡିଶା ଶ୍ରମଜୀବୀ କାର୍ଯ୍ୟାଳୟ ପରିସର ମଧରେ ଯୁବ ଗୋଷ୍ଠୀଙ୍କ ନେତୃତ୍ୱ ନେବା କ୍ଷମତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ତାଲିମ ଶିବିର ମଧରେ ଯୁବ ଗୋଷ୍ଠୀ କିପରି ନେତୃତ୍ୱ ନେବା କ୍ଷମତା ନିଜ ହାତକୁ ନେବା ନେଇ ବିଭିନ୍ନ ଦିଗ ଉପରେ ତାଲିମ ନେଇଥିଲେ। ତାଲିମ ଶିବିରରେ ସାମାଜିକ କର୍ମୀ ଅଜିତ ପଣ୍ଡା, ଓଡିଶା କର୍ମଜୀବୀ ମଞ୍ଚ ରାଜ୍ୟ ସଂଯୋଜକ ଅରୁଣ ଦିହୁଡ଼ି ଏବଂ ସରୋଜ କୁମାର ସୁନା ଯୋଗଦେଇଥିଲେ। କଳାହାଣ୍ଡି, ବଲାଙ୍ଗୀର ଏବଂ ନୂଆପଡାର ୨୦ଜଣ ଯୁବକ ସମାଜ ପରିବର୍ତ୍ତନ ଦେଶର ବିକାଶରେ ନିଜର ଭାଗୀଦାରିତା ସୃଷ୍ଟି କରି ଗ୍ରାମାଞ୍ଚଳସ୍ତରରେ ନିଜର ନେତୃତ୍ୱ ନେବା ଭଳି ବିଭିନ୍ନ ଉପାୟ ଉପରେ ଆଲୋଚନା ହୋଇଥିଲା।

### କଂଗ୍ରେସର ବିକ୍ଷୋଭ, କୁଶପୁତ୍ତଳିକା ଦାହ

**ଖଡ଼ିଆଲ,୨୭।୩(ଡି.ଏନ.ଏ.):** ରାହୁଲ ଗାନ୍ଧୀଙ୍କୁ ଏମ୍‌ପି ଭାବେ ଅଯୋଗ୍ୟ ଘୋଷଣା କରାଯିବା ପରେ ଏବେ ଦେଶରେ କଂଗ୍ରେସ ପକ୍ଷରୁ ବିରୋଧ କରାଯାଉଥିବା ବେଳେ ସୋମବାର ଖଡ଼ିଆଲଠାରେ ନୂଆପଡା ଜିଲା ଯୁବ କଂଗ୍ରେସ ଓ ଖଡ଼ିଆଲ ବିଧାନସଭା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶତାଧିକ କର୍ମୀ କଂଗ୍ରେସ ଭବନରୁ ବାହାରି ଥାନା ଛକ ପର୍ଯ୍ୟନ୍ତ ରାଲି କରି କେନ୍ଦ୍ର ସରକାର ବିରୋଧରେ ନାରବାଜି କରିଥିଲେ। ରାହୁଲଙ୍କ ସଦସ୍ୟ ପଦ ଶୀଘ୍ର ନ ଫେରାଇଲେ ଆଗକୁ ଆନ୍ଦୋଳନ ଭୟାବହ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଆନ୍ଦୋଳନରେ ଖଡ଼ିଆଲ ନଗରପାଳ ଉଜ୍ଜଳ ଗୁପ୍ତା, ହିରାଧର ମେହେର, କପିଳେନ୍ଦ୍ର ଭୋଇ, ସନ୍ତୋଷ ପଟ୍ଟନାୟକ, ଶ୍ୟାମସୁନ୍ଦର କୁଲଦୀପ, ସତପାଲ ସିଂହ ଛାବଡ଼ା, ଦଶମୁ ବେହେରା, ଦେବରାଜ ଶବର, କୁନୁ ଚରଣ ବେହେରା, ତୁକାରାମ ହିଆଲଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ଥିଲେ।

### ଶ୍ରୀରାମ ନବମୀ ଉପଲକ୍ଷେ ନବାହ ପାରାୟଣ

**ଦେଓଗାଁ,୨୭।୩(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଗାଇବାହାଲରେ ଶ୍ରୀରାମ ନବମୀ ଉପଲକ୍ଷେ ନବାହ ପାରାୟଣ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଆସନ୍ତା ବୁଧବାର ସନ୍ଧ୍ୟାରେ କଳସ ଶୋଭାଯାତ୍ରା ସହ ଅଧିବାସ କାର୍ଯ୍ୟକ୍ରମ ରହିଛି। ଗୁରୁବାରରୁ ଏପ୍ରିଲ ୭ତାରିଖ ପର୍ଯ୍ୟନ୍ତ ପାରାୟଣ ପଠନ କାର୍ଯ୍ୟକ୍ରମ ରହିଛି। ବ୍ୟାସ ଦୈତାରୀ ବିଶି ଓ କର୍ତ୍ତାଭାବେ ଶିରୋମଣୀ ସାହୁ ଓ ତାଙ୍କ ପତ୍ନୀ ଦମୟନ୍ତୀ ସାହୁ ଦାୟିତ୍ୱ ନିର୍ବାହ କରିବେ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ ।

# ନୂଆପଡ଼ା ଜିଲାରେ ଥମୁନାହିଁ ବାଘ ଆତଙ୍କ

**ନୂଆପଡ଼ା ଅଫିସ,୨୭।୩**

ନୂଆପଡା ଜିଲାରେ ବାଘ ଆତଙ୍କ ଥମିବାର ନାଁ ନେଉନାହିଁ। ଦିନକୁ ଦିନ ଗୋଟିଏ ଗାଁ ପରେ ଗୋଟିଏ ଗାଁରେ ଆତଙ୍କ ଖେଳାଇବା ସହ ନୀରିହ ଗୃହପାଳିତ ପଶୁ ଉପରେ ଆକ୍ରମଣ କରି ଚାଲିଛି। ଗତ ୩ ସପ୍ତାହରୁ ଊର୍ଦ୍ଧ୍ୱ ହେବ ଜିଲାର କୋମନା ବ୍ଲକ ଓ ସଦର ବ୍ଲକରେ ବାଘ ଆତଙ୍କ ଲାଗି ରହିଛି। ସୋମବାର ସକାଳୁ ସଦର ବ୍ଲକ ଧରମବନ୍ଧା ପଞ୍ଚାୟତ କୋଦୋପାଲି ଗାଁରେ ୨ଟି ବାଛୁରୀକୁ ମାରି ଖାଇଥିବା ସୂଚନା ମିଳିଛି। ସକାଳେ ସୁଖ ବାରିକଙ୍କ ଏକ ବାଛୁରୀକୁ ମାରି ଖାଇଥିବା ସ୍ଥାନକୁ ଦେଖିବାକୁ ଯାଇଥିବା ସମୟରେ ଅଳ୍ପ ଦୂରରେ ଆଉ ଏକ ବାଛୁରୀ ମରି ପଡିଥିବା ଦେଖିବାକୁ ପାଇଥିଲେ। ସେହି ବାଛୁରୀର ପେଟକୁ ଫାଡି ବାହାର କରି ଦେଇଛି। ବର୍ତ୍ତମାନ ଜଙ୍ଗଲକୁ ଗାଈ, ବାଛୁରୀ ମହୁଲ ଫୁଲ ଖାଇବା ପାଇଁ ଚାଲି ଯାଇ ବାଘୁଣୀର ଶିକାର ହେଉଥିବା ଅନୁମାନ କରାଯାଉଛି। ବାଘ ଆତଙ୍କରେ ଜୀବନ ଜୀବିକା ପ୍ରଭାବିତ ହେବା ସହ ଲୋକେ ବାହାରକୁ ବାହାରୁନାହାନ୍ତି।

ବର୍ତ୍ତମାନ ବନ୍ୟପ୍ରାଣୀ ବିଭାଗରୁ ୧୩ଟି ଟ୍ରାକିଂ କ୍ୟାମେରା ଲଗାଇ ବସିଥିବା ବେଳେ ବାଘ ୮ କି.ମି. ଦୂର ତାଳାବେଳା ଗାଁ ଅଞ୍ଚଳରେ ଘୁରି ବୁଲୁଛି। ସେହିପରି ନୂଆପଡା ସଦର ବନାଞ୍ଚଳ ଅଧୀନ ଆମାନାରା ବିଟ ଅଞ୍ଚଳରେ ଥିବା ସୁସରଙ୍ଗୀ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଏକ ବାଘୁଣୀ ସାବକ ସହ ଗାଁକୁ ଗାଁ ବୁଲି ଗୋଟିଏ ପରେ ଗୋଟିଏ ଘଟଣା ଘଟାଇ ଚାଲିଛି। ଗତ ୩ ସପ୍ତାହରୁ ଊର୍ଦ୍ଧ୍ୱ ହେବ ତରିଆ ମହୁଆଭଟାଟାରେ ଦୁଇଟି ଗାଈ ଓ ଗୋଟିଏ ବାଛୁରୀ ମାରି ଖାଇଥିବା ବେଳେ ପାୱାରତୋଳାରେ ଗୋଟିଏ ଗାଈ, ମୋହରାଡିହିରେ ଗୋଟିଏ ବାଛୁରି, ସିଲିଆରିବାହାରାରେ ଗୋଟିଏ ବାଛୁରିମାରି ଖାଇଛି। ତରିଆ ମହୁଆଭଟା ରେ ଗୋଟିଏ ବାଛୁରୀ ଓ ପାୱାରତୋଳାରେ ଗୋଟିଏ ମଇଁଷିକୁ ମାରି ଘାଇଲା କରିଛି। ଛତିଶଗଡ ସୀମାନ୍ତକୁ ଲାଗି ୬ ଶହ ବର୍ଗ କି.ମି. ପରିବ୍ୟାପ୍ତ ସୁନାବେଡା ଅଭୟାରଣ୍ୟ ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ସଙ୍କୁଚିତ ବାସସ୍ଥଳି ଓ ଖାଦ୍ୟାଭାବ ଯୋଗୁ କଲରାପତରିଆ ବାଘ ଗାଁ ମୁହାଁ ହୋଇ ମୁହଁ ଆଗରେ ଯେଉଁ ଜୀବ ଆସିଲା ଶିକାର କରୁଛି। ଏ ସଂକ୍ରାନ୍ତରେ ନୂଆପଡା ରେଞ୍ଜର ବିନିତା ଭୋଇଙ୍କୁ ପଚାରିବାରୁ ସୋମବାର ସକାଳେ ଶିକାର ବାଘ କି ବାଘୁଣୀ କରିଛି ଜଣାପଡୁନାହିଁ। ସୁସରଙ୍ଗୀ ସଂରକ୍ଷିତ ଜଙ୍ଗଲରୁ ପ୍ରାୟ ୨୦ କି.ମି. ଦୂରରେ କୋଦୋପାଲି ଗାଁରେ ବାଘୁଣୀ ଶିକାର କରି ପାରିବ। ହେଲେ ସୁସରଙ୍ଗୀ ଆଖ ପାଖରେ ସହଜରେ ଶିକାର ମିଳୁଥିବାରୁ ବାଘୁଣୀ ସାବକକୁ ଛାଡି ଏତେ ବାଟ ଆସିବା ସମ୍ଭବପର ନୁହେଁ ବୋଲି କହିଛନ୍ତି।


ବନ ବିଭାଗ ଅନୁଧ୍ୟାନ କରୁଛି ।

### କୋଦୋପାଲି ଗାଁରେ ୨ ବାଛୁରୀ ଖାଇଲା


ବାଘୁଣୀ ମାରିଥିବା ବାଛୁରୀ ।

# ଟୁଇଟର ମାଧ୍ୟମରେ କରୁଛନ୍ତି ଲୋକଙ୍କ ସମସ୍ୟା ସମାଧାନ

**ଭବାନୀପାଟଣା,୨୭।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାର ବ୍ଲଡ଼ମ୍ୟାନ ନାମରେ ପରିଚିତ ଉଦୟମାନ ସାମାଜିକ କର୍ମୀ ଉମାକାନ୍ତ ସୁନାନୀ ପୁଣି ଚର୍ଚ୍ଚାରେ। ରାଜ୍ୟରେ ବିଭିନ୍ନ ସ୍ଥାନରେ ରୋଗୀଙ୍କୁ ରକ୍ତ ଯୋଗାଇବା ସହ ରକ୍ତଦେଇ କଳାହାଣ୍ଡି ଜିଲାରେ ସେ ବ୍ଲଡ଼ମ୍ୟାନର ନାଁରେ ପରିଚିତ ରହିଛନ୍ତି। ସେହିପରି ରକ୍ତ ଦେବା ଓ ଯୋଗାଇବା ପାଇଁ ସେ ରାଜ୍ୟର ବିଭିନ୍ନ ସୋସିଆଲ ମିଡିଆର ସଙ୍ଗଠନରେ ମଧ୍ୟ ଜଡିତ ରହିଛନ୍ତି। ବର୍ତ୍ତମାନ ଟୁଇଟର ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରାଇ ଏକ ନିଆରା ସମାଜ ସେବା ଜାରି ରଖିଛନ୍ତି ଉମାକାନ୍ତ। ନିଜର ଦୈନନ୍ଦିନ କାର୍ଯ୍ୟ ସହ ପ୍ରତିଦିନ ବିଭିନ୍ନ ଖବରକାଗଜରେ ପ୍ରକାଶିତ ଗରିବ ଲୋକମାନଙ୍କ ସମସ୍ୟା ସହ ପ୍ରଶାସନିକ ଅବହେଳା, ସରକାରୀ ଯୋଜନାର ବିଫଳତାକୁ ନେଇ ସେ ବ୍ଲକ ପ୍ରଶାସନଠାରୁ ଜିଲା ପ୍ରଶାସନ, ବିଭାଗୀୟ ମନ୍ତ୍ରୀ, ସଚିବ, ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟର ମାଧ୍ୟମରେ ଉକ୍ତ ସମସ୍ୟା ଦୃଷ୍ଟିଗୋଚର କରି ସମାଧାନ ପାଇଁ ସର୍ବଦା ଉଦ୍ୟମ କରନ୍ତି। ଗରିବ ଲୋକଙ୍କ ସମସ୍ୟା ସମ୍ପର୍କରେ ପ୍ରଶାସନକୁ ଜଣାଇ ସେମାନଙ୍କୁ ସହାୟତାର ବାଟ ଦେଖାନ୍ତି। ସେ ଟୁଇଟର ମାଧ୍ୟମରେ ଲୋକଙ୍କ ସମସ୍ୟା ସରକାରଙ୍କ ନିକଟରେ ପହଞ୍ଚାଇବା କାର୍ଯ୍ୟ ୨୦୧୯ରୁ ଆରମ୍ଭ କରି ଅଦ୍ୟାବଧି ୫ ଶହରୁ ଊର୍ଦ୍ଧ୍ୱ ସମସ୍ୟା ସମ୍ପର୍କରେ ଟୁଇଟ କରିଥିବା ପ୍ରକାଶ କରିଛନ୍ତି। ଉମାକାନ୍ତଙ୍କ ଘର କଳାହାଣ୍ଡି ଜିଲା ଧର୍ମଗଡ଼ ସହର ହୋଇଥିବା ବେଳେ ତାଙ୍କର ଏହି ସମାଜ ସେବା ମନୋଭାବକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

### ଚର୍ଚ୍ଚାରେ କଳାହାଣ୍ଡିର ବ୍ଲଡ଼ମ୍ୟାନ ଉମାକାନ୍ତ


ଉମାକାନ୍ତ ସୁନାନୀ।

# କଂଗ୍ରେସର ଶୋଭାଯାତ୍ରା, ଗଣଧାରଣା



ଗଣଧାରଣାରେ ବରିଷ୍ଠ କଂଗ୍ରେସ ନେତା ଭକ୍ତ ଦାସ ଉଦ୍‌ବୋଧନ ଦେଉଛନ୍ତି।

**ଭବାନୀପାଟଣା,୨୭।୩(ସ୍ୱ.ପ୍ର.)**

ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ରିପୋର୍ଟ ଉପରେ ତଦାରଖ ସକାଶେ ଜେପିସି ଗଠନ କରିବା ପାଇଁ ସୋମବାର କଳାହାଣ୍ଡି ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହି ଅବସରରେ ଭବାନୀପାଟଣାରେ ଦଳୀୟ କାର୍ଯ୍ୟାଳୟରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା ହୋଇଥିଲା। ପରେ ଜିଲା ସଭାପତି ଭାରତ ଭୂଷଣ ବେମାଲଙ୍କ ଅଧକ୍ଷତାରେ ଗଣଧାରଣାରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରଭାରୀ ଭକ୍ତ ଚରଣ ଦାସ ଯୋଗଦେଇଥିଲେ। ଦେଶରେ ବ୍ରିଟିଶ ଶାସନ ଚାଲୁଛି। ସ୍ୱାଧୀନ ଭାରତରେ ଏଭଳି ଅଗଣତାନ୍ତ୍ରିକ ଭାବେ କାର୍ଯ୍ୟ ହେବାକଥା ନୁହଁ। ରାହୁଲ ଗାନ୍ଧୀ ମହାତ୍ମା ଗାନ୍ଧୀଙ୍କ ମାର୍ଗରେ ଯାଇ ସାରା ଭାରତ ବର୍ଷରେ ପଦଯାତ୍ରା କରିଛନ୍ତି। ଆଦାନୀ ବିରୋଧରେ ସଂସଦରେ ରାହୁଲ ଉଠାଇଥିବା ପ୍ରଶ୍ନର ଉତ୍ତର ପ୍ରଧାନମନ୍ତ୍ରୀ କିମ୍ବା ଭାଜପା ବର୍ତ୍ତମାନ ସୁଦ୍ଧା ଦେଇନାହିଁ। ବରଂ ପରବର୍ତ୍ତୀ ପ୍ରଶ୍ନ ଭୟରେ ରାହୁଲଙ୍କ ଲୋକସଭା ସଦସ୍ୟତା ରଦ୍ଦ କରିଛନ୍ତି। ଦେଶରେ ବ୍ରିଟିଶ ଶାସନ ଚାଲୁଥିବା ମନେ ହେଉଛି ବୋଲି କହିଥିଲେ। ଗଣଧାରଣାରେ ରାଜ୍ୟ ଯୁବ କଂଗ୍ରେସ ଉପସଭାପତି ମହମ୍ମଦ ସାହେବ, ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ଜିଲା ଉପସଭାପତି ପରମାନନ୍ଦ ପୂଝାରୀ, ସାଧାରଣ ସମ୍ପାଦକ ଚିତ୍ତ ରଞ୍ଜନ ନିଆଲ ପ୍ରମୁଖ ଯୋଗଦେଇଥିଲେ।

# ଏନ୍‌ୱାଇକେ ପକ୍ଷରୁ ବୃତ୍ତି ମାର୍ଗଦର୍ଶନ କାର୍ଯ୍ୟକ୍ରମ

**ନୂଆପଡ଼ା ଅଫିସ,୨୭।୩**

ନୂଆପଡା ଜିଲା ସଦର ମହକୁମାସ୍ଥିତ ପ୍ରଧାନମନ୍ତ୍ରୀ ଦକ୍ଷତା ବିକାଶ କେନ୍ଦ୍ରଠାରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ନୂଆପଡା ପକ୍ଷରୁ ବୃତ୍ତି ମାର୍ଗ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁକେଶ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ୨୧୬ ବାଟାଲିୟାନ କମାଣ୍ଡେଣ୍ଟ ଏରିକ ଗିଲବଟ ଯୋଷ ମୁଖ୍ୟଅତିଥି, ପ୍ରଧାନମନ୍ତ୍ରୀ ଦକ୍ଷତା ବିକାଶ ଯୋଜନା ନୂଆପଡା ଜେନେରାଲ ମ୍ୟାନେଜର ସଂଗ୍ରାମ ବିଶ୍ୱାଳ, ଜିଲା ଶିଳ୍ପ କେନ୍ଦ୍ର ନୂଆପଡା କ୍ଷେତ୍ର ମୋହନ ମହାରଣା, ଭାରତୀୟ ଷ୍ଟେଟବ୍ୟାଙ୍କ ଗ୍ରାମ୍ୟ ଦକ୍ଷତା ବିକାଶ ତାଲିମ ପ୍ରତିଷ୍ଠାନ ରବିନ କୁମାର ରଥ, ନୂଆପଡ଼ା ନ୍ୟାଶନାଲ ମହାବିଦ୍ୟାଳୟ ଫିଲୋସଫି ଅଧ୍ୟାପକ ସଚିନ କୁମାର ସାହୁ, ଶ୍ରୀସାଇ ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ବିଦ୍ୟୁତ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବିଭିନ୍ନ ଶିକ୍ଷା ଅନୁଷ୍ଠାନ, ତାଲିମ କେନ୍ଦ୍ର ଓ ଯୁବ ଅନୁଷ୍ଠାନରୁ ଆସିଥିବା ଯୁବତୀ/ଯୁବକମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ସେମାନଙ୍କ କ୍ୟାରିୟର ଉପରେ ଗଢିବା ଓ ବିଭିନ୍ନ ଉପାୟ ଏବଂ ପଦକ୍ଷେପ ଉପରେ ଉଲ୍ଲେଖନୀୟ ଉଦାହରଣମାନ ପ୍ରଦାନ କରିଥିଲେ। ଅନେକ ପରାମର୍ଶ ଓ ଶୈଳି ସହିତ ଲୋକମାନଙ୍କୁ ନିଜର କ୍ୟାରିୟରରେ ନିଷ୍ପତ୍ତି ନେବାକୁ ଯୋଜନା ପ୍ରଦାନ କରିଥିଲେ। ଯୁବ ସ୍ୱେଚ୍ଛାସେବୀ ତିଳକ ସତନାମୀ, ଦେବଧର ବନଛୋର, ସୁଭଦ୍ରା ଶବର, ଜିତେନ ସାହୁ, ଲକ୍ଷ୍ମୀ ଗହିର, ପ୍ରତିଭା ପଟେଲ, ରିଜ୍ୱନ ଅଲି, ଚୈତରାମ ହଂସ, ରଞ୍ଜନ ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ। ସ୍ୱେଚ୍ଛାସେବୀ ପବିତ୍ର ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୩୯ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା


ଜିଲାପାଳ ସବୁଜ ପତକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**ଭବାନୀପାଟଣା,୨୭।୩(ସ୍ୱ.ପ୍ର.)**

ଭବାନୀପାଟଣା ରେଡକ୍ରସ କଲ୍ୟାଣ ମଣ୍ଡପଠାରେ ସୋମବାର ଅପରାହ୍ନରେ କଳାହାଣ୍ଡି ଜିଲାର ୨୩୯ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା କରିଛନ୍ତି। ଏହି ଅବସରରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ସବୁଜ ପତାକା ଦେଖାଇ ବରିଷ୍ଠ ନାଗରିକମାନଙ୍କ ତୀର୍ଥଯାତ୍ରା ଶୁଭାରମ୍ଭ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ୨୩୯ଜଣ ତୀର୍ଥଯାତ୍ରୀଙ୍କ ପାଇଁ ୭ଜଣ ଏସ୍କଟ ଅଧିକାରୀ ମଧ୍ୟ ଯାତ୍ରା କରୁଛନ୍ତି। ଭବାନୀପାଟଣାରୁ ୬ଟି ବସ ଯୋଗେ ଏହି ତୀର୍ଥଯାତ୍ରୀମାନେ ରାୟଗଡା ରେଳ ଷ୍ଟେଶନକୁ ଯିବେ। ସେଠାରୁ ମଙ୍ଗଳବାର ଏକ ସ୍ୱତନ୍ତ୍ର ଟ୍ରେନରେ ଅନ୍ୟ ଜିଲାର ତୀର୍ଥଯାତ୍ରୀଙ୍କ ସହ ଭେଲୋର, ତିରୁପତି ଓ ଶ୍ରୀକଳହସ୍ତୀକୁ ଯାତ୍ରା କରିବେ। ଏପ୍ରିଲ ୨ ତାରିଖରେ ସେମାନେ ଜିଲାକୁ ଫେରିବେ ବୋଲି ଜଣାପଡିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାଷୀ ମାଧ୍ୟମରେ ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବେ। ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଆଇଆରସିଟିସି ପକ୍ଷରୁ ତୀର୍ଥଯାତ୍ରୀମାନଙ୍କ ପାଇଁ ପରିବହନ ଓ ପ୍ରତ୍ୟାବର୍ତ୍ତନ ସମସ୍ତ ସୁବିଧା ସହ ଯାତ୍ରା ସମୟରେ ରହିବା, ଖାଦ୍ୟ ଆଦିର ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୁବ୍ରତ ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଚିନ ପାୱାର, ଜିଲା କ୍ରୀଡା ଆଦିକାରୀ ରମେଶ ପାଢୀ, ଡିଆଇପିଆରଓ ମନୋଜ ବେହେରା, ଡିଟିଓ ସୁବୋଧ କୁମାର ଛତ୍ରିଆ ଓ ଓରମାସ ଅଧିକାରୀ ଜର୍ଜ କେରକେଟା, ପିଇଟି ମହେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଆଜି ରାୟଗଡ଼ା ଷ୍ଟେଶନରୁ ସ୍ୱତନ୍ତ୍ର ଟ୍ରେନ୍‌ରେ ଯିବେ

# ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ଜିଲାସ୍ତରୀୟ ସାଧାରଣ ସଭା

**କେସିଙ୍ଗା,୨୭।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ଡୁମେରମୁଣ୍ଡା ସାହୁ ପଡାଠାରେ ଜିଲାସ୍ତରୀୟ ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ସାଧାରଣ ସଭା ସୋମବାର ବଗାଡ଼ ମଣ୍ଡଳ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ସାଧାରଣ ସଭାରେ ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜ ଜିଲା ସଭାପତି ନୀଳମଣି ସାହୁ ଉଦ୍‌ବୋଧନ ଦେଇଥିଲେ। ସାହୁ ସମାଜରେ ନାରୀ ନିର୍ଯାତନା, ଯୌତୁକ ଦାବି, ନିଶା ନିବାରଣ ସମେତ ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସମାଜର ଉନ୍ନତିମୂଳକ ବିଷୟରେ ଆଲୋକପାତ କରିଥିଲେ। ଜିଲା ସାଧାରଣ ସମ୍ପାଦକ ନବୀନ କିଶୋର ସାହୁ ସମାଜର ବାର୍ଷିକ ବିବରଣୀ ପଠନ, ଉପବିଧି ପରିବର୍ତ୍ତନ ଆଦି ବିଷୟ ଆଲୋକପାତ କରିଥିଲେ। ଉକ୍ତ ସଭାରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ବଗାଡ଼ ମଣ୍ଡଳ ପକ୍ଷରୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।



ଅନୁଷ୍ଠିତ ସାଧାରଣ ସଭାରେ ଉପସ୍ଥିତ ଅତିଥି।

# ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲାପାଳ

### ଜୁନାଗଡ଼ରେ ୭୧ଜଣ କଲେ ଅଭିଯୋଗପତ୍ର ଦାଖଲ

**ଭବାନୀପାଟଣା/କେସିଙ୍ଗା/ କର୍ଲାମୁଣ୍ଡା/ କୋକସରା,୨୭।୩ (ସ୍ୱ.ପ୍ର./ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ଜନଶୁଣାଣି ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଚିନ ପାୱାର, ଧର୍ମଗଡ଼ ଉପଜିଲାପାଳ ବେଦଭୂଷଣ, ଜୁନାଗଡ଼ ବିଡିଓ ଦୁଲାରାମ ମାରାଣ୍ଡି, ତହସିଲଦାର ଶୁଭଦିପ୍ତା ମହାନ୍ତିଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଯୋଗଦେଇ ଥିଲେ। ଶିବିରରେ ମୋଟ ୭୧ଜଣ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୪୩ଟି ବ୍ୟକ୍ତିଗତ ସମସ୍ୟା ଓ ୨୮ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ସେହିପରି ୧୮ଟି ଅଭିଯୋଗର ସମାଧାନ ଘଟଣା ସ୍ଥଳରେ କରାଯାଇଥିଲା।


ଜୁନାଗଡ଼ରେ ଜିଲାପାଳଙ୍କ ଜନଶୁଣାଣି ଶିବିର।

**ଉକ୍ରେଲାରେ ୨୩୦ ଅଭିଯୋଗ ଦାଖଲ**

କେସିଙ୍ଗା ବ୍ଲକ ଉକ୍ରେଲା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ନରେନ୍ଦ୍ର ମାଝିଙ୍କ ନେତୃତ୍ୱରେ ବିଡିଓ ପ୍ରଫୁଲ୍ଲ କୁମାର ଉଦୁ ଓ ତହସିଲଦାର ଯୋଗେଶ୍ୱର ସାହୁ, ଜିପିଓ ଜୟନ୍ତ କୁମାର ମୁଣ୍ଡଙ୍କ ସମେତ ଅନେକ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ମୋଟ ୨୩୦ଜଣ ଅଭିଯୋଗ ଦାଖଲ କରିଥିଲେ। ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ବାବଦରେ ୧୪୭ଜଣ, ବାର୍ଦ୍ଧକ୍ୟ ଭତ୍ତା ବାବଦରେ ୩୩, ରାଶନ କାର୍ଡ ପାଇଁ ୩୬ ଜଣ, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୯ଜଣ ଓ ଅନ୍ୟାନ୍ୟ ୫ଜଣ ଅଭିଯୋଗ କରିଥିଲେ। ସ୍ଥାନୀୟ ମିଶନ ଶକ୍ତି ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ବୃନ୍ଦ ଓ ଗ୍ରାମପଞ୍ଚାୟତ ୱାର୍ଡ ସଭ୍ୟସଭ୍ୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଲମ୍ବୋଦର ଶିଖା ଶିବିର ପରିଚାଳନା କରିଥିଲେ।

**ରିଞ୍ଜା ପଞ୍ଚାୟତଠାରେ ୪୨ ଅଭିଯୋଗ ପଞ୍ଜୀକୃତ**

କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତଠାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିପିଇଓ ଯୁଗଳ କିଶୋର ନାଏକଙ୍କ ଅଧକ୍ଷତାରେ ଗ୍ରାମ୍ୟ ଜଳ ପରିମଳ ମିଶନ ସହକାରୀ ଯନ୍ତ୍ରୀ ବିଭୁତି କିଷାନ, ମୃତ୍ତିକା ସରକ୍ଷଣ ବିଭାଗରୁ ବିଜୟ କୁମାର ମିଶ୍ର, ସରପଞ୍ଚ ପଞ୍ଚାନନ ବାଗ, ସମିତି ସଭ୍ୟ ଆନନ୍ଦ ନାଗ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପାରମାନନ୍ଦ ମାଝି, ଆଇସିଡିଏସ ସୁପରଭାଇଜର ଗୀତା ହରିଜନ, ଗ୍ରାମ୍ୟ କୃଷି କର୍ମୀ ସୁଶାନ୍ତ ମହାରଣା, ଯୋଗାଣ ସହାୟକ ଫକୀର ଚରଣ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମୋଟ ୪୨ ଅଭିଯୋଗ ପଞ୍ଜୀକୃତ ହୋଇଥିଲା।

କୋକସରା ବ୍ଲକ ଫୁପଗାଁ ଗ୍ରାମପଞ୍ଚାୟତରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଗଜାନନ ପୂଝାରୀଙ୍କ ସଭାପତିତ୍ୱରେ ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ ଯୋଗଦେଇ ହିତାଧିକାରୀଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଜିପିଇଓ ନାରାୟଣ ଭୋଇ, ବିଏସଏସଓ ଦୀପକ ବେହେରା, ବିଏଓ ରାକେଶ ରଞ୍ଜନ ମାଝି, ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ପିଡିଏସ, ଭତ୍ତା, କୃଷି, ରାସ୍ତାଘାଟ, ଜମିମରାମତି ଆଦି ଅଭିଯୋଗ ଶୀଘ୍ର ସମାଧାନ କରିବା ଦିଗରେ ପ୍ରୟାସ କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜାଫେଦ ନାଗ, ଜିଆରଏସ ଦିଶାନ୍ତ ବାଗ, ଯୋଗାଣ ସହାୟିକା ଗୀତାଞ୍ଜଳି ବେମାଲ ସହଯୋଗ କରିଥିଲେ।

# ମଦନପୁରକୁ ବ୍ଲକ ଘୋଷଣା ଦାବି ଜୋର ଧରିଲା

**ଭବାନୀପାଟଣା,୨୭।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାର ଏମ୍. ରାମପୁର ବ୍ଲକ ଅନ୍ତର୍ଗତ ମଦନପୁରକୁ ନୂତନ ବ୍ଲକ ଘୋଷଣା ଦାବି ତେଜିଲା। ଏ ନେଇ ସୋମବାର ଭବାନୀପାଟଣାରେ ଏକ ବିଶାଳ ଶୋଭାଯାତ୍ରା କରାଯିବ ସହ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନୂତନ ମଦନପୁର ପଞ୍ଚାୟତ ସମିତି ଗଠନ ସଂଗ୍ରାମ ସମିତି ପକ୍ଷରୁ ଅନୁଷ୍ଠିତ ଏହି ଶୋଭାଯାତ୍ରା ସ୍ଥାନୀୟ ଜେଲ ଛକରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ଶତାଧିକ ମହିଳା, ପୁରୁଷ ସହ ସ୍ଥାନୀୟ ଲୋକପ୍ରତିନିଧିମାନେ ସାମିଲ ହୋଇଥିଲେ। ପରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବପତ୍ର ପ୍ରଦାନ କରାଯାଇଥିଲା। ତେବେ ଜିଲାପାଳ ଉପସ୍ଥିତ ନ ଥିବାରୁ ଏହାକୁ ସହାୟକ ଜିଲାପାଳ ଗ୍ରହଣ କରିଥିଲେ।

ସେହିପରି ଏହାର ଏକକୀତା ନକଲ ଜିଲାପାଳ, ଜିଲା ପରିଷଦ ଅଧକ୍ଷ, ଏମ୍‌ପି, ବିଧାୟକ ଓ ସ୍ଥାନୀୟ ବ୍ଲକ ଅଧକ୍ଷାଙ୍କୁ ପ୍ରଦାନ କରାଯାଇଛି। ନୂତନ ପ୍ରସ୍ତାବିତ ବ୍ଲକ ହେଲେ ମଦନପୁରରେ ଗୋଛାଡେଙ୍ଗେନ, ଅଲାତରା, ମଦନପୁର ଉମ୍ଦ-କର୍ଲାଖୁଣ୍ଟା, ଗଜବାହାଲ, ବୋରପଦର, ମାଣିକେରା, ଦେଡଶୁଲି, ସିଂହପୁର, ମୋହନଗିରି ଓ ଲୁବେନଗଡ ଆଦି ୧୧ଟି ପଞ୍ଚାୟତ ରହିବ ବୋଲି ଦାବିରେ ଦର୍ଶାଇଛନ୍ତି। ଏହି ପଞ୍ଚାୟତଗୁଡିକ ବର୍ତ୍ତମାନ ଏମ ରାମପୁର ବ୍ଲକଠାରୁ ଅନେକ ଦୂରରେ ଥିବାରୁ ସରକାରଙ୍କ ବିଭିନ୍ନ ଜନଭିମୁଖୀ କାର୍ଯ୍ୟଗୁଡିକ ଠିକ ଭାବରେ ଲୋକଙ୍କ ପାଖକୁ ପହଞ୍ଚି ପାରୁନାହିଁ। ତେଣୁ ସାମାଜିକ ଓ ଭୋଗଳିକ କ୍ଷେତ୍ରକୁ ଦେଖିଲେ ମଦନପୁର କେନ୍ଦ୍ର ମଧ୍ୟ ରହିଥିବାରୁ ଏହାକୁ ବ୍ଲକ ଘୋଷଣା କଲେ ସ୍ଥାନୀୟ ଅଞ୍ଚଳବାସୀ ଉପକୃତ ହେବେ ବୋଲି ଦାବି ଜଣାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସ୍ଥାନୀୟ ସଂଗ୍ରାମ ସମିତିର ସଭାପତି ତଥା ଗୋଛାଡେଙ୍ଗେନ ସରପଞ୍ଚ ଡ.ସୁରେଶ କୁମାର ପଧାନ, ଅଲାତରା ସରପଞ୍ଚ ସସ୍ମିତା ନାଗ, ମଦନପୁର ସରପଞ୍ଚ କେତକୀ ଦଣ୍ଡିଆ, ପ୍ୟାକ୍ସ ସଭାପତି ହରି ମହାନନ୍ଦ, ସାମାଜିକ କର୍ମୀ ସୁଦର୍ଶନ ପାଢ଼ି, ପୂର୍ବତନ ସରପଞ୍ଚ ଜୟରାମ ମହାନନ୍ଦ ପ୍ରମୁଖ ନେତୃତ୍ୱ ନେଇଥିଲେ।


ସହାୟକ ଜିଲାପାଳ ଦାବିକୁ ଗ୍ରହଣ କରୁଛନ୍ତି।

### ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

## ସଂକ୍ଷେପରେ

### ସାଇ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆରମ୍ଭ



ବରପାଲି,୨୭।୩(ଡି.ଏନ.ଏ.): ବରଗଡ ଜିଲା ବରପାଲି କେନାଲ ରୋଡ୍ ସ୍ଥିତ ଶିରିଡି ସାଇ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସୋମବାର ଆରମ୍ଭ ହୋଇଛି। ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ ସୁବ୍ରତ କୁମାର ମୁଣ୍ଡ ଓ ତାଙ୍କ ସ୍ତ୍ରୀ ସୁନିତା ମୁଣ୍ଡ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ପୁରୋହିତ କୁଳମଣି ମହାପାତ୍ର, ହେମନ୍ତ ମିଶ୍ର ୧୫ଜଣ ପଣ୍ଡିତଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ କରାଯାଉଛି। ପ୍ରଥମେ ବରଗଡ ଜିଲା ଓ ବରପାଲି ସତ୍ୟସାଇ ସେବା ଅନୁଷ୍ଠାନ ପକ୍ଷରୁ ଅଙ୍କୁରାରୋପଣ ହୋଇଥିଲା। ସନ୍ଧ୍ୟା ସମୟରେ ଲିଟିଲ ଏଞ୍ଜେଲ୍ସ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହାଇଥିଲା। ମନ୍ଦିର ପ୍ରତିଷ୍ଠାର ପ୍ରଥମ ଦିନରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବରପାଲି ନଗରପାଳ ଦିନେଶ ଗହୀର, ବ୍ଲକ ଅଧକ୍ଷା ରୀନା ଥଇତ ଯୋଗଦାନ କରିଥିଲେ।

### ବୁକୁରାମୁଣ୍ଡା ସ୍କୁଲରେ ବିଦାୟକାଳୀନ ସମ୍ବର୍ଦ୍ଧନା

ପାଇକମାଲ,୨୭।୩(ଡି.ଏନ.ଏ.): ବରଗଡ ଜିଲା ପାଇକମାଲ ବ୍ଲକ ଟେମରି କ୍ଲଷ୍ଟର ଅଧୀନ ବୁକୁରାମୁଣ୍ଡା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସୋମବାର ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ସତ୍ୟନାରାୟଣ ପୂଜା ଅନୁଷ୍ଠିତ ହୋଇଯାଇଛି। ପରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ର ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭୁବନେଶ୍ୱର ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୁକୁରାମୁଣ୍ଡା ସରପଞ୍ଚ ଅନିତା ଭୋଇ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ସୈନିକ ହର୍ଷବର୍ଦ୍ଧନ ବିଶି, ବିଦ୍ୟାଳୟର ଉଦ୍ୟୋକ୍ତା ମଙ୍ଗଲୁ ବରିହା ଅନ୍ୟତମ ଅତିଥି ଭାବେ ଯୋଗଦାନ କରି ବିଦାୟୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଜୀବନ ଗଢିବା ସମ୍ପର୍କରେ ଉପଦେଶ ପ୍ରଦାନ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ପରିଚାଳନା କମିଟି ସଭାପତି ମହେନ୍ଦ୍ର ବାରିକ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ବଲାଙ୍ଗୀର ଜିଲାକୁ ସିଲଭର ସ୍କଚ୍ ଆୱାର୍ଡ

ବଲାଙ୍ଗୀର ଅଫିସ, ୨୭।୩: ବଲାଙ୍ଗୀର ଜିଲା ଜଳ ଶକ୍ତି ଅଭିଯାନ ଅନ୍ତର୍ଗତ ଦୀର୍ଘସ୍ଥାୟୀ ଜଳ ପରିଚାଳନା ଓ ଜୀବିକା ପାଇଁ ଜଳବାୟୁ ସମ୍ବେଦନଶୀଳ କାର୍ଯ୍ୟର ସଫଳ ରୂପାୟନ ନିମନ୍ତେ ସିଲଭର ସ୍କଚ୍ ଆୱାର୍ଡ ପାଇବାର ଗୌରବ ଲାଭ କରିଛି। ମାର୍ଚ୍ଚ ୨୫ ତାରିଖରେ ନୂଆଦିଲ୍ଲୀ ସ୍ଥିତ ଇଣ୍ଡିଆ ହାବିଟେଟ ସେଣ୍ଟରଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ବଲାଙ୍ଗୀର ଜିଲାକୁ ଏହି ଆୱାର୍ଡ ପ୍ରଦାନ କରାଯାଇଛି। ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ ଓ ଆଇସିଆରଜି ଜିଲା ସଂଯୋଜକ ଘନଶ୍ୟାମ ସାହୁ ଉପସ୍ଥିତ ରହି ସ୍କଚ୍ ଗ୍ରୁପ ଅଧକ୍ଷ ସମୀର କୋଚରଙ୍କଠାରୁ ଏହି ଆୱାର୍ଡ ଗ୍ରହଣ କରିଛନ୍ତି। ଜିଲାପାଳ ଚଞ୍ଚଳ ରାଣାଙ୍କ ବଳିଷ୍ଠ ନେତୃତ୍ୱ, ଆନ୍ତରିକ ଉଦ୍ୟମ ତଥା ଦିଗଦର୍ଶନ ଦ୍ୱାରା ବଲାଙ୍ଗୀର ଜିଲାକୁ ଏହି ଗୌରବ ମିଳିଛି।

### ବାଲ୍ୟ ବିବାହ ରୋକିବାକୁ ଉଦ୍ୟମ ଲୋଡ଼ା

ଲୋଇସିଂହା୨୭।୩(ଡି.ଏନ.ଏ): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା, ନୁନିଆଁପାଲି ପଞ୍ଚାୟତରେ ବାଲ୍ୟ ବିବାହ ନିରାରଣ ସମ୍ବନ୍ଧୀୟ ସଚେତନତା ରଥ ସୋମବାର ପରିକ୍ରମା କରିଛି। ବାଲ୍ୟ ବିବାହକୁ ନା, ଏହା ଏକ ସାମାଜିକ ବ୍ୟାଧି ବୋଲି ସଭା ଓ ନାଚଗୀତ ମାଧ୍ୟରେ ଲୋକଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରାଯାଉଛି। ସିଡବ୍ଲୁସି ଓ ନଅଗାଁ(ଖ) ପଲ୍ଲୀ ଆଲୋକ ପାଠାଗାର ଆନୁକୂଲ୍ୟରେ ନୁନିଆଁପାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ସରପଞ୍ଚ ପୁଷ୍ପାଞ୍ଜଳି ସାହୁ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ସେହିପରି ନୁନିଆଁପାଲ ପାଟଣେଶ୍ୱରୀ ହାଇସ୍କୁଲରେ ମଧ୍ୟ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।

# ବୌଦ୍ଧ ଜିଲା କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ

## ରାହୁଲ ଗାନ୍ଧୀଙ୍କ ଏମ୍‌ପି ପଦ ରଦ୍ଦ ପ୍ରତିବାଦ

ବୌଦ୍ଧ, ୨୭।୩ (ସ୍ୱ.ପ୍ର.)

କେନ୍ଦ୍ରରେ କ୍ଷମତାରେ ରହିଥିବା ଭାଜପା ସରକାର ଆଦାନୀ ସ୍କାମରେ ଜଡିତ ରହିଥିବା ଘଟଣା ହିଡେନ ବର୍ଗ ତଥ୍ୟରୁ ଜଣାପଡିବା ପରଠାରୁ କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧୀ ବାରମ୍ବାର ମୋଦି ସରକାରଙ୍କୁ ପ୍ରଶ୍ନ ପଚାରି ଚାଲିଛନ୍ତି। ଏହି ପ୍ରସଙ୍ଗରୁ ମୁକୁଳିବା ପାଇଁ ଓ ଦେଶବାସୀଙ୍କୁ ଏହି ମାମଲାରୁ ଦୃଷ୍ଟି ହଟାଇବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅହଙ୍କାରୀ ମନୋଭାବ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ମିଥ୍ୟା ମୋକଦ୍ଦମା କରିବା ସହିତ ତାଙ୍କର ସଭ୍ୟପଦ ରଦ୍ଦ କରିଥିବା ନେଇ ଅଭିଯୋଗ କରାଯିବା ସହିତ ସମଗ୍ର ଦେଶରେ ରାହୁଲ ଗାନ୍ଧୀଙ୍କ ସପକ୍ଷରେ କଂଗ୍ରେସ ଦଳ ତାର ଆନ୍ଦୋଳନ ଜାରି ରଖିଛି। ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲା ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ସୋମବାର ହାତୀଶାଳ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ସତ୍ୟାଗ୍ରହ କରାଯାଇଥିଲା। କଂଗ୍ରେସର ଅନେକ ପୁରୁଖା ନେତା ଓ କର୍ମୀ ଏହି ସତ୍ୟାଗ୍ରହରେ ସାମିଲ ହୋଇ କେନ୍ଦ୍ରରେ ଭାଜପା ସରକାରର ସ୍ୱେଚ୍ଛାଚାରୀତାର ଦୃଢ ନିନ୍ଦା କରିବା ସହ ଗଣତନ୍ତ୍ରର ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଏହି ସତ୍ୟାଗ୍ରହ କାର୍ଯ୍ୟକ୍ରମରେ କଂଗ୍ରେସର ମୁଖ୍ୟ ମୁଖପାତ୍ର ଶାନ୍ତନୁ କୁମାର ମହାପାତ୍ର, ଗଣେଶ ପ୍ରସାଦ ଅଗ୍ରୱାଲା, ତାରେଣି ଜେନା, ସମରେଶ ମିଶ୍ର, ସନ୍ଧ୍ୟାରାଣୀ ସିଂହ, ମମତା ପଣ୍ଡା, ପଙ୍କଜ କୁମାର କର୍ଣ୍ଣ, ପୂର୍ବତନ ପିସିସି ସଦସ୍ୟ ରାୟ ସଞ୍ଜିବ କୁମାର ଦେଓ, ପୌଲସ୍ତି ପ୍ରଧାନ, ଅଭିଳାଷ ସ୍ୱାଇଁ, ରୋହିତାଶ୍ୱ ବେହେରା, ବେଣୁଧର ମେହେର, ବୁଦ୍ଧଦେବ ପ୍ରଧାନ, ସମରେନ୍ଦ୍ର ମହାକୁଳ, ଅର୍ଜୁନ ମହାନନ୍ଦିଆ, ନିତେଶ ମେହେର, ପ୍ରତାପ ପଣ୍ଡା, ପ୍ରୋମଦ ପ୍ରଧାନ ଓ ଆଇନଜିବୀ ଅରୂପ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।





ବୌଦ୍ଧରେ କଂଗ୍ରେସର ସତ୍ୟାଗ୍ରହ।

# ଗଞ୍ଜେଇ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବୌଦ୍ଧ,୨୭।୩(ସ୍ୱ.ପ୍ର.)

ବୌଦ୍ଧ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ବିକ୍ରମ କୁମାର ପ୍ରଧାନ ସୋମବାର ଏକ ଗଞ୍ଜେଇ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ୨୪।୮।୨୨ରେ ହରଭଙ୍ଗା ଅବକାରୀ ବିଭାଗ ପାଟ୍ରୋଲିଂ କରୁଥିବା ସମୟରେ ଖବର ପାଇଲେ ଯେ ପୁରୁଣାକଟକ ଥାନା ବାରବାଣୀ ଗ୍ରାମର ବାସନ୍ତୀ ପାତ୍ର (୪୩) ନିଜ ଘର ବାଡିପଟେ ଥିବା ଶାଗୁଆନ ଗଛ ମୂଳରେ ଗଞ୍ଜେଇ ରଖିଛନ୍ତି। ଏହା ଜାଣିବା ପରେ ଚଢାଉ କରିଥିଲେ। ଚଢାଉ ସମୟରେ ଅଭିଯୁକ୍ତ ଜଣକ ଗଞ୍ଜେଇଗୁଡିକ ଏକ ନୀଳ ଜରି ବସ୍ତାରେ ଭର୍ତ୍ତି କରୁଥିବା ଦେଖିବାକୁ ପାଇଥିଲେ। ଘର ପଛପଟେ ଶାଗୁଆନ ଗଛ ତଳେ ଥିବା ବସ୍ତାକୁ ଜବତ କରିବା ସହ ବସ୍ତାରୁ ୨୫ କିଲୋ ଗଞ୍ଜେଇ ଜବତ କରି ବାସନ୍ତୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ମାମଲାଟି ପରବର୍ତ୍ତୀ ସମୟରେ ବୌଦ୍ଧ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ବିଚାର ହୋଇଥିଲା। ୩ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ଅଭାବରୁ ଅଦାଲତ ବାସନ୍ତୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ପ୍ରିତମ ମିଶ୍ର ପରିଚାଳନା କରିଥିଲେ।

# ତୈଳିକ ବୈଶ୍ୟ ସମାଜର ବାର୍ଷିକୋତ୍ସବ

ପାଇକମାଲ,୨୭।୩(ଡି.ଏନ.ଏ.)

ବରଗଡ ଜିଲା ନୃସିଂହନାଥ ପରିସରରେ ପାଇକମାଲ ବ୍ଲକ ତୈଳିକ ବୈଶ୍ୟ ସମାଜର ଦ୍ୱିତୀୟ ବାର୍ଷିକୋତ୍ସବ ରାଜକିଶୋର ସାହୁଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତିଶଗଡ ମହାସମୁନ୍ଦ ଏମ୍‌ପି ଚୁନ୍ନିଲାଲ ସାହୁ ମୁଖ୍ୟ ଅତିଥି, ବରଗଡ଼ ଜିଲା ତୈଳିକ ବୈଶ୍ୟ ସମାଜ ସଭାପତି ମନୋରଞ୍ଜନ ସାହୁ ବିଶିଷ୍ଟ ଅତିଥି, ଲିଙ୍ଗରାଜ ସାହୁ ମୁଖ୍ୟ ବକ୍ତା, ମାର୍କଣ୍ଡ ସାହୁ, ଦିନେଶ୍ୱର ସାହୁ, ଭିକାରି ସାହୁ, ସଙ୍ଗୀତା ସାହୁ, ପଙ୍କଜିନୀ ସାହୁ, ଯୋଗେଶ୍ୱରୀ ସାହୁ, ରୋହିଣୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କେଶବ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମହେନ୍ଦ୍ର ସାହୁ, ପରମାନନ୍ଦ ସାହୁ, କିଶୋର ଚନ୍ଦ୍ର ସାହୁ, କୁବେର ଗିରି ସାହୁ, ମୋତିଲାଲ ସାହୁ, ଚନ୍ଦ୍ର ସାହୁ, ନେତ୍ରାନନ୍ଦ ସାହୁ, ସୁରଜ ସାହୁ, ସତ୍ୟାନନ୍ଦ ସାହୁ, ଗଙ୍ଗାଧର ସାହୁ ପ୍ରମୁଖ ସହଯୋଗ କରିଥିଲେ। ପିତାମ୍ବର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବର୍ଣ୍ଣପୁରରେ ବିଶ୍ୱ ନାଟ୍ୟ ଦିବସ ପାଳିତ

ସୋନପୁର,୨୭।୩(ନି.ପ୍ର.)

ସୁବର୍ଣ୍ଣପୁର ଭୀମ ଭୋଇ କଳା ମଣ୍ଡପରେ ବିଶ୍ୱ ନାଟ୍ୟ ଦିବସ ସୋମବାର ପାଳିତ ହୋଇଯାଇଛି। ନାଟ୍ୟଚକ୍ର ଅନୁଷ୍ଠାନ ପକ୍ଷରୁ ଏହି ଅବସରରେ ନାଟ୍ୟଚକ୍ରର ୯ମ ଜନ୍ମ ଦିବସ ମଧ୍ୟ ପାଳନ ହୋଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ମନୋଜ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ତଥା ନାଟ୍ୟକାର ଜ୍ୟୋତି ରଞ୍ଜନ ବହିଦାର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ବହିଦାର ନାଟ୍ୟ ଦିବସ ପାଳନର ଲକ୍ଷ୍ୟ ଓ ଆଧୁନିକ ସମାଜରେ ନାଟକର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ ଓ ନାଟ୍ୟକାର ଶ୍ୟାମା ଓଁ ପ୍ରସାଦ ମିଶ୍ର ଯୋଗଦାନ କରି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ରାମଲୀଳାର ଅଭିନେତା ଓ ନିର୍ଦ୍ଦେଶକ ଘନଶ୍ୟାମ ବେହେରାଙ୍କୁ ନାଟ୍ୟଚକ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ଛାତ୍ରୀ ପ୍ରିୟଦର୍ଶନୀ ବାରିକ୍ ଶିବ ତାଣ୍ଡବ ନୃତ୍ୟ ପରିବେଷଣ କରିଥିଲେ। ସେହିପରି କୋଶଳ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଭାବର ଲହରୀ ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା। ସରିତା ମେହେର ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ପରେ ନାଟ୍ୟଚକ୍ର ଅନୁଷ୍ଠାନ ପକ୍ଷରୁ ନାଟକ ଏବଂ କିଏ ମଞ୍ଚସ୍ଥ ହୋଇଥିଲା। ସମାଜରେ ଭିଆଇପି ସଂସ୍କୃତି ଓ ତାର ପ୍ରଭାବକୁ ନେଇ କଳାକାର ମାନେ ନାଟକରେ ସୁନ୍ଦର ଅଭିନୟ କରିଥିଲେ। ନାଟ୍ୟଚକ୍ରର ପ୍ରୋଗ୍ରାମ ମ୍ୟାନେଜର ଶିବପ୍ରସାଦ ଗୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଜିଲାର ବହୁ ନାଟ୍ୟ ଅନୁଷ୍ଠାନ ପ୍ରେମୀ ଓ ନାଟ୍ୟକାର ଯୋଗ ଦେଇଥିଲେ।



ରାମଲୀଳା ଅଭିନେତା ଓ ନିର୍ଦ୍ଦେଶକ ଘନଶ୍ୟାମ ବେହେରାଙ୍କୁ ନାଟ୍ୟଚକ୍ର ସମ୍ମାନ ପ୍ରଦାନ କରାଯାଉଛି।

## ଘନଶ୍ୟାମ ବେହେରଙ୍କୁ ନାଟ୍ୟଚକ୍ର ସମ୍ମାନ

# ଆଗଲପୁର ପ୍ୟାକ୍ସର ସାଧାରଣ ସଭା

ବରପାଲି,୨୭।୩ (ଡି.ଏନ.ଏ.)

ବରଗଡ ଜିଲା ବରପାଲି ବ୍ଲକ ମହଦା ମାର୍କେଟ ୱାର୍ଡଠାରେ ସୋମବାର ଆଗଲପୁର ସମବାୟ ସମିତିର ସାଧାରଣ ସଭା ସଭାପତି ବିରୋସନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବରପାଲି ତହସିଲଦାର ରୁକ୍ମଣ ମେହେର ମୁଖ୍ୟଅତିଥି, ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ବରପାଲି ଶାଖା ପରିଚାଳକ କିଶୋର ଦେବତା, କଣ୍ଟାପାଲି ସମବାୟ ସମିତି ସଭାପତି ଧ୍ରୁବରାଜ ସାହୁ, ବରପାଲି ସମବାୟ ସମିତି ସଭାପତି ଗୁରୁ ମେହେର, କୁମ୍ଭାରୀ ସମବାୟ ସମିତି ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୧୪ଜଣ ବୋର୍ଡ ମେମ୍ବର ଉପସ୍ଥିତ ଥିଲେ। ଚାଷୀମାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଜାମଟିକ୍ରାରେ ରାମଲୀଳା ମହୋତ୍ସବ ଉଦ୍‌ଘାଟିତ



ମୁଖ୍ୟ ଅତିଥି ଫିତାକାଟି ମହୋତ୍ସବର ଉଦ୍‌ଘାଟନ କରୁଛନ୍ତି।

ଭେଡେନ,୨୭।୩(ଡି.ଏନ.ଏ.)

ବରଗଡ ଜିଲା ଭେଡେନ ବ୍ଲକ ରକ୍ଷୁଡା ପଞ୍ଚାୟତର ଜାମଟିକ୍ରାଠାରେ ନବଦିନାତ୍ମକ ବାସନ୍ତୀ ଦୁର୍ଗାପୂଜା ଅବସରରେ ୪ଦିନ ଧରି ହେବାକୁ ଥିବା ରାମଲୀଳା ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଛି। ବ୍ଲକ ଉପାଧକ୍ଷ ଡୋଲାମଣି ଖେତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବର ମୁଖ୍ୟ ପରିଚାଳକ ପଣ୍ଡିତ ଜନ୍ମେଞ୍ଜୟ ମିଶ୍ର, ଚିତ୍ତରଞ୍ଜନ ମହାପାତ୍ର, ପରିଚାଳନା କମିଟି ସଭାପତି ଗୌରାଙ୍ଗ ଚରଣ ପଧାନ, ଉପ ସଭାପତି ସୁରେନ୍ଦ୍ର କର୍ମୀ, ସମ୍ପାଦକ କୁଳମଣି ପଧାନ, ସହସମ୍ପାଦକ ରାମଚନ୍ଦ୍ର ମେହେର, ମଞ୍ଚ ପରିଚାଳକ କାହ୍ନୁଚରଣ ଦାଶ, ନରେଶ ମହାକୁର, ଦୁଷ୍ମନ୍ତ ମହାକୁରଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ରାବଣର ଦିଗ୍‌ବିଜୟ, ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ଜନ୍ମ, ଋଷିଙ୍କ ଯଜ୍ଞରକ୍ଷା ନିମିତ୍ତ ମହର୍ଷି ବିଶ୍ୱାମିତ୍ରଙ୍କ ସହିତ ବନଗମନ ଓ ମହର୍ଷି ଜନକଙ୍କ ମିଥିଳା ରାଜ୍ୟରେ ସୀତା ସ୍ୱୟମ୍ବର, ଧନୁଭଙ୍ଗ ଆଦି ନାଟକୀୟ ଦୃଶ୍ୟ ଅଭିନିତ ହୋଇଥିଲା। ଚିଚିଣ୍ଡା ଗ୍ରାମର ଆଲବମ୍ ଅଭିନେତା ଝସକେତନ ପଧାନଙ୍କ ରାବଣ ଭୂମିକାରେ ଚିତ୍ତାକର୍ଷକ ଅଭିନୟ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ସେହିପରି ସୋମବାର ସୀତା ବିବାହ, ପର୍ଶୁରାମ ଦର୍ପଦଳନ, ରାମ ବନବାସ, ସୀତାଚୋରି ଦୃଶ୍ୟ ଦର୍ଶକଙ୍କୁ ବିଭୋର କରିଥିଲା।

# ଏଫ୍‌ଏଲ୍‌ଏନ୍ ମେଳା ଉଦ୍‌ଘାଟିତ

ପାଇକମାଲ,୨୭।୩(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ ସରକାରୀ ଉଚ୍ଚବିଦ୍ୟାଳୟ ପ୍ରେକ୍ଷାଳୟରେ ସୋମବାର ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଦ୍ୱିଦିବସୀୟ ଏଫ୍‌ଏଲ୍‌ଏନ୍ ମେଳା ଉଦ୍‌ଘାଟିତ ହୋଇଯାଇଛି। ପାଇକମାଳ ତହସିଲଦାର ଅକ୍ଷୟ କୁମାର ବାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଇଓ ଚୂଡାମଣି ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏବିଇଓ ଶିବ ପ୍ରସାଦ ଯୋଶୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମେଳାରେ ପାଇକମାଳ ବ୍ଲକ ଅଧୀନ ୧୫ଟି କ୍ଲଷ୍ଟରର ୪୫ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିଜ ନିଜ ପ୍ରସ୍ତୁତ ୨୪୦ଟି ଏଫ୍‌ଏଲ୍‌ଏନ୍ ଶିକ୍ଷାଦାନ ଉପକରଣ ପ୍ରଦର୍ଶନ କରିଥିଲେ। ବିଜେତା କାର୍ଯ୍ୟକ୍ରମର ୪ଟି ହାଉସ ଦ୍ୱାରା ପ୍ରସ୍ତୁତି ଉପକରଣ ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ତ୍ରିଲୋଚନ ନାଏକ ମଞ୍ଚ ପରିଚାଳନା କରିଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷକ ତାରାଚାନ୍ଦ ସାହୁ, ପ୍ରେମାନନ୍ଦ ବାରିକ, କିଶୋର ପାତ୍ର, ସୁବାସ ଚନ୍ଦ୍ର ନାୟକ ଯୋଗଦାନ କରିଥିଲେ। ଜ୍ୟୋତିର୍ମୟୀ ପଟ୍ଟନାୟକ, ବବିତା ବେହେରା, ସୁଦାମ ପାଣ୍ଡେ, ଲଳିତ କୁମାର ବିଶ୍ୱାଳ, ଆନନ୍ଦିନୀ ସେଠ ପ୍ରମୁଖ ସହଯୋଗ କରିଥିଲେ। ଏବିଇଓ ରାଧେଶ୍ୟାମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।





ମେଳାରେ ମଞ୍ଚାସୀନ ଅତିଥିଗଣ।

# ୧ନଂ. ୱାର୍ଡରେ କଂଗ୍ରେସର ପ୍ରଚାର

ସରଣ୍ଡା,୨୭।୩(ଡି.ଏନ.ଏ.)

ବରଗଡ ଜିଲା ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ନିର୍ବାଚନ ଯେତେ ପାଖେଇ ଆସୁଛି ପ୍ରଚାର ଧୀରେ ଧୀରେ ଜୋର୍ ଧରିବାରେ ଲାଗିଛି। ଏହି କ୍ରମରେ କଂଗ୍ରେସ ପ୍ରାର୍ଥୀମାନେ ୱାର୍ଡକୁ ୱାର୍ଡ ବୁଲି ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରୁଛନ୍ତି। ସୋମବାର କଂଗ୍ରେସର ଚେୟାରମ୍ୟାନ ପ୍ରାର୍ଥିନୀ ସବିତା ଭୁଏ ଓ ୱାର୍ଡ ନଂ. ୧ର କାଉନସିଲର ପ୍ରାର୍ଥୀ ଦୀପକ ରାଏ ନିଜ ସମର୍ଥକମାନଙ୍କ ସହ ଘରକୁ ଘର ଯାଇ ପ୍ରଚାର କରିଥିଲେ। ଉଭୟ ପ୍ରାର୍ଥୀ ନିଜ ଦଳର ଆଭିମୁଖ୍ୟ ସ୍ପଷ୍ଟ କରିବା ସହ ନିର୍ବାଚିତ ହେଲେ କଣ କରିବେ ତା ଉପରେ ଜନସାଧାରଣଙ୍କୁ ବୁଝାଉଥିବା ପରିଲକ୍ଷିତ ହୋଇଥିଲା। ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ, କଂଗ୍ରେସ ନେତା ପ୍ରଦୀପ ଦେବତା, ନିପନ ଦାଶ, ସରୋଜ ଷଡ଼ଙ୍ଗୀ, ଦୟାସାଗର ମେଣ୍ଡଲୀ, ରବି ପଣ୍ଡା, ଶୁଶାନ୍ତ ଅଗ୍ରୱାଲ, ଅଶୋକ ପ୍ରଧାନ, ଅବିନାଶ ପ୍ରଧାନ, ୭ ନଂ. ୱାର୍ଡ ପ୍ରାର୍ଥୀ ବଳରାମ ସାହୁ, ୨ ନଂ. ୱାର୍ଡ ପ୍ରାର୍ଥୀ ଗୌରୀଶଙ୍କର ପଣ୍ଡା, ଜିତୁ ଭୋଇ, ଅନନ୍ତ ତାଣ୍ଡି, ଦେବୁ ସ୍ୱାଇଁ, ଆଜାଦ ପତି, ଉସ୍ମାନ ଖାଁ, ଏମ୍‌ଡି ନାସିର, ନରେନ୍ଦ୍ର ଭୋଇ ପ୍ରମୁଖ ପ୍ରଚାରରେ ସାମିଲ ହୋଇ ଥିଲେ।



କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ଭିକ୍ଷା କରୁଛନ୍ତି ପୂର୍ବତନ ବିଧାୟକ।

**ଅତାବିରା ଏନ୍‌ଏସି ନିର୍ବାଚନ**

# ବିଜେଡି ଯାହା କୁହେ ତାହା କରେ: ଅତନୁ





ଭାଲୁପାଲିରେ ଅନୁଷ୍ଠିତ ବିଜେଡି ସଭାରେ ମଞ୍ଚାସୀନ ଅତିଥି ଏବଂ ଉପସ୍ଥିତ ଜନସାଧାରଣ।

ସରଣ୍ଡା,୨୭।୩(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ଏନ୍‌ଏସି ନିର୍ବାଚନ ପାଇଁ ରାଜନୈତିକ ବାତାବରଣ ସରଗରମ ହୋଇଉଠିଛି । ପ୍ରମୁଖ ୩ ଦଳର ପ୍ରାର୍ଥୀମାନେ ଜୋରସୋର୍ ପ୍ରଚାର କରୁଛନ୍ତି । ଭାଜପା ପ୍ରାର୍ଥୀ ଘର ଘର ବୁଲି ପ୍ରଚାର କରୁଥିବା ବେଳେ କଂଗ୍ରେସ ପ୍ରାର୍ଥୀମାନେ ଜିଲାସ୍ତରୀୟ ନେତୃବୃନ୍ଦଙ୍କ ଗହଣରେ ପ୍ରଚାର କରୁଛନ୍ତି। ତେବେ ବିଜେଡି ଦୁଇ ପାଦ ଆଗକୁ ବଢ଼ି ରାଜ୍ୟସ୍ତରୀୟ ନେତାଙ୍କୁ ନେଇ ପ୍ରଚାର ଅଭିଯାନକୁ ଜୋରଦାର କରିଛି। ଅତାବିରାରେ ବିଜେଡିର ଅଧିକାଂଶ ମନ୍ତ୍ରୀ ଓ ବିଧାୟକ ପ୍ରଚାରରେ ଲାଗି ପଡିଛନ୍ତି। ଏହି କ୍ରମରେ ସୋମବାର ଅତାବିରା ଏନ୍‌ଏସିର ୩ ନମ୍ବର ୱାର୍ଡ ଭାଲୁପାଲିରେ ବିଜେଡିର ମହାସମାବେଶ କରାଯାଇଥିଲା। ଓଡିଶା ପଣ୍ୟାଗାର ନିଗମ ଅଧକ୍ଷ ମହେନ୍ଦ୍ର ବଡେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ବିଜେଡି ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ତଥା ରାଜ୍ୟ ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। ବିଜେଡି ଯାହା କୁହେ ତାହା କରେ। ତେଣୁ ଜନସାଧାରଣ ନବୀନ ସରକାରଙ୍କ ବିକାଶ ପଥରେ ଯୋଡି ହୋଇ ରୁହନ୍ତୁ। ଏହି ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ଭୋଟ୍ ଦେଇ ବିକାଶଧାରା ଆଗକୁ ନେବାରେ ସହଯୋଗ କରିବାକୁ ଅତନୁ ଉଦ୍‌ବୋଧନ ଦେଇଥିଲେ। ବରଗ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ କହିଥିଲେ, ବିଜେଡି ଉପରେ ଜନସାଧାରଣଙ୍କ ଆସ୍ଥା ରହିଛି। ଯାହାକି ସାମଗ୍ରିକ ଅଞ୍ଚଳର ବିକାଶର ଧାରାକୁ ଆଗକୁ ନେଇ ହେବ। ମା'ମାନଙ୍କୁ ନେଇ ନାରୀ ସଶକ୍ତୀକରଣ ବଳରେ ଆଜି ସେମାନେ ସବୁକ୍ଷେତ୍ରରେ ଆଗକୁ ଆସିଛନ୍ତି ବୋଲି ଆଚାର୍ଯ୍ୟ ମତପ୍ରକାଶ କରିଥିଲେ। ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ମୋର ଗାଁ ଭାଲୁପାଲି। ଆପଣମାନେ ମୋତେ ଏତେ ସ୍ନେହ, ଶ୍ରଦ୍ଧା, ସମ୍ମାନ ଓ ଭଲପାଇବା ଦେଇଛନ୍ତି। ପ୍ରତ୍ୟେକ ସମୟରେ ଯାହା ବି ସୁବିଧା ଅସୁବିଧା କହିଛନ୍ତି ତାକୁ ପୂର୍ଣ୍ଣ କରିବାରେ ଯଥାସମ୍ଭବ ଚେଷ୍ଟା କରିଛି ବୋଲି କହି ବିଜେଡି ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ଛୁରିଆ ଭୋଟରଙ୍କୁ ନିବେଦନ କରିଥିଲେ। ଏଥିରେ କାଉନସିଲର ପ୍ରାର୍ଥୀ ନେପାଳ ପ୍ରଧାନ ଓ ନଗରପାଳ ପ୍ରାର୍ଥୀ ବନମାଳି ବରିହା ଯୋଗ ଦେଇଥିଲେ। ଅତାବିରା ଯୁବ ବିଜେଡି ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଲୁପାଲିରେ ନିର୍ବାଚନୀ ସମାବେଶ

## ମାଣ୍ଡିଆ ରଥ ଉଦ୍‌ଘାଟିତ

ଟିଟିଲାଗଡ଼, (ଡି.ଏନ.ଏ): ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଦେସିଲସ୍ଥିତ ଆଶା କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ ଏବଂ ଜିଲା ପରିଷଦ ସଭ୍ୟା ଗୀତା ବିଶି ମାଣ୍ଡିଆ ରଥକୁ ପତକା ଦେଖାଇ ଶୁଭାରମ୍ଭ କରିଛନ୍ତି। ରଥ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମ ଗସ୍ତ କରିବ। ମିଲେଟ ଜାତୀୟ ଚାଷ ଦ୍ୱାରା ଚାଷୀଙ୍କୁ ବିଭିନ୍ନ ଲାଭ ତଥା ଏହାର ସ୍ୱାସ୍ଥ୍ୟ ପାଇଁ ଉପଯୋଗିତା ସମ୍ପର୍କରେ ରଥ ସଚେତନ କରିବ। ଆଶା ସମ୍ପାଦକ ସଞ୍ଜିବ ପଟ୍ଟନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, କୃଷକ ଉତ୍ପାଦକ କମ୍ପାନୀ, କୃଷକ କ୍ଲବ ପ୍ରତିନିଧି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବରିଷ୍ଠ ନାଗରିକ ମଞ୍ଚ ସାଧାରଣ ପରିଷଦ ବୈଠକ

**ବଲାଙ୍ଗୀର ଅଫିସ, ୨୭।୩:** ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମଞ୍ଚ ସଭ୍ୟ ତଥା ସୁନାମଧନ୍ୟ କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ ଜଗନ୍ନାଥ ଜଣାଣ ଗାନ କରିଥିଲେ। ପ୍ରଭାକର ମିଶ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସାଧାରଣ ସମ୍ପାଦକ ମନୋରଞ୍ଜନ ମିଶ୍ର ପୂର୍ବସଭାର ବିବରଣୀ ଉପସ୍ଥାପନ ପରେ ଅନୁମୋଦନ କରାଯାଇଥିଲା। ଆଲୋଚନାରେ ସମସ୍ତ ସବ୍‌ଡିଭିଜନରେ ମଞ୍ଚ ଶାଖା ସ୍ଥାପନ କରିବାକୁ ସ୍ଥିର ହୋଇଥିଲା। କୋଷାଧ୍ୟକ୍ଷ ନରେନ୍ଦ୍ର କବାଟ ଆୟବ୍ୟୟ ଖର୍ଚ୍ଚ ଉପସ୍ଥାପନ କରବା ସହ ସଭ୍ୟମାନଙ୍କୁ ଆଜୀବନ ସଦସ୍ୟତା ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ଯେଉଁ ସଭ୍ୟମାନେ ଦୀର୍ଘଦିନରୁ ବାର୍ଷିକ ଦେୟ ଦେଇନାହାନ୍ତି ସେମାନନେ ଯଥାଶୀଘ୍ର ପୈଠ କରିବାକୁ ସଭାପତି ଅନୁରୋଧ କରିଥିଲେ। ସଭାରେ ଉପସଭାପତି ପ୍ରଫୁଲ୍ଲ ସାହୁ, ବିରଞ୍ଚି ହୋତା, ଧର୍ମବ୍ରତ ରଥ, ଧନଞ୍ଜୟ ମିଶ୍ର, ମଲିଆ ଗଡୁଆ, ପୀତବାସ ପଣ୍ଡା, ଲୋଇସିଂହା, ଆଗଲପୁର ଶାଖା ସମ୍ପାଦକ ରାଜେନ୍ଦ୍ର ବିଶ୍ୱାଳ, ଗୁଡଭେଲା, ତୁଷୁରା, ସଇଁତଳା ବ୍ରାଞ୍ଚ ସମ୍ପାଦକ ସୁଧାଂଶୁ ଶେଖର ବାବୁ, ହରେକୃଷ୍ଣ ମେହେର ଓ ପ୍ରଭାତ ମେହେର ଆଲୋଚନାରେ ଭାଗନେଇ ଗୁରୁତ୍ୱପୂର୍ଣ୍ଣ ମତ ଉପସ୍ଥାପନ କରିଥିଲେ। ମଞ୍ଚ ପ୍ରତିଷ୍ଠା ଦିବସ ଆସନ୍ତା ୨୬ତାରିଖରେ ଆୟୋଜନ କରାଯିବ ବୋଲି ସଭାପତି ସୂଚନା ଦେଇଥିଲେ। ଆଗାମୀ ଦିନରେ ମହିଳା ଶାଖା ଖୋଲିବା ପାଇଁ ସଭାରେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ସୁନୀଲ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ବଲାଙ୍ଗୀର ଜିଲାକୁ ସିଲଭର ସ୍କଚ୍ ଆୱାର୍ଡ



ବଲାଙ୍ଗୀର ଜିଲାର ଦୁଇ ଅଧିକାରୀ ସ୍କଚ୍ ଗ୍ରୁପ ଅଧକ୍ଷ ସମୀର କୋଚରଙ୍କ ଠାରୁ ସ୍କଚ୍ ଆୱାର୍ଡ ଗ୍ରହଣ କରୁଛନ୍ତି।

**ବଲାଙ୍ଗୀର ଅଫିସ, ୨୭।୩:** ବଲାଙ୍ଗୀର ଜିଲା ଜଳ ଶକ୍ତି ଅଭିଯାନ ଅନ୍ତର୍ଗତ ଦୀର୍ଘସ୍ଥାୟୀ ଜଳ ପରିଚାଳନା ଓ ଜୀବିକା ପାଇଁ ଜଳବାୟୁ ସମ୍ବେଦନଶୀଳ କାର୍ଯ୍ୟର ସଫଳ ରୂପାୟନ ନିମନ୍ତେ ସିଲଭର ସ୍କଚ୍ ଆୱାର୍ଡ ପାଇବାର ଗୌରବ ଲାଭ କରିଛି। ମାର୍ଚ୍ଚ ୨୫ ତାରିଖରେ ନୂଆଦିଲ୍ଲୀ ସ୍ଥିତ ଇଣ୍ଡିଆ ହାବିଟେଟ ସେଣ୍ଟରଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ବଲାଙ୍ଗୀର ଜିଲାକୁ ଏହି ଆୱାର୍ଡ ପ୍ରଦାନ କରାଯାଇଛି। ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ ଓ ଆଇସିଆରଜି ଜିଲା ସଂଯୋଜକ ଘନଶ୍ୟାମ ସାହୁ ଉପସ୍ଥିତ ରହି ସ୍କଚ୍ ଗ୍ରୁପ ଅଧକ୍ଷ ସମୀର କୋଚରଙ୍କଠାରୁ ଏହି ଆୱାର୍ଡ ଗ୍ରହଣ କରିଛନ୍ତି। ଜିଲାପାଳ ଚଞ୍ଚଳ ରାଣାଙ୍କ ବଳିଷ୍ଠ ନେତୃତ୍ୱ, ଆନ୍ତରିକ ଉଦ୍ୟମ ତଥା ଦିଗଦର୍ଶନ ଦ୍ୱାରା ବଲାଙ୍ଗୀର ଜିଲାକୁ ଏହି ଗୌରବ ମିଳିଛି।

### ବାଲ୍ୟ ବିବାହ ରୋକିବାକୁ ଉଦ୍ୟମ ଲୋଡ଼ା

**ଲୋଇସିଂହା୨୭।୩(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା, ନୁନିଆଁପାଲି ପଞ୍ଚାୟତରେ ବାଲ୍ୟ ବିବାହ ନିରାରଣ ସମ୍ବନ୍ଧୀୟ ସଚେତନତା ରଥ ସୋମବାର ପରିକ୍ରମା କରିଛି। ବାଲ୍ୟ ବିବାହକୁ ନା, ଏହା ଏକ ସାମାଜିକ ବ୍ୟାଧି ବୋଲି ସଭା ଓ ନାଚଗୀତ ମାଧ୍ୟମରେ ଲୋକଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରାଯାଉଛି। ସିଡବ୍ଲୁସି ଓ ନଅଗାଁ(ଖ) ପଲ୍ଲୀ ଆଲୋକ ପାଠାଗାର ଆନୁକୂଲ୍ୟରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ନୁନିଆଁପାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ଏହି ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ସରପଞ୍ଚ ପୁଷ୍ପାଞ୍ଜଳି ସାହୁ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ସେହିପରି ନୁନିଆଁପାଲ ପାଟଣେଶ୍ୱରୀ ହାଇସ୍କୁଲରେ ମଧ୍ୟ ଏକ ସଚେତନତା ସଭା ଅନଷ୍ଠିତ ହୋଇଥିଲା। ସିଡିପିଓ ଜ୍ୟୋର୍ତିମୟୀ ନାୟକ, ସୁପରଭାଇଜର ସୁଦେଷ୍ଣା ମେହେର, ନୁନିଆଁପାଲି ହାଇସ୍କୁଲ ଶିକ୍ଷକ, ଅଙ୍ଗନବାଡି, ଆଶାକର୍ମୀ ଅଂଶଗ୍ରହଣ କରିଥିଲେ। ବାଲ୍ୟ ବିବାହ ରୋକିବା ପାଇଁ ସମ୍ମିଳିତ ଉଦ୍ୟମ ଲୋଡା ବୋଲି ବୈଠକରେ ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଗୋବିନ୍ଦ ବିଶି, ପ୍ରହ୍ଲାଦ ପଧାନ, ପିଣ୍ଟୁ ପଧାନ ଓ ନମିତା ପଧାନ ସହଯୋଗ କରିଥିଲେ।

# ଅଭିଯୋଗ ଶୁଣିଲେ ଅଧିକାରୀ

## ବ୍ଲକସ୍ତରୀୟ ଲୋକସେବା ଶିବିର

**ଲୋଇସିଂହା, ୨୭।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କନ୍ଦାଜୁରୀ ପଞ୍ଚାୟତ ପରିସରରେ ବ୍ଲକସ୍ତରୀୟ ଲୋକସେବା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୭୫ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିରୁ ୬୧ଟି ବ୍ୟକ୍ତିଗତ ଓ ୧୪ଟି ସାମୂହିକ ଅଭିଯୋଗ ଥିଲା। ୧୪ଟି ସାମୂହିକ ଅଭିଯୋଗର ତ୍ୱରିତ ସମାଧାନ କରିଥିଲେ ଜିଲାପାଳ ଚଞ୍ଚଳ ରାଣା। ଏହି ଅବସରରେ ବାଦିବାହାଲ ଗ୍ରାମର ଭୂଏ ସ୍ୱୟଂ ସହାୟକ ଗୋଷ୍ଠୀ ଓ କୁଟୁରାପାଲି ଗ୍ରାମର ଅଲିଭା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ବ୍ଲକ ଆତ୍ମା ତରଫରୁ ୧୦ ହଜାର ଟଙ୍କା ଲେଖାଏ ସିଡ୍‌ମନି ଜିଲାପାଳ ପ୍ରଦାନ କରିଥିଲେ। ତହସିଲ ତରଫରୁ ଝାରମୁଣ୍ଡା ବିରକେଲ, କୁଟୁରାପାଲି ଓ ପରଧିଆପାଲି ଗ୍ରାମର ୧୪ ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। ସେଥିରୁ ୬ ଜଣ ଭୂମିହୀନ ହିତାଧିକାରୀ ରହିଛନ୍ତି। ଆଗଲପୁର ବ୍ଲକ ଭରସୁଜା ଗ୍ରାମର ଭିନ୍ନକ୍ଷମ ଅୟୁ ଭୋଇଙ୍କୁ



ଜନଅଭିଯୋଗ ଶିବିରରେ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।

ବିବାହ ପ୍ରୋତ୍ସାହନ ରାଶି ବାବଦକୁ ଅଢେଇ ଲକ୍ଷର ଏକ ଚେକ୍ ପ୍ରଦାନ କରାଯାଇଥିଲା। ଶିବିରରେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର କୁମାର ପଟେଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲାପାଳ ଚଞ୍ଚଳ ରାଣା,ଏସ୍‌ପି ନୀତିନ କୁଶଲକର, ଉପଜିଲାପାଳ କୁମାର ନାଗ ଭୂଷଣ, ଜିଲା ପ୍ରକଳ୍ପ ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ, ସ୍ଥାନୀୟ ବିଡିଓ ଆକାଶ ରଞ୍ଜନ ସାହୁ, ଏବିଡିଓ ବିଜୟ କୁମାର ହୋତା, ତହସିଲଦାର ସଂଘମିତ୍ରା କାଲୋ, ବ୍ଲକ କୃଷି ଅଧିକାରୀ ଉମାଶଙ୍କର ମିଶ୍ରଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଲୋଇସିଂହା ସିନିୟର ସିଟିଜେନ ଆସେମ୍ବ୍ଲି ତରଫରୁ ଲାଇବ୍ରେରୀ ଓ ପାଠାଗାର, ପାର୍କ, ଥାନା ଓ ବ୍ଲକ ସମ୍ମୁଖରେ ଅଚଳ ହୋଇପଡିଥିବା ଅମୃତଧାର ପ୍ରକଳ୍ପ, ଅବ୍ୟବହୃତ ଗୋଷ୍ଠୀ ଶୌଚାଳୟ କାର୍ଯ୍ୟକ୍ଷମ କରିବା, ତ୍ରିଶୂଳବନ୍ଧର ଉନ୍ନତୀକରଣ, ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ବାଳକ ହାଇସ୍କୁଲର ପାଚେରି ନିର୍ମାଣ ଦିଗରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କନ୍ଦାଜୁରୀ ଗ୍ରାମର ପାନୀୟ ପ୍ରକଳ୍ପ ଗୋଟିଏ ମାସ ହେଲା ବନ୍ଦ ପଡିଥିବା ନେଇ ଗ୍ରାମବାସୀ ଶିବରରେ ଅଭିଯୋଗ କରିଥିଲେ। ସେହିପରି ଚାଷଜମି ରାସ୍ତାକୁ ଅବରୋଧ କରି ଦୋକାନ ଗୃହ ନିର୍ମାଣ ଅଭିଯୋଗ ନେଇ ବୁର୍ଡା ଗ୍ରାମର କେତେକ ଚାଷୀ ଶିବିରରେ ଫେରାଦ ହୋଇଥିଲେ। ଶିବିରରେ ବ୍ଲକର ସମସ୍ତ ବିଭାଗ ପକ୍ଷରୁ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ଶିବିର ପରେ ଜିଲାପାଳ, ଏସ୍‌ପି ଓ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା କନ୍ଦାଜୁରୀ ହାଇସ୍କୁଲ ପରିଦର୍ଶନରେ ଯାଇ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କୁ ସ୍କୁଲର ସୁବିଧାଅସୁବିଧା ପଚାରି ବୁଝିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଭବାନୀ



@ ଜଗା



@ ରମେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସମବାୟ ବ୍ୟାଙ୍କିଙ୍ଗ ସେବା, ଋଣ କର୍ମଶାଳା



କର୍ମଶାଳାରେ ଅଗ୍ରଣୀ ଚାଷୀଙ୍କୁ ପୁରସ୍କୃତ କରାଯାଉଛି।

**ଦେଓଗାଁ,୨୭।୩(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପାକ୍ସ ପରିସରରେ ସୋମବାର ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପାକ୍ସ ସମ୍ପାଦକ ଦୁର୍ଯ୍ୟୋଧନ ରଣାଙ୍କ ପରିଚାଳନା ତଥା ପାକ୍ସ ଏଷ୍ଟିମେଟର ପ୍ରେମାନନ୍ଦ ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଜିଲାକେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମେହେର ଯୋଗଦେଇ ରାଜ୍ୟ ସରକାରଙ୍କ ନୂତନ ଋଣ ଯୋଜନା ଉପରେ ଅବଗତ କରିଥିଲେ। ଚାଷୀମାନେ ଏହି ଯୋଜନାର ସୁଯୋଗ ନେବାପାଇଁ ସେ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଜରାସିଂହା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଦେବୀଦତ୍ତ ନେଗୀ, ସାଲେପାଲି ସରପଞ୍ଚ ବଲ୍ଲଭି ସାହୁ, ଜରାସିଂହା ସରପଞ୍ଚ କୁଶମଣି ମେହେର,ଦାୟିତ୍ୱରେ ଥିବା ସହକାରୀ କୃଷି ଅଧିକାରୀ ରଞ୍ଜିତ କରୁଆଁ, ସ୍ଥାନୀୟ ଗ୍ରାମ୍ୟ କୃଷି କର୍ମୀ ଆରତୀ ସାହୁ, ସାଲେପାଲି ଗ୍ରାମ୍ୟ କୃଷି କର୍ମୀ ତପସ୍ୱିନୀ ନାଏକ, ସ୍ଥାନୀୟ ସମିତି ସଭ୍ୟ ଅମିତ କୁମାର ତ୍ରିପାଠୀ, ନୀଳମଣି ଦୀପ ଓ ବିରେନ ଦଲାଇ ପ୍ରମୁଖ ମଞ୍ଚାସୀନ ଥିଲେ। ଏ ଅବସରରେ ଅଗ୍ରଣୀ ଚାଷୀ ପ୍ରମୋଦ କୁମାର ସିଂ ନିନା, କାମେଶ୍ୱର ମେହେର ଓ ଗୋକୁଳ ଚନ୍ଦ୍ର ସାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ମଶାଳାରେ ଏଫଇଏସର ଦେଓଗାଁ ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଜୈବିକ ପଦ୍ଧତିରେ କୃଷି ଉପରେ ଅବଗତ କରିଥିଲେ। କର୍ମଶାଳାରେ ପାକ୍ସ ଅନ୍ତର୍ଗତ ସମସ୍ତ ଗ୍ରାମର ଅଗ୍ରଣୀଚାଷୀ ଉପସ୍ଥିତ ଥିଲେ।

## ଶୃଙ୍ଖଳିତ ଉତ୍ସବ ପାଳନ ଉପରେ ଗୁରୁତ୍ୱ

**କଣ୍ଟାବାଞ୍ଜି, ୨୭।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରେ ଆସନ୍ତା ୩୦ ତାରିଖରେ ହେବାକୁ ଥିବା ଶ୍ରୀରାମ ନବମୀ ପାଳନ ନେଇ ସ୍ଥାନୀୟ ପୋଲିସ ଏବଂ ପୂଜା କମିଟି ମଧ୍ୟରେ ଏକ ବୈଠକ ସୋମବାର ଅଭ୍ୟର୍ଥନା ସଭା ଗୃହରେ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଥାନା ଅଧିକାରୀ ରଶ୍ମିତା ବେହେରାଙ୍କ ଆବାହକତ୍ୱରେ ହୋଇଥିବା ବୈଠକରେ ସହରର ଥିବା ଶ୍ରୀରାମ ମନ୍ଦିର ଏବଂ ପିଡବ୍ଲୁଡିସ୍ଥିତ ରାମେଶ୍ୱର ମନ୍ଦିରରେ ପାଳନ କରାଯିବ। ଉଭୟ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା ପରେ ଶ୍ରୀରାମ ମନ୍ଦିର ପରସରରେ ରାମ ପାରାୟଣ ସହ ଏକ ସଭା ଅନୁଷ୍ଠିତ ହେବ। ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ପୋଲିସ ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, ଶ୍ରୀରାମ ନବମୀ କମିଟି ସଭାପତି ଅଶୋକ ଛାପଡିଆ, ସମ୍ପାଦକ ଚିନ୍ମୟ ଯୋଷୀ, ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ମୋହନଲାଲ ଶର୍ମା, ବିଭିନ୍ନ ଅନୁଷ୍ଠାନ ମଧ୍ୟରେ ଓକିଲ ସଂଘ ସମ୍ପାଦକ ଏସ.ଜେ.ରାଓ, ହେମାଲ ସଂଘ ସଭାପତି ଶେଷଦେବ ପୁଟେଲ, ମୁସଲିମ ସମାଜ ତରଫରୁ ଗଫାର ପରମାର, ସଜ୍ଜୁ ଖାନ, ଛୋଟୁ ଖାନ, ରାମସେନା ତରଫରୁ ପପୁ ଜୁଏଡ, ପ୍ରତାପ ସୁନା, ତିରଥ ସିଂ ଠାକୁର, ଦେବରାଜ ଯାଦବ, ସଞ୍ଜୟ ଗାନ୍ଧୀ ଅଗ୍ରୱାଲ, କାହ୍ନୁ ଚରଣ ମିଶ୍ରଙ୍କ ସହ ଗଣମାଧ୍ୟମ ପ୍ରତିନିଧି ଓ ସାମାଜିକ କର୍ମୀ ଉପସ୍ଥିତ ଥିଲେ।

**ଶ୍ରୀରାମ ନବମୀ ପାଳନ ନେଇ ବୈଠକ**

# ଭୂମିକା ପାଳିଲା ବିଶ୍ୱ ନାଟ୍ୟ ଦିବସ





ପ୍ରଫେସର ମଧୁସୂଦନ ପତି ନାଟ୍ୟ ନିର୍ଦ୍ଦେଶକ ରାଘବ ବରଗର୍ତ୍ତିଙ୍କୁ ନାଟ୍ୟାଚାର୍ଯ୍ୟ ସମ୍ମାନରେ ସମ୍ମାନିତ କରୁଛନ୍ତି।

**ବଲାଙ୍ଗୀର ଅଫିସ, ୨୭।୩**

ବଲାଙ୍ଗୀର ଟାଉନ୍ ହଲ ଠାରେ ସୋମବାର ସନ୍ଧ୍ୟାରେ ଅଗ୍ରଣୀ ସାମାଜିକ ଏବଂ ସାଂସ୍କୃତିକ ଅନୁଷ୍ଠାନ ଭୂମିକା ପକ୍ଷରୁ ବିଶ୍ୱନାଟ୍ୟ ଦିବସ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଦାବକାନୀ, ମାକରଚୁଆ ଓ ବରପଦର ଗ୍ରାମର ତିନୋଟି ରାମଲୀଳା ଦଳ ଲୀଳା ନାଟକ ପ୍ରଦର୍ଶନ କରିଥିଲେ। ନାଟକ ନିର୍ଦ୍ଦେଶନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନାଟ୍ୟ ନିର୍ଦ୍ଦେଶକ ରାଘବ ବରଗର୍ତ୍ତିଙ୍କୁ ନାଟ୍ୟାଚାର୍ଯ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ମଧୁସୂଦନ ପତି ଉପାୟନ, ମାନପତ୍ର ଓ ଟ୍ରଫି ଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ। ମଞ୍ଚାରେ ଭୂମିକା ପରିବାରର ଚିତ୍ତରଞ୍ଜନ ଦାଶ, ରୁଦ୍ରଦେବ ପ୍ରଧାନ, ନୟନ ମହାନ୍ତି, ବୀରେନ୍ଦ୍ର ବନଛୋର, ଶିରିଶ ହୋତା, ରାଜୀବ ଲୋଚନ ଆଚାର୍ଯ୍ୟ, ମହେନ୍ଦ୍ର ମଲ୍ଲିକ, ଚଗଲା ପରିଚ୍ଛା, ନିଗମ ନାଥ, ରଶ୍ମି ବକ୍ସି, ଜିତେନ୍ଦ୍ର ତ୍ରିପାଠୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ତଥା ନାଟ୍ୟପ୍ରେମୀ ନାଟ୍ୟ ନିର୍ଦ୍ଦେଶକ ବ୍ରଜମୋହନ ମିଶ୍ର, ଆହ୍ଲାଦ ପୂଜାରୀ, ପ୍ରେମଚାନ୍ଦ ମହାନ୍ତି, ସଞ୍ଜୟ ଭୋଇ ଉପସ୍ଥିତ ଥିଲେ। ଟାଉନ୍ ହଲ ଅତ୍ୟନ୍ତ ଜରାଜୀର୍ଣ୍ଣ ହୋଇଯାଇଥିବାରୁ ଏବଂ ଲାଇଟ୍ ଜଳୁ ନ ଥିବା ତଥା ଲାଟ୍ରିନ୍ ଏବଂ ଟଏଲେଟରେ ବିଜୁଳି ନ ଥିବାରୁ ସମସ୍ତ କଳାକାର, ବୁଦ୍ଧିଜୀବୀ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ।

# ପଠନ ଅଭ୍ୟାସ ବଢ଼ିଲେ ଜୀବନବୋଧ ବଢ଼ିବ

## ଜିଲାସ୍ତରୀୟ ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟା

**ବଲାଙ୍ଗୀର ଅଫିସ, ୨୭।୩**

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ସୋମବାର ଅନୁଷ୍ଠିତ ଜିଲାସ୍ତରୀୟ ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟା ସଭାରେ ଅଧ୍ୟାପକ ସନ୍ଦୀପ କୁମାର କୁଅଁର ସଭାପତିତ୍ୱ କରିଥିଲେ। ଏଥିରେ ସଙ୍ଗୀତ ସାଧକ ତଥା ଗବେଷକ ଗୁରୁଶ୍ରୀ ଡକ୍ଟର ଘାସିରାମ ମିଶ୍ର ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଲେଖକ ପରିଷଦ ସମ୍ପାଦକ କପିଳେଶ୍ୱର ଖମାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କବି ହୃଷୀକେଶ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗୁରୁଶ୍ରୀ ଡକ୍ଟର ଘାସିରାମ ମିଶ୍ରଙ୍କ ଲିଖିତ କବିତା ସଂକଳନ ଅନ୍ତର କଥା ଲୋକାର୍ପିତ ହୋଇଥିଲା। ପୁସ୍ତକ ମେଳାର ଚତୁର୍ଥ ସଂଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶ୍ୱେତା ମହାନ୍ତି ଓ



ଅତିଥିମାନେ ଗୁରୁଶ୍ରୀ ଡକ୍ଟର ଘାସିରାମ ମିଶ୍ରଙ୍କ ଲିଖିତ କବିତା ସଂକଳନ ଅନ୍ତର କଥା ଲୋକାର୍ପଣ କରୁଛନ୍ତି।

ରିଙ୍କି ତ୍ରିପାଠୀ। ଖୁସି ଡ୍ୟାନ୍ସ ଏକାଡେମୀର ପରିବେଶ ସଚେତନତାଧର୍ମୀ ଲୋକନୃତ୍ୟ, ଦିବ୍ୟାଂଶୀ ବାଗ, କଟକ ସିଡିଏର ଓଡିଶୀ ନୃତ୍ୟ ଓ ବର୍ଣ୍ଣାଳୀ ଡ୍ୟାନ୍ସ ଗ୍ରୁପଙ୍କ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ବରେଣ୍ୟ ଅତିଥି ଡ ମିଶ୍ର ଆଧୁନିକ ଯୁଗରେ ପଠନ ଅଭ୍ୟାସ କମିଯାଉଛି। ଫଳରେ ଲୋକଙ୍କ ଭିତରେ ଜୀବନ ଅନ୍ୱେଷଣ ଭାବ ନାହିଁ। ଲୋକେ ଏକ ଗତାନୁଗତିକ ଧାରାରେ ବଞ୍ଚୁଛନ୍ତି। ପୁସ୍ତକ ପଠନର ଅଭ୍ୟାସ ବଢିଲେ ଜୀବନବୋଧ ବଢିବ। ନିରାଶା ଭାବ ଆଉ ଲୋକଙ୍କ ଭିତରେ ଆସିବ ନାହିଁ ବୋଲି ଗୁରୁଶ୍ରୀ ଡ. ମିଶ୍ର କହିଥିଲେ। ପୁସ୍ତକ ମେଳାର ଚତୁର୍ଥ ସଂଧ୍ୟା ଆରମ୍ଭ ହୋଇଥିଲା ବହୁଭାଷୀ କବିତା ପାଠୋତ୍ସବରୁ। ଦିଲୀପ କୁମାର ମିଶ୍ର, ନିରୂପମା ଉଦଗାତା, ଲିଲି ପଟେଲଙ୍କ ସଂଯୋଜନାରେ ଅର୍ଦ୍ଧଶତାଧିକ କବି, କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ।

# ସିଏଚ୍‌ସି ପରିଦର୍ଶନ କଲେ ଜିଲାପାଳ

**ଲୋଇସିଂହା,୨୭।୩(ଡି.ଏନ.ଏ)**

ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ସୋମବାର ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଜିଲାପାଳଙ୍କ ସହ ବିଡିଓ ଆକାଶ ରଞ୍ଜନ ସାହୁ ଡାକ୍ତରଖାନାର ଭିତ୍ତିଭୂମି ବୁଲି ଦେଖିଥିଲେ। ଆମ ହସ୍ପିଟାଲ ଯୋଜନାରେ ହେବାକୁ ଥିବା ଡାକ୍ତରଖାନାର ରୂପାନ୍ତରୀଣ କାମକୁ ନେଇ ବିଡିଓ ସାହୁ, ଚିକିତ୍ସା ଅଧିକାରୀ ପ୍ରତିମା ସୋରେଙ୍ଗ, ଡା.ଶେଖରଲାଲ ପଧାନ, ଡା.ଶୁଭେନ୍ଦୁ ପଧାନ ଓ ଷ୍ଟାଫଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟସେବାରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ରାଜ୍ୟ ସରକାର ନିକଟରେ ଆମ ହସ୍ପିଟାଲ ଯୋଜନାରେ ଡାକ୍ତରଖାନା ରୂପାନ୍ତରଣପାଇଁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ୧୪୭ ନିର୍ବାଚନ ମଣ୍ଡଳୀର ଗୋଟିଏ ଡାକ୍ତରଖାନକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ହେଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ୍ୟ ବିଭାଗ ପକ୍ଷରୁ ପ୍ରକାଶିତ ତାଲିକାରେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚୂଡାପାଲି ସ୍ୱାସ୍ଥ୍ୟକେନ୍ଦ୍ର ବୋଲି ଉଲ୍ଲେଖ କରାଯାଇଥିଲା। ଚୂଡାପାଲି ବଲାଙ୍ଗୀର ସଦର ନିର୍ବାଚନ ମଣ୍ଡଳୀ ଅଧୀନରେ ଆସୁଥିବାରୁ ଏହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ଦ୍ୱନ୍ଦ ଦୂର ପାଇଁ ବିଧାୟକ ମୁକେଶ ମହାଲିଙ୍ଗ ସ୍ୱାସ୍ଥ୍ୟ ସଚିବଙ୍କ ଦୃଷ୍ଟି ଆକର୍ଷଣ ପରେ ତାହା ଟାଇପିଂ ମିସଟେକ ବୋଲି ଜଣାପଡିଥିଲା। ବିଜେଡି ତରଫରୁ ସ୍ୱାସ୍ଥ୍ୟ ସଚିବକୁ ଭେଟି ଆମ ହସ୍ପିଟାଲ ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଥିଲା। ଲୋଇସିଂହା ଡାକ୍ତରଖାନା ଆମ ହସ୍ପିଟାଲ ଯୋଜନାରେ ଅନ୍ତର୍ଭୁକ୍ତ ନେଇ ନିକଟରେ ସ୍ୱାସ୍ଥ୍ୟ ଓ ପରିବା କଲ୍ୟାଣ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଚିଠି ପ୍ରକାଶ ପାଇଛି।

# ବଲାଙ୍ଗୀର କଂଗ୍ରେସର ସଂକଳ୍ପ ସତ୍ୟାଗ୍ରହ

**ବଲାଙ୍ଗୀର ଅଫିସ, ୨୭।୩**

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି କେନ୍ଦ୍ର ସରକାର ଆକ୍ରୋଶ ରାଜନୀତି ପୋଷଣ କରୁଛନ୍ତି। ଏହାର ପ୍ରତିବାଦରେ ବଲାଙ୍ଗୀର ଜିଲା କଂଗ୍ରେସ ପକ୍ଷରୁ ଜିଲା ସଭାପତି ଦିଲୀପ ବେହେରାଙ୍କ ନେତୃତ୍ୱରେ ଗାନ୍ଧୀନଗରପଡା ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ସୋମବାର ସଂକଳ୍ପ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ବେହେରା ସତ୍ୟାଗ୍ରହୀମାନଙ୍କୁ ଉଦ୍‌ବୋଧନ ଦେଇ ମୋଦୀ ସରକାରକୁ ସମାଲୋଚନା କରିଥିଲେ। ଉମାଶଙ୍କର ପଣ୍ଡା କେନ୍ଦ୍ର ସରକାର ଗଣତନ୍ତ୍ର, ସମ୍ବିଧାନ ତଥା ବ୍ୟକ୍ତି ସ୍ୱାଧୀନତା ଅପହରଣ କରିବା ମାର୍ଗରୁ ଓହରି ନ ଆସିଲେ ଲୋକେ କ୍ଷମା ଦେବେ ନାହିଁ ବୋଲି କହିଥିଲେ। ମିଳନୀ ସାହୁ, ବୁଲୁ ଦାନୀ, ଅଙ୍କିତ ସାହୁ, ସାନନ୍ଦ ମିଶ୍ର, ଉମା ସାହୁ , ଜିଲା ଉପସଭାପତି ମନୀଷ ମିଶ୍ର, ସେବାଦଳ ମୁଖ୍ୟ ଅସିତ ମିଶ୍ର, ଅଜୟ ବାଲ ଉପସ୍ଥିତ ଥିଲେ।



ବଲାଙ୍ଗୀର ଗାନ୍ଧୀନଗରପଡାସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଜିଲା କଂଗ୍ରେସର ସଂକଳ୍ପ ସତ୍ୟାଗ୍ରହ।

# ଚଣ୍ଡେଶ୍ୱରୀ ଲୋକୋତ୍ସବ ଉଦ୍‌ଯାପିତ

**ସଇଁତଳା, ୨୭।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ଡାକ ବଙ୍ଗଳାରେ ଚଣ୍ଡେଶ୍ୱରୀ ଲୋକୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସର ପ୍ରଥମ ଅଧିବେଶନରେ ଅଧକ୍ଷତା କରିଥିଲେ ଲୋକୋତ୍ସବ କମିଟି ସଭାପତି ଭୀମସେନ ସ୍ୱାଇଁ। ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼. ଗୋବର୍ଦ୍ଧନ ସାହୁ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ସଇଁତଳା ମହାବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପକ ଡ଼ିଲେଶ୍ୱର ଭୋଇ, ଇଂଲିଶ ଶିକ୍ଷକ ରାଜମଣୀ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଗୌତମ କ୍ଷେତୀ ଯୋଗଦେଇଥିଲେ। ପ୍ରଥମ ଅଧିବେଶନରେ ଅଞ୍ଚଳର ବହୁ ସାହିତ୍ୟିକ ଯୋଗଦେଇ ସ୍ୱରଚିତ ସାହିତ୍ୟ ତଥା କବିତା ପାଠ କରିଥିଲେ। ସେହିପରି



ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି।

ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିବା ଦ୍ୱିତୀୟ ଅଧିବେଶନ ତଥା ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ମୁଖ୍ୟବକ୍ତ ବ୍ୟଙ୍ଗକବି ରସରାଜ ଅଚ୍ୟୁତ ପୁରୋହିତ, ସମ୍ମାନୀତ ଅତିଥିଭାବେ ଖରିଆର ବିଧାୟକ ଅଧିରାଜ ପାଣିଗ୍ରାହୀ, ବଲାଙ୍ଗୀର ମ୍ୟୁନିସିପାଲିଟି ଚେୟାରମ୍ୟାନ ଲିକା ସାହୁ, ସମାଜସେବୀ ବଜରଙ୍ଗଲାଲ ଅଗ୍ରୱାଲ ଯୋଗଦେଇଥିଲେ। ଦିଲିପ ବଗର୍ତ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଭୀମସେନ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ପରେ ଅଞ୍ଚଳ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ସାଂସ୍କୃତିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଶାନ୍ତ ବଗର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରମୋଦ ବୈଠାରୁ, ଡ଼ା. ବିଶ୍ୱଜିତ ମିଶ୍ର, ସୁଧିର ନାୟକ, ଚନ୍ଦ୍ର ଚନ୍ଦନ, ସରୋଜ ବୈଠାରୁ, ରୋହିତାଶ୍ୱ ନାଗ, କ୍ଷେତ୍ରପତି ଜାଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବାଇକ ସହ ଗଞ୍ଜେଇ ଜବତ, ୨ଗିରଫ

ତରଭା, ୨୭।୩(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ଥାନା ପୋଲିସ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ମଧ୍ୟପ୍ରଦେଶ ରାଜ୍ୟର ସନ୍ତୋଷ ପଟେଲ ଓ ପ୍ରିନ୍ସ ପଟେଲ। ରବିବାର ସକାଳେ ତରଭା ଥାନା ପାଟ୍ରୋଲିଂ ପୋଲିସ ୫୭ ନମ୍ବର ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବା ବେଳେ ସୋନପୁର ପଟରୁ ଦୁଇଜଣ ବ୍ୟକ୍ତି ଏକ ବାଇକରେ ଆସୁଥିବା ଦେଖି ବଡବାହାଲି ଛକରେ ସନ୍ଦେହରେ ଅଟକାଇଥିଲେ। ଯାଞ୍ଚ ପରେ ବାଇକରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଗଞ୍ଜେଇ ଏବଂ ବାଇକ ସହ ଅଭିଯୁକ୍ତଙ୍କୁ ଥାନାକୁ ଅଣାଯାଇଥିଲା। ଥାନାରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର କିର୍ତ୍ତିଚନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଓଜନ ପରେ ୪ କେଜି ୮୭୦ ଗ୍ରାମ ଥିବା ଜଣାପଡିଥିଲା। ଉଭୟଙ୍କ ପାଖରୁ ୨୮୦୦ ଟଙ୍କା ମଧ ଜବତ କରାଯାଇଛି । ଏ ନେଇ ଥାନାରେ ଏକ ମାମଲା(୬୨/୨୩)ଏକ ମାମଲା ରୁଜୁ ହୋଇଛି।

### କୋସଲ ସମର୍ଥକଙ୍କ ପ୍ରସ୍ତୁତି ବୈଠକ

ଅମରପାଲି,୨୭।୩ (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସାମ୍ବାଦିକ ଭବନ ପରିସରରେ କୋସଲ ରାଜ୍ୟ ସମର୍ଥକମାନଙ୍କୁ ନେଇ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଏପ୍ରିଲ ୧ ତାରିଖରେ ରାଜ୍ୟସାରା ଉତ୍କଳ ଦିବସ ପାଳନ ହେବ। ପଶ୍ଚିମ ଓଡିଶାକୁ ସ୍ୱତନ୍ତ୍ର କୋଶଲ ରାଜ୍ୟ ଦାବି ନେଇ କୋଶଲ ସମର୍ଥକମାନେ ଏହାକୁ ବିରୋଧ କରିବେ। ଆସନ୍ତା ୧ ତାରିଖକୁ କଳାଦିବସ ଭାବେ ପାଳନ କରାଯିବ। ଏଥିସହିତ ମୁଖ୍ୟଛକରେ ଏକ ପଥପ୍ରାନ୍ତ ସଭା ହେବ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି । ଏହା ସହିତ ଉକ୍ତ ଦିବସରେ ସମସ୍ତ କୋଶଲ ସମର୍ଥକ କଳାବ୍ୟାଜ ପରିଧାନ କରିବେ। ବୈଠକରେ କିଶୋର ହୋତା, ଆଶ୍ରୟ ମହାନନ୍ଦ, ନୀଳକମଳ ମିଶ୍ର, ରମଣୀ ଦନ୍ତା,ସୁଧାଂଶୁ କର୍ଣ୍ଣ, ଉତ୍ତର ଭୁକ୍ତା, ଚନ୍ଦନ ପଧାନ, ସଞ୍ଜୀବ କର୍ମୀ, ବଳଦେବ ନାୟକ, ରାକେଶ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମହାନଦୀରେ ବ୍ଲାଷ୍ଟିଂ, ଆଶଙ୍କାରେ ମତ୍ସ୍ୟଜୀବୀ

## ଜିଲାପାଳଙ୍କୁ ଫେରାଦ ହେଲା ଯୁବକଂଗ୍ରେସ

ବୀରମହାରାଜପୁର,୨୭।୩(ଡି.ଏନ.ଏ.)


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଯୁବକଂଗ୍ରେସ କର୍ମୀ।

ସୁବର୍ଣ୍ଣପୁର ଜିଲା ଦେଇ ପ୍ରବାହିତ ମହାନଦୀରେ ମାଛ ମାରିବା ପାଇଁ ବ୍ଲାଷ୍ଟିଂ କରାଯାଉଥିବା ବିଭିନ୍ନ ସମୟର ଅଭିଯୋଗ ହେଉଛି। ହେଲେ ପ୍ରଶାସନ ଏନେଇ କୌଣସି ପଦକ୍ଷେପ ନେଉନାହିଁ। ଏହାର ପ୍ରତିବାଦ କରି ସୋମବାର ବୀରମହାରାଜପୁର ବ୍ଲକ ଯୁବ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଫେରାଦ ହୋଇ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ବୀରମହାରାଜପୁର ଉପଖଣ୍ଡ ଅଧୀନ ଉଲୁଣ୍ଡା ବ୍ଲକର ଏସ.ପତ୍ରାପାଲି, ସିଣ୍ଢୋଲ, ଚଢେଇପଙ୍କ, ନିମ୍ନା, ପଞ୍ଚମହଲା, ମୁଣ୍ଡୋଘାଟ, ମହଦା ପଞ୍ଚାୟତ ସହିତ ବୀରମହାରାଜପୁର ବ୍ଲକର ଉଫୁଲା, ବାଗବର, ଜଟେସିଙ୍ଘା, ସୁବଳୟା, ପିତାମହୁଲ ଆଦି ପଞ୍ଚାୟତ ଅଧୀନ ଅନେକ ଗ୍ରାମର ମତ୍ସଜୀବୀ ଦୈନନ୍ଦିନ ମହାନଦୀରୁ ମାଛ ମାରି ପରିବାର ପ୍ରତିପୋଷଣ କରିଥାନ୍ତି। ଏବେ ମାଛ ମାରିବା ପାଇଁ କେତେକ ବ୍ୟକ୍ତି ମହାନଦୀରେ ବ୍ଲାଷ୍ଟିଂ କରୁଛନ୍ତି। ଏଥିଯୋଗୁ ନଦୀରେ ମାଛ ବଂଶ ଲୋପ ପାଇବାରେ ଲାଗୁଛି। ବେଆଇନ ବ୍ଲାଷ୍ଟିଂ ଯୋଗୁଁ ସରକାର ମତ୍ସ ବିଭାଗ ଦ୍ୱାରା ମହାନଦୀରେ ମାଛ ଉତ୍ପାଦନ ବୃଦ୍ଧି ସହ ମତ୍ସ୍ୟଜୀବୀଙ୍କୁ ଜୀବିକା ବୃଦ୍ଧି ନେଇ ଯେଉଁ ପ୍ରୟାସ କରୁଛନ୍ତି ତାହାର ଏହାର ପରିପନ୍ଥୀ ସଦୃଶ ହୋଇଛି। ବ୍ଲାଷ୍ଟିଂ ଯୋଗୁ ମହାନଦୀ ଅବବାହିକାରେ ଥିବା ଗ୍ରାମବାସୀ ମଧ ଭୟଭୀତ ଥିବା ଦେଖାଯାଉଛି। ବ୍ଲାଷ୍ଟିଂକୁ ପ୍ରତିରୋଧ ସହିତ ବ୍ଲାଷ୍ଟିଂକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମତ୍ସ୍ୟଜୀବୀମାନେ ପ୍ରଶାସନ ନିକଟରେ ଅଭିଯୋଗ କରୁଥିଲେ ହେଁ ସୁଫଳ ମିଳୁନାହିଁ। ସୋମବାର ବୀରମହାରାଜପୁରରେ ଚାଲିଥିବା ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୁବ କଂଗ୍ରେସ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁଙ୍କ ନେତୃତ୍ୱରେ ଜିଲା ପରିଷଦ ସଭ୍ୟ ଲବକୁମାର ସାହୁ, ବ୍ଲକ ଯୁବ କଂଗ୍ରେସ ସଭାପତି ବିଦ୍ୟାଧର ଖୁର୍ଦ୍ଦିଆ, ବ୍ଲକ କଂଗ୍ରେସ ସଭାପତି ବସନ୍ତ ମହାକୁରଙ୍କ ସମେତ ବହୁ ନେତା ଓ କର୍ମୀ ବ୍ଲାଷ୍ଟିଂ ବନ୍ଦ ସହ ମତ୍ସଜୀବୀଙ୍କ ଜୀବିକା ଏବଂ ମହାନଦୀରେ ବିଭିନ୍ନ ପ୍ରଜାତିର ମାଛ ବଂଶ ବୃଦ୍ଧିରେ ସହାୟକ ପାଇଁ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପଜିଲାପାଳ ଅଶୋକ କୁମାର ଭୋଇଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଭବାନୀ


@ ଜଗା


@ ରମେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲାପାଳ, ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର

ଅମରପାଲି,୨୭।୩(ଡି.ଏନ.ଏ.)


ଜିଲାପାଳ, ଏସ୍‌ପି ଅଭିଯୋଗର ଶୁଣାଣି କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହଠାରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୫୦ଟି ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ପାନୀୟ ଜଳ, ପୋଖରୀ ସଫା, ଜବରଦଖଲ ଉଚ୍ଛେଦ, ଋଣ ସମସ୍ୟା, ନୂତନ ଅଙ୍ଗନବାଡ଼ି ଗୃହ ନିର୍ମାଣ, ମହାନଦୀରେ ଡ଼ିନାମାଇଟ ଲଗାଇ ମାଛ ଧରିବାକୁ ବିରୋଧ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନ ପାଇବା ଭଳି ଅଭିଯୋଗ ଆସିଥିଲା। ଜିଲାପାଳ ସୁନୀଲ ଆବୋଲି ନରୱଣେ, ଏସ୍‌ପି ଅମରେଶ ପଣ୍ଡା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ନିହାର ରଞ୍ଜନ କହଁର, ଉପଜିଲାପାଳ ଅଶୋକ କୁମାର ଭୋଇ, ବିଡ଼ିଓ ମୋତିଲାଲ ସୁଲିଆ, ତହସିଲଦାର ବିଭୁଦ ଗଣନାୟକ, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ଯୁବ ଗୋଷ୍ଠୀଙ୍କ ନେତୃତ୍ୱ ନେବା କ୍ଷମତା ବୃଦ୍ଧି କର୍ମଶାଳା

ଖଡ଼ିଆଳ,୨୭।୩(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ମିଶନ ନିକଟସ୍ଥ ଓଡିଶା ଶ୍ରମଜୀବୀ କାର୍ଯ୍ୟାଳୟ ପରିସର ମଧ୍ୟରେ ଯୁବ ଗୋଷ୍ଠୀଙ୍କ ନେତୃତ୍ୱ ନେବା କ୍ଷମତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ତାଲିମ ଶିବିର ମଧ୍ୟରେ ଯୁବ ଗୋଷ୍ଠୀ କିପରି ନେତୃତ୍ୱ ନେବା କ୍ଷମତା ନିଜ ହାତକୁ ନେବା ନେଇ ବିଭିନ୍ନ ଦିଗ ଉପରେ ତାଲିମ ନେଇଥିଲେ। ତାଲିମ ଶିବିରରେ ସାମାଜିକ କର୍ମୀ ଅଜିତ ପଣ୍ଡା, ଓଡିଶା କର୍ମଜୀବୀ ମଞ୍ଚ ରାଜ୍ୟ ସଂଯୋଜକ ଅରୁଣ ଦିହୁଡ଼ି ଏବଂ ସରୋଜ କୁମାର ସୁନା ଯୋଗଦେଇଥିଲେ। କଳାହାଣ୍ଡି, ବଲାଙ୍ଗୀର ଏବଂ ନୂଆପଡାର ୨୦ଜଣ ଯୁବକ ସମାଜ ପରିବର୍ତ୍ତନ ଦେଶର ବିକାଶରେ ନିଜର ଭାଗୀଦାରିତା ସୃଷ୍ଟି କରି ଗ୍ରାମାଞ୍ଚଳସ୍ତରରେ ନିଜର ନେତୃତ୍ୱ ନେବା ଭଳି ବିଭିନ୍ନ ଉପାୟ ଉପରେ ଆଲୋଚନା ହୋଇଥିଲା।

## ବୈଷୟିକ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ


ସଚେତନତା ରଥକୁ ଶୁଭାରମ୍ଭ କରାଯାଉଛି।

ଅମରପାଲି, ୨୭।୩ (ଡି.ଏନ.ଏ.)

ଓଜେସିଏଲ ତରଫରୁ ସାରା ରାଜ୍ୟରେ ଶିକ୍ଷା ସଚେତନତା ରଥ ପରିକ୍ରମା କରି ଛାତ୍ରୀଛାତ୍ରଙ୍କୁ ଆଇଟି କ୍ଷେତ୍ର ପାରଦର୍ଶିତା ଦିଗରେ ପ୍ରୋତ୍ସାହିତ କରୁଛି। ଏନେଇ ସୋମବାର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦନ୍ତାପାଲିଠାରୁ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ମୁଖ୍ୟଅତିଥିଭାବେ ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ, ପୂର୍ବତନ ବ୍ଲକ ଅଧକ୍ଷ ସ୍ୱୟମ୍ଭୁନାଥ ଖଣ୍ଡଗିରୀ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ନାଇସେକ୍ଟ କମ୍ପ୍ୟୁଟରର ପରିଚାଳକ ଅନନ୍ତ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପରିଚାଳନାରେ ନମିତା ମିଶ୍ର ଏବଂ ଅଜିତ ପଣ୍ଡା ସହଯୋଗ କରିଥିଲେ। ଓଡିଶା ସରକାରଙ୍କ ଦ୍ୱାରା ଅନୁବନ୍ଧିତ ଓ ଅନୁମୋଦିତ ପାଠ୍ୟକ୍ରମ ଓଏସସିଆଇଟି ସମସ୍ତ ସରକାରୀ ଚାକିରୀ ପାଇଁ ଉପଯୋଗୀ। ସରକାରଙ୍କ ଆଇଟି ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଦ୍ୱାରା ଏହା ପରିଚାଳିତ।

**ପ୍ରକାଶ ପାଇଲା ବିଜ୍ଞପ୍ତି**

# ପ୍ରାର୍ଥୀପତ୍ର ଦାଖଲ ଏପ୍ରିଲ ୪ରୁ

ସୋନପୁର,୨୭।୩(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଖଣ୍ଡହତା ପଞ୍ଚାୟତ ଓ ତରଭା ବ୍ଲକର କଟାପାଲି ପଞ୍ଚାୟତରେ ସମିତି ସଭ୍ୟ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ରାଜ୍ୟ ନିର୍ବାଚନ କମିଶନ ଗତ ୨୩ ତାରିଖରେ ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ୨୩ଟି ୱାର୍ଡ ବିଶିଷ୍ଟ ଖଣ୍ଡହତା ପଞ୍ଚାୟତର ଭୋଟରଙ୍କ ସଂଖ୍ୟା ୭୨୭୪। ସେହିପରି ୧୧ ୱାର୍ଡ ବିଶିଷ୍ଟ କଟାପାଲି ପଞ୍ଚାୟତର ଭୋଟରଙ୍କ ସଂଖ୍ୟା ୨୦୬୫। ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ଅନୁଯାୟୀ ଦୁଇ ପଞ୍ଚାୟତର ସମିତି ସଭ୍ୟ ପଦବୀ ପାଇଁ ଆଶାୟୀ ପ୍ରାର୍ଥୀମାନେ ଏପ୍ରିଲ ୪ ତାରିଖରୁ ୬ ତାରିଖ ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ କରିବେ। ୧୦ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ୧୨ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଅପରାହ୍ନରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ମେ ୨ତାରିଖ ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମତଦାନ ଅନୁଷ୍ଠିତ ହେବ। ମେ ୪ ତାରିଖରେ ଗଣତି ଓ ସେହିଦିନ ଫଳାଫଳ ଘୋଷଣା କରାଯିବ। ନିର୍ବାଚନ ଅଧିକାରୀ ଭାବେ ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆ ଓ ତରଭା ବିଡିଓ ବିନୟ କୁମାର ପଟେଲଙ୍କୁ ନିଯୁକ୍ତ କରାଯାଇଛି। ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ତରଭା ଓ ବୀରମହାରାଜପୁର ବ୍ଲକରେ ରାଜନୈତିକ ଉଷ୍ମତା ପ୍ରକାଶ ପାଇଛି।

**ଖଣ୍ଡହତା, କଟାପାଲି ପଞ୍ଚାୟତ ସମିତି ସଭ୍ୟ ଉପନିର୍ବାଚନ**

■ ମେ ୨ ରେ ମତଦାନ

ଗତ ପଞ୍ଚାୟତ ନିର୍ବାଚନରେ ସରୋଜ କୁମାର କମ୍ପ ତରଭା ବ୍ଲକର କଟାପାଲି ଓ ଜରାଜାରିଙ୍ଗ ପଞ୍ଚାୟତରେ ସମିତି ସଭ୍ୟଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେ ଉଭୟ ପଞ୍ଚାୟତରୁ ନିର୍ବାଚନରେ ବିଜୟ ଲାଭ କରି ପରବର୍ତ୍ତୀ ସମୟରେ ବ୍ଲକ ଅଧକ୍ଷ ହୋଇଥିଲେନ୍। ଗତ ତା୧୦।୩।୨୦୨୨ରିଖରେ କମ୍ପ କଟାପାଲି ସମିତି ସଭ୍ୟ ପଦରୁ ଇସ୍ତଫା ଦେଇଥିଲେ। ସେହି ଦିନଠାରୁ ପଞ୍ଚାୟତର ସମିତି ସଭ୍ୟ ପଦ ଖାଲି ପଡିଥିଲା। ସେହିପରି ତନୁଜା ରଣବଂଶିଆ ବୀରମହାରାଜପୁର ବ୍ଲକର ଖଣ୍ଡହତା ପଞ୍ଚାୟତର ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଅଙ୍ଗନୱାଡି କର୍ମୀ ଭାବେ ନିଯୁକ୍ତି ପାଇବା ପରେ ତନୁଜା ଗତ ତା୩୧।୧।୨୦୨୩ରିଖରେ ସମିତି ସଭ୍ୟ ପଦରୁ ଇସ୍ତଫା ପ୍ରଦାନ କରିଥିଲେ। ଫଳରେ ଏହି ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି।

# ଗୁଡ୍ ମର୍ନିଙ୍ଗ, ଉଲ୍‌ଗୁଲାନ ନାଟକ ମଞ୍ଚସ୍ଥ

ସୋହେଲା,୨୭।୩(ଡି.ଏନ.ଏ.)


ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

ବରଗଡ଼ ଜିଲା ସୋହେଲା ଚେତନା ମଣ୍ଡପଠାରେ ଚାଲିଥିବା ନାଟ୍ୟ ଉତ୍ସବ 'ଉଚ୍ଛବ' ଅବସରରେ ସୋମବାର ସନ୍ଧ୍ୟାରେ ଦୁଇଟି ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରଥମ ନାଟକ 'ଗୁଡ୍ ମର୍ନିଙ୍ଗ'କୁ ଭଟଲି ନବଜ୍ୟୋତି ଶିକ୍ଷାନୁଷ୍ଠାନର କଳାକାରମାନେ ପରିବେଷଣ କରିଥିଲେ। ନାଟ୍ୟକାର ନକୁଳ ବାଦୀଙ୍କ ରଚିତ ଏହି ନାଟକକୁ ସନ୍ତୋଷ ପଣ୍ଡା ନିର୍ଦ୍ଦେଶନା ଦେଇଛନ୍ତି। ଦ୍ୱିତୀୟ ନାଟକ 'ଉଲଗୁଲାନ' ପାଇକମାଳ ବ୍ଲକ ନୃସିଂହନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ଶିଶୁ କଳାକାରଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଦୈତାରୀ ବିଶ୍ୱାଳଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକରେ କରୋନା ମହାମାରୀ ସମୟରେ ଏବଂ ପରେ ମଣିଷର ସଂଘର୍ଷକୁ ନିଖୁଣ ଭାବେ ଉପସ୍ଥାପନା କରାଯାଇଛି। କିଏ ଖାଇବାକୁ, କିଏ ବଞ୍ଚିବାକୁ, କିଏ ସମ୍ପତ୍ତି ଠୁଳ କରିବାକୁ ତ କିଏ ପୁଣି ଦେଶର ସୀମା ଜଗିବାରେ ସଂଘର୍ଷ କରୁଛି। ସଂଘର୍ଷ ବା ଉଲଗୁଲାନ ବିନା ମଣିଷର ଗତି ନାହିଁ। ମୃତ୍ୟୁଠାରୁ ରକ୍ଷା ପାଇ ବଞ୍ଚିବାର ଉଲଗୁଲାନର ଦୁଃଖଭରା କାହାଣୀକୁ ନେଇ ଏହି ନାଟକ ଗତିଶୀଳ ହୋଇଛି।

# ସୁବର୍ଣ୍ଣପୁରରେ ରାହଗିରି ପାଇଁ ପ୍ରସ୍ତୁତି

ସୋନପୁର,୨୭।୩(ନି.ପ୍ର.)


ରାହଗିରି ସମ୍ପର୍କରେ ଜିଲାପାଳ ଓ ଏସ୍‌ପି ସୂଚନା ଦେଉଛନ୍ତି ।

ଅପ୍ରେଲ ୧ ତାରିଖ ଓଡିଶା ଦିବସ ଓ ୩୦ତମ ସୁବର୍ଣ୍ଣପୁର ଜିଲା ପ୍ରତିଷ୍ଠା ଦିବସ। ଏହି ଦିବସକୁ ନିଆରା ଢଙ୍ଗରେ ପାଳନ କରିବା ପାଇଁ ସୁବର୍ଣ୍ଣପୁରର ବୁଦ୍ଧିଜୀବୀ, କଳାପ୍ରେମୀ ଓ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛନ୍ତି। ପ୍ରତ୍ୟୁଷରେ ଡାକବାଜି ଯନ୍ତ୍ର ଦ୍ୱାରା ସହରରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯିବ। ସକାଳେ ଗାନ୍ଧୀ ପଡିଆ ସ୍ଥିତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ସହରରେ ଥିବା ସ୍ୱଭାବ କବି ଗଙ୍ଗାଧର ମେହେର, ଉତ୍କଳମଣି ଗୋପବନ୍ଧୁ ଦାସ, କୁଳବୃଦ୍ଧ ମଧୁସୂଦନ ଦାସ, ବାବା ସାହେବ ଡ. ଆମ୍ବେଡକର, ବୀର ସୁରେନ୍ଦ୍ର ସାଏ, ମହାରାଜା ବୀରମିତ୍ର ସିଂହଦେଓ ଓ କଣ୍ଠଶିଳ୍ପୀ ଫକୀର ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ବ୍ଲକ ଛକରୁ ଆମ୍ବେଡକର ଛକ ପର୍ଯ୍ୟନ୍ତ ରାହଗିରି ମାଧ୍ୟମରେ ପ୍ରତିଷ୍ଠା ଦିବସକୁ ସମାରୋହରେ ପଳନ କରାଯିବ ବୋଲି ଜିଲାପାଳ ଅବୋଲି ସୁନିଲ ନରୱଣେ ଓ ଏସ୍‌ପି ଅମରେଶ କୁମାର ପଣ୍ଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ୩୦ତମ ଜିଲା ପ୍ରତିଷ୍ଠା ଦିବସକୁ ସ୍ମରଣୀୟ କରିବା ପାଇଁ ଶିଶୁ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟ, କଳାକାର ଓ ଜନସାଧାରଣ କାର୍ଯ୍ୟକ୍ରମରେ ସାମିଲ ହେବେ। ରାଜରାସ୍ତାରେ ନୃତ୍ୟ, ସଙ୍ଗୀତ, କୌତୁକ ପୋଷାକ, ଯୋଗାସନ, ଫଟୋ ପ୍ରଦର୍ଶନୀ, ଚିତ୍ରାଙ୍କନ, ମେହେନ୍ଦୀ, ବାନ୍ଧକଳା ପ୍ରଦର୍ଶନ, ମ୍ୟାଜିକ୍ ଶୋ ଓ ଟେରାକୋଟା ଆଦି ପ୍ରଦର୍ଶନ କରାଯିବ। ଶିଶୁଙ୍କ ମଧ୍ୟରେ ମିସ୍ ଓ ମିଷ୍ଟର ସୁବର୍ଣ୍ଣପୁର ପ୍ରତିଯୋଗିତା ହେବ। ପରେ ଏକ ସାଂସ୍କୃତିକ ସଭାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି। ଜିଲାର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଏବଂ ବ୍ୟବସାୟିକ ପ୍ରତିଷ୍ଠାନକୁ ୩୧ ମାର୍ଚ୍ଚ ଓ ୧ ଅପ୍ରେଲ ରାତିରେ ରଙ୍ଗୀନ ଆଲୋକରେ ସଜ୍ଜିତ କରିବାକୁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବର୍ଗର ଜନସାଧାରଣ ସାମିଲ ହେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

**ନିଆରା ଢଙ୍ଗରେ ପାଳନ ହେବ ଓଡ଼ିଶା ଦିବସ, ଜିଲା ପ୍ରତିଷ୍ଠା ଦିବସ**

# ମୌଳିକ ଭାଷା, ସଂଖ୍ୟା ଜ୍ଞାନ ପ୍ରଦର୍ଶନୀ

ଡୁଙ୍ଗୁରିପାଲି, ୨୭।୩(ଡି.ଏନ.ଏ.)



କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ପ୍ରଦର୍ଶନୀକୁ ଡୁଙ୍ଗୁରିପାଲି ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଡୁଙ୍ଗୁରିପାଲି ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଞ୍ଜଲୁ ମିର୍ଦ୍ଧା, ବଟକୃଷ୍ଣ ପାଢ଼ୀ, ନୂତନ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଅଖିଳ ପ୍ରଧାନ, ବରଗଡ଼ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଦିଲୀପ ମେହେର, ଡୁଙ୍ଗୁରିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ କରମ ଚନ୍ଦ୍ର ବାରିକ ଯୋଗଦେଇଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟର ପ୍ରାଥମିକ ଶ୍ରେଣୀରେ କାର୍ଯ୍ୟରତ ୫୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ପ୍ରଥମ, ଦ୍ୱିତୀୟ, ତୃତୀୟ ଶ୍ରେଣୀର ୫୦ ଜଣ ଛାତ୍ରୀଛାତ୍ର ଏଥିରେ ଭାଗନେଇଥିଲେ। ସୋନପୁର ବ୍ଲକରୁ ହରଡ଼ଖୋଲ ସିଆରସିସି ଗୀତାଞ୍ଜଳି ଦରୱାନ, ବୈଦ୍ୟନାଥ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଘନଶ୍ୟାମ ମିଶ୍ର, ଚେରୁପାଲି ସିଆରସିସି ଦିଲୀପ ପଧାନ, ଡୁଙ୍ଗୁରିପାଲି ସିଆରସିସି ଥବିର ଦୋରା ବିଚାରକଭାବେ ଯୋଗଦେଇ ଉତ୍କୃଷ୍ଟ ଶିକ୍ଷଣ ଉପକରଣଗୁଡିକକୁ ଚୟନ କରିଥିଲେ। ଏହି ଅବସରରେ ସମସ୍ତ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ବଡ଼ନୂଆପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ହିତେଶ ବିଶି ପ୍ରଥମ, ଖୁଣ୍ଟପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସିପ୍ରା ଛତର ଦ୍ୱିତୀୟ, ପଣ୍ଡକିଟାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରଞ୍ଜନ ବାଗ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସିଆରସିସି ସୁରେଶ ପୂଜାରୀ, ଚିତ୍ତରଞ୍ଜନ ଠାକୁର, ରମେଶ ଭୋଇ, ସୁରେନ୍ଦ୍ର ରଥ, ଡାକ୍ତର ପତି, ସୁଧାଂଶୁ ସାହୁ, ଥବିର ବୁଢ଼େକ, ହରାଧନ ବେରିଆ,ସୂର୍ଯ୍ୟଭାନୁ ହରିପାଲ , ତିରୁପତି ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶୁଖା ସିଆରସିସି ସୁରେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।